# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୮/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 28/2026 | Page 14 | ₹ 7.00

୫୨ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 65 | ମୂଲ୍ୟ ₹୭/-









ଭୁବନେଶ୍ୱର ପିଏମ୍‌ଜି ଛକଠାରେ ମଙ୍ଗଳବାର ଜଣେ ବାଇକ୍ ଆରୋହୀ ଗାଡ଼ି ଚଳାଉଥିବାବେଳେ ମୋବାଇଲ ଫୋନ୍‌ରେ କଥା ହେଉଥିବାର ଦୃଶ୍ୟକୁ ଜଣେ ପୋଲିସ ଫଟୋ ଉଠାଉଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ଏଫ୍‌ଟିଏ: ଭାରତର ଲାଭ କମ୍, କ୍ଷତି ଅଧିକ

## ଇୟୁ ସହ ବାଣିଜ୍ୟ ଚୁକ୍ତି ଐତିହାସିକ: ମୋଦି

**ସଦ୍ୟ ସ୍ୱାକ୍ଷରିତ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟିକ ଚୁକ୍ତି (ଏଫ୍‌ଟିଏ) ଅନୁସାରେ ଭାରତର ଲାଭ କମ୍ ଓ କ୍ଷତି ଅଧିକ ହୋଇପାରେ। କାରଣ ଟେକ୍ନୋଲୋଜି, ପୁଞ୍ଜି ଓ ଉତ୍ପାଦନଶୀଳତା କ୍ଷେତ୍ରରେ ଇୟୁ ଭାରତଠାରୁ ବହୁ ଆଗରେ ରହିଛି। ଥରେ ଟାରିଫ୍ ହ୍ରାସ ପାଇଲେ ୟୁରୋପୀୟ କାର୍, ଯନ୍ତ୍ରପାତି, ରାସାୟନିକ ପଦାର୍ଥ, ଉଚ୍ଚ ମୂଲ୍ୟଯୁକ୍ତ ସାମଗ୍ରୀ କମ୍ ମୂଲ୍ୟରେ ଭାରତକୁ ପ୍ରବେଶ କରିବ। ଫଳରେ ଭାରତରେ ଘରୋଇ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଅତ୍ୟନ୍ତ ଚାପଗ୍ରସ୍ତ ହୋଇଯିବେ। ଅନ୍ୟପକ୍ଷେ ଭାରତ କମ୍ ମୂଲ୍ୟର ସାମଗ୍ରୀ ରପ୍ତାନି କରୁଥିବାବେଳେ ଇୟୁ ଉତ୍ପାଦିତ ସାମଗ୍ରୀ ଉଚ୍ଚ ମୂଲ୍ୟର, ଯାହାକି ଭାରତର ବାଣିଜ୍ୟିକ ନିଅଣ୍ଟକୁ ବଢ଼ାଇପାରେ। କାର୍ବନ୍ ଟ୍ୟାକ୍ସ, ଶ୍ରମ ନିୟମ ଓ ପରିବେଶଗତ ମାନକ ଆଦିରେ ଇୟୁର କଠୋର ଆଇନ ଯୋଗୁ ଭାରତୀୟ ସାମଗ୍ରୀ ୟୁରୋପକୁ ପ୍ରବେଶ କରିବା ସେତେଟା ସହଜ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ନୂଆଦିଲ୍ଲୀ,୨୭।୧(ରଏଟର୍ସ)

ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବହୁବିଳମ୍ବିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି। ଉକ୍ତ ଚୁକ୍ତି ଅନୁସାରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ବୃଦ୍ଧି ସକାଶେ ଉଭୟ ପକ୍ଷ ଅନେକ ସାମଗ୍ରୀ ଉପରେ ଟାରିଫ୍ ହ୍ରାସ କରିବେ। ଆମେରିକାର ଉଚ୍ଚ ଟାରିଫ୍‌କୁ ନେଇ ବିଶ୍ୱ ବାଣିଜ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିବାବେଳେ ୱାଶିଂଟନ୍ ଉପରେ ନିର୍ଭରଶୀଳତା ହ୍ରାସକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ୨୦୩୨ ସୁଦ୍ଧା ଭାରତକୁ ଇୟୁର ରପ୍ତାନି ଦ୍ୱିଗୁଣିତ ହେବ। ଏଥିଲାଗି ଭାରତ ଅନେକ ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କକୁ ସମ୍ପୂର୍ଣ୍ଣ ହଟାଇଦେବ କିମ୍ବା ୯୬.୬% ସାମଗ୍ରୀର ବିକ୍ରି ମୂଲ୍ୟରୁ ଟାରିଫ୍ ହ୍ରାସ କରିବ। ଫଳରେ ୟୁରୋପୀୟ କମ୍ପାନୀଗୁଡ଼ିକ ଆମଦାନୀ ଶୁଳ୍କ ଛାଡ଼ ବାବଦକୁ ୪ ବିଲିୟନ୍ ୟୁରୋ (୪.୭୫ ବିଲିୟନ୍ ଆମେରିକୀୟ ଡଲାର) ମୂଲ୍ୟର ଲାଭ ପାଇବେ ବୋଲି ଇୟୁ ପକ୍ଷରୁ କୁହାଯାଇଛି।

ଭାରତରୁ ଆଗାମୀ ୭ ବର୍ଷ ପର୍ଯ୍ୟନ୍ତ ଆମଦାନୀ କରିବାକୁ ଥିବା ୯୯.୫% ସାମଗ୍ରୀ ଉପରୁ ଇୟୁ ଟାରିଫ୍ ହ୍ରାସ କରିବ। ଏପରି କି ସାମୁଦ୍ରିକ ଖାଦ୍ୟ, ଚମଡ଼ା, ଟେକ୍ସଟାଇଲ ଉତ୍ପାଦ, କେମିକାଲ୍ସ, ରବର, ବେସ୍ ମେଟାଲ, ମୁକ୍ତା, ଜୁଏଲେରି ଆଦି ସାମଗ୍ରୀ ଉପରେ ଇୟୁ ☞ପୃଷ୍ଠା-୪

# ଛାତ ଉପରେ ବୋମା ଭିଡ଼ିବାବେଳେ ବିସ୍ଫୋରଣ

**ବୋମା ଏବଂ ବାଣ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଲାଇସେନ୍ସ ବ୍ୟବସ୍ଥା ରହିଛି। ଏପରି କି ଖୋଲା ସ୍ଥାନରେ ବାଣ ଭିଡ଼ିବା ସହିତ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାର ନିୟମ ରହିଛି । ହେଲେ ଅନେକ ଲୋକ ଏହି ନିୟମକୁ ଉଲ୍ଲଂଘନ କରି ଜନବସତି ମଧ୍ୟରେ ବିନା ସୁରକ୍ଷା ବ୍ୟବସ୍ଥା ଏବଂ ଅଣକୁଶଳୀ ଶ୍ରମିକଙ୍କ ଦ୍ୱାରା ବୋମା ପ୍ରସ୍ତୁତ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ବିସ୍ଫୋରଣ ଘଟି ଲୋକଙ୍କ ଜୀବନ ଯାଉଛି। ମଙ୍ଗଳବାର ଖୋଦ୍ ଭୁବନେଶ୍ୱର ସୁନ୍ଦରପଦାରେ ଏଭଳି ଏକ ଘଟଣା ଘଟିଛି। ଅପରାଧୀଙ୍କୁ ଯୋଗାଇବା ପାଇଁ ଛାତ ଉପରେ ବୋମା ଭିଡ଼ିବା ବେଳେ ବିସ୍ଫୋରଣ ଘଟି ଗୋଟିଏ ପରିବାରର ବାପାଝିଅଙ୍କ ସମେତ ୫ଜଣ ଗୁରୁତର ହୋଇଛନ୍ତି। ତେବେ ଆପରାଧିକ କାର୍ଯ୍ୟକଳାପ ପାଇଁ ଜନବସତି ଅଞ୍ଚଳରେ ବୋମା ଭିଡୁଥିବା ଅଭିଯୋଗରେ ସ୍ଥାନୀୟ ଲୋକମାନେ ଉତ୍କ୍ଷିପ୍ତ ହୋଇ ଆହତଙ୍କୁ ପିଟୁଥିବା ଦୃଶ୍ୟ ଏବେ ଭାଇରାଲ୍ ହେବାରେ ଲାଗିଛି।**

## ଭୁବନେଶ୍ୱରରେ ବେଆଇନ ବୋମା ପ୍ରସ୍ତୁତି

- ବାପା, ଝିଅ ସମେତ ୫ ଗୁରୁତର
- ଅପରାଧୀଙ୍କୁ ଯୋଗାଇବାକୁ ଚାଲିଥିଲା ତିଆରି
- ଆହତଙ୍କୁ ପିଟିଲେ ଉତ୍ୟକ୍ତ ଲୋକେ

ଭୁବନେଶ୍ୱର,୨୭।୧(ତ୍ରିନାଥ ମହାନ୍ତି)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ନ୍ୟୁ ଆଜାଦ ନଗରରେ ଏକ ୩ତାଲା ବିଶିଷ୍ଟ ଛାତ ଉପରେ ମଙ୍ଗଳବାର ବୋମା ଭିଡ଼ିବା ସମୟରେ ବିସ୍ଫୋରଣ ଘଟି ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ଜଣ ମହିଳା ରହିଥିବା ଜଣାପଡ଼ିଛି। ଏହି ବିସ୍ଫୋରଣରେ ବାପା, ଝିଅ ଗୁରୁତର ହୋଇଛନ୍ତି। ଆହତଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ସେହନବାଜ ମଲିକ, ତୃପ୍ତିମୟୀ ବଳ, ସେହନବାଜଙ୍କ ଝିଅଙ୍କ ମୁହଁ, ହାତ ଏବଂ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଛି। ଏଥିରେ ସେହନବାଜଙ୍କ ୨ ସାଙ୍ଗ ସାହିଲ୍ ଖାନ୍ ଏବଂ ସୋମ୍ୟରଞ୍ଜନ ସ୍ୱାଇଁ ମଧ୍ୟ ଆହତ ହୋଇଛନ୍ତି। ଖବର ପାଇ ଡିସିପି ଏବଂ ଫୋରେନସିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରୁଛନ୍ତି।

ମିଳିଥିବା ସୂଚନାନୁସାରେ, ନ୍ୟୁ ଆଜାଦ ନଗର ରେହେନୁମା ମଞ୍ଜିଲରେ ସେହନବାଜ ମଲିକ ୩ ତାଲାରେ ଘର ଭଡ଼ା ନେଇ ପରିବାର ସହ ରହୁଥିଲେ। ସେ ଘରର ଛାତ ଉପରେ ବେଆଇନଭାବେ ବୋମା ଭିଡ଼ି ଅପରାଧୀମାନଙ୍କୁ ବିକ୍ରି କରିଥାନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ୨ଜଣ ସ୍କୁଟିରେ ଆସି ତାଙ୍କୁ ବୋମା ନେବା ପାଇଁ ଅର୍ଡର ଦେଇଥିଲେ। ବୋମା ପ୍ରସ୍ତୁତି କରୁଥିବାବେଳେ ଅପରାହ୍ନ ୨ଟା ୪୦ମିନିଟରେ ହଠାତ୍ ଏକ ବଡ଼ ଧରଣର ବିସ୍ଫୋରଣ ହେଲା। ୧୦ ଫୁଟ ଉପରକୁ ନିଆଁ ଉଠିବା ସହ ଜଣଙ୍କ ହାତ ଛିଡ଼ିଯାଇଥିଲା। ପାଖରେ କପଡ଼ା, ଗ୍ଲାସ୍, ବୋମାର ଏକାଧିକ ନମୁନା ପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଗ୍ୟାସ୍ ଫାଟିଥିବା ଭାବି ଏକାଧିକ ଲୋକ ଦୌଡ଼ି ଆସିଥିଲେ। ହେଲେ ବୋମା ବିସ୍ଫୋରଣ ହୋଇଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଜନବସତି ଅଞ୍ଚଳରେ ଛାତ ଉପରେ ସେହନବାଜ୍ ବୋମା ପ୍ରସ୍ତୁତ କରି ଅପରାଧୀଙ୍କୁ ଯୋଗାଉଥିବା ଜଣାପଡ଼ିବା ପରେ ସ୍ଥାନୀୟ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଆଉ ଚାରା ନାହିଁ

# ଚାଲାଣ ଥିଲେ ବି ହୋଇପାରିବ ପିୟୁସିସି: ହାଇକୋର୍ଟ

କଟକ,୨୭।୧(କାର୍ତ୍ତିକ ସାହୁ)

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଜାରି ମୋଟରଯାନର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ହାସଲ ପ୍ରସଙ୍ଗରେ ଚାଲାଣ କଟିଥିଲେ ବି ପିୟୁସି ପ୍ରମାଣପତ୍ର ମିଳିବ। ଚାଲାଣ ଥିଲେ ପିୟୁସି ପ୍ରମାଣପତ୍ର ନ ମିଳିବା ନେଇ ରାଜ୍ୟ ସରକାରଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ 'VAHAN' ପୋର୍ଟାଲରେ କୌଣସି ଚାଳକ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ଉପରେ ପଦକ୍ଷେପ ନେବାକୁ ମଙ୍ଗଳବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା

ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିପାରିବ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଆସନ୍ତା ୨ ସପ୍ତାହ ପରେ ପରବର୍ତ୍ତୀ ☞ପୃଷ୍ଠା-୪

# ଆଜି ୮ ଘଣ୍ଟିଆ ଓଡ଼ିଶା ବନ୍ଦ

### ନବନିର୍ମାଣ କୃଷକ ସଙ୍ଗଠନର ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)

ରାଜ୍ୟରେ ଧାନମଣ୍ଡି ଖୋଲିବା ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥା କାରଣରୁ ଚାଷୀମାନେ ବହୁ ହଇରାଣ ହେଉଛନ୍ତି। ପ୍ରଦୂଷଣ ସାର୍ଟିଫିକେଟ ନାଁରେ ସାଧାରଣ ଲୋକମାନଙ୍କଠାରୁ ସରକାର ଅନେକ ହଜାର ଟଙ୍କାର ଫାଇନ ଆଦାୟ କରୁଛନ୍ତି। ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାଁରେ ଲୁଟ୍ କରିବାରେ ଲାଗିପଡ଼ିଛି। ଏହିସବୁ ପ୍ରସଙ୍ଗକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ପାଇଁ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ଅନ୍ୟପଟେ ବନ୍ଦ ପାଳନ ସମୟରେ କୌଣସି ଜରୁରୀକାଳୀନ ସେବା ଯେପରି ବନ୍ଦ ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କୁହାଯାଇଛି। ଏନେଇ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଗତ ୧୭ ତାରିଖରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିବା ☞ପୃଷ୍ଠା-୪

# ଝିଅଙ୍କୁ ନିର୍ଯାତନା, ବାପାଙ୍କ ଆତ୍ମହତ୍ୟା

### ମଦ ବିରୋଧୀ ଆନ୍ଦୋଳନ ନାଁରେ କଙ୍ଗାରୁ କୋର୍ଟ

ଚାନ୍ଦବାଲି,୨୭।୧(କିଷାନ ପାତ୍ର)

ସୀମା ଟପିଲା ବର୍ବରତା। ଚୋରାମଦ ବିକ୍ରିକୁ ବିରୋଧ କରିବା ନାଁରେ କଙ୍ଗାରୁ କୋର୍ଟରେ ମହିଳାଙ୍କୁ ନିର୍ଯାତନା। ଏହାକୁ ସହି ନ ପାରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି ମହିଳାଙ୍କ ବାପା। ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଚଡ଼ଦିଆ ଗ୍ରାମରେ ରବିବାର ରାତିରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଲମ୍ବୋଦର ତରାଇ। ଏନେଇ ମୃତ ଲମ୍ବୋଦରଙ୍କ ପୁଅ ସ୍ମୃତିରଞ୍ଜନ ସୋମବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। କଙ୍ଗାରୁ କୋର୍ଟ ପାଇଁ ତାଙ୍କ ବାପା ଜୀବନ ହାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।



ଚୋରାମଦ ବିକ୍ରି କରୁଥିବା ମହିଳାଙ୍କୁ ବଜାରରେ ଠିଆ କରାଇଛନ୍ତି ଲୋକେ।

ସୂଚନା ଅନୁଯାୟୀ, ଚଡ଼ଦିଆ ପଞ୍ଚାୟତରେ ହେଉଥିବା ମଦ ବିରୋଧୀ ଆନ୍ଦୋଳନରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଡ଼ଦିଆ ଗ୍ରାମର ଲମ୍ବୋଦରଙ୍କ ବିବାହିତା ଝିଅ ବାପଘରେ ରହୁଥିବା ବେଳେ ସେ ଚୋରାମଦ ବିକ୍ରି କରୁଥିବା ନେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଖବର ପାଇଥିଲେ। ସୋମବାର ସେମାନେ ଚୋରାମଦ ବିକ୍ରି ହେଉଥିବା ମହିଳାଙ୍କ ଦୋକାନକୁ ଭାଙ୍ଗି ଦେଇଥିଲେ। ପରେ ଉତ୍ୟକ୍ତ ମହିଳାମାନେ ☞ପୃଷ୍ଠା-୪

# ବଢ଼ିବ ବାବୁଙ୍କ ଆର୍ଥିକ କ୍ଷମତା

### ରାଜ୍ୟ ପ୍ରଗତିକୁ ଗତିଶୀଳ କରିବା ପାଇଁ କ୍ଷମତା ବିକେନ୍ଦ୍ରୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କୁ ଅଧିକ ଦକ୍ଷ ଓ ଗତିଶୀଳ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୨୫ ମେ ୨୮ରେ ପ୍ରଶାସନିକ କ୍ଷମତାରେ ପରିବର୍ତ୍ତନ କରାଯାଇଥିବାବେଳେ ଏବେ ଅର୍ଥ ପରାମର୍ଶଦାତାଙ୍କ ସମେତ ବିଭାଗୀୟ ସଚିବ, ମନ୍ତ୍ରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରାଯିବ; ଯାହାଫଳରେ ସରକାରୀ ଯୋଜନା ରକେଟ ବେଗରେ ଅନୁମୋଦନ ପାଇପାରିବ। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟର ପ୍ରଗତିକୁ କିଭଳି ତ୍ୱରାନ୍ୱିତ କରାଯିବ ସେଥିପାଇଁ ଅର୍ଥ ପରାମର୍ଶଦାତାଙ୍କ ସହିତ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ନିକଟରେ ଅର୍ଥ ପରାମର୍ଶଦାତାଙ୍କ ସ୍ୱତନ୍ତ୍ର ସମ୍ମିଳନୀରେ ଯୋଜନାରେ ଆର୍ଥିକ କ୍ଷମତା ବୃଦ୍ଧି କରାଯିବାକୁ ଆଲୋଚନା ହୋଇଛି। ସେଥିମଧ୍ୟରେ ଅର୍ଥ ପରାମର୍ଶଦାତା, ସଚିବ ଏବଂ ମନ୍ତ୍ରୀଙ୍କ ଆର୍ଥିକ କ୍ଷମତାରେ ସଂଶୋଧନ କରାଯିବ। ଆଗାମୀ ଦିନରେ କାର୍ଯ୍ୟର ଚାପ ଯେପରି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ନ ପଡ଼ିବ ଏବଂ ସରକାରଙ୍କ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନିଆଯାଇପାରିବ ତାକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ଏହି ସଂସ୍କାର ଆଣିବ ବୋଲି ବିଭାଗର ଜଣେ ବରିଷ୍ଠ ☞ପୃଷ୍ଠା-୪




## ଦିଲ୍ଲୀରେ ଆଜି



୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼। (ଫଟୋ- ଚମନ ଗୌତମ)

# ଏସିଡ୍ ଆକ୍ରମଣ ମାମଲା: ରାଜ୍ୟକୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୭।୧

ଦେଶର ବିଭିନ୍ନ ଭାଗରେ ହେଉଥିବା ଏସିଡ୍ ଆକ୍ରମଣ ଘଟଣାଗୁଡ଼ିକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ କେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେତେ ମାମଲା ବିଚାରାଧୀନ ଅଛି, କୋର୍ଟରେ ସେଗୁଡ଼ିକର ସ୍ଥିତି ଏବଂ ପୀଡ଼ିତାମାନଙ୍କୁ କେଉଁ ପ୍ରକାର ସହାୟତା ଦିଆଯାଇଛି, ସେନେଇ ସର୍ବୋଚ୍ଚ ଅଦାଲତ ବିସ୍ତୃତ ବିବରଣୀ ମାଗିଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଆର୍. ମହାଦେବନ୍ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟଗୁଡ଼ିକୁ ଟ୍ରାଏଲ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିବା ମାମଲା ସଂଖ୍ୟା ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ତଥ୍ୟ ମାଗିଛନ୍ତି। ସେହିପରି କେତେ ସଂଖ୍ୟକ ମାମଲାର ଫଇସଲା ହୋଇଛି ଓ କେତେ ମାମଲା ବିଚାରାଧୀନ ଅଛି, ସେନେଇ ମଧ୍ୟ ତଥ୍ୟ ଲୋଡ଼ିଛନ୍ତି। ଦୋଷୀଙ୍କୁ ଦଣ୍ଡ ଦେବା ନେଇ ରହିଥିବା ଆଇନରେ



ପରିବର୍ତ୍ତନ ଆଣିବା ପାଇଁ ବିଚାର କରିବାକୁ ମଧ୍ୟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଶାହିନ୍ ମଲିକଙ୍କ ପକ୍ଷରୁ ଦାଖଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

# ବିମାନ ନିର୍ମାଣ କରିବ ଆଦାନୀ

ନୂଆଦିଲ୍ଲୀ,୨୭।୧

ଆଦାନୀ ଗ୍ରୁପ ଏବଂ ବ୍ରାଜିଲର ପ୍ରମୁଖ କମ୍ପାନୀ ଏମ୍ବ୍ରେରିଅର ଭାରତରେ ବିମାନ ନିର୍ମାଣ କରିବେ। ଏଥିନେଇ ଉଭୟ କମ୍ପାନୀଙ୍କ ମଧ୍ୟରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମଙ୍ଗଳବାର ଘୋଷଣା ହୋଇଛି। ଆଦାନୀ ଗ୍ରୁପ୍‌ର ଡିଫେନ୍ସ ଆଣ୍ଡ ଏରୋସ୍ପେଶ୍ ବିଭାଗର ଅଧିକାରୀ ଏବଂ ବ୍ରାଜିଲର ଏମ୍ବ୍ରେରିଅର ପ୍ରମୁଖ ଅଧିକାରୀମାନଙ୍କ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏମ୍ବ୍ରେରିଅର ସହ ଭାରତରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଦାନୀ ଡିଫେନ୍ସ ଆଣ୍ଡ ଏରୋସ୍ପେଶ ନିର୍ଦ୍ଦେଶକ ଜିତ୍ ଆଦାନୀ ଘୋଷଣା କରିଛନ୍ତି। ବିଶ୍ୱସ୍ତରରେ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ହାସଲ କରିବା ସହିତ ବ୍ୟାବସାୟିକ ଦୃଷ୍ଟିରୁ ଅଗ୍ରଣୀ ରହିଛି। ଏହି କ୍ରମରେ ଉକ୍ତ ମିଳିତ ଉଦ୍ୟୋଗ ଭାରତରେ ଟିୟର-୨ ଏବଂ ଟିୟର-୩ ଶ୍ରେଣୀର ସହରଗୁଡ଼ିକୁ ବିମାନ ପଥରେ ଯୋଡ଼ିବାକୁ ଆହୁରି ଖୋରାକ ଯୋଗାଇବ ବୋଲି ଘୋଷଣା କରାଯାଇଛି।

# ଜାତିଗତ ବୈଷମ୍ୟ: ବିବାଦରେ ୟୁଜିସି ନିୟମ

ନୂଆଦିଲ୍ଲୀ,୨୭।୧

ଦେଶର ୟୁନିଭର୍ସିଟି ଏବଂ ଉଚ୍ଚ ଶିକ୍ଷାନିଷ୍ଠାନଗୁଡ଼ିକରେ ଜାତିଗତ ବୈଷମ୍ୟ ଦୂରକରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଏକ ନୂଆ ନିୟମ କରାଯାଇଛି। ତଦନୁସାରେ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଇକ୍ୱାଲ ଅପର୍ଚ୍ୟୁନିଟି ସେଣ୍ଟର ଏବଂ ଇକ୍ୱିଟି କମିଟି ଗଠନ କରାଯିବ। ଏଥିସହ ଜାତିଗତ ବୈଷମ୍ୟର ଶିକାର ହେଉଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ପାଇଁ ୨୪X୭ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରାଯିବ। କାହା ସହ ଭେଦଭାବ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଥିରେ ନିୟମ ରହିଛି। ତେବେ ଏହାକୁ ନେଇ ଉଚ୍ଚ ଜାତିର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଆପତ୍ତି ଉଠାଇଛନ୍ତି। ଉକ୍ତ ନିୟମର ଭାଷା ଅସ୍ପଷ୍ଟ ଥିବାରୁ ମିଥ୍ୟା ଅଭିଯୋଗ ବଳରେ ଏହାର ଦୁରୁପଯୋଗ ହେବା ଆଶଙ୍କା କରି କେତେଜଣ ଛାତ୍ରୀଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏକ ପିଟିଶନରେ ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ କରାଯାଇଛି। ବିଶେଷକରି ଉକ୍ତ ନିୟମରେ ସାଧାରଣ ବର୍ଗର ଛାତ୍ରୀଛାତ୍ର ଓ ଫାକଲ୍ଟିମାନଙ୍କୁ ବାଦ୍ ଦିଆଯାଇଥିବାରୁ ଜାତିଗତ ବୈଷମ୍ୟର ପରିଭାଷାକୁ ସଂକୀର୍ଣ୍ଣ ବୋଲି ଦର୍ଶାଯାଇଛି। ଏହି ନିୟମ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକର ଉଲ୍ଲଂଘନ କରୁଥିବା ଅଭିଯୋଗ ଅଣାଯାଇଛି। ଏଥିସହ ନିୟମକୁ ନିରପେକ୍ଷ ଭାବେ ପୁନଃ ପରିଭାଷିତ କରିବା ପାଇଁ ୟୁଜିସିକୁ ନିର୍ଦ୍ଦେଶ ଦିଆଯାଉ ବୋଲି ନିବେଦନ କରାଯାଇଛି। ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସହାୟକ ହେବା ଭଳି ସମାନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ଆବେଦନରେ ଉଲ୍ଲେଖ କରାଯାଇଛି।

ଆବେଦନକାରୀଙ୍କ ମତରେ 'ଜାତିଗତ ବୈଷମ୍ୟ'ର ପରିସରକୁ କେବଳ ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ଏବଂ ଅନ୍ୟ ପଛୁଆବର୍ଗ (ଓବିସି) ବର୍ଗରେ ସୀମିତ କରିଦେବା ଦ୍ୱାରା ୟୁଜିସି ସାଧାରଣ ବା ଅଣସଂରକ୍ଷିତଙ୍କ ପାଇଁ ବ୍ୟବସ୍ଥାଗତ ସୁରକ୍ଷା ଓ ଅଭିଯୋଗ ଶୁଣାଣି ପ୍ରତି ଅଣଦେଖା କରିଛି। ସାଧାରଣ ବର୍ଗର ପିଲା ନିର୍ଯାତନାର ଶିକାର ହେଲେ ସେମାନଙ୍କୁ ନ୍ୟାୟ ପ୍ରଦାନର ବ୍ୟବସ୍ଥା ଏଥିରେ କରାଯାଇନାହିଁ। ତେଣୁ ଇକ୍ୱାଲ ଅପର୍ଚ୍ୟୁନିଟି ସେଣ୍ଟର, ଇକ୍ୱିଟି ହେଲ୍‌ପଲାଇନ୍ସ ଏବଂ ଓମ୍‌ବୁଡ୍ସପର୍ସନ ବ୍ୟବସ୍ଥାକୁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ କରାଯାଉ ବୋଲି ଏଥିରେ ଅନୁରୋଧ କରାଯାଇଛି।

ଉଲ୍ଲେଖଯୋଗ୍ୟ, ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟିର ଦଳିତ ଛାତ୍ର ରୋହିତ ଭେମୁଲାଙ୍କ ମୃତ୍ୟୁ ପରେ ଏହି ବିଷୟ ପ୍ରଥମେ ସୁପ୍ରିମକୋର୍ଟକୁ ଯାଇଥିଲା। ସେ ଜାତିଆଣ ଭେଦଭାବର ଶିକାର ହୋଇ ଆତ୍ମହତ୍ୟା କରିଥିବାରୁ ୨୦୧୨ର ରାଗିଂ ନିରୋଧୀ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ଅଣାଯାଇଥିଲା। ତେବେ ଉକ୍ତ ଗାଇଡ୍‌ଲାଇନ୍ କେବଳ କାଗଜକଲମରେ ସୀମିତ ରହିଥିବା ଏବଂ ଏହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ସୁପ୍ରିମକୋର୍ଟ କହିଛନ୍ତି।

## ନିୟମର ଦୁରୁପଯୋଗ ହେବାକୁ ଦିଆଯିବ ନାହିଁ: ଶିକ୍ଷାମନ୍ତ୍ରୀ


ଧର୍ମେନ୍ଦ୍ର ପ୍ରଧାନ

ୟୁଜିସି ଗାଇଡ୍‌ଲାଇନ୍‌କୁ ନେଇ ବିବାଦ ସୃଷ୍ଟିହେବା ପରେ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କ୍ୟାମ୍ପସ୍‌ରେ ଜାତିଗତ ଭେଦଭାବ ଦୂରକରିବା ପାଇଁ ଜାରି ନିୟମର ଦୁରୁପଯୋଗ ହେବାକୁ ଦିଆଯିବ ନାହିଁ। ଏହା ୟୁଜିସି, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। ସମ୍ବିଧାନ ପରିସର ଭିତରେ ସମସ୍ତ କାର୍ଯ୍ୟ କରାଯିବ। ଏହି ବିଷୟ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଅଛି। ଏଥିରେ ଯେମିତି କୌଣସି ଭେଦଭାବ ନ ହେବ, ତାହା ସେ ସୁନିଶ୍ଚିତ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ଗତ ଜାନୁଆରୀ ୧୩ରେ ପ୍ରମୋଶନ୍ ଅଫ୍ ଇକ୍ୱିଟି ଇନ୍ ହାୟର ଏଜୁକେଶନ୍ ଇନ୍‌ଷ୍ଟିଚ୍ୟୁଶନ୍ସ ରେଗୁଲେଶନ୍, ୨୦୨୬କୁ ନେଇ ବିବାଦ ମୁଣ୍ଡ ଟେକିଛି।

# ନାଗାଲାଣ୍ଡ ଜଙ୍ଗଲରେ ବିରଳ ଫୁଲଗଛ



ନୂଆଦିଲ୍ଲୀ,୨୭।୧

ଭାରତର ଜୈବ ବିବିଧତାକୁ ନେଇ ସବୁବେଳେ ଉତ୍ସୁକତା ଲାଗି ରହିଆସିଥିବା ବେଳେ ଏକବିଂଶ ଶତାବ୍ଦୀରେ ମଧ୍ୟ ଜୈବ ବିବିଧତାକୁ ନେଇ ଏକ ରୋମାଞ୍ଚକର ତଥ୍ୟ ସାମ୍ନାକୁ ଆସିଛି। ନାଗାଲାଣ୍ଡ ବିଶ୍ୱ ବିଦ୍ୟାଳୟର ଗବେଷକମାନେ ଏଠାକାର ସ୍ଥାନୀୟ ସମ୍ପ୍ରଦାୟଙ୍କ ଦ୍ୱାରା ସଂରକ୍ଷିତ ରହିଥିବା ଜଙ୍ଗଲରୁ ଏକ ବିରଳ ଫୁଲଗଛ ଆବିଷ୍କାର କରିଛନ୍ତି ଯାହା କି ପୂର୍ବରୁ ଉଦ୍ଭିଦ ପ୍ରଜାତି ଶ୍ରେଣୀଭୁକ୍ତ ହୋଇ ନଥିଲା। ଗବେଷକମାନେ ଏହି ବୃକ୍ଷର ନାମକରଣ ହୋୟା ନାଗେନସିସ୍ କରିଛନ୍ତି। ଏହି ବୃକ୍ଷରେ ତାରକା ସଦୃଶ ଫୁଲ ଫୁଟୁଛି ଏବଂ ଦୁଗ୍ଧ ଭଳି ଧଳା ତରଳ ପଦାର୍ଥ ନିର୍ଗତ ହେଉଛି ଯାହାକି ଆପୋସାଇନାସି ଭଳି ଅନେକ ପ୍ରଜାତିର ଫୁଲ ବୃକ୍ଷ କ୍ଷେତ୍ରରେ ଦେଖାଯାଇଥାଏ।

# ବିନା ଦଉଡ଼ିରେ ଚଢ଼ିଲେ ନଭଶ୍ଚୁମ୍ବୀ ଅଟ୍ଟାଳିକା





ତାଇପେଇ,୨୭।୧

ଆମେରିକୀୟ ରକ୍ କ୍ଲାଇମର ଆଲେକ୍ସ ହୋନୋଲ୍ଡ ଶନିବାର ତାଇୱାନ ରାଜଧାନୀ ତାଇପେଇସ୍ଥିତ ୧୦୧ ମହଲା ନଭଶ୍ଚୁମ୍ବୀ ଅଟ୍ଟାଳିକାକୁ ଦଉଡ଼ି କିମ୍ବା ସୁରକ୍ଷା ଉପକରଣ ନ ନେଇ ଚଢ଼ିବାରେ ସଫଳ ହୋଇଛନ୍ତି। ୫୦୮ ମିଟର ଉଚ୍ଚତା ବିଶିଷ୍ଟ ଏହି ଟାୱାରକୁ

## ଇତିହାସ ରଚିଲେ ଆଲେକ୍ସ

ସେ ୯୦ ମିନିଟରେ ଚଢ଼ି ଇତିହାସ ରଚିଛନ୍ତି। ସେହି ସମୟରେ ଦେଖଣାହାରୀମାନେ ତାଳି ମାରି ତାଙ୍କୁ ଉତ୍ସାହିତ କରିଥିଲେ। ଆଲେକ୍ସଙ୍କ ଆରୋହଣ ବେଳର ଦୃଶ୍ୟ ନେଟ୍‌ଫ୍ଲିକ୍ସରେ ସିଧା ପ୍ରସାରଣ ହୋଇଥିଲା।

## ଭିବି-ଜି ରାମ ଜି, ଏସ୍‌ଆଇଆର୍

# ବିରୋଧୀଙ୍କ ବିତର୍କ ଦାବିକୁ କେନ୍ଦ୍ରର ଅଗ୍ରାହ୍ୟ

ନୂଆଦିଲ୍ଲୀ,୨୭।୧

ସଂସଦର ବଜେଟ ଅଧିବେଶନ ବୁଧବାର ଆରମ୍ଭ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ବିରୋଧୀ ଦଳଗୁଡ଼ିକ ସାମିଲ ହୋଇଛନ୍ତି। ଉପା ଅମଳର ଏମ୍‌ଜିଏନ୍‌ଆଇଜିଏରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଭିବି-ଜି ରାମ ଜି ନାମରେ ନୂଆ ଆଇନ ଆଣିବା ଏବଂ ବିଭିନ୍ନ ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଆଲୋଚନା କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏହି ୨ ପ୍ରସଙ୍ଗରେ ଉଭୟ ଗୃହରେ ବିତର୍କ ହୋଇସାରିଛି କହି ବିରୋଧୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। 'ଆମେ ପଛ ଗିଅରରେ ଯାଇପାରିବୁ ନାହିଁ' ବୋଲି ରିଜିଜୁ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସରକାରଙ୍କ ପକ୍ଷରୁ କୁହାଯାଇଛି, ବଜେଟ ଅଧିବେଶନର ମୁଖ୍ୟ ଫୋକସ୍‌ରେ ବଜେଟ ରହିବ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବେଳେ ସଦସ୍ୟମାନେ ଅନ୍ୟ ପ୍ରସଙ୍ଗ ଉଠାଇପାରିବେ। ବୈଠକରେ

## ଆଜିଠୁ ବଜେଟ ଅଧିବେଶନ

ଆଲୋଚନାବେଳେ ଉପରୋକ୍ତ ୨ ପ୍ରସଙ୍ଗ ସହ ଭାରତର ବହିର୍ବ୍ୟାପାର ନୀତି ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ଗାଇଡ୍‌ଲାଇନ୍ ଉପରେ ସୃଷ୍ଟ ବିବାଦ ଉପରେ ମଧ୍ୟ ଆଲୋଚନା ପାଇଁ ବିରୋଧୀ ଦାବି କରିଥିଲେ। କଂଗ୍ରେସ ଏବଂ ସିପିଆଇଏମ୍ ସମେତ ବିରୋଧୀ ଦଳଗୁଡ଼ିକ ବଜେଟ ଅଧିବେଶନରେ କେଉଁସବୁ କାର୍ଯ୍ୟସୂଚୀ ସ୍ଥାନ ପାଇବ, ସେନେଇ କିଛି ଅବଗତ କରାଯାଇ ନ ଥିବାରୁ ସରକାରଙ୍କ ଅଭିସନ୍ଧିକୁ ନେଇ ପ୍ରଶ୍ନ ଉଠାଇଥିଲେ। ରିଜିଜୁ କହିଥିଲେ, ପରବର୍ତ୍ତୀ ସମୟରେ ଏଜେଣ୍ଡା ଶେୟାର କରାଯିବ। ଡିଏମ୍‌କେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବାମଦଳ ଏସ୍‌ଆଇଆର୍ ଉପରେ ଉଭୟ ଗୃହରେ ବିସ୍ତୃତ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତିଗତ ଭେଦଭାବ ଦୂର କରିବା ପାଇଁ ଉଦ୍ଦିଷ୍ଟ ନୂଆ ନିୟମକୁ ନେଇ ଅନେକ ବିରୋଧୀ ସଦସ୍ୟ ଆପତ୍ତି ଉଠାଇଥିଲେ। କଂଗ୍ରେସ ଏମ୍‌ପି ମାନିକରାମ ଟାଗୋର କହିଥିଲେ, ତାଙ୍କ ଦଳ ଭୋଟ ଚୋରି, ଏସ୍‌ଆଇଆର୍, ଧାନକିଣାରେ ଅବ୍ୟବସ୍ଥା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏର ପୁନଃ ଅବସ୍ଥାପନ ପ୍ରସଙ୍ଗରେ ସଂସଦରେ ଉଠାଇବ ବୋଲି କହିଛନ୍ତି। ସେହିପରି କେନ୍ଦ୍ର-ରାଜ୍ୟ ସମ୍ପର୍କ ଏବଂ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ କିପରି ଦୁରୁପଯୋଗ କରାଯାଉଛି, ତାହା ଉପରେ ଡିଏମ୍‌କେ, ଟିଏମ୍‌ସି ଏବଂ ବାମପନ୍ଥୀ ଦଳଗୁଡ଼ିକ ଆଲୋଚନା ଦାବି କରିଛନ୍ତି। ଉକ୍ତ ବୈଠକରେ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଏବଂ ବିଭିନ୍ନ ରାଜନୈତିକ ଦଳର ଲୋକ ସଭା ଓ ରାଜ୍ୟ ସଭା ନେତା ମଧ୍ୟ ଉପସ୍ଥିତ ଥିଲେ।

# ନାୟକ, ଖଳନାୟକ ଭୂମିକାରେ ରଣବୀର


ରଣବୀର କପୁର

ମୁମ୍ବାଇ

ବଲିଉଡ୍ ଅଭିନେତା ରଣବୀର କପୁର ଆଜିକାଲି ତାଙ୍କ ଆଗାମୀ ଫିଲ୍ମ ପାଇଁ ବ୍ୟସ୍ତ ଅଛନ୍ତି। ତାଙ୍କର ଅନେକ ବଡ଼ ପ୍ରୋଜେକ୍ଟ କାମ ଚାଲିଛି। ରଣବୀରଙ୍କ ଦୁଇଟି ପ୍ରମୁଖ ପ୍ରୋଜେକ୍ଟ ହେଉଛି ସଞ୍ଜୟ ଲୀଳା ଭଂସାଲୀଙ୍କ ଲଭ ଆଣ୍ଡ ୱାର୍ ଏବଂ ନିତେଶ ତିୱାରୀଙ୍କ ରାମାୟଣ। ରଣବୀର ଆନିମଲ ସିକ୍ୱେଲ ସମ୍ପର୍କରେ ଏକ ବଡ଼ ଅପଡେଟ ଦେଇଛନ୍ତି, ଯାହା ଶୁଣି ସିନେ ପ୍ରଶଂସକ ଖୁସି ହୋଇଯାଇଛନ୍ତି।

ଆନିମଲ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା ବର୍ତ୍ତମାନ ତାଙ୍କର ଆଗାମୀ ଫିଲ୍ମ ସ୍ପିରିଟ ଉପରେ ଧ୍ୟାନ ଦେଉଛନ୍ତି। ଆନିମଲର ସିକ୍ୱେଲରେ ସନ୍ଦୀପ ଫିଲ୍ମ ସହିତ ପ୍ରକୃତରେ କ'ଣ କରିବାକୁ ଚାହୁଁଛନ୍ତି ସେ ବିଷୟରେ ରଣବୀର ଏକ ସଙ୍କେତ ଦେଇଛନ୍ତି। ସେ ଏହାକୁ ତିନୋଟି ଭାଗରେ ତିଆରି କରିବାକୁ ଚାହାନ୍ତି। ଦ୍ୱିତୀୟ ଭାଗର ନାମ 'ଆନିମଲ ପାର୍କ'। ଏହା ବହୁତ ରୋମାଞ୍ଚକର। କାରଣ ଉଭୟ ଖଳନାୟକ ଏବଂ ନାୟକ ଭାବେ ମୁଁ ଦୁଇଟି ଚରିତ୍ରରେ ଅଭିନୟ କରିବାକୁ ଯାଉଛି। ତେଣୁ ଏହା ଏକ ଡ୍ରିମ୍ ପ୍ରୋଜେକ୍ଟ। ଆମେ ଏହି ଫିଲ୍ମ ୨୦୨୭ରେ ଆରମ୍ଭ କରିପାରୁ ବୋଲି କହିଛନ୍ତି ରଣବୀର।

## ଫୁର୍‌ସତ୍

# ଲାଲ୍ ଷ୍ଟ୍ରିଟ୍‌ଲାଇଟ୍‌ର ଦେଶ ଡେନ୍‌ମାର୍କ

ସାଧାରଣତଃ ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକ ଧଳାରଙ୍ଗର ହୋଇଥାଏ। ମାତ୍ର ଦୁନିଆରେ ଏମିତି ଏକ ଦେଶ ଅଛି, ଯେଉଁଠି ଏହାର ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକ ଲାଲ୍‌ରଙ୍ଗ। ଏପରି ଏକ ଦେଶ ହେଉଛି ଡେନ୍‌ମାର୍କ। ଏହା ଉତ୍ତର ୟୁରୋପରେ ଅବସ୍ଥିତ ଏକ ଅତ୍ୟନ୍ତ ବିକଶିତ, ସମୃଦ୍ଧ ଏବଂ ପ୍ରଗତିଶୀଳ ସ୍କାଣ୍ଡିନେଭିୟାନ୍ ଦେଶ। ଏହି ଦେଶ ଏହାର ଉଚ୍ଚ ଜୀବନଶୈଳୀ, ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା, ସାଇକେଲ ସଂସ୍କୃତି ଏବଂ ପରିବେଶ ଅନୁକୂଳ ସହରାଞ୍ଚଳ ଯୋଜନା ପାଇଁ ବେଶ୍ ପ୍ରସିଦ୍ଧ।

ଡେନ୍‌ମାର୍କ ପୃଥିବୀରେ ଏହାର ମାନବିକ ମୂଲ୍ୟବୋଧ ଏବଂ ଏକ ଅନନ୍ୟ ପରୀକ୍ଷଣ ପାଇଁ ଚର୍ଚ୍ଚାରେ ରହିଛି। ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଡେନ୍‌ମାର୍କ ରାଜଧାନୀ



କୋପେନ୍‌ହେଗେନ ନିକଟବର୍ତ୍ତୀ ଗ୍ଲାଡ୍‌ସାକ୍ସ ନାମକ ଏକ ଅଞ୍ଚଳରେ ପାରମ୍ପରିକ ଧଳା ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକୁ ଲାଲ୍‌ରଙ୍ଗକୁ ପରିବର୍ତ୍ତନ କରାଯାଇଛି। ଏହା ପଛର କାରଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଏହି ଲାଇଟ୍‌ଗୁଡ଼ିକୁ ମଣିଷ ପାଇଁ ନୁହେଁ, ବରଂ ବାଦୁଡ଼ିଙ୍କ ଲାଗି ବଦଳା ଯାଉଛି।

ରିପୋର୍ଟ ଅନୁଯାୟୀ, ଫ୍ରେଡେରିକ୍ସବୋର୍ଗଭେଜ୍ ଅଞ୍ଚଳରେ ବାଦୁଡ଼ିମାନଙ୍କର ଏକ ସ୍ଥାୟୀ ଉପନିବେଶ ବାସକରେ। ଏହି ଅଞ୍ଚଳରେ କୃତ୍ରିମ ଆଲୋକ ବାଦୁଡ଼ିମାନଙ୍କର ଉଡ଼ିବା, ଖାଇବା ଏବଂ ନୌଚାଳନା କରିବାର କ୍ଷମତାକୁ ବାଧା ଦେଇଥିଲା, ତେଣୁ ଧଳା ଲାଇଟ୍‌ଗୁଡ଼ିକୁ ବଦଳାଯାଇ ରାସ୍ତାର ନିର୍ଦ୍ଦିଷ୍ଟ ଷ୍ଟ୍ରିଟ୍‌ଗୁଡ଼ିକରେ ଲାଲ ଲାଇଟ୍ ଲଗାଯାଇଛି। ଲାଲ୍ ଆଲୋକର ତରଙ୍ଗ ଦୈର୍ଘ୍ୟ ଅଧିକ ଏବଂ ଗବେଷଣା ଅନୁଯାୟୀ, ବାଦୁଡ଼ି ଉପରେ ସବୁଠାରୁ କମ୍ ନକାରାତ୍ମକ ପ୍ରଭାବ ପଡ଼େ। ନିର୍ଦ୍ଦିଷ୍ଟ ରାସ୍ତା, ଛକ ଏବଂ କ୍ରସିଂଗୁଡ଼ିକରେ ଉଷ୍ମ ଧଳା ଆଲୋକ ଏବେ ବି ଲଗାଯାଇଛି।

# ପ୍ରତିଶ୍ରୁତି ପାଳନ କରୁନି ଉତ୍କଳ ଆଲୁମିନା

## ୦.୦୧% ଶେୟାର ଦାବିରେ ବିସ୍ଥାପିତ, ପ୍ରଭାବିତଙ୍କ ଧାରଣା

**ରାୟଗଡ଼ା/ଟିକିରି,୨୭।୧(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)**

ବକ୍ସାଇଟ ଖଣି ପାଇଁ ରାୟଗଡ଼ା ଜିଲାର କାଶୀପୁର ବ୍ଲକ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବ୍ଲକ୍‌ରେ ରହିଥିବା ବାଫଲି ମାଳି, ଶାଶୁବୋହୂ ମାଳି, ସିଜି ମାଳି, କୋଡ଼ିଙ୍ଗା ମାଳି ସମେତ ପ୍ରାୟ ପର୍ବତମାଳାରେ ରହିଛି ମୂଲ୍ୟବାନ ବକ୍ସାଇଟ। ସେଥିରୁ ବାଫଲିମାଳିରୁ ଉତ୍କଳ ଆଲୁମିନା ଖଣି ଖନନ କରିବା ସହ ସେଠାରେ କାରଖାନା ମଧ୍ୟ ପ୍ରତିଷ୍ଠା କରିଛି। ହେଲେ ଦୀର୍ଘ ୧୮ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଜି ବି ସେଠାକାର ପ୍ରଭାବିତ ଅଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ ଓ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। କମ୍ପାନୀ ଆରମ୍ଭ ବେଳେ ବିଭିନ୍ନ ପ୍ରତିଶ୍ରୁତ ଦିଆଯାଇଥିଲେ ମଧ୍ୟ ତାହା ପୂରଣ କରାଯାଉନାହିଁ। ସେମାନଙ୍କୁ ଅଣଦେଖା କରାଯିବା ସହିତ ହକ୍ ଦାବି କଲେ ନାଲି ଆଖି ଓ ପୋଲିସ ଧମକ ଦିଆଯାଉଥିବା ପ୍ରଭାବିତମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାରଠାରୁ ଜମିହରା ପ୍ରଭାବିତ ସଂଘ ପକ୍ଷରୁ କମ୍ପାନୀର ଆରଏମ୍‌ପି ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଉତ୍କଳ ଆଲୁମିନା ଜମିହରା ପ୍ରଭାବିତ ସଂଘର ସଭାପତି ନାଥ ମାଝି କହିଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ସହ ଯୋଗାଯୋଗ କରି ନ ଥିବା ଅଞ୍ଚଳର ନାଥ ଜାନି, ଭଗବାନ ମାଝି ଓ ପ୍ରଫୁଲ୍ଲ ମାଝି ଦାବି କରିଛନ୍ତି। ଉତ୍କଳ ଆଲୁମିନା ପ୍ରକଳ୍ପ ବେଲଟ୍ ଲାଇନ୍ ଭାଇବ୍ରେସନ, ରେଡମଡ଼ ପଣ୍ଡ, ଆସ ପଣ୍ଡ ପ୍ରଦୂଷଣରୁ ଜନଜୀବନକୁ ସୁରକ୍ଷା ଏବଂ ଜମିହରା ପ୍ରଭାବିତଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ଆଦର୍ଶ ଗ୍ରାମ ଗଠନ ଏବଂ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲରେ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ୦.୦୧% ଅଂଶଧନ ପାଇଁ ଦାବି ରହିଛି।


ଉତ୍କଳ ଆଲୁମିନା କମ୍ପାନୀର ଆରଏମ୍‌ପି ଗେଟ୍ ସମ୍ମୁଖରେ ବିସ୍ଥାପିତ ଏବଂ ପ୍ରଭାବିତମାନେ ଧାରଣାରେ ବସିଛନ୍ତି।

ସଂଘର ଅଭିଯୋଗ ଯେ, ୨୦୧୨ରେ ଉତ୍କଳ ଆଲୁମିନା ପ୍ଲାଣ୍ଟ ଆରମ୍ଭ ବେଳେ ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ଭତ୍ତା ବାବଦରେ ଟଙ୍କା ଦିଆଯାଉଥିଲା, ହେଲେ ୨୦୧୨ରୁ ଏହା ବନ୍ଦ କରିଦିଆଯାଇଛି। ୨୦୧୭ରେ ବାଗିରିଝୋଲାଠାରେ ଦ୍ୱିତୀୟ ପ୍ଲାଣ୍ଟ ନିର୍ମାଣ ପାଇଁ ହୋଇଥିବା ଜନଶୁଣାଣିରେ ଜମିହରା ଲୋକଙ୍କୁ ଜମିହରା ପରିଚୟ ପତ୍ର, ଗେଟ୍ ପାସ କାର୍ଡ଼ ଘୋଷଣା କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ଅନ୍ୟ ସୁବିଧା ମିଳି ନ ଥିବା ଅଞ୍ଚଳବସୀ ଅଭିଯୋଗ କରିଛନ୍ତି। କମ୍ପାନୀ ଆରମ୍ଭ ହୋଇ ଦୀର୍ଘବର୍ଷ ହୋଇଥିଲେ ହେଁ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ତେଣୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲରେ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ୦.୦୧% ସେୟାର ଦାବି ସହିତ ବଂଶାନୁକ୍ରମେ ସ୍ଥାୟୀ ନିଯୁକ୍ତି ଚୁକ୍ତି, ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ଗଲାଗାଡ଼ ନଦୀରେ ଦୂଷିତ ଅପମିଶ୍ରିତ ଜଳ ନ ଛାଡ଼ିବା, ଶିକ୍ଷିତ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ ପୂର୍ବକ ପରବର୍ତ୍ତି ସମୟରେ ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବି ରହିଛି। ସେହିଭଳି ରେଡମଡ ପଣ୍ଡ, ଆସପଣ୍ଡ, ପାୱାର ପ୍ଲାଣ୍ଟ, ବକ୍ସାଇଟ ଗୁଣ୍ଡ, କୋଇଲା ଗୁଣ୍ଡ, କନଭେୟାର ବେଲଟ୍ ଭାଇବ୍ରେସନ ଧ୍ୱନି, ଚିମିନି ଧୂଆଁ, ଆଲୁମିନା ଧୂଳି ଧୂଆଁ ଯୋଗୁ ଅଞ୍ଚଳରେ ବିଭିନ୍ନ ରୋଗ ବ୍ୟାପୁଥିବାରୁ ତାହାର ନିୟନ୍ତ୍ରଣ କରିବା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା, ହାଡ଼ିଗୁଡ଼ା ପଞ୍ଚାୟତର ହାଡ଼ିଗୁଡ଼ା ଏବଂ ମାଇକଞ୍ଚ ପଞ୍ଚାୟତ ଅର୍ନ୍ତଗତ ଅଣ୍ଡିରାକଞ୍ଚ ଗ୍ରାମରେ ୫୦ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍‌ପିଟାଲ ଖୋଲିବା ଏବଂ ଆମ୍ବୁଲାନ୍ସ ସେବା ଯୋଗାଇବାକୁ ଦାବି ମଧ୍ୟ ରହିଛି। ଏହାବ୍ୟତୀତ କାରଖାନା ଆରମ୍ଭ ସମୟରେ ଉକ୍ତ ଅଞ୍ଚଳରେ ଲୋକଙ୍କୁ ଶିକ୍ଷିତ କରିବା ପାଇଁ ରାତ୍ରିକାଳୀନ ଶିକ୍ଷା ବ୍ୟବସ୍ଥା କରାଯାଇ ୨ରୁ ୩ଜଣ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା ଯାହା ବନ୍ଦ ହୋଇଯାଇଛି। ବର୍ତ୍ତମାନ ତାହା ପୁନଶ୍ଚ ଆରମ୍ଭ କରିବାକୁ ଦାବି ରହିଛି। ସେହିଭଳି କମ୍ପାନୀ ପରିସରରେ ଦୁର୍ଘଟଣା ଜନିତ ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ପାଇକକୁପାଖାଲ, କରଞ୍ଜିକୁପାଖାଲ ଗ୍ରାମରେ ଲାଲ ମାଟି ବୋହି ଆସି ଝରଣା ଓ ଚାଷ ଜମି ପୋତି ହୋଇଯିବା କାରଣରୁ ଚାଷ ନଷ୍ଟ ହେଉଛି। ତେଣୁ ସେ ବାବଦରେ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ରହିଛି। ଏହିଭଳି ୨୭ଟି ଦାବି ସହିତ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଂଶଧନ ଦେବା ପାଇଁ ଦାବି କରିଛନ୍ତି।




# ଅଧିକ ସତର୍କ, ସଜାଗ ରୁହନ୍ତୁ ବନ ଅଧିକାରୀ


ବୈଠକରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ଅଧିକାରୀମାନେ ମଞ୍ଚାସୀନ।

## ଜଙ୍ଗଲ ନିଆଁ ପ୍ରସଙ୍ଗରେ ମନ୍ତ୍ରୀଙ୍କ ଉଦ୍‌ବେଗ

**ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ)**

ବିଗତ କିଛିବର୍ଷ ଧରି ରାଜ୍ୟରେ ଜଙ୍ଗଲ ନିଆଁ ଘଟଣା ବଢ଼ିଚାଲିଛି। ଏହା ଦ୍ୱାରା ଜଙ୍ଗଲ ନଷ୍ଟ ହେବା ସହ ଜୀବଜନ୍ତୁଙ୍କ ଜୀବନ ହାନି ହେଉଛି। ତେଣୁ ଯେଉଁ ବନଖଣ୍ଡଗୁଡ଼ିକରେ ନିଆଁ ଲାଗିବା ଘଟଣା ଅଧିକ ଦେଖାଯାଉଛି, ସେଠାକାର ବନ ଅଧିକାରୀମାନଙ୍କୁ ଅଧିକ ସତର୍କ ଏବଂ ସଜାଗ ରହିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଅରଣ୍ୟ ଭବନରେ ଡିଏଫ୍‌ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲ ମନ୍ତ୍ରୀ ଖୁଣ୍ଟିଆ ଅଧ୍ୟକ୍ଷତା କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକୁ ପୁନର୍ବିନ୍ୟାସ କରିବା, ଓଏଫ୍‌ଏସ୍‌ଡିପି ଭଳି ଯୋଜନା ମାଧ୍ୟମରେ ସ୍ଥାନାନ୍ତରିତ ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗର ମାନବ ସମ୍ବଳକୁ ଅଧିକ ସୁଦୃଢ଼ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ହାତୀ ମୃତ୍ୟୁ ପ୍ରସଙ୍ଗରେ ମନ୍ତ୍ରୀ ବିସ୍ତୃତ ସମୀକ୍ଷା କରିବା ସହ ଏ ଦିଗରେ ବିଦ୍ୟୁତ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ କହିଥିଲେ। ଡିଏଫ୍‌ଓମାନେ ହାତୀମାନଙ୍କ ଗତିବିଧି ଏବଂ ଫିଲ୍ଡ ଷ୍ଟାଫ୍‌ମାନଙ୍କ କାର୍ଯ୍ୟଶୈଳୀ ଉପରେ ସିଧାସଳଖ ନଜର ରଖିବାକୁ କୁହାଯାଇଥିଲା। ପରିବେଶ ସନ୍ତୁଳନ ରକ୍ଷା ପାଇଁ ତାଳଚେର ଭଳି ଶିଳ୍ପାଞ୍ଚଳରେ ବାୟୁ ଗୁଣବତ୍ତା ସୁଧାରିବା ଏବଂ ବାଲେଶ୍ୱର ଭଳି ଜିଲାରେ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ବେଆଇନ ଖାଦାନ ଖନନ ଏବଂ ଜଙ୍ଗଲ ଜମି ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମଣିଷ-ବନ୍ୟଜନ୍ତୁ ସଂଘର୍ଷ, ଜୀବିକା ସୃଷ୍ଟି ଏବଂ ବନ ବିଭାଗର ବିଭିନ୍ନ ବୈଧାନିକ କ୍ଲିୟରାନ୍ସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ 'ଏକ ପେଡ୍ ମା' କେ ନାମ୍' ଭଳି ପ୍ରମୁଖ ବନୀକରଣ ଯୋଜନାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଗୋଳ, ବାରିପଦା, ବ୍ରହ୍ମପୁର, ଭବାନୀପାଟଣା, କୋରାପୁଟ, ସମ୍ବଲପୁର, ରାଉରକେଲା ଏବଂ ଭୁବନେଶ୍ୱର ଏହି ୮ଟି ଆଞ୍ଚଳିକ ବନ ସଂରକ୍ଷକ ମଣ୍ଡଳୀର ମୁଖ୍ୟମାନେ ନିଜ ସର୍କଲର ସମସ୍ୟା ଓ ସଫଳତା ଉପସ୍ଥାପନ କରିଥିଲେ। ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ବଲୱନ୍ତ ସିଂ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ମଧ୍ୟରେ ଥିବା ସମନ୍ୱୟ ରକ୍ଷା ଉପରେ ଆଲୋଚନା କରିଥିଲେ।

# ଜନଜାତିଙ୍କ ପରମ୍ପରା ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଉଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୧ (ବନ୍ଦନା ସେଠୀ)**

ଓଡ଼ିଶା ବିବିଧ ସଂସ୍କୃତିର ଭୂମି। ଏଠାରେ ଜନଜାତି ସମ୍ପ୍ରଦାୟ ଦୀର୍ଘ ବର୍ଷ ଧରି ପ୍ରକୃତି କୋଳରେ ବସବାସ କରିଆସୁଛନ୍ତି। ସେମାନଙ୍କ ଜୀବନଶୈଳୀ, ପରମ୍ପରା ଏବଂ ଚିନ୍ତାଧାରା ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆୟୋଜିତ ଆଦିବାସୀ ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ଚଳିତବର୍ଷ ମେଳାରେ ଓଡ଼ିଶାର ୬୨ଟି ଜନଜାତି ସେମାନଙ୍କର ରଙ୍ଗିନ ପରମ୍ପରା, ଖାଦ୍ୟପେୟ, ପୋଷାକ, କଳା, ସଂସ୍କୃତି ଓ ଲୋକକଳାକୁ ନେଇ ଏକତ୍ରିତ ହୋଇଛନ୍ତି। ତେଣୁ ଏହି ମେଳା କେବଳ ମନୋରଞ୍ଜନ ନୁହେଁ, ଏହା ଜନଜାତି ଜୀବନର କଥା, ସଂଘର୍ଷର ଗାଥା ଓ ପ୍ରକୃତି ସହ ସେମାନଙ୍କ ସମ୍ପର୍କର ମୂଲ୍ୟବୋଧକୁ ବୁଝାଇବ। ଓଡ଼ିଶା ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି। ବିକାଶର ମୁଖ୍ୟଧାରାରେ ସାମିଲ ହେବା ସେମାନଙ୍କ ସାମ୍ବିଧାନିକ ଅଧିକାର। ରାଜ୍ୟର ଜନଜାତିମାନେ ବିଶେଷତଃ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ବହୁଳ ଭାବେ ବସବାସ କରନ୍ତି। ତେଣୁ ଆଞ୍ଚଳିକ ବୈଷମ୍ୟତା ଦୂର କରିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏବଂ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବାରେ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ଜନଜାତିଙ୍କ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ମଧ୍ୟ ପ୍ରଣୟନ କରାଯାଇଛି। ଗତବର୍ଷ ଆଦିବାସୀ ମେଳାରେ ୯ କୋଟି ଟଙ୍କାର ବାଣିଜ୍ୟିକ କାରବାର ହୋଇଥିବାବେଳେ ଚଳିତବର୍ଷ ଅଧିକ କାରବାର ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ମେଳା ଫେବୃଆରୀ ୫ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ପ୍ରକାଶିତ ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରିଥିଲେ। ଏଥିସହ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ। ଚଳିତବର୍ଷ ଏହି ମେଳାରେ ୧୧୪୦ ଜଣ ଅଂଶଗ୍ରହଣକାରୀ ଯୋଗଦେଉଛନ୍ତି। ଏଥିରେ ୩୨୫ ଜଣ ସ୍ୱୟଂସହାୟକ ଗୋଷ୍ଠୀର ଆଦିବାସୀ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ସମୁଦାୟ ୧୯୯ଟି ଷ୍ଟଲ ଖୋଲାଯାଇଛି। ୧୦ଟି ଆଦିବାସୀ କୁଡ଼ିଆ ନିର୍ମିତ ହୋଇଥିବାବେଳେ ଏଗୁଡ଼ିକ ଜନଜାତି ସମ୍ପ୍ରଦାୟଙ୍କ ଜୀବନଶୈଳୀ, ସ୍ଥାପତ୍ୟ ଓ ସାଂସ୍କୃତିକ ଅଭ୍ୟାସକୁ ପ୍ରତିଫଳିତ କରୁଛି। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ସଂସ୍କୃତି ହେଉଛି ଗୋଟିଏ ଜାତିର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ସ୍ୱାଭିମାନର ବାର୍ତ୍ତାବହ। ରାଜ୍ୟ ସରକାର ଜନଜାତିଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କାମ କରୁଛନ୍ତି। ସେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତିମାନଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ ସ୍ୱାଗତ ଭାଷଣ ଏବଂ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ସୁଧାକର ଶବର ଧନ୍ୟବାଦ ଦେଇଥିଲେ।


ଆଦିବାସୀ ପଡ଼ିଆଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରୁଛନ୍ତି।




# 'ସବୁ ଜିଲାରେ ଖୋଲିବ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ'

**ଭୁବନେଶ୍ୱର,୨୭।୧ (ସୁଚିସ୍ମିତା ସାହୁ)**

ଆଦିବାସୀବହୁଳ ଜିଲାଗୁଡ଼ିକରେ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ନିର୍ମାଣ ହେବ। ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ଏହି ବିଦ୍ୟାଳୟ ନିର୍ମାଣ କରାଯିବ। ସେହିପରି ରାଜ୍ୟରେ ଶହୀଦମାନଙ୍କୁ ଉଚିତ୍ ସମ୍ମାନ ଦେବା ସହିତ ଛାତ୍ରୀଛାତ୍ରଙ୍କୁ ଅତୀତର ଶହୀଦଙ୍କ ସ୍ମୃତି ମନେପକାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୩ଟି 'ଆଇଟିଡିଏ' ଜିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସାରା ରାଜ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ଖୋଲାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।







# ଅଙ୍ଗନୱାଡ଼ି ଶିଶୁଙ୍କ ପୋଷାକ, ଜୋତା ମୂଲ୍ୟ ବଢ଼ିଲା

**ଭୁବନେଶ୍ୱର,୨୭।୧ (ସୁଚିସ୍ମିତା ସାହୁ)**

ରାଜ୍ୟ ସରକାର ଅଙ୍ଗନୱାଡ଼ି ଶିଶୁଙ୍କ ପୋଷାକ ମୂଲ୍ୟ ବୃଦ୍ଧି କରିଛନ୍ତି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ଯୋଜନାରେ ପ୍ରି ସ୍କୁଲ ପିଲାଙ୍କ ପୋଷାକର ମୂଲ୍ୟ ବଢ଼ାଯାଇଛି। ବାଳକଙ୍କ ପୋଷାକ ମୂଲ୍ୟ ୧୦୦ରୁ ବଢ଼ି ୧୭୫ ଟଙ୍କା ହୋଇଥିବାବେଳେ ବାଳିକାଙ୍କ ପୋଷାକ ମୂଲ୍ୟ ୧୫୦ରୁ ୨୨୫ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଜୋତା ଖର୍ଚ୍ଚ ୧୦୦ ଟଙ୍କାରୁ ୧୫୦ ଟଙ୍କା ବଢ଼ିଛି। ଶୀତବସ୍ତ୍ର ବାବଦକୁ ୧୫୦ ଟଙ୍କା ବଦଳରେ ଏବେ ୨୦୦ ଟଙ୍କା ଦିଆଯିବ ବୋଲି ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ସୂଚନା ମୁତାବକ, ୩ରୁ ୬ବର୍ଷ ବୟସର ପ୍ରାକ୍-ବିଦ୍ୟାଳୟ ଶିଶୁଙ୍କୁ ପ୍ରଦାନ କରାଯାଉଥିବା ୟୁନିଫର୍ମ ଡ୍ରେସ୍, ଜୋତା, ମୋଜା ଓ ସ୍ୱେଟର ମୂଲ୍ୟରେ ଓଡ଼ିଶା ସରକାର ସଂଶୋଧନ ପାଇଁ ଅନୁମୋଦନ କରିଛନ୍ତି। ଏହି ସଂଶୋଧିତ ମୂଲ୍ୟ ୨୦୨୬-୨୭ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେବ। ଏ ନେଇ ୧୪ କୋଟି ୨୭ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ୭୪ ହଜାର ୨୨୫ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ଶିଶୁଙ୍କ ପୋଷାକ ମୂଲ୍ୟ ବୃଦ୍ଧି କରାଯାଇଛି।

# ଆଜି କ'ଣ କେଉଁଠି

**ଗଞ୍ଜାମ**
- କୃଷ୍ଣସାର ମୃଗ ଗଣନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଆସିକା ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶେରଗଡ଼ ଆଡ଼ପ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା କରସିଙ୍ଗି ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବୁଦ୍ଧଖୋଲ ପାହାଡ଼ ପାଦଦେଶ, ସମୟ: ଅପରାହ୍ନ ୩ଟା।

**କନ୍ଧମାଳ**
- ଜିଲାସ୍ତରୀୟ ସୁସ୍ଥ ଜୀବନ ଶୈଳୀ ପ୍ରଦର୍ଶନୀ, ସ୍ଥାନ: ଫୁଲବାଣୀ ସତ୍ୟ ସାଇ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ତୃତୀୟ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର, ସମୟ : ସନ୍ଧ୍ୟା ୭ ଟା।

**ଜଗତ୍‌ସିଂହପୁର**
- ସନ୍ତୋଷୀ ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ଅଠରବାଙ୍କୀ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା, ସ୍ଥାନ: ତିନିମୁହାଣୀଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ଜମି ଅଧିଗ୍ରହଣର ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଡଦାଣ୍ଡ ପଡିଆ, ମଶାକଣୀ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବଉଦଛକ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।
- ଅବଦୁଲ କରିମ ଖାଁ ମୋମେରିଅଲ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୨ଟା।

**ଯାଜପୁର**
- ଅଜାଣବନ ଶିଶୁ ମହୋତ୍ସବ–୨୦୨୬, ସ୍ଥାନ: ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ, ବରୀ, ସମୟ: ସକାଳ ୯ଟା।
- ଭୂତଳ ଜଳ ପରିଚାଳନା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ନିଯୁକ୍ତି ମେଳା ସମ୍ପର୍କରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ଜାମାଲାଗି ବେଶର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଲୋକନାଥ ମହାଦେବଙ୍କ ମାଘ ସପ୍ତମୀ ଯାତ୍ରା ଓ ଯଜ୍ଞ ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ସିନ୍ଦୁରିଆ ଲୋକନାଥ ମହାଦେବଙ୍କ ପୀଠ, ସମୟ:ସକାଳ ୭ଟା।
- କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୮ତମ ଜୟନ୍ତୀ ସମାରୋହରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ: କେ.ଏସ.ବି. ପବ୍ଲିକ ସ୍କୁଲ ଶରଣକୁଳ ଭିକାରିପଡା, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟର୍ଣ୍ଣାମେଣ୍ଟର ଏକାଦଶ ଦିବସରେ ପ୍ରଥମ ସେମି ଫାଇନାଲରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡା ବନାମ ମା' ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ, ସ୍ଥାନ:କଣ୍ଟିଲୋ ନୀଳମାଧବ କଲେଜ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ଓଡଗାଁ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡା ବ୍ଲକ ଭାନୁମତୀ ପୀଠ, ହଟିଆପଲ୍ଲା, ସମୟ: ଅପରାହ୍ନ ୪ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡା ବ୍ଲକ ଭାନୁମତୀ ପୀଠ, ହଟିଆପଲ୍ଲା, ସମୟ: ଅପରାହ୍ନ ୪ଟା।
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ତୃତୀୟ ଦିବସର ସଭା, ସ୍ଥାନ:ନୟାଗଡ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ତୃତୀୟ ଦିବସରେ ସଙ୍ଗୀତ ସୁରଭି ସଂସ୍କୃତିକ କାର୍ଯ୍ୟକମ, ସ୍ଥାନ:ନୟାଗଡ଼ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ରାତି ୮ଟା।

**ରାୟଗଡ଼ା**
- ସ୍କୁଲର ୩୦ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ଟା ୩୦।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ଗୁଡାରି, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ପ୍ରସ୍ତାବିତ ନବରଙ୍ଗପୁର ମେଡିକାଲ କଲେଜ ସମ୍ବନ୍ଧରେ ଆଲୋଚନା, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୫ଟା ୩୦।

**କୋରାପୁଟ**
- ଓଡ଼ିଶା ବନ୍ଦ ନେଇ ନବନିର୍ମାଣ କୃଷକ ସଂଗଠନର ଡାକରା, ସ୍ଥାନ: କୁନ୍ଦୁରା, ସମୟ: ସକାଳ ୬ଟାରୁ ୨ଟା।
- ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା, ସ୍ଥାନ: ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଦୋଲପୁର ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେରୁବନ୍ଧ ସୁରକ୍ଷା ସମିତି ସମାବେଶ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: କୋଟପାଡ଼ ଟିକିରା ସାହିସ୍ଥିତ ଅଲେଖ ମହିମା ମଠ, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ଓଡ଼ିଶା ବନ୍ଦ ନେଇ ନବନିର୍ମାଣ କୃଷକ ସଂଗଠନର ଡାକରା, ସ୍ଥାନ: ମାଲକାନଗିରି ଜିଲା, ସମୟ: ସକାଳ ୬ରୁ ମଧ୍ୟାହ୍ନ ୨ଟା।

**ସମ୍ବଲପୁର**
- ମା'ପିତାବଳୀଙ୍କ ଅଷ୍ଟଧାତୁ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ସିନ୍ଦୁରପଙ୍କ ନିକଟସ୍ଥ ପିତାବଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା।
- ଶ୍ରୀଗଣେଷ ପ୍ରତିଷ୍ଠା ଉତ୍ସବର କଳସ ଶୋଭାଯାତ୍ରା, ସ୍ଥାନ: କବରାପାଲି ଗ୍ରାମ, ସମୟ: ଅପରାହ୍ନ ୩ଟା।
- ଏନ୍‌ବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୭ଟା।
- କବିତା ପାଠୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ସ୍ଥିତ ଧନୁଯାତ୍ରା ମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

**ବଲାଙ୍ଗୀର**
- ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦ ପାଳନ, ସ୍ଥାନ: ଜିଲାର ବିଭିନ୍ନ ସହରାଞ୍ଚଳ ଓ ମୁଖ୍ୟ ରାସ୍ତାରେ ପିକେଟିଂ, ସମୟ: ସକାଳ ୬ଟାରୁ।
- ନବ ନିର୍ମାଣ କୃଷକ ସଂଗଠନ, ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ବନ୍ଦ ପାଳନ ଓ ପ୍ରତିବାଦ ସଭା, ସ୍ଥାନ: ରାମପୁର, ଲୋଇସିଂହା ଥାନା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- କଥା ସାହିତ୍ୟ ଦିବସ, ସ୍ଥାନ: କଲଚରାଲ ଏକାଡେମୀ, ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ଶ୍ରୀ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗୋବିନ୍ଦପୁର, ବରଗଡ଼,ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରଗାଁ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ସକାଳ ୯ଟା।

**କଳାହାଣ୍ଡି**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ଭବାନୀପାଟଣା ଘୋଡାଘାଟ ଛକ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ସୁଭଦ୍ରା ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ୨୨ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମଣ୍ଟର ଷଷ୍ଠ ଦିବସ, ସ୍ଥାନ: ତିଳେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ ଅପରାହ୍ନ ୩ଟା।
- ସାମ୍ପୋଚ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ରାହୁ ନକ୍ଷତ୍ରରେ ଅବସ୍ଥାନ କରି ଭୁଲ୍ ବୁଝାମଣାରୁ ପାରିବାରିକ କିମ୍ବା ବନ୍ଧୁଙ୍କ ସହ ମନାନ୍ତର ସୃଷ୍ଟି କରିବ। ସମ୍ପର୍କୀୟଙ୍କ ବେପରୁଆ କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା, ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ବୃଷ**
ମିତ୍ର ବୁଧଙ୍କ ନକ୍ଷତ୍ରସ୍ଥ ଶୁକ୍ର ଯାତ୍ରାରେ ଲକ୍ଷ୍ୟପୂରଣ କରିବା ସହ ବ୍ୟବସାୟରେ ସୁଫଳ ପ୍ରଦାନ କରିବେ। ସଭାସମିତିରେ ବନ୍ଧୁ ମିଳନ ଘଟିବ ଏବଂ ହାତକୁ ଦି'ପଇସା ମଧ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ**
ବୁଧ ଧନାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ହୋଇ ବନ୍ଧୁଙ୍କ ଅନୁରୋଧରୁ କିମ୍ବା ସନ୍ତାନ ହେତୁକ ଅର୍ଥର ଆବଶ୍ୟକତାକୁ ପୂରଣ କରିବେ। ଯାହାକୁ ଖୋଜୁଥିବେ ସେ ଆପଣା ଛାଏଁ ପାଖକୁ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ଆଜିର ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟିହୀନତା କାରଣରୁ ପାରିବାରିକ ପ୍ରତିକୂଳତା ପ୍ରଭାବ ପକାଇପାରିବ ନାହିଁ। କର୍ମକ୍ଷେତ୍ରରେ ଟେନସନ୍ ବଢ଼ିବ ଏବଂ ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରି ଅପଦସ୍ଥ ହୋଇପାରନ୍ତି।

**ସିଂହ**
ବୁଧ ବ୍ୟୟାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ଯୋଗୁ ପ୍ରାପ୍ୟ ହାତକୁ ଆସିବ କିନ୍ତୁ ପକେଟରେ ରହିପାରିବନି। ସାମାନ୍ୟ ଅବହେଳାରୁ ସୁଯୋଗ ହାତଛଡ଼ା ହୋଇପାରେ। ପରକଥା ଶୁଣି ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ଲୋକଟିର ମନ ବିଗିଡି ଯିବାର ଆଶଙ୍କା ରହିଛି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଝଟକା ଲାଗିପାରେ।

**କନ୍ୟା**
ଅନୁକୂଳ ଗ୍ରହ ପ୍ରଭାବରୁ ଯାହା ଆଶା କରୁଛନ୍ତି ତାହା ପାଇବେ। ପରିବାରର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାପାଇଁ ସମର୍ଥ ହେବେ। ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କୌଣସି ଶୁଭଖବର ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ।

**ତୁଳା**
ଶନିଙ୍କ ଦୃଷ୍ଟି କର୍ମାଧିପତିଙ୍କ ଉପରେ ପତିତ ହେଉଥିବାରୁ କର୍ମକ୍ଷେତ୍ରରେ ବିତର୍କର ଆଶଙ୍କା ରହିଛି। ଜଣେ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ଅଭାବକୁ ପଛରେ ପକାଇ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେବେ। ବିବାଦୀୟ ଘଟଣାରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରିବେ।

**ବିଛା**
ରାଶ୍ୟାଧିପ ମଙ୍ଗଳ ଉଚ୍ଚ ରାଶିରେ ରହି ନବମକୁ ଦେଖୁଥିବାରୁ ଧାର୍ମିକ ବାତାବରଣ ମଧ୍ୟରେ ସମୟ କଟିବ। ମନରେ ସରସତା ନ ଥିବାରୁ ମାନସିକ ସ୍ଥିରତା ରହିବ ନାହିଁ। ଆଜିର ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା ଜାରି ରଖିଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରକାଶନରେ ତତ୍ପର ରହିପାରନ୍ତି।

**ଧନୁ**
ଆଜି ଅଷ୍ଟମାଧିପତି ଚନ୍ଦ୍ର ଷଷ୍ଠଭାବରେ ବିପରୀତ ରାଜଯୋଗ ପ୍ରଦାନ କରି ସମସ୍ୟାର ସମାଧାନ କରିବେ। ମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାର, କର୍ମକ୍ଷେତ୍ର, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ସାହିତ୍ୟ, ସଂସ୍କୃତିର ଆଦର କରି ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**ମକର**
ନିଜର ବିଚାରବୁଦ୍ଧିକୁ ଜଳାଞ୍ଜଳି ଦେଇ ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ମନସ୍ତାପ କରିବେ। ବାଣିଜ୍ୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ଭଲ ରହିବ। ଏକାଧିକଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ଆପଣ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ।

**କୁମ୍ଭ**
ଷଷ୍ଠାଧିପ ଚତୁର୍ଥସ୍ଥ ଯୋଗୁ ଆଜି ପରିବାରରେ କଳହର ଆଶଙ୍କା ରହିଛି। ଆପଣଙ୍କ କାର୍ଯ୍ୟକୁ ବାହ୍ୟଲୋକମାନେ ଯେତିକି ଆଦର କରିବେ ନିଜ ଲୋକ ତାହାର ଦୁଇଗୁଣ ଅପପ୍ରଚାର କରିପାରନ୍ତି। ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ**
କର୍ମାଧିପତି କେନ୍ଦ୍ରସ୍ଥ ଯୋଗୁ କର୍ମାରମ୍ଭ ସାଙ୍ଗକୁ ସହକର୍ମୀଙ୍କ ପରାମର୍ଶ କାମକୁ ଆସିବ। ସ୍ୱସ୍ଥାନହନ୍ତା ଗୁରୁଙ୍କ ସ୍ଥିତିରୁ ପରିବାରରେ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କୃତି ଓ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୨୮ ତାରିଖ। ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ମାଘ ଶୁକ୍ଳ ଦଶମୀ ବୁଧବାର। ରାଶି ନକ୍ଷତ୍ର–ଦିବା ଘ.୦୯।୦୨ମି. ଗତେ ରୋହିଣୀ/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୬ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୯ମି. ଗତେ ଘ.୦୧।୨୨ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

ଛାତ ଉପରେ...

ଲୋକମାନେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଥିଲା। ଡିସିପି ଜଗମୋହନ ମୀନା ଯାଞ୍ଚ କରିବା ପରେ କହିଛନ୍ତି, ଛାତ ଉପରେ ବୋମା ଭିଡ଼ିବାବେଳେ ବିସ୍ଫୋରଣ ଘଟିଛି। ଆପରାଧିକ କାର୍ଯ୍ୟ ପାଇଁ ବୋମା ଭିଡ଼ିଲାବେଳେ ବିସ୍ଫୋରଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହନବାଜଙ୍କ ନାଁରେ ଏକାଧିକ ଆପରାଧିକ ମାମଲା ରହିଛି। ନୟାପଲ୍ଲୀ, ମୈତ୍ରୀବିହାର ଥାନା ଅଞ୍ଚଳରେ ହତ୍ୟା ଉଦ୍ୟମ ଓ ବିସ୍ଫୋରଣ ଘଟାଇବା ପରି ଏକାଧିକ ମାମଲା ରହିଛି। ବେଆଇନ ଭାବେ ବୋମା ଭିଡ଼ାଯାଉଥିବାରୁ ଏନେଇ ସେହନବାଜଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଡିସିପି କହିଛନ୍ତି। ରାଜଧାନୀ ଏବଂ ଏହାର ଉପକଣ୍ଠରେ ଏଭଳି ବେଆଇନ ଭାବେ ବୋମା ଭିଡ଼ାଯାଉଛି। ପୋଲିସ ସେମାନଙ୍କୁ ଲାଇସେନ୍ସ ଦେଇ ନ ଥିବାବେଳେ ସେମାନେ ବେଆଇନ ଭାବେ ବୋମା ଭିଡ଼ି ବିକ୍ରି କରୁଛନ୍ତି।

୨୦୨୩ ଏପ୍ରିଲ ୪ରେ ବାଣୀବିହାର କ୍ୟାମ୍ପସ ପଛରେ ଜଣେ ବ୍ୟକ୍ତି ବେଆଇନ ଭାବେ ବାଣ ଭିଡୁଥିବାବେଳେ ବିସ୍ଫୋରଣ ଘଟି ତାଙ୍କ ଜୀବନ ଯାଇଥିଲା। ସେହିପରି ଗତ ବର୍ଷ ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଘରେ ବୋମା ଭିଡ଼ାଯାଉଥିବାବେଳେ ବିସ୍ଫୋରଣରେ ଏକାଧିକ ଆହତ ହୋଇଥିଲେ। ୨୦୧୮ ନଭେମ୍ବର ୧ରେ ବାଲିପାଟଣା ଥାନା ବନମାଳୀପୁର ନୂଆସାହିରେ ବାଣ ଭିଡ଼ିବା ବେଳେ ଜ୍ଞାନରଞ୍ଜନ ମିଶ୍ର ଏବଂ ଝୁନାରାଣୀ ମିଶ୍ରଙ୍କ ମୃତ୍ୟୁ ଘଟିଥିଲା। ଝୁନାଙ୍କ ମୃତଦେହ ମିଳିଥିବା ବେଳେ ଆଜି ପର୍ଯ୍ୟନ୍ତ ଜ୍ଞାନରଞ୍ଜନଙ୍କ ମୃତଦେହ ମିଳିପାରି ନାହିଁ। ସେହିପରି ଜଟଣୀରେ ୨୦୨୪ରେ ଏକ ବାଣ ବିସ୍ଫୋରଣ ଘଟିଥିଲା।

ଚାଲାଣ ଥିଲେ...

ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଥିବା ସମସ୍ତ ତୈଳ କମ୍ପାନୀକୁ ଲେଖାଯାଇଥିବା ଚିଠି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଥିରେ ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ରେ ଉଲ୍ଲଂଘନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଦିଆ ନ ଯିବା ନିଷ୍ପତ୍ତି ଜନସାଧାରଣ ତଥା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କରିବା ବେଳେ ସମ୍ପୃକ୍ତ ମୋଟରଯାନର ଇ–ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରାଯାଉଛି। ତେଣୁ ଡିସେମ୍ବର ୨୦ର ଚିଠିକୁ ରଦ୍ଦ କରାଯାଉ। ପିୟୁସି ପ୍ରମାଣପତ୍ର ନ ଥିବା ଗାଡ଼ି ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରୟ ନ କରିବା ନିୟମ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ପ୍ରତ୍ୟେକ ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଦର୍ଶାଇଥିଲେ ଆବେଦନକାରୀଙ୍କ ଓକିଲ। ଏଥିସହିତ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନ ଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା, ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ପରୀକ୍ଷା ପାଇଁ ଯାଉଥିବା ମୋଟରଯାନର ପୂର୍ବରୁ ରହିଥିବା ଇ–ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରା ନ ଯାଉ ବୋଲି ସ୍ମିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି। ବାଣିଜ୍ୟ ଓ ପରିବହନ ସଚିବ, ପରିବହନ କମିଶନର, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ଓ ବିଭିନ୍ନ ତୈଳ କମ୍ପାନୀର ଓଡ଼ିଶା ମୁଖ୍ୟଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି।

ଆଜି ୮ ଘଣ୍ଟିଆ...

ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରଚାର ଜରିଆରେ ବନ୍ଦପାଳନକୁ ସମର୍ଥନ ଦେବା ଲାଗି ଅନୁରୋଧ ମଧ କରାଯାଉଛି। ଅକ୍ଷୟ କୁମାର କହିଛନ୍ତି, ଜରୁରିକାଳୀନ ସେବା କ୍ଷେତ୍ରରେ କୌଣସି ପ୍ରକାର ପ୍ରଭାବିତ ହେବାକୁ ଦିଆଯିବନାହିଁ। ରାଜ୍ୟର ୩୦ ଜିଲାରେ ଦୋକାନବଜାର ବନ୍ଦ କରାଯିବ, ଗାଡି ମଟର ଚଳାଚଳକୁ ଅଟକାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବନ୍ଦପାଳନକୁ ତାଙ୍କ ଦଳ ସମର୍ଥନ କରିବା ନେଇ ମଙ୍ଗଳବାର ଘୋଷଣା କରିଛନ୍ତି।

ଭକ୍ତ କହିଛନ୍ତି, ନବନିର୍ମାଣ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ କରିବ। ରାଜ୍ୟର ସବୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଉକ୍ତ ବନ୍ଦ ପାଳନକୁ ସମର୍ଥନ ଦେବେ। ବିଜେଡି ନବନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରା ଚାଷୀମାନଙ୍କ ପାଇଁ ହିତକର ପଦକ୍ଷେପ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ଚାଷୀଙ୍କ ହିତରେ ବନ୍ଦ ପାଳନ ହେଉଥିବା କହି ପରୋକ୍ଷରେ ବିଜେଡି ନବନିର୍ମାଣ କୃଷକ ସଙ୍ଗଠନକୁ ବଳ ଦେଇଛି।

ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ସବୁ ପ୍ରଫେଶନରେ ନକଲି ଏବଂ ଅସଲି ଥାଆନ୍ତି। ଯେଉଁମାନେ ଆନ୍ଦୋଳନ ଡାକରା ଦେଇଛନ୍ତି ସେମାନେ ସବୁ ହେଉଛନ୍ତି ନକଲି ଚାଷୀ। ନା ଏମାନେ ହଳ କରିପାରିବେ ନା ବାହୁଙ୍ଗି ବେକରେ ପକାଇପାରିବେ। ଅତୀତରେ ପଶ୍ଚିମ ଓଡ଼ିଶାରେ ଚାଷୀ ହନ୍ତସନ୍ତ ହେଉଥିବାବେଳେ ଦଲାଲମାନେ ମାଲାମାଲ ହେଉଥିଲେ। ମୋହନ ମାଝୀଙ୍କ ସରକାରରେ କିନ୍ତୁ ଚାଷୀମାନେ ଖୁସିରେ ଅଛନ୍ତି। ଭାଜପା ସରକାର ଆସିବା ପରେ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଟଙ୍କା ଦେଉଛି। କଂଗ୍ରେସ ସବୁବେଳେ ଚାଷୀ ବିରୋଧୀ, ତେଣୁ ସେମାନଙ୍କ ସମର୍ଥନର କିଛି ମୂଲ୍ୟ ନାହିଁ।

ଝିଅଙ୍କୁ ନିର୍ଯାତନା...

ଲମ୍ବୋଦରଙ୍କ ଘରକୁ ଯାଇ ତାଙ୍କ ଝିଅଙ୍କୁ ମାର୍‌ପିଟ୍ କରିବା ସହ ଘରର କିଛି ଅଂଶ ଭାଙ୍ଗି ଦେଇଥିଲେ। ଏପରିକି ମଦ ବିକ୍ରି କରୁଥିବା ତାଙ୍କ ଝିଅଙ୍କୁ ବିଚ୍‌ରାସ୍ତାରେ ଚଲାଇ ଚଲାଇ ଆଣିବା ସହ ସ୍ଥାନୀୟ ବଜାର ମଝିରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଠିଆ କରି ଜରିମାନା ବାବଦକୁ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଲମ୍ବୋଦର ଓ ତାଙ୍କ ଝିଅ ଭୁଲ୍ ମାଗିବା ପରେ ମଧ ସେମାନଙ୍କୁ ଛାଡ଼ି ନ ଥିଲେ। ଶେଷରେ ୩୦ ହଜାର ଟଙ୍କା ଜରିମାନା ଦେବା ପାଇଁ ସେମାନେ ରାଜି ହେବାରୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ବାପଝିଅଙ୍କୁ ଛାଡ଼ିଥିଲେ। ଘରକୁ ଆସିବା ପରେ ଏହି ନିର୍ଯାତନା ସହି ନ ପାରି ବିଳମ୍ବିତ ରାତିରେ ଲମ୍ବୋଦର ବିଷ ପିଇ ଆତ୍ମହତ୍ୟା କରିଥିଲେ ବୋଲି ତାଙ୍କ ପୁଅ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ୧୦ ମହିଳା ଓ ପୁରୁଷଙ୍କ ନାଁରେ ମାମଲା(ନଂ.୨୩/୨୬) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ସେହି ଗ୍ରାମର ମିଥୁନ ନାୟକ ନାମକ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁ କହିଛନ୍ତି।

ବଢ଼ିବ ବାବୁଙ୍କ...

ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ବିଭିନ୍ନ ଯୋଜନାକୁ ଅନୁମୋଦନ ଦେବା ପାଇଁ ୫କୋଟି ଟଙ୍କାରୁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ବିଭାଗୀୟ ଅର୍ଥ ପରାମର୍ଶଦାତା ତଥା ପ୍ରଶାସନିକ ଅଧିକାରୀଙ୍କ କ୍ଷମତା ରହିଛି। ଅର୍ଥ ବିଭାଗର ପ୍ରସ୍ତାବ ଅନୁଯାୟୀ, ଏହି ପରିମାଣକୁ ୧୦କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୫କୋଟିରୁ ୫୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି(ଏସ୍ଏଫ୍‌ସି)ର ଅନୁମୋଦନକ୍ରମେ ବିଭାଗୀୟ ମନ୍ତ୍ରୀ ଅନୁମୋଦନ କରିବାକୁ ରହିଥିବାବେଳେ ଆଗାମୀ ଦିନରେ ଏହାକୁ ୧୦କୋଟି ଟଙ୍କାରୁ ୫୦କୋଟି ଟଙ୍କାକୁ ବୃଦ୍ଧି କରାଯିବ। ଅନୁରୂପ ଭାବେ ୫୦କୋଟିରୁ ୧୦୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ଇଏଫ୍‌ସି ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିବାକୁ ରହିଥିବାବେଳେ ୧୦୦ରୁ ୨୫୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଯଦି ଏହାଠାରୁ ଯୋଜନା ବାବଦ ଅର୍ଥ ଅଧିକ ହୁଏ ତେବେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିବ ବୋଲି ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତାବରେ ରହିଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୫ ଜୁନ୍ ୪ରେ ଟେଣ୍ଡର କ୍ଷମତା ସମ୍ପର୍କିତ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ; ଯେଉଁଥିରେ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ବିଭାଗୀୟ ପ୍ରଶାସନିକ ଅଧିକାରୀ ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଇଥିବାବେଳେ ୭ରୁ ୧୦କୋଟି ଟଙ୍କାର ଟେଣ୍ଡରକୁ ସର୍ବୋଚ୍ଚ ଯନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀ, ୪କୋଟିରୁ ୭କୋଟି ଟଙ୍କାର ଟେଣ୍ଡରକୁ ମୁଖ୍ୟଯନ୍ତ୍ରୀ କିମ୍ବା ସର୍ବୋଚ୍ଚ ଯନ୍ତ୍ରୀ ଏବଂ ୧କୋଟିରୁ ୪କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ଅଧୀକ୍ଷଣ ଯନ୍ତ୍ରୀ କିମ୍ବା ମୁଖ୍ୟଯନ୍ତ୍ରୀ ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ୨୦୨୫ ମେ' ୨୮ରେ ଅତିରିକ୍ତ ସଚିବ ମଧୁସ୍ମିତା ସାମଲ ସବୁ ବିଭାଗକୁ ଏକ ପ୍ରଶାସନିକ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି। ସେଥିରେ ବିଭାଗୀୟ ନିଯୁକ୍ତି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କ୍ଷମତାରେ ପରିବର୍ତ୍ତନ କରାଯାଇଛି। ସମ୍ପୃକ୍ତ ବିଭାଗର ସଚିବ ଏଣିକି ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ଦାୟିତ୍ୱରେ ରହିବେ। ପୂର୍ବରୁ ବିଭାଗୀୟ ମନ୍ତ୍ରୀମାନେ ଯେପରି ଗ୍ରୁପ୍–ବି' ଅଧିକାରୀଙ୍କଠାରୁ ଗ୍ରୁପ୍–ଏ' ଅଧିକାରୀ(ପାହ୍ୟା–୧୨)ଙ୍କ ନିଯୁକ୍ତି ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ନେଉଥିଲେ, ଏବେ ଉକ୍ତ ଦାୟିତ୍ୱ ସମ୍ପୃକ୍ତ ବିଭାଗ ସଚିବ ନିର୍ବାହ କରିବେ। ସେହିପରି ସମ୍ପୃକ୍ତ ବିଭାଗ ମନ୍ତ୍ରୀଙ୍କ ହାତରେ ଗ୍ରୁପ୍–ଏ'(ପାହ୍ୟା–୧୨)ବର୍ଗର ଚାକିରିଆଙ୍କଠାରୁ ଆରମ୍ଭ କରି ଗ୍ରୁପ୍–ଏ'(ପାହ୍ୟା–୧୪) ବର୍ଗଙ୍କ ପର୍ଯ୍ୟନ୍ତ ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ମାତ୍ର ମୁଖ୍ୟମନ୍ତ୍ରୀ କେବଳ ଗ୍ରୁପ୍–ଏ(ପାହ୍ୟା–୧୪)ବର୍ଗଙ୍କଠାରୁ ଊର୍ଦ୍ଧ୍ୱ ବର୍ଗଙ୍କ ନିଯୁକ୍ତି ଓ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ ବୋଲି ଜଣାଯାଇଛି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍ସୁଲା ଭୋନ୍‌ଡେର ଲେୟେନ୍ ଓ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା।

ଏଫ୍‌ଟିଏ: ଭାରତର...

ଆଦୌ ଟାରିଫ୍ କଷି ନ ପାରେ ବୋଲି ଭାରତର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଭାରତ ଏବଂ ଇୟୁ ପକ୍ଷରୁ ଆହୁରି କୁହାଯାଇଛି, ସୋୟା, ବିଫ୍, ଚିନି, ଚାଉଳ, ଦୁଗ୍ଧଜାତ ଉତ୍ପାଦ ଓ ଅନ୍ୟ କୃଷିଜାତ ସାମଗ୍ରୀକୁ ଟ୍ରେଡ୍ ଡିଲ୍ ପରିସର ବାହାରେ ରଖାଯାଇଛି। ୟୁରୋପୀୟ ମଦ ଭାରତକୁ ଶସ୍ତାରେ ପ୍ରବେଶ କରିବ। କାରଣ ଭାରତ ଏହା ଉପରେ ଆମଦାନୀ ଶୁଳ୍କରେ ରିହାତି ଦେବାକୁ ଯାଉଛି।

ଭାରତ ସରକାର ଓ ଇୟୁ ମଧ୍ୟରେ ସୋମବାର ଏକ ବଡ଼ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱର ଲୋକେ ଏହାକୁ 'ସବୁ ଡିଲ୍‌ର ଜନନୀ' ବୋଲି ଆଖ୍ୟା ଦେଉଛନ୍ତି। ଏହି ଐତିହାସିକ ଚୁକ୍ତିନାମା ଭାରତର ୧.୪ ବିଲିୟନ୍ ଏବଂ ୟୁରୋପର ଅନେକ ନିୟୁତ ଲୋକଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ। ୟୁରୋପର ୨୭ ଦେଶ ଏବଂ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପରିମାଣ ବିଶ୍ୱର ପ୍ରାୟ ୨୫% ହୋଇଥିବାବେଳେ ଉଭୟଙ୍କ ଅଧୀନରେ ୨ ବିଲିୟନ୍ ଲୋକଙ୍କ ବଜାର ଆସୁଛି।

୨ ଦଶନ୍ଧି ଧରି ଇୟୁ–ଭାରତ ବାଣିଜ୍ୟ ଆଲୋଚନା ଚାଲିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ୍ କଷିବା ଏବଂ ଆମେରିକାର ସହଯୋଗୀଗୁଡ଼ିକ ତାଙ୍କ ଗ୍ରୀନ୍‌ଲାଣ୍ଡ ଦଖଲ ଉଦ୍ୟମକୁ ବିରୋଧ କରିବା ପରିପ୍ରେକ୍ଷୀରେ ଆଲୋଚନାକୁ ବଳ ଦେଇଥିଲେ। ଉକ୍ତ ଡିଲ୍ ସ୍ୱାକ୍ଷରିତ ହେବା ପୂର୍ବରୁ ନୂଆଦିଲ୍ଲୀ ଓ ଇୟୁ ଦକ୍ଷିଣ ଆମେରିକୀୟ ବ୍ଲକ୍ ମର୍କୋସୁର ସହ ଏକ ଚୁକ୍ତି କରିଥିଲେ। ଏନେଇ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍ସୁଲା ଭୋନ୍‌ଡେର ଲେୟେନ୍ କହିଛନ୍ତି, ୟୁରୋପ ଓ ଭାରତ ଆଜି ଇତିହାସ ରଚିଛନ୍ତି। ଏହା ଆରମ୍ଭ ମାତ୍ର। ଚୁକ୍ତି ସ୍ୱାକ୍ଷର ବେଳେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମଧ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ ଏହି ୨ ନେତାଙ୍କ ନେତୃତ୍ୱରେ ଭାରତ ଏବଂ ୨୭ ରାଷ୍ଟ୍ର ଆଗାମୀ ୫ ବର୍ଷ ପାଇଁ ଏକ ମିଳିତ ବ୍ୟାପକ ରଣନୈତିକ ଏଜେଣ୍ଡା ଉପରେ ମତ ରଖିଥିଲେ। ମୋଟ ୧୩ଟି ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାପଡ଼ିଛି।

ଭାରତ ଏବଂ ଇୟୁ ମଧ୍ୟରେ ଗତ ଆର୍ଥିକବର୍ଷରେ ୧୩୬.୫ ବିଲିୟନ୍ ଡଲାର ବାଣିଜ୍ୟିକ କାରବାର ହୋଇଥିଲା। ଏହି ଅବଧିରେ ଭାରତ–ଆମେରିକା କାରବାର ୧୩୨ ବିଲିୟନ୍ ଡଲାର ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲା ଅଇଲା କଥା ଯେତେ**
**ସଙ୍ଗାତ ନ ପକା ଏତେ ।**

ଗଲା କଥା ଗଲାଣି। ତା' ଉପରେ ଆଉ ଚିନ୍ତା କରିବା ଅନୁଚିତ। ଅତୀତରେ ଘଟିଥିବା ଘଟଣାଗୁଡ଼ିକୁ ଭୁଲିଯିବା ସହ ବିଗତ କଥାକୁ ରେଣ୍ଟି କରି ନ ଧରିବାକୁ ବନ୍ଧୁଙ୍କୁ ଅନୁରୋଧ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୋଡ଼ର ଜୋତା କାହାକୁ ଦେଲ**
**ଗୋଡ଼ ଖାଇଗଲା ଜନ୍ଦା**
**କେଉଁ ନାରୀ ସଙ୍ଗେ ପୀରତି କଲ**
**କାନନୋଳି ଦେଲ ବନ୍ଧା।**

ପ୍ରେମ ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ ବୋଲି କୁହାଯାଇଥାଏ। ପରକୀୟା ପ୍ରୀତିର ପରିଣତି ଅନେକ ସମୟରେ ସୁଖଦ ହୋଇ ନ ଥାଏ। ଏହା ଜାଣି ମଧ କେତେଜଣ ବ୍ୟକ୍ତି କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ ଏଭଳି ପାପ ସମ୍ପର୍କରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଥାଏ। ଅବୈଧ ସମ୍ପର୍କରେ ମାତି ଅର୍ଥ ଓ ସମ୍ମାନ ହରାଇ ବସିଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

DSPL-495

ODISHA
NEW OPPORTUNITIES



CII 25th
enterprise Odisha
28 - 30 January 2026
ROURKELA, ODISHA



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସମୃଦ୍ଧ ଓଡ଼ିଶା ଗଢୁଛନ୍ତି ଲୋକଙ୍କ ସରକାର
# ସବୁ ଜିଲ୍ଲାରେ ଏବେ ଶିଳ୍ପାୟନ ସହ ରୋଜଗାର

₹୭,୧୧,୮୨୯ କୋଟିର ନିବେଶ
୩୫୪ ଅନୁମୋଦିତ ପ୍ରକଳ୍ପ
୪,୭୨,୪୧୭ ନିଯୁକ୍ତି ସମ୍ଭାବନା

₹୨,୦୪,୪୭୯ କୋଟିର ନିବେଶ
୮୫ ଭିତ୍ତିପ୍ରସ୍ତର ସ୍ଥାପନ
୧,୬୩,୭୨୫ ନିଯୁକ୍ତି ସମ୍ଭାବନା

## ୨୩ଟି ନୂଆ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**୧୧,୮୪୪ ରୁ ଅଧିକ ନିଯୁକ୍ତି ସୁଯୋଗ | ୩୫,୮୮୦ କୋଟି ଟଙ୍କାର ପୁଞ୍ଜି ନିବେଶ**

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ଜୁଏଲ୍ ଓରାମ**
ମନ୍ତ୍ରୀ, ଆଦିବାସୀ ବ୍ୟାପାର, ଭାରତ ସରକାର

**ଶ୍ରୀ ଭବାନୀ ଶଙ୍କର ଭୋଇ**
ଉପ ବାଚସ୍ପତି, ଓଡ଼ିଶା

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ଓଡ଼ିଶା

**ଶ୍ରୀ ସାରଦା ପ୍ରସାଦ ନାୟକ**
ବିଧାୟକ, ରାଉରକେଲା

**ଶ୍ରୀ ଦୁର୍ଗା ଚରଣ ତନ୍ତୀ**
ବିଧାୟକ, ରଘୁନାଥପାଲି

### ଉଦ୍‌ଘାଟନ

ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆଲୁମିନିୟମ୍ ଫ୍ଲାଟ୍ ରୋଲ୍ଡ୍ ଉତ୍ପାଦ) | ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ସତନ୍ତ୍ର ବ୍ୟାଟେରି ଫଏଲ୍)
ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍ | ଏସ୍ଏମ୍ଇଏଲ୍ ଷ୍ଟିଲ୍ ଷ୍ଟ୍ରକ୍ଚରାଲ୍ ପ୍ରାଇଭେଟ୍ ଲିମିଟେଡ୍ | ଶ୍ୟାମ୍ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍
ବାୟୋ ଆଗ୍ରୋ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ | ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍(ସିମେଣ୍ଟ ପ୍ଲାଣ୍ଟ) | ସିଏମଆର ଆଲୁମିନିୟମ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ପୋଟାଶ୍ ଲିମିଟେଡ୍
ରତ୍ନମଣି ମେଟାଲ୍ସ ଏଣ୍ଡ ଟ୍ୟୁବ୍ସ ଲିମିଟେଡ୍ | ଭାଇବ୍ରାଣ୍ଟ ସ୍ପିରିଟ୍ସ ପ୍ରାଇଭେଟ୍ ଲିମିଟେଡ୍ | ଭିଭୋର୍ ଷ୍ଟିଲ୍ ଟ୍ୟୁବ୍ସ ଲିମିଟେଡ୍ | ଏମ୍.ଆର୍. ୟୁନିକାଷ୍ଟ ପ୍ରାଇଭେଟ୍ ଲିମିଟେଡ୍

### ଭିତ୍ତିପ୍ରସ୍ତର ସ୍ଥାପନ

ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆଲୁମିନିୟମ୍ ଓ ପାୱାର୍) | ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍ | କ୍ୟାବ୍କନ୍ ଇଣ୍ଡିଆ ଲିମିଟେଡ୍ | ରିଲାନ୍ସ ବାୟୋ ଏନର୍ଜି ଲିମିଟେଡ୍ |
ଉଦ୍ରା କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ | ଷ୍ଟାର୍ ମେଟାଲ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ | ବେନ୍ ଗ୍ଲୋବାଲ୍ ରିର୍ସୋସେସ୍ ଏଲ୍ଏଲ୍ପି | ଭିମ୍ଲା ଇନ୍ଫ୍ରାଷ୍ଟ୍ରକ୍ଚର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଶ୍ରେୟଶ ଆଲୁମିନିୟମ୍ ଏଣ୍ଡ ଏଲୋଏସ୍ ପ୍ରାଇଭେଟ୍ ଲିମିଟେଡ୍ | ଓଡ଼ିଶା ଷ୍ଟିଭଡ୍ରୋର୍ସ ଲିମିଟେଡ୍

**୨୮ ଜାନୁଆରୀ ୨୦୨୬ | ରାଉରକେଲା, ସୁନ୍ଦରଗଡ଼**

OIPR-

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

"ରାଷ୍ଟ୍ରଜାତି, ପରିବାର ଓ ମାନବଜାତି- ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ -ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି।" -ଶ୍ରୀଅରବିନ୍ଦ



# ଆଉ ଚାରା ନାହିଁ

ଓଡ଼ିଆରେ କଥା ଅଛି 'ଆଉ ଚାରା ନାହିଁ'। ଅର୍ଥାତ୍ ଆଉ କିଛି ଉପାୟ ନ ଥିଲେ ବାଧ୍ୟ ହେବା ଭିତିକୁ ଲକ୍ଷ୍ୟ କରାଯାଉ ଏଭଳି କୁହାଯାଇଥାଏ। ଗୋଟିଏ ସପ୍ତାହରେ ଦୁଇଟି ଘଟଣା ସାମ୍ନାକୁ ଆସିଛି। ପ୍ରଥମଟି ହେଲା କୋରାପୁଟ ଜିଲାପାଳ ୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜିଲାରେ ଆମିଷ ବିକ୍ରି ବନ୍ଦ କରିବା ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେଥିରେ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ନିର୍ବାହୀ ଅଧିକାରୀ ନିଜ କାର୍ଯ୍ୟ କ୍ଷେତ୍ରାଞ୍ଚଳରେ ଏହାକୁ କଡ଼ାକଡ଼ି ଲାଗୁ କରାଇବେ। ହେଲେ ଗଣମାଧ୍ୟମ ଓ ବିଶେଷକରି ସୋସିଆଲ ମିଡିଆରେ ବିରୋଧ କରାଯାଇ ଚାପ ପଡ଼ିବା ପରେ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜିଲାପାଳ ଖସିବାର ବାଟ ନ ପାଇ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଥିଲେ। ଦ୍ୱିତୀୟ ଘଟଣାଟି ହେଲା ହାଓଡାରୁ କାମାଖ୍ୟାକୁ ଚାଲୁଥିବା ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଖାଦ୍ୟ ତାଲିକାରେ ଏବେ ଆମିଷକୁ ସାମିଲ କରାଯିବା ନେଇ ନିଷ୍ପତ୍ତି ନିଆଯିବା। ପ୍ରସଙ୍ଗର ଟିକେ ପଛକୁ ଗଲେ ବୁଝାପଡ଼େ ଯେ, ଜାନୁଆରୀ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ମାଲ୍‌ଦାରୁ ହାଓଡା-ଗୁଆହାଟୀ (କାମାଖ୍ୟା) ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ନିରାମିଷ ଖାଦ୍ୟ କେବଳ ପରଷା ଯିବ ବୋଲି ବ୍ୟବସ୍ଥା ଥିଲା। ହେଲେ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ବଙ୍ଗାଳୀ ଲୋକଙ୍କ ଖାଦ୍ୟାଭ୍ୟାସ ଉପରେ ଜାଣିଶୁଣି ଆକ୍ରମଣ କରାଯାଉଛି ବୋଲି ଜୋର ପ୍ରତିବାଦ ମଧ୍ୟ ହେଲା। ଶେଷରେ ଅନନ୍ୟୋପାୟ ହୋଇ ରେଳ ମନ୍ତ୍ରଣାଳୟ ତା'ର ନିଷ୍ପତ୍ତିକୁ ବଦଳାଇଥିବା ଜଣାପଡ଼ିଛି। ଅର୍ଥାତ୍ ଏଣିକି ଏହି ଟ୍ରେନ୍ ଯାତ୍ରୀଙ୍କ ପାଇଁ ଖାଦ୍ୟ ତାଲିକାରେ ଆମିଷ ରହିବ ବୋଲି କୁହାଯାଉଛି। ଏଥିରୁ ଜଣାପଡୁଛି, ଏବକାର କେନ୍ଦ୍ର ସରକାର ନାଗରିକଙ୍କ ଦୈନନ୍ଦିନ ଜୀବନଶୈଳୀକୁ ବଦଳାଇବାର ଉଦ୍ୟମ କରିଚାଲୁଛନ୍ତି। ସ୍ୱୀକାର କରିବାକୁ ହେବ ଯେ, ହିନ୍ଦୀଭାଷୀ ଅଞ୍ଚଳଗୁଡ଼ିକରେ ଯଥା ଉତ୍ତରପ୍ରଦେଶ, ବିହାର, ହରିୟାଣା, ରାଜସ୍ଥାନ ଏପରିକି ଗୁଜରାଟ ଓ ମହାରାଷ୍ଟ୍ରରେ ସରକାର ମୁଣ୍ଡ ପୂରାଉଛନ୍ତି ଏବଂ ସେହିସବୁ ରାଜ୍ୟରେ ସଫଳତା ମଧ୍ୟ ପାଇପାରୁଛନ୍ତି। ତେବେ ଗୋଆ, ଉତ୍ତର-ପୂର୍ବାଞ୍ଚଳର ଅନେକ ରାଜ୍ୟରେ ଭାଜପା ମାତାସୀନ ଥାଇ ମଧ୍ୟ ଖୋଲାରେ ଗୋମାଂସ ବିକ୍ରିକୁ ବନ୍ଦ କରିବାର ସତ୍‌ସାହସ କରିପାରିନାହିଁ। ସେହିଭଳି ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ସାଧାରଣ ଜୀବନଶୈଳୀରେ ଆଙ୍ଗୁଠି ଗେଞ୍ଜିବାର ଉଦ୍ୟମ ଏପର୍ଯ୍ୟନ୍ତ ସଫଳତା ପାଇପାରିନାହିଁ। ଦେଖିବାକୁ ଗଲେ ନିରାମିଷ ଖାଉଥିବା ବ୍ୟକ୍ତି ସାତ୍ତ୍ୱିକ ଜୀବନଯାପନ କରିବାର ସମ୍ଭାବନା ଅଧିକ। କିନ୍ତୁ ମଣିଷ ଜାତି ମାଂସାଶୀ। ମଣିଷ ଦ୍ୱାରା ଚାଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କେବଳ ଫଳମୂଳ ଓ ମାଛମାଂସ ଖାଇ ମଣିଷଜାତି ବଞ୍ଚୁଥିଲା। ଚାଷ ପଦ୍ଧତି ଶିଖିବା ପାଇଁ ଅନେକ ହଜାର ବର୍ଷ ବିତିଯାଇଥିଲା। ଗୋଟେ ପଟେ ଆମିଷ ଖାଇବାକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଅନ୍ୟପଟେ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ୱାଧୀନତା ବଳରେ ଖାଇବା, ପିଇବା, ପୋଷାକ ପିନ୍ଧିବା, ଗମନାଗମନ ସହିତ ପାରିବାରିକ ଜୀବନଶୈଳୀରେ ସରକାରଙ୍କର କୌଣସି ପ୍ରକାରର କଟକଣା ବା ନିୟମାବଳୀ କେବେ ହେଲେ ଗ୍ରହଣୀୟ ହୋଇପାରିବ ନାହିଁ। ଏହାର ମୂଳ କାରଣ ହେଲା ଭାରତ ଏକ ବିଭାଜ ଦେଶ। ୧୯୪୭ ପୂର୍ବରୁ ଏହା ଗୋଟିଏ ଦେଶ ନ ଥିଲା। ରାଜରାଜୁଡ଼ା ଓ ବିଦେଶୀ ଶାସନ ପରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଦେଶର ପ୍ରଶାସନ ଯଦି ଚାଲୁଥାଏ, ତେବେ ପ୍ରଥମ ବିଷୟଟି ହେଉଛି ଏହା ଗୋଟିଏ ଦେଶ, ଗୋଟିଏ ଭାଷା, ଗୋଟିଏ ଜାତି, ଗୋଟିଏ ଧର୍ମ, ଗୋଟେ ପ୍ରକାର ଖାଦ୍ୟକୁ ସ୍ୱୀକାର କରେ ନାହିଁ। ତେଣୁ ଏଭଳି କୌଣସି ଜଣେ ବ୍ୟକ୍ତି ବା ଦଳ ନାହିଁ, ଯିଏ ସମଗ୍ର ଦେଶକୁ ଗୋଟିଏ ଢାଞ୍ଚାରେ ଚଳାଇପାରିବ। ସେଭଳି ଉଦ୍ୟମ ଯଦି କୌଣସି ନେତା ବା ରାଜନୈତିକ ଦଳ କରନ୍ତି, ତାହା ହେଲେ ତାଙ୍କ ବିନାଶ ସୁନିଶ୍ଚିତ।

> ରାଜରାଜୁଡ଼ା ଓ ବିଦେଶୀ ଶାସନ ପରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଦେଶର ପ୍ରଶାସନ ଯଦି ଚାଲୁଥାଏ, ତେବେ ପ୍ରଥମ ବିଷୟଟି ହେଉଛି ଏହା ଗୋଟିଏ ଦେଶ, ଗୋଟିଏ ଭାଷା, ଗୋଟିଏ ଜାତି, ଗୋଟିଏ ଧର୍ମ, ଗୋଟେ ପ୍ରକାର ଖାଦ୍ୟକୁ ସ୍ୱୀକାର କରେ ନାହିଁ। ତେଣୁ ଏଭଳି କୌଣସି ଜଣେ ବ୍ୟକ୍ତି ବା ଦଳ ନାହିଁ, ଯିଏ ସମଗ୍ର ଦେଶକୁ ଗୋଟିଏ ଢାଞ୍ଚାରେ ଚଳାଇପାରିବା ସେଭଳି ଉଦ୍ୟମ ଯଦି କୌଣସି ନେତା ବା ରାଜନୈତିକ ଦଳ କରନ୍ତି, ତାହା ହେଲେ ତାଙ୍କ ବିନାଶ ସୁନିଶ୍ଚିତ।



ଅକ୍ଷୟ କୁମାର ମିଶ୍ର

# ଗଣତନ୍ତ୍ରରେ ବ୍ୟକ୍ତିତନ୍ତ୍ର

ଗଣତନ୍ତ୍ରରେ ବ୍ୟକ୍ତିର ନିଜସ୍ୱ ମତ ଉପସ୍ଥାପନ କରିବାର ସୁଯୋଗ ଥାଏ କିନ୍ତୁ ସଂଖ୍ୟାଗରିଷ୍ଠ ମତକୁ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିଥାଏ। ସ୍ୱେଚ୍ଛାଚାରିତାର ସ୍ଥାନ ନାହିଁ କି ବ୍ୟକ୍ତିବାଦିତାକୁ ପ୍ରଶ୍ରୟ ଦିଆଯାଏ ନାହିଁ ଗଣତନ୍ତ୍ରରେ। ଲୋକଙ୍କ ମଧ୍ୟରେ ନ୍ୟାୟିକ ସମତା ସୃଷ୍ଟି, ସମସ୍ତଙ୍କୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଧିକାର ପ୍ରଦାନ ତଥା ମାନବିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ମୌଳିକ ଲକ୍ଷ୍ୟ। ଏହାକୁ ଆଇନର ଶାସନ ବୋଲି ମଧ୍ୟ କୁହାଯାଏ। ସଂଖ୍ୟାଲଘୁମାନଙ୍କର ସୁରକ୍ଷା ତଥା ସେମାନଙ୍କର ସ୍ୱାର୍ଥ ରକ୍ଷା ନିମନ୍ତେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନ୍ୟାୟପାଳିକାର ପ୍ରମୁଖ ଭୂମିକା ଥାଏ। ଏହି ବ୍ୟବସ୍ଥାର ଜନକ ହେଉଛନ୍ତି ଏଥେନ୍ସର ଦାର୍ଶନିକ କ୍ଲେଇସଥେନିସ। ଆଜି ସମସ୍ତ ଦେଶକୁ ପଛକୁ ପକାଇ ଭାରତବର୍ଷ ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ରୂପରେ ବିଶ୍ୱରେ ଦଣ୍ଡାୟମାନ ହୋଇଛି। କିନ୍ତୁ ଭୋଳ ଭିତରେ ମୂଷା ସଦୃଶ ସମ୍ପ୍ରତି ଭାରତୀୟ ଗଣତନ୍ତ୍ରରେ କିଛି କିଛି ବ୍ୟତିକ୍ରମ ପରିଲକ୍ଷିତ ହେବା ସହିତ ବିଚ୍ୟୁତି ଦୃଷ୍ଟିଗୋଚର ହେଉଛି। ପ୍ରଥମତଃ ଗଣତନ୍ତ୍ର ହେଉଛି ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା। ଏହି ପ୍ରତିନିଧିଙ୍କୁ ଭୋଟ ମାଧ୍ୟମରେ ସାଧାରଣ ଜନତା ଚୟନ କରିଥାନ୍ତି। କିନ୍ତୁ ଯାହା ଦେଖାଯାଉଛି ନିରପେକ୍ଷତା ଓ ନିର୍ଭୀକତା ଆମ ଦେଶରେ ସଙ୍ଗଠିତ ହେଉଥିବା ନିର୍ବାଚନରେ ଲୁପ୍ତ ପ୍ରାୟ। ଅର୍ଥ, ବାହୁବଳ, ଜାତି ଓ ଧର୍ମ, ଜାତୀୟ ଅପବ୍ୟବହାର, ପ୍ରତିଶ୍ରୁତିର ପ୍ରାବଲ୍ୟ ଓ ପ୍ରଲୋଭନ ନିର୍ବାଚନରେ ନିରପେକ୍ଷତାକୁ କେବଳ ହତ୍ୟା କରିନାହିଁ ଜନତାଙ୍କୁ ମଧ୍ୟ ଆତଙ୍କିତ କରୁଛି। ଏବେ ସରକାରରେ ଥାଇ ଆଉ ଏକ ନୂତନ କୌଶଳ ଆପଣାଉଛନ୍ତି ସରକାରୀ ରାଜନୈତିକ ଦଳମାନେ। ନିର୍ବାଚନ ଘୋଷଣାର ଅବ୍ୟବହିତ ପୂର୍ବରୁ ଏକ ଅର୍ଥ ପ୍ରଦାନକାରୀ ଯୋଜନା ପ୍ରଣୟନ ହେଉଛି ଏବଂ ନିର୍ବାଚନ ଆରମ୍ଭ ହୋଇଗଲେ ହିତାଧିକାରୀଙ୍କ ଜମାଖାତାକୁ ଅର୍ଥ ଦିଆଯାଉଛି। ଏହା ଏକ ଆଇନ ସଙ୍ଗତ ଲାଞ୍ଚ ବୋଲି କୁହାଯାଇ ପାରେ ଯାହା ମତଦାତାଙ୍କୁ ପ୍ରଭାବିତ କରୁଛି। ଯୋଗ୍ୟ ପ୍ରତିନିଧି ଚୟନ ସମ୍ଭବ ହେଉ ନାହିଁ। ଅପରପକ୍ଷରେ ନିର୍ବାଚନ ଆୟୋଗଙ୍କ ନୀରବତା ଏବଂ ପରୋକ୍ଷ ସମର୍ଥନ ଗଣତନ୍ତ୍ରକୁ ଠିକ୍ ଦିଶା ଦେବାରେ ବ୍ୟର୍ଥ ହେଉଛି। ଅବଶ୍ୟ ସମ୍ପ୍ରତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ନିର୍ବାଚନୀ ଇସ୍ତାହାର ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଟିପ୍ପଣୀ ଦେଇ ଏହାକୁ 'ଅଭ୍ୟାସଗତ ଦୁର୍ନୀତି' ବୋଲି କହିବା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ମାତ୍ର ବିପ୍ଳବୀ, ଭର୍ତ୍ସନା, ତିରସ୍କାର ଏସବୁ ଏମାନଙ୍କ ପାଇଁ ଦେହସୁହା।

ଦ୍ୱିତୀୟରେ ଆମ ଦେଶରେ ଗଣତନ୍ତ୍ରର ସ୍ଥାୟିତ୍ୱ ଓ ସମୃଦ୍ଧି ଆମ ଦେଶରେ ଥିବା ରାଜନୈତିକ ଦଳଗୁଡ଼ିକର କାର୍ଯ୍ୟଶୈଳୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଅଳ୍ପ କେତୋଟି ରାଜନୈତିକ ଦଳକୁ ଛାଡ଼ିଦେଲେ ସମସ୍ତ ରାଜନୈତିକ ଦଳ ବିଶେଷକରି ଯେଉଁମାନେ



ପ୍ରଭାବଶାଳୀ ସେମାନଙ୍କଠାରେ ବ୍ୟକ୍ତି କୈନ୍ଦ୍ରିକତା ଅତ୍ୟଧିକ ବୃଦ୍ଧି ପାଉଛି। ଏହା ପ୍ରତ୍ୟକ୍ଷ ପ୍ରଭାବ ସରକାରଙ୍କ ଉପରେ ପଡ଼ୁଛି। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ସରକାରର ନାମକରଣ। ରାଜତନ୍ତ୍ରରେ ଯେମିତି ରାଜାଙ୍କ ନାମରେ ଶାସନ ଚାଲୁଥିଲା ଠିକ୍ ସେମିତି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନାମରେ ସରକାରର ନାଁ ଦିଆଯାଉଛି। ପ୍ରଥମେ ଆମେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବୋଲି କହୁଥିଲୁ। ଏହା ବଦଳିଯାଇ ଦଳ ନାମରେ ସରକାର ନାମିତ ହେଲେ। କେନ୍ଦ୍ର ସରକାର ବା ରାଜ୍ୟ ସରକାର କହିବା ପରିବର୍ତ୍ତେ ଯେତେବେଳେ ଯେଉଁ ଦଳ ବା ମେଣ୍ଟ ସରକାର ଗଢ଼ିଲା ସେହି ଦଳ ବା ମେଣ୍ଟର ନାମାନୁସାରେ ସରକାରର ନାମ ଦିଆଗଲା। ଯଥା- କଂଗ୍ରେସ ସରକାର, ଭାଜପା ସରକାର, ଏନ୍‌ଡିଏ ସରକାର, ଉପା ସରକାର, ବାମଫ୍ରଣ୍ଟ ସରକାର ଇତ୍ୟାଦି। ସେଇଠୁ ଗଣତନ୍ତ୍ରରେ ଦଳତନ୍ତ୍ରର ପ୍ରଭାବ ବଢ଼ିବାକୁ ଲାଗିଲା। ଦେଶ ଓ ରାଜ୍ୟର ନାମ ଲୁଚିଯାଇ ଦଳର ନାମ ସମ୍ମୁଖ ଭାଗକୁ ଆସିଲା। ଏବେ ଦଳର ନାମ ମଧ୍ୟ ଲୁଚିବାକୁ ବସିଲାଣି। ବ୍ୟକ୍ତିର ନାମକୁ ନେଇ ସରକାରର ନାମ ଦିଆଯାଉଛି, ଯେପରିକି ମୋଦି ସରକାର, ଯୋଗୀ ସରକାର, ମମତା ସରକାର ଇତ୍ୟାଦି।

ଏଭଳି ସ୍ଥିତି ଯେତେବେଳେ ଉପୁଜେ ସେତେବେଳେ ଗଣତାନ୍ତ୍ରିକ ପରିଚାଳନା ସମ୍ପୂର୍ଣ୍ଣ ଧ୍ୱଂସ ପାଏ, ଦଳ ନିକଟରେ, ସରକାର କ୍ଷେତ୍ରରେ। ପ୍ରଥମେ ଏହା ଆରମ୍ଭ ହୋଇଥିଲା ଇନ୍ଦିରା ଗାନ୍ଧୀଙ୍କ ସମୟରେ। ସେ ତାଙ୍କର ସମସ୍ତ ଇଚ୍ଛାକୁ ଅନ୍ୟମାନଙ୍କ ଉପରେ ଲଦିଦେବାକୁ ପ୍ରୟାସ କରୁଥିଲେ। ଯେଉଁମାନେ ତାଙ୍କ ମତରେ ସମ୍ମତି ପ୍ରକାଶ କରୁ ନ ଥିଲେ କିମ୍ବା ପ୍ରତିବାଦ କରୁଥିଲେ ସେମାନଙ୍କୁ ସେ ତାଙ୍କର ଶତ୍ରୁ ବୋଲି ବିଚାର କରୁଥିଲେ। ଏହାର ଅନ୍ତିମ ପରିଣତି ଥିଲା ଜରୁରିକାଳୀନ ପରିସ୍ଥିତି। ସ୍ୱେଚ୍ଛାଚାରିତାର ଏହା ଏକ ନଗ୍ନ ଉଦାହରଣ। ଲୋକେ ଜାଣିଥିଲେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ମୁଖ୍ୟମନ୍ତ୍ରୀ, ସେ ଗୃହର ନେତା। କିନ୍ତୁ ସେ ସର୍ବେସର୍ବା ନୁହନ୍ତି। ଶାସନର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗକୁ ଲକ୍ଷ୍ୟ କରି ତ୍ରିସ୍ତରୀୟ ମନ୍ତ୍ରିମଣ୍ଡଳ ଗଠନ ହୋଇଥାଏ। ସେମାନଙ୍କ ମଧ୍ୟରୁ କେତେଜଣ ପୂର୍ଣ୍ଣ ମନ୍ତ୍ରୀ, କେତେଜଣ ରାଷ୍ଟ୍ର ଓ କେତେଜଣ ଉପମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରନ୍ତି। ଏମାନେ ନିଜ ନିଜ ବିଭାଗର ଦାୟିତ୍ୱ ସମ୍ଭାଳିବା ସହିତ ଲୋକଙ୍କର ହିତ ପାଇଁ କାମ କରନ୍ତି, ନିଷ୍ପତ୍ତି ନିଅନ୍ତି। କିନ୍ତୁ ଏବେ ଅନେକ ଅଭିଯୋଗ ଶୁଣିବାକୁ ମିଳେ। ଯଥା- ମନ୍ତ୍ରୀମାନେ ସ୍ୱାଧୀନ ଭାବେ କାମ କରିପାରୁ ନାହାନ୍ତି, ସେମାନଙ୍କ ମତ ନିଆଯାଉ ନାହିଁ ଇତ୍ୟାଦି। ଆମ ରାଜ୍ୟରେ ୨୪ ବର୍ଷର ବିଜେଡି ଶାସନ କାଳକୁ ଆମେ ସମସ୍ତେ ଦେଖିଛନ୍ତି। ଏପରି କି ଶୁଣିବାକୁ ମିଳୁଥିଲା ମନ୍ତ୍ରିମଣ୍ଡଳ ବୈଠକରେ ମଧ୍ୟ ସବୁକଥା ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଉଥିଲା। କେବଳ ଆମ ରାଜ୍ୟରେ ନୁହେଁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଯଦି ଦେଖିବା, ସେଠାରେ ମଧ୍ୟ ଏକ ନାୟକତ୍ୱର ପ୍ରଭାବ ପରିଦୃଷ୍ଟ ହୁଏ। ଅଧିକାଂଶ ରାଜ୍ୟରେ ସମାନ କଥା। ଦେଶରେ ଯେତେ ଆଞ୍ଚଳିକ ରାଜନୈତିକ ଦଳ ଅଛି ସବୁଥିରେ ଜଣେ ବ୍ୟକ୍ତିର ନିଷ୍ପତ୍ତି ଶିରୋଧାର୍ଯ୍ୟ। ଜାତୀୟ ଦଳ ଭାବରେ କଂଗ୍ରେସ ଓ ଭାଜପା ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି। କଂଗ୍ରେସରେ ଗୋଟିଏ ପରିବାରର ନିଷ୍ପତ୍ତି ଅନ୍ତିମ ନିଷ୍ପତ୍ତି ଭାବରେ ଗ୍ରହଣ ହେଉଥିବା ବେଳେ ଭାଜପାରେ ବ୍ୟକ୍ତିକୈନ୍ଦ୍ରିକ ପ୍ରଭାବ ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି ଭଳି ସମସ୍ତେ ଦେଖୁଛନ୍ତି। ଗଣତନ୍ତ୍ରର ମୁଖା ଭିତରେ ବ୍ୟକ୍ତିତନ୍ତ୍ରର ପ୍ରାଦୁର୍ଭାବ। 'ବାଃ ବାଃରେ କେମିତି ମଜା, ଭାଲୁ ନାଚକରେ ବଜାଇ ବାଜା' ଭଳି ଆମେ ସବୁ ନିର୍ବୋଧ ପ୍ରାଣୀ ପାଲଟିଯାଇ କେବଳ ଗଣତନ୍ତ୍ରର ଲୋକଙ୍କୁ ପୂରା ଦମ୍‌ରେ ବେସୁରା ବଜାଇ ଚାଲିଛୁ।

ଏହି ବ୍ୟକ୍ତିବାଦ ଏମିତି ସ୍ତରକୁ ଯାଉଛି ଯେ, ଅନ୍ୟର ସ୍ୱର ମତବାଦ ଏହା ନିକଟରେ ଅବାର, ଅଦରକାରୀ, ମୂଲ୍ୟହୀନ ପାଲଟି ଗଲାଣି। 'ମୁଁ ଯାହା କହୁଛି ଠିକ୍, ମୁଁ ଯାହା କରୁଛି ଠିକ୍। ମୋର ଭୁଲ୍ ନାହିଁ, ଭୁଲ୍ ହୋଇ ପାରେନା।' ଏଭଳି ଏକ ଅବବୋଧ ସୃଷ୍ଟି କରାଯାଉଛି। ଯଦ୍ୱାରା ଗଣତନ୍ତ୍ରର ଉଦେଶ୍ୟ, ବୈଶିଷ୍ଟ୍ୟ ଓ ଆଭିମୁଖ୍ୟ ବଦଳି ଯାଉଛି। ଲୋକ ମତ, ଭିନ୍ନ ମତ, ବିରୋଧୀ ଦଳର ମତକୁ ଗୁରୁତ୍ୱ ଦିଆଯାଉ ନାହିଁ। ଲୋକ ସଭା, ରାଜ୍ୟ ସଭା, ବିଧାନସଭାରେ ଯେମିତି ବିଚାରବିମର୍ଶ, ଆଲୋଚନା, ପର୍ଯ୍ୟାଲୋଚନା ହେବା କଥା ତାହା ହେଉ ନାହିଁ। ଅପ୍ରସଙ୍ଗ ଉପରେ ଅଧିକ ଆଲୋଚନା ହେଉଛି। ରାଜନୈତିକ ଫାଇଦା ତଥା ଦଳୀୟ ଲାଭ ହାସଲ କରିବା ଉଦେଶ୍ୟ ରହୁଛି। ଗୋଟିଏ ନୂତନ ପ୍ରସ୍ତାବ ଯେଉଁସବୁ ସୋପାନ ଦେଇ ଗଲା ପରେ ଆଇନରେ ପରିଣତ ହେବ ବିଧେୟ ତାହା ହେଉ ନାହିଁ। ସଂଖ୍ୟାଗରିଷ୍ଠତା ଗୋଳରେ ତିନି ଗୁଣରେ ଛେଳି କୁକୁର ଭଳି ଅଧାଦେଶ ବଳରେ ନିଷ୍ପତ୍ତି ନିଆଯାଉଛି। ମାତ୍ର ଲୋକତନ୍ତ୍ର ମଜଭୁତ ଶିଳାଟା ସବଳ ନ ହୋଇ କ୍ରମଶଃ ଦୁର୍ବଳ ହେଉଛି। ଗଣତନ୍ତ୍ର ଧ୍ୱଜାଧାରୀ ତଥାକଥିତ ରାଜନେତାଙ୍କ ଆଚାର, ବିଚାର, ବ୍ୟବହାର ଓ କାର୍ଯ୍ୟଶୈଳୀକୁ ଦେଖିଲେ ମନେ ହେଉଛି ଏମାନେ ରାଜାମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଫଳରେ ଲୋକତନ୍ତ୍ର ବ୍ୟକ୍ତିତନ୍ତ୍ରର ପଶାପାଳିରେ ଏକ ଅସହାୟ ଗୋଟିରେ ପରିଣତ ହେବାକୁ ବସିଲାଣି।

ସଭାପତି, ଓଷ୍ଟା
ମୋ: ୭୦୦୮୦୭୩୫୯୯



ରାଧାଶ୍ୟାମ ରାଉଳ

# ତଦନ୍ତର ରିଆଲିଟି ଶୋ

ପ୍ରାତଃ ଭ୍ରମଣ ପାଇଁ ମୁଁ ମୋ ଘର ପାଖ ଏକ ପାର୍କକୁ ପ୍ରତିଦିନ ଯାଏ। ପାର୍କରେ ଡ୍ୟୁଟି କରୁଥିବା ଜଣେ ସିକ୍ୟୁରିଟି ଗାର୍ଡ ଦିନେ ମୋ ନିକଟକୁ ଆସି ମୋତେ କହିଲା, "ସାର, ଆପଣ ତ ପ୍ରାୟ ପ୍ରତିଦିନ ଏଠାକୁ ଆସୁଛନ୍ତି ପ୍ରାତଃ ଭ୍ରମଣ ପାଇଁ। ପାଖାପାଖି ବର୍ଷେରୁ ଅଧିକ ଦିନ ଆପଣ ମୋତେ ଦେଖିଆସୁଛନ୍ତି,ମୁଁ ଆପଣଙ୍କ ସମୟରେ ଏଠାରେ ଡ୍ୟୁଟି କରେ। ତେବେ ଆପଣ ଜାଣିବାରେ ଆଜ୍ଞା,ମୁଁ କ'ଣ ପାର୍କକୁ ଆସୁଥିବା କେହି ସାର୍ କି ମାଡାମଙ୍କ ପ୍ରତି କେବେ କିଛି ଖରାପ ବ୍ୟବହାର କରିଛି କି?"

ତା' ମୁହଁରୁ ଏଭଳି କଥା ଶୁଣି ମୁଁ ଭାବିଲି, ବୋଧହୁଏ ତା'ପ୍ରତି କୌଣସି ଅପ୍ରୀତିକର ଅଭିଯୋଗ ଆସିଛି କିମ୍ବା କେହି ତା' ବିରୋଧରେ କିଛି ନା କିଛି ଅଭିଯୋଗ ଆଣିଛନ୍ତି ଯା'ର ମନ୍ଦ ପ୍ରଭାବରେ ସେ ମ୍ରିୟମାଣ ହୋଇ ମୋତେ ଏ ପ୍ରଶ୍ନ ପଚାରୁଛି। ମୁଁ ତା' ଭାବାବେଗକୁ ଭଲଭାବେ ବୁଝି କହିଲି, "କ'ଣ ହେଲା କି? ମୋ ଜାଣିବାରେ, ଯେତିକି ସମୟ ମୁଁ ଏ ପାର୍କ ଭିତରେ ବିତାଏ, ତୁମେ ତ କାହା ସହ ଖରାପ ବ୍ୟବହାର କରିନାହଁ ବରଂ ତୁମର କଥାବାର୍ତ୍ତା ଓ ବ୍ୟବହାର ମୋତେ ଇମ୍ପ୍ରେସ କରେ।" ସେ ଛେପ ଢୋକିକି ଭିତରେ ଦମ୍ ପକାଇ ମୋତେ କହିଲା, "ସାର୍, ମୁଁ ଜୁଆଡ଼େ ସିନିୟର ସିକିଜେନଙ୍କ ସହ ଖରାପ ବ୍ୟବହାର କରୁଛି ବୋଲି ମୋ ବିରୋଧରେ ଅଭିଯୋଗ ଆସିଛି! ଏ ନେଇ ଆମ ସଂସ୍ଥାର ଏଠିକାର ସୁପରଭାଇଜର ସାର୍ ମୋତେ ତେବେରେ ଦେଇ କହିଛନ୍ତି, "ଦେଖ ବେଟା, ଜ୍ୟାଦା ଓଭରସ୍ମାର୍ଟ ଦେଖାଉଛୁ ନାଇଁ? ସିକ୍ୟୁରିଟି ଗାର୍ଡ ସାଥୀକ କହିଥିବା ଅନ୍ୟ କେଉଁ ଦୂର ଜାଗାକୁ ଟ୍ରାନ୍ସଫର କରିଦେବି !"

ଆଜ୍ଞା,ମୋତେ ଯଦି ସୁପରଭାଇଜର ସାର୍ ଦୂର ଜାଗାକୁ ଟ୍ରାନ୍ସଫର କରିଦେବେ, ତେବେ ମୁଁ ବହୁତ ହଇରାଣ ହୋଇଯିବି!" ତା' ଚିନ୍ତା, ଉଦ୍‌ବେଗ,ଆଶଙ୍କାର ଭାବକୁ ହୃଦ୍‌ବୋଧ କରି ମୁଁ ତାକୁ କହିଲି, "ଦେଖ, ମୋତେ ଯାହା ଲାଗୁଛି, ଅସଲ କଥା ହେଲା,ତୁମ ସୁପରଭାଇଜର ବାବୁଙ୍କର ଇଏ ହୁଏତ ଏକ ମନଗଢ଼ା କାହାଣୀ! ସେ ହୁଏତ ତୋଟେ ମନଗଢ଼ା ଥାଇପାରନ୍ତି। ତୁମ ବିରୋଧରେ ଏମିତି ମିଥ୍ୟା ଅଭିଯୋଗ ସୃଷ୍ଟିକରି ତୁମକୁ ହଟେଇ ତୁମ ଜାଗାରେ ସେ ତାଙ୍କର କେହି ନିଜ ଲୋକଙ୍କୁ ରଖିବାର ମସୁଧାରେ ହୁଏତ ଆଗକୁ ବଢୁଥିବେ ! ତେଣୁ ଏ ଘଟଣା ଉପରେ ତୁମକୁ ମୋର ସୁଚିନ୍ତିତ ପରାମର୍ଶ ହେଉଛି, ତୁମେ ଆବେଗ ପ୍ରତିକ୍ରିୟାଶୀଳ ନ ହୋଇ ତାଙ୍କୁ ନମ୍ରଭାବରେ କହିବ,"ଦେଖନ୍ତୁ ସାର୍, ମୁଁ କୌଣସି ସିନିୟର ସିଟିଜେନଙ୍କ ପ୍ରତି ଖରାପ ବ୍ୟବହାର ଦେଖାଇନାହିଁ। ମୁଁ ସେମାନଙ୍କୁ ସମ୍ମାନ ଜଣାଇ ପ୍ରତିଦିନ ନମସ୍କାର କରେ। ଆପଣଙ୍କ ସଦୟ ଗୋଚରାର୍ଥେ ପାର୍କକୁ ଆସୁଥିବା ସାର୍ ଓ ମାଡାମମାନଙ୍କର ଦସ୍ତଖତ ଓ ମୋବାଇଲ ନମ୍ବର ସମ୍ବଳିତ ଏକ୍ ଲେଖା ମୁଁ ଆପଣଙ୍କୁ ଅବଶ୍ୟ ପ୍ରଦାନ କରିବି। ଆପଣ ସିଧାସଳଖ ସେମାନଙ୍କ ସହ କଥାବାର୍ତ୍ତା ହୋଇ ସତ କ'ଣ, ମିଛ କ'ଣ, ତାହା ଅବଶ୍ୟ ଜାଣିପାରିବେ !"ମୋର ଏମନ୍ତ ପରାମର୍ଶ ଶ୍ରବଣାନ୍ତେ ତା' ଭିତରେ ସମ୍ଭବତଃ ଆତ୍ମବିଶ୍ୱାସ ଆସିଗଲା!



ଅତ୍ୟନ୍ତ ଉଲ୍ଲସିତ ଓ ଅନୁପ୍ରେରିତ ହୋଇ ସେ ମୋତେ କହିଲା,"ଧନ୍ୟବାଦ ସାର୍ ! ଏଣିକି ମୋତେ ଆପଣଙ୍କ କଥାନୁସାରେ କାମ କରିବାକୁ ହେବ।"

ପାଠକେ,ଏ ସିକ୍ୟୁରିଟି ଗାର୍ଡ ସାମ୍ନାକରିଥିବା ଆହ୍ୱାନରୁ ଏ କଥା ସ୍ପଷ୍ଟ ଯେ, କୌଣସି କାରଣ ନ ଥାଇ ଅନେକ କ୍ଷେତ୍ରରେ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗ ଆଣିବା ଏକ ପ୍ରକାର ସଉକ ହୋଇଗଲାଣି। ନିଜ ନିଜର ସ୍ୱାର୍ଥସାଧନ, ପରିଚୟ,ପ୍ରତିଷ୍ଠା ପାଇଁ ଆମେ ଏତେ ମାତ୍ରାରେ ବ୍ୟଗ୍ରାତୁର ଯେ, ପାନରୁ ଚିକେ ଚୂନ ଖସିଗଲେ ଅର୍ଥାତ୍ ସ୍ୱାର୍ଥାଧନରେ କଞ୍ଚିତ ଆଞ୍ଚ ଆସିଲେ ଆମେ ପ୍ରତିପକ୍ଷକୁ ପାନେ ଦେବା ପାଇଁ ତାଙ୍କ ବିରୋଧରେ ଅଭିଯୋଗ ଯୋଡିଦେଉଛୁ। ତାହା ଅବଶ୍ୟ ହୋଇପାରେ, କେଉଁଠି ନା କେଉଁଠି ଅଭିଯୋଗର ସୁଦୃଢ଼ ଭିତ୍ତି ଓ ପ୍ରମାଣ ଥାଇପାରେ। ଅଭିଯୁକ୍ତ ଆଇନ ହାତରୁ କଦାପି ଖସିଯାଇ ନ ପାରେ! କିନ୍ତୁ ଏବେ ଯେଉଁ ହାରରେ ରାଜନୀତିର ଖେଳ ଚାଲିଛି, ଖୁଲାମଖୁଲା ଦୁର୍ନୀତି ଓ ଭ୍ରଷ୍ଟାଚାର ହେଉଛି, କ୍ଷମତାର ଅପବ୍ୟବହାର ହେଉଛି, ବିଧିବ୍ୟବସ୍ଥା, ଆଇନକାନୁନର ଉଲ୍ଲଂଘନ ହେଉଛି, 'ମାର୍ ମାର୍ ଭଣ୍ଡାରିଆକୁ ମାର' ନୀତିରେ ଅନ୍ୟାୟ ଅବିଚାରକୁ ନ୍ୟାୟ ଓ ବିଚାର ସାବ୍ୟସ୍ତ କରାଯାଉଛି, ଶୃଙ୍ଖଳା, ଆଦର୍ଶ, ମୂଲ୍ୟବୋଧ, କର୍ମସଂସ୍କୃତି ଓ ସମୟାନୁବର୍ତ୍ତିତାର ଅବଜ୍ଞା ହେଉଛି; ସେସବୁ କ୍ଷେତ୍ରରେ ତୁଚ୍ଛାରେ କି ମିଛରେ ଅନ୍ୟ ବିରୋଧରେ ଅଭିଯୋଗ ଆଣିବା ଅତି ସହଜ ଓ ସ୍ୱାଭାବିକ କଥା ନୁହେଁ କି?

ଆଜ୍ଞା,ପାଣି ଅନ୍ଧ,ନିଆଁ ଅନ୍ଧ,ପ୍ରେମ ଅନ୍ଧ, ରାଜା ଅନ୍ଧ ସୂତ୍ର ପରି ଏବେର ଶାସକ, ପ୍ରଶାସକ ବି ଅନ୍ଧ! ଆପୁଆଇଥିବା ଅଭିଯୋଗର ଆଧାର ଓ ସତ୍ୟାସତ୍ୟ ଜାଣିବା ପୂର୍ବରୁ ଆତ୍ମବାୟା ପ୍ରକୃତିର ବଶବର୍ତ୍ତୀ ହୋଇ ତଥାକଥିତ ସର୍ବୋଚ୍ଚ କ୍ଷମତାଧାରୀ କମାଣ୍ଡ ଦିଅନ୍ତି, ଇମିଡିଏଟ୍ ଆକ୍ସନ! ଅର୍ଥାତ୍ ତୁରନ୍ତ ପଦକ୍ଷେପ! ଅତଏବ, ରାଜନୀତିର ଚକ୍ରବ୍ୟୂହ ଓ କୂଟନୀତିର ପଶାପାଳିରେ ମିଥ୍ୟା ଅଭିଯୋଗ ସତ୍ୟ ସାବ୍ୟସ୍ତ ହେଉଛି। ଫଳେ, ସତ୍‌ନିଷ୍ଠ, ନିରୀହ, କର୍ମଠ ବ୍ୟକ୍ତି ମଧ୍ୟ ଦଣ୍ଡ ଭୋଗୁଛନ୍ତି! ଖାଲି ତତ୍ତ୍ୱରୁ ଜାଣିବା କଥା, ଯାହା କହୁଛି, ଆମ ଦେଶର ଆଇନସଂହିତା , ହଜାରେ ଦୋଷୀ ଖସିଯାଆନ୍ତୁ ହେଲେ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ। ହେଲେ ଏବେରେ ହେଉ କି ପୂର୍ବରେ ହେଉ, ଯେଉଁସବୁ ଘଟଣା ଦୁର୍ଘଟଣାର ରୂପ ନେଇଛି କିମ୍ବା ନେଉଛି, ସେସବୁର ସତ୍ୟାସତ୍ୟ ଜାଣିବା ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ତଦନ୍ତ, ବିଚାରବିଭାଗୀୟ ତଦନ୍ତ, ମନ୍ତ୍ରୀସ୍ତରୀୟ ତଦନ୍ତ, ସଚିବସ୍ତରୀୟ ତଦନ୍ତ, ଗୃହ କମିଟି ତଦନ୍ତ, କ୍ରାଇମବ୍ରାଞ୍ଚ ତଦନ୍ତ ଇତ୍ୟାଦି ତଦନ୍ତ ଚାଲିଛି। ହେଲେ,'ହସ୍ତାନ୍ତରେ ଲୁକ୍ରିଆ' ସମ ସବୁ ତଦନ୍ତ ପ୍ରାୟତଃ ଓ ବସ୍ତୁତଃ ହେଉଛି ବାଟବଣା ! ପର୍ବତର ମୂଷିକ ପ୍ରସବ ପ୍ରାୟ ପ୍ରତ୍ୟେକ ତଦନ୍ତର ଫଳାଫଳ ଶୂନ। ଶୀତଳଭଣ୍ଡାରରେ ତଦନ୍ତର ଫାଇଲ ନାଳିଫିତାରେ ବନ୍ଧାହୋଇ ରହିଯାଉଛି ସବୁଦିନ ପାଇଁ!

ଶେଷକୁ,ରିଆଲିଟି ଶୋ ! ମଞ୍ଚ ଉପରେ ଅଭିଯୁକ୍ତ, ଅପରାଧୀ ବିନ୍ୟାସରେ ଉଦଣ୍ଡନୃତ୍ୟ କରୁଥିବାବେଳେ ନିର୍ଦ୍ଦୋଷ, ନିରପରାଧମାନେ ଭୋଗିଚାଲିଛନ୍ତି ସେମିତି ସବୁଦିନ କଷଣ, ପେଷଣ, ଯାତନା, ଲାଞ୍ଛନା। ଏ ରିଆଲିଟି ଶୋ'ରେ ଯବନିକାପାତ ହେବା ନିହାତି ଆବଶ୍ୟକ। କ'ଣ ଆଜ୍ଞା, ମୁଁ କିଛି ଭୁଲ୍ କହିଲି କି!

ମର୍କତନଗର,କଟକ,
ମୋ:୯୪୩୭୦୦୯୦୯୫

## ଏଇ ଭାରତରେ

'ଖେଳଘର' କହିଲେ ଯେ କେହି ଖେଳାଯାଉଛି। କିନ୍ତୁ ବାସ୍ତବରେ ତାହା ନୁହେଁ,ଏହି 'ଖେଳଘର' ହେଉଛି ଏକ ଶିକ୍ଷା କେନ୍ଦ୍ର। ଏଠାରେ ଆର୍ଥିକ ତଥା ସାମାଜିକ ସ୍ତରରେ ଥିବା ଅନଗ୍ରସର ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି ପୁଣେର ଶୁଭଦା ଜୋଶୀ। ଶୁଭଦା ପେସାରେ ଜଣେ ଗ୍ରଫିତ ଏହାକୁ ସେ ୧୯୯୬ରେ ପୁଣେର କୋଥୁଡ ଅଞ୍ଚଳର ଲକ୍ଷ୍ମୀନଗରରେ ପ୍ରତିଷ୍ଠା କରିଥିଲେ। ଦୀର୍ଘ ୩୦ ବର୍ଷ ହେଲା ଖେଳଘର ଚାଲିଛି। ଖେଳଘରେ ଆରମ୍ଭରୁ କହି ପଢ଼ାଯାଏନି କି ଦଣ୍ଡ ଦିଆଯାଏନି, ବରଂ ନିର୍ଦ୍ଦିନେର ପିଲାଙ୍କ ଅନୁଭବରୁ ଶିକ୍ଷା ଆରମ୍ଭ ହୋଇଥାଏ। ପିଲାଙ୍କ ସହ ଆଲୋଚନା ହୁଏ ଓ ପରେ ସେମାନଙ୍କୁ ଶିକ୍ଷା ଦିଆଯାଇଥାଏ ତାହାକୁ ଦେଖାଯାଏ। ଫଳରେ ପିଲାମାନେ ଶିକ୍ଷକଙ୍କ କଥା ଶୁଣନ୍ତି, ଅନୁଧ୍ୟାନ କରନ୍ତି ଏବଂ ପ୍ରଶ୍ନ ପଚାରନ୍ତି। ସେମାନଙ୍କୁ ବାହାରରେ ଅଧିକ ସମୟ ଖେଳିବାକୁ ସୁଯୋଗ ଦିଆଯାଉଛି। ଏବେ ପ୍ରଥମରୁ ଦଶମ ଯାଏ ପାଖାପାଖି ୨୦୦ ପିଲା ପଢୁଛନ୍ତି। ୧୨ ଜଣ ଶିକ୍ଷକ ମଧ୍ୟ ଅଛନ୍ତି। ବଡ଼ କଥା ହେଉଛି କେବେ ବି ପିଲାଙ୍କୁ ପାଠରେ ଭେଦ କିମ୍ବା ଅନ୍ୟ କାର୍ଯ୍ୟରେ 'ଭଲ' କିମ୍ବା 'ଦୁର୍ବଳ'ଭାବେ ବର୍ଗୀକରଣ କରାଯାଏ ନାହିଁ। ୨୦୧୧ରୁ ୨୦୨୩ ମଧ୍ୟରେ ଏହା ଡ୍ରପ୍ସ କେୟାର୍ସ ଓ ପିଲାଙ୍କ ପରିବାର ତଥା ଅନ୍ୟ ବ୍ୟକ୍ତିଗତ ଉତ୍ସରୁ ଆର୍ଥିକ ଅନୁଦାନ ପାଇବା ପରେ ଏବେ 'ଖେଳଘର' ସ୍ୱାଧୀନଭାବେ ଚାଲିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜାନୁଆରୀ ୧୯୭୬

- ଜଗତପୁରଠାରେ ମମତା ପେପର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏକ ମିନି କାଗଜକଳର ଶିଳାନ୍ୟାସ।
- ରାଜ୍ୟରେ ପ୍ରଥମ କରି ୨ କୋଟି ଟଙ୍କା ମୂଳଧନରେ ଏକ ହସ୍ତତନ୍ତ ଶିଳ୍ପ ଉନ୍ନୟନ କର୍ପୋରେଶନ ଗଠନ କରାଯାଉଛି।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 8 | 9 | | | |
| 7 | | | | | | 9 | 1 | |
| | | | | 7 | 5 | 8 | | |
| 3 | 5 | 8 | | 9 | 1 | | | |
| 6 | | 1 | 2 | | 3 | | | |
| 2 | | | | | | | 9 | |
| | | 2 | | | 8 | 7 | | 4 |
| 9 | 3 | | | 6 | 7 | | | |
| | | 4 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 1 | 9 | 3 | 5 | 4 |
| 3 | 8 | 1 | 4 | 2 | 5 | 7 | 6 | 9 |
| 4 | 9 | 5 | 3 | 6 | 7 | 8 | 2 | 1 |
| 5 | 2 | 3 | 1 | 7 | 4 | 9 | 8 | 6 |
| 6 | 4 | 9 | 2 | 5 | 8 | 1 | 7 | 3 |
| 1 | 7 | 8 | 9 | 3 | 6 | 5 | 4 | 2 |
| 8 | 5 | 2 | 6 | 9 | 1 | 4 | 3 | 7 |
| 7 | 1 | 6 | 5 | 4 | 3 | 2 | 9 | 8 |
| 9 | 3 | 4 | 7 | 8 | 2 | 6 | 1 | 5 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରରେ ନିଶା ବିପଦ

ମହାଶୟ,

ପ୍ରତ୍ୟେକ ଗ୍ରାମରେ ଥିବା ମନ୍ଦିର ହେଉଛି ଶାନ୍ତି ଏବଂ ପ୍ରାର୍ଥନାର ସ୍ଥାନ। ଆଜିକାଲି ମନ୍ଦିରର ପବିତ୍ରତା ଏକ ବିଚଳିତକାରୀ ନୂତନ ଧାରା ଦ୍ୱାରା କଳଙ୍କିତ ହେଉଛି। ମନ୍ଦିର ପରିସରରେ, ବିଶେଷକରି ସନ୍ଧ୍ୟା ସମୟରେ ଆଜିକାଲି ଆଉ ଗଞ୍ଜେଇ ଏବଂ ସିଗାରେଟ୍‌ରେ ସାମିଲ ନ ରହି ବ୍ରାଉନସୁଗାର ବ୍ୟବହାର କରାଯିବା ଖବର ଶୁଣିବାକୁ ମିଳୁଛି। ଏହା କେବଳ ଏକ ପବିତ୍ର ସ୍ଥାନର ଅପବିତ୍ରତା ନୁହେଁ ବରଂ ଆମ ଯୁବପିଢ଼ି ଉପରେ ଏକ ବିପଦପୂର୍ଣ୍ଣ ପ୍ରଭାବ ମଧ୍ୟ। ନିଶା ବୃଦ୍ଧି ଆମ ସମ୍ପ୍ରଦାୟର ସାମାଜିକ ଗଠନକୁ କ୍ଷତି କରୁଛି, ଯାହା ଭକ୍ତ ଏବଂ ପରିବାର ପାଇଁ ସୁରକ୍ଷା ଚିନ୍ତା ବୃଦ୍ଧି କରୁଛି। ଏଣୁ ମନ୍ଦିର ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରିବା ଏବଂ ବେପାରୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ସନ୍ଦେହଜନକ କାର୍ଯ୍ୟକଳାପକୁ ସୁରକ୍ଷିତ ଭାବରେ ରିପୋର୍ଟ କରିବା ପାଇଁ ନାଗରିକମାନେ ଏନ୍‌ସିବି ମାନସ୍ ପୋର୍ଟାଲ ବ୍ୟବହାର କରିପାରିବେ କିମ୍ବା ୧୯୩୩ରେ ଜାତୀୟ ହେଲ୍ପଲାଇନ କଲ୍ କରିପାରିବେ। ଏହି ନିଶା ଆମର ପରବର୍ତ୍ତୀ ପିଢ଼ିକୁ ନଷ୍ଟ କରିବା ପୂର୍ବରୁ କାର୍ଯ୍ୟ କରିବାର ସମୟ ଆସିଛି।

-ଅଭିଜିତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

## ଚିରନ୍ତନୀ

ଅସମୟେ ବନରୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ପୁଚ୍ଛ ଫୁହୁ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)




# ରାଜ୍ୟସ୍ତରୀୟ ପରେଡ ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨୭।୧ (ସୁଚିସ୍ମିତା ସାହୁ)**

ମହାତ୍ମା ଗାନ୍ଧୀ ମାର୍ଗରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ସକାଳ ୮ଟା ୨୮ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମାଣ୍ଡର ବିକ୍ରମ ସିଂହ ତାଙ୍କୁ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ରାଜ୍ୟପାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡ କମାଣ୍ଡାଣ୍ଟ ତଥା ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁ ପରେଡ ପରିଚାଳନା କରିଥିଲେ। ଦ୍ୱିତୀୟ ପରିଚାଳକ ଭାବେ ଡେପୁଟି କମାଣ୍ଡାଣ୍ଟ ଶରତ ଜାନି, ଆଡଜୁଟାଣ୍ଟ ଭାବେ ଶେଖର ମହାପାତ୍ର ଏବଂ ସ୍ୱତନ୍ତ୍ର ଅଧିକାରୀ ପରମେଶ୍ୱର ହାଁସଦା ପରେଡ ପରିଚାଳନାରେ ସହଯୋଗ କରିଥିଲେ।



ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳଙ୍କୁ ମିଶାଇ ସମୁଦାୟ ୪୬ଟି ଦଳ ପରେଡରେ ଅଂଶଗ୍ରହଣ କରିଥିଲେ। ପରେଡ ପରେ ପୁରୀର ରଙ୍ଗଶାଳା କଳାକାରଙ୍କ ଦ୍ୱାରା 'ସାହିଯାତ', ଗଞ୍ଜାମ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ପରିଷଦ ପକ୍ଷରୁ 'ପଶୁମୁଖା', ପୁରୀର ବୈଦେହୀ କଳା ପରିଷଦ ତରଫରୁ 'ବଡ଼ ଘୋଡ଼ା', କଟକ ସଂକୀର୍ତ୍ତନ କଳାକାର ଉନ୍ନୟନ ପରିଷଦ ପକ୍ଷରୁ 'ଦୋଳଯାତ ପଟୁଆର' ଏବଂ ମୟୂରଭଞ୍ଜ ଶରଣ ମାର୍ଶାଲ କଲଚରାଲ ସଂଘ ତରଫରୁ 'ସାନ୍ତାଳୀ' ନୃତ୍ୟ ପରିବେଷଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସହ ସଚେତନତା ବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ (ଶ୍ରୀଅନ୍ନ ଅଭିଯାନ, ଅମୃତ ଅନ୍ନ କାର୍ଯ୍ୟକ୍ରମ), ବାଣିଜ୍ୟ ଓ ପରିବହନ ବିଭାଗ (ଆମେ ସୁବାହକ, ଆଶା ଯୋଜନା), ଶକ୍ତି ବିଭାଗ (ପି.ଏମ୍. ସୂର୍ଯ୍ୟଘର), ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ (ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ରେଶମ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା), ସ୍ୱରାଷ୍ଟ୍ର ବିଭାଗ (ଉପକୂଳ ସୁରକ୍ଷା ଶାଖା ଓ ପୋଲିସ), ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ସମୃଦ୍ଧ ସହର, ବିକଶିତ ଓ ମିଶନ ଶକ୍ତି ବିଭାଗ (ଆତ୍ମନିର୍ଭର ମହିଳା– ବିକଶିତ ଭାରତ), ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ଭିବି–ଜି ରାମ ଜି, ସଭିଙ୍କ ପାଇଁ ପକ୍କାଘର), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ପି.ଏମ୍.ଶ୍ରୀ ବିଦ୍ୟାଳୟ), ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ଦକ୍ଷ ଯୁବଶକ୍ତି–ଦେଶର ପ୍ରଗତି),

### ପ୍ରଜ୍ଞାପନ ମେଢ଼ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ପର୍ଯ୍ୟଟନ ବିଭାଗ (ପର୍ଯ୍ୟଟନସ୍ଥଳୀ ଉନ୍ନତୀକରଣ) ଓ ପୂର୍ତ୍ତ ବିଭାଗ (ନ୍ୟାୟିକ ପରିସର, ଭୁବନେଶ୍ୱର)ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ସମାରୋହରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ପ୍ରିୟଙ୍କା ମାର୍ଣ୍ଡି ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅତିରିକ୍ତ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ, ବରିଷ୍ଠ ପୋଲିସ ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂ ପ୍ରମୁଖଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଏବଂ ବିନାୟକ ମିଶ୍ର ରାଜ୍ୟସ୍ତରୀୟ ପରେଡ କାର୍ଯ୍ୟକ୍ରମରେ ଧାରା ବିବରଣୀ ପ୍ରଦାନ କରିଥିଲେ।

## ପୋଖରୀରେ ଭାସୁଥିବା ନବଜାତ ଶିଶୁକନ୍ୟାଙ୍କ ମୃତଦେହ ଜବତ

**ଦିଗପହଣ୍ଡି,୨୭।୧ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ବଡ଼ବନ୍ଧ ପୋଖରୀରେ ମଙ୍ଗଳବାର ସକାଳ ୬ଟାରେ ଏକ ନବଜାତ ଶିଶୁକନ୍ୟାଙ୍କ ମୃତଦେହ ଭାସୁଥିବା ଗ୍ରାମର କେତେ ଜଣ ମହିଳା ଦେଖିବାକୁ ପାଇଥିଲେ। ଶିଶୁକନ୍ୟା ଜନ୍ମ ହେବା ପରେ ଗ୍ରାମର କୌଣସି ମହିଳା ସୋମବାର ସନ୍ଧ୍ୟାରେ ମୃତଦେହ ଆଣି ପୋଖରୀରେ ଫିଙ୍ଗି ଚାଲିଯାଇଥିବା ଗ୍ରାମରେ ଆଲୋଚନା ହେଉଛି। ଏ ସମ୍ପର୍କରେ ୱାର୍ଡସଭ୍ୟ ମୁନା ସେଠୀ ଜାଣିବା ପରେ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଏସ୍‌ଆଇ ସୋଫିଆ ମିଶ୍ର ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ଏନେଇ ୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବାର୍‌ହା ଆକ୍ରମଣରେ ମହିଳାଙ୍କ ମୃତ୍ୟୁ, ୨ ଗୁରୁତର

**ଜି.ଉଦୟଗିରି,୨୭।୧ (ଚିନ୍ମୟ କୁମାର ସେଠୀ)**

କନ୍ଧମାଳ ଜିଲା ଜି.ଉଦୟଗିରି କାନବାଗିରୀ ଓ ଶ୍ରିକଲା ଘାଟି ଆଖପାଖ ଅଞ୍ଚଳରେ ସୋମବାର ବାର୍‌ହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ କାନବାଗିରୀ ଗ୍ରାମର ଅପସରୀ ପ୍ରଧାନ (୬୦)। କାନବାଗିରୀ ଗ୍ରାମର ନିରଜିନୀ ପ୍ରଧାନ (୬୦) ଓ ଡାକପାଲା ଗ୍ରାମର ସସ୍ମିତା ମଲ୍ଲିକ (୩୫) ଜି.ଉଦୟଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କାନବାଗିରୀ ଗ୍ରାମର ଅପସରୀ ଓ ନିରଜିନୀ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ସେମାନଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ଅପସରୀଙ୍କ ଶରୀରର ବିଭିନ୍ନ ସ୍ଥାନରୁ ମାଂସ ବାହାରି ଯାଇଥିଲା। ଉଭୟଙ୍କୁ ଉଦ୍ଧାର କରି ଜି. ଉଦୟଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପସରୀଙ୍କୁ ଅଧିକ ଚିକିତ୍ସା ପାଇଁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ସେହିପରି ଡାକପାଲା ଗ୍ରାମର ସସ୍ମିତା ଓ ତାଙ୍କ ସ୍ୱାମୀ ବାପି ମଲ୍ଲିକ ଜି.ଉଦୟଗିରିରୁ ଫେରୁଥିବା ବେଳେ ଶ୍ରିକଲା ଘାଟି ନିକଟରେ ବାଇକ୍ ଖରାପ ହୋଇଯାଇଥିଲା। ବାପି ବାଇକ୍ ଦେଖୁଥିବା ବେଳେ ହଠାତ୍ ଏକ ବାର୍‌ହା ଆସି ସସ୍ମିତାଙ୍କୁ ଆକ୍ରମଣ କରିଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

## ଦୁର୍ଘଟଣା

## ପିକ୍‌ଅପ୍–ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

**ପଟ୍ଟାଙ୍ଗି,୨୭।୧ (ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଧୀନ କୁନ୍ଦୁଲି ହାଇସ୍କୁଲ ସମ୍ମୁଖରେ ଏକ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ମୁହାଁମୁହିଁ ଧକ୍କାହୋଇ ୨ ଜଣଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବି. ପାଣ୍ଡୁ ଓ କେ.ଜେମ୍ସ। ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶର ଆରାକୁଭାଲିରୁ ବାଇକ୍ ଓ ସ୍କୁଟିରେ ୪ ଜଣ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସମ୍ବାଇ ଓ ପୁକାଲି ପଞ୍ଚାୟତ ହୋଇ ଦେଓମାଳି ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସିଥିଲେ। ସେମିଳିଗୁଡ଼ା ଅଭିମୁଖେ ଯାଉଥିବା ବେଳେ କୁନ୍ଦୁଲି ହାଇସ୍କୁଲ ନିକଟରେ ଆନ୍ଧ୍ରର ଯାତ୍ରୀବାହୀ ବସ୍‌କୁ ଅତିକ୍ରମ କରିବା ସମୟରେ ଏହାର ପାର୍ଶ୍ୱକୁ ଧକ୍କା ଦେଇଥିଲା। ଏହା ପରେ ସାମ୍ନା ପଟୁ ଆସୁଥିବା ଏକ ପିକ୍‌ଅପ୍(ନଂ. ଓଡି୦୭–ଡି–୧୬୭୭) ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପାଣ୍ଡୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଜି.ପ୍ରଶାନ୍ତ ଓ ଜେମ୍ସ ନାମକ ୨ ଗୁରୁତର ଯୁବକଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜେମ୍ସଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ପ୍ରଶାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପଟ୍ଟାଙ୍ଗି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବାଇକ୍‌କୁ ଜବତ କରାଯାଇଛି, କିନ୍ତୁ ଏହାର ନମ୍ବର ସ୍ପଷ୍ଟ ହୋଇନାହିଁ। କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରରେ ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ୨ ଯୁବକ ମୃତ

**ବାସୁଦେବପୁର,୨୭।୧ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଧାମରା–ଜାମଝାଡ଼ି ରାସ୍ତାର ପାରାପୋଖରୀ ଛକ ନିକଟରେ ସୋମବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ଅଧୀନ ବୈରୀମାଳ ଗ୍ରାମର ଦୀପକ ରାଉତ(୨୩) ଓ ତନ୍ମୟ ମଲ୍ଲିକ(୩୦)। ଉଭୟ ବିରସ ଅଞ୍ଚଳରେ ଜେସିବି ଡ୍ରାଇଭର ଭାବେ କାମ କରନ୍ତି। ରାତି ପ୍ରାୟ ୧୦ଟା ବେଳେ ବିରସ ଗ୍ରାମରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଛି। କୌଣସି ଏକ ଆଇରନ ବୋଝେଇ ଟ୍ରକ୍ ଧକ୍କା ଦେଇଥିବା ନେଇ ଅନୁମାନ କରାଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ୨ଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଲୋକେ ପହଞ୍ଚିବା ପରେ ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା କଷିଆ ସାମୁଦ୍ରିକ ଥାନାଧିକାରୀ କୁନି ବେସ୍ରା କହିଛନ୍ତି।

## କାର୍–ବାଇକ୍ ଧକ୍କା, ୨ ମୃତ

**ଖମାର,୨୭।୧ (ରଜନୀକାନ୍ତ ମହାରଣା)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ପରାଛାଟ ପଞ୍ଚାୟତ ଭାଲୁକି ଛକ ପାଖରେ ସୋମବାର ରାତି ୮ଟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ବାଇକ୍‌ରେ ଥିବା ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖମାର ଥାନା ବଡ଼ସଡ଼ା ପଞ୍ଚାୟତ ତାମ୍ବୁର ଗ୍ରାମର ବିଜୟ ନାଏକଙ୍କ ପୁଅ ବିଶ୍ୱନାଥ ନାଏକ(୨୧) ଓ କଣିହାଁ ବ୍ଲକ ରେଙ୍ଗାଳି ଥାନା ଅର୍କିଲ ଗ୍ରାମର ସୁବଳ ନାଏକଙ୍କ ପୁଅ ଅମିତ ନାଏକ(୨୨)। ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଦୁହେଁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ଉଭୟ ଗାଡ଼ିକୁ ଜବତ କରିବା ସହ କାର୍ ଚାଳକଙ୍କୁ ଗିରଫ କରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା, ରେଡ୍‌କ୍ରସ୍ ଓ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ଯୋଗାଇ ଦେବାକୁ ଦାବି ସାଧାରଣରେ ହୋଇଛି।

# ନାଲ୍‌କୋର ପରିବେଶ ଜନଶୁଣାଣି ବନ୍ଦ କରିବାକୁ ଦାବି

**ଅନୁଗୋଳ,୨୭।୧ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ବ୍ରାଉନ ଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଆସନ୍ତା ୨୮ ତାରିଖ ବୁଧବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପରିବେଶ ସମ୍ପର୍କିତ ଜନଶୁଣାଣି କରାଯିବାକୁ ଥିବାବେଳେ ଏହାକୁ ଜୋରଦାର ବିରୋଧ କରିବା ପାଇଁ ପାରିପାର୍ଶ୍ୱିକ ୩ଟି ମୌଜାର ଗ୍ରାମବାସୀ ଏକଜୁଟ ହୋଇଛନ୍ତି। ଉପଯୁକ୍ତ ପ୍ରକ୍ରିୟାରେ ଏହି ଜନଶୁଣାଣି କରାଯାଉ ନ ଥିବାରୁ ଏହାକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି।

ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି, ସ୍ମେଲଟର ପ୍ଲାଣ୍ଟ ବ୍ରାଉନ ଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ କୁଲାଡ, କାଙ୍ଗୁଲା ଓ ଗୋପୀନାଥପୁର ଗାଁର ୧୩୦ ଏକର ଜମି ନାଲ୍‌କୋ ଦଖଲ କରିବା ପାଇଁ ସର୍ଭେ ଶେଷ କରିଛି। ୨୦୨୧ ମସିହାରେ ଏଥିପାଇଁ ନୋଟିସ୍ ଜାରି କରିବା ସହ ୨୦୨୩ ଏପ୍ରିଲ ୨୭ରେ ୧୧/୧ ଧାରାରେ ସର୍ଭେ ପାଇଁ ନୋଟିସ କରାଯାଇଥିଲା। ସେହି ସମୟରେ ନାଲ୍‌କୋର ଜମି ଅଧିଗ୍ରହଣ ଅଧିକାରୀ କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ଏବଂ ସ୍ଥାୟୀ ନିଯୁକ୍ତି ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଲୋକମାନଙ୍କ ଅଜାଣତରେ ୧୯/୧ ଧାରା କାର୍ଯ୍ୟ ଶେଷ କରାଯାଇ ଇତିମଧ୍ୟରେ ପରିବେଶ ସମ୍ପର୍କିତ ଜନଶୁଣାଣି କରିବାକୁ ଯୋଜନା କରାଯାଇଛି। କାଙ୍ଗୁଲା ଗ୍ରାମର ଅନିଲ କୁମାର ଦାସ କହିଛନ୍ତି, ଜମି ହରାଇବାକୁ ଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ପ୍ରଶାସନକୁ ସହଯୋଗ କରାଯିବ ନାହିଁ ବୋଲି ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ଗୋପୀନାଥପୁରର ହୃଷୀକେଶ ପ୍ରଧାନ କହିଛନ୍ତି, ବିଭିନ୍ନ ସମୟରେ ଲୋକେ ନାଲ୍‌କୋ ସମ୍ପ୍ରସାରଣ ପ୍ରକଳ୍ପକୁ ବିରୋଧ କରି ଆସୁଥିବାବେଳେ ଚଞ୍ଚକତା କରି ପ୍ରଶାସନ କାର୍ଯ୍ୟ ଆଗକୁ ବଢ଼ାଇ ନେଉଛି। ସ୍ଥାୟୀ ନିଯୁକ୍ତି ଦାବିର କୌଣସି ସମାଧାନ କରାଯାଉ ନାହିଁ। ନାଲ୍‌କୋ, ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ବୈଠକରେ ସ୍ଥାୟୀ ନିଯୁକ୍ତି ଦେବା ସମ୍ପର୍କରେ ନାଲ୍‌କୋ ସହମତି ପ୍ରକାଶ କରିଥିଲା। ସର୍ଭେ କାର୍ଯ୍ୟ ସରିବା ପରେ ହିଁ ନିଯୁକ୍ତି ନେଇ ବାସ୍ତବ ସଂଖ୍ୟା ଜଣାପଡ଼ିବ ବୋଲି ଭୂ–ଅର୍ଜନ କାର୍ଯ୍ୟାଳୟ କହିବା ସହ ସର୍ଭେ କରିଥିଲା। ହେଲେ ସର୍ଭେ ସରିବାର ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ କିମ୍ବା ନାଲ୍‌କୋ କୌଣସି ଉତ୍ତର ରଖିଲା ନାହିଁ। ଇତିମଧ୍ୟରେ ବେନ୍ତପୁର ଗାଁ ପଡ଼ିଆରେ ପରିବେଶ ସମ୍ପର୍କିତ ଜନଶୁଣାଣି ପାଇଁ ପ୍ରସ୍ତୁତି ହେଉଥିବାରୁ ନାଲ୍‌କୋ ଲୋକମାନଙ୍କୁ ଠକୁଥିବା ସ୍ପଷ୍ଟ ହେଉଛି। ଏହାକୁ ବିରୋଧ କରିବା ପାଇଁ ୩ ଗ୍ରାମବାସୀ ମେଳି କରିଛନ୍ତି। ସ୍ଥାୟୀ ନିଯୁକ୍ତି ନେଇ ସମସ୍ତ ଜମିହରାଙ୍କୁ ନାଲ୍‌କୋ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ପ୍ରଶାସନ କିମ୍ବା ନାଲ୍‌କୋକୁ କୌଣସି ସହଯୋଗ ରଖାଯିବା ନାହିଁ ବୋଲି ନିଷ୍ପତ୍ତି ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଅପରପକ୍ଷରେ ନାଲ୍‌କୋ ଭୂ–ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ଏକ ସର୍ଭେ କରାଯିବା ସହ ରିପୋର୍ଟ ନାଲ୍‌କୋକୁ ପଠାଯାଇଥିବା ଭୂ–ଅର୍ଜନ ଅଧିକାରୀ ଜୟଜିତ ଧଳ ପ୍ରକାଶ କରିଛନ୍ତି। ତେବେ ବୁଧବାର ହେବାକୁ ଥିବା ପରିବେଶ ସମ୍ପର୍କିତ ଜନଶୁଣାଣି ବନ୍ଦ କରାଯାଇଥିବା ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର ସୂଚନା ଦେଇଛନ୍ତି।


यूनियन बैंक ऑफ इंडिया Union Bank of India — भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ କ୍ର.ନଂ.: ୧ ରୁ ୪ ନିମନ୍ତେ ତା.୧୩.୦୨.୨୦୨୬ରିଖ ଏବଂ କ୍ର.ନଂ.: ୫ ନିମନ୍ତେ ତା.୨୭.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ / ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା, ପିତା: ଶ୍ରୀ କୁଳମଣି ପରିଡା / ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା, ପିତା: ଶ୍ରୀ କୁଳମଣି ପରିଡା, ୨) ଶ୍ରୀମତୀ ପ୍ରଭାତି ପରିଡା, ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୦୭ / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୬,୨୩,୪୪୩.୧୪ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯ | ଟ.୧୩,୮୫,୧୦୦/- / ଟ.୧,୩୮,୫୧୦/- / ଟ.୧୩,୮୫୧/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | ସାଲେପୁର ଶାଖା, ମୋ: ୭୯୭୮୦୧୯୨୨୫ / ଋଣଗ୍ରହୀତା: ଶ୍ରୀ ଅକ୍ଷୟ ମଲିକ, ପିତା: ୰ ଉତ୍ତମ ମଲିକ, ସା: କୋଲଣପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / କୋ-ଓବ୍ଲିଗାଣ୍ଟ / ଗ୍ୟାରେଣ୍ଟିଦାତା: ଶ୍ରୀ ନରୋତ୍ତମ ସ୍ୱାଇଁ, ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗିନିପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / ବକେୟା ରାଶି: ତା.୧୦.୧୨.୨୦୨୫ରିଖ ସୁଦ୍ଧା ଟ.୨,୧୭,୮୯୮.୮୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅକ୍ଷୟ ମଲିକ, ପିତା: ୰ ଉତ୍ତମ ମଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୧, ପ୍ଲଟ୍ ନଂ.: ୨୦୭୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ଟ.୩,୭୩,୫୦୦/- / ଟ.୩୭,୩୫୦/- / ଟ.୩,୭୩୫/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ / ଋଣଗ୍ରହୀତା: ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସ, ପିତା: ଶ୍ରୀ ଧଡି ଦାସ, ସା: ଗଣ୍ଡକିପୁର, ପୋ.: ଗୋପିଆକୁଦ (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୨୬,୫୪,୩୨୬.୩୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୪, ପ୍ଲଟ୍ ନଂ.: ୧୨୬୯, କ୍ଷେତ୍ର: ଏକର ୦.୦୪୦ ଡିସିମିଲି (୧୭୪୨.୪ ବର୍ଗଫୁଟ), ମୌଜା: ଗଣ୍ଡକିପୁର (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୬୮, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୨୭୨, ପୂର୍ବ: ପ୍ଲଟ୍ ନଂ.: ୧୨୭୬, ପଶ୍ଚିମ: ରାସ୍ତା | ଟ.୧୪,୪୦,୦୦୦/- / ଟ.୧,୪୪,୦୦୦/- / ଟ.୧୪,୪୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୪. | ବଡହାଟ କେନ୍ଦ୍ରାପଡା ଶାଖା, ମୋ.: ୯୭୩୪୨୮୦୦୦୪/ ଋଣଗ୍ରହୀତାମାନେ: ୧) ରୁକ୍ମଣୀ ବଳ, ସ୍ୱାମୀ: ୰ ରାଜ କିଶୋର ବଳ, ୨) ୰ ରାଜ କିଶୋର ବଳଙ୍କ ସମ୍ପତ୍ତିର ପ୍ରତିନିଧିମାନେ: କ) ରଜତ କୁମାର ବଳ, ପିତା: ୰ ରାଜ କିଶୋର ବଳ, ଖ) ରାଜଶ୍ରୀ ବଳ, ପିତା: ୰ ରାଜ କିଶୋର ବଳ ଏବଂ ଅନ୍ୟମାନେ / ଗ୍ୟାରେଣ୍ଟିଦାତା: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଜେନାମଣି ପଣ୍ଡା, ସମସ୍ତଙ୍କ ଠିକଣା- ସା: ତରାଣ୍ଡୋ, ପୋ: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୫୦ / ବକେୟା ରାଶି: ତା.୨୧.୦୭.୨୦୨୫ରିଖ ସୁଦ୍ଧା ଟ.୫,୯୪,୮୪୦.୫୩ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ରୁକ୍ମଣୀ ବଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ପ୍ଲଟ୍ ନଂ.: ୧୬୫/୩୦୧୪, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୧୮୦, ତହସିଲ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬୨ ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ | ଟ.୧୯,୫୪,୮୦୦/- / ଟ.୧,୯୫,୫୦୦/- / ଟ.୧୯,୫୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୫. | ଢେଙ୍କାନାଳ ମୁଖ୍ୟ ଶାଖା, ମୋ.: ୮୪୫୬୯୧୪୩୮୩ / ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ / ବକେୟା ରାଶି: ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୪,୭୪,୬୫୧.୮୩ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା | ଟ.୧୨,୮୯,୪୫୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ : କ୍ର.ନଂ.: ୧ ରୁ ୪ ନିମନ୍ତେ ତା.୧୩.୦୨.୨୦୨୬ରିଖ ଏବଂ କ୍ର.ନଂ.: ୫ ନିମନ୍ତେ ତା.୨୭.୦୨.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୨୨.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



CAREER APPOINTMENT — ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**ଆବଶ୍ୟକ**
ମଙ୍ଗଲୁରୁ (କର୍ଣ୍ଣାଟକ)ରେ ଅବସ୍ଥିତ ଏକ କମ୍ପାନୀ ପାଇଁ ହେଲ୍ପରମାନଙ୍କର ଆବଶ୍ୟକତା ଅଛି। ଖାଦ୍ୟ ଏବଂ ରହିବା ସୁବିଧା ଦିଆଯିବ। ବେତନ: Rs.12,000/-.
ଯୋଗାଯୋଗ କରନ୍ତୁ: 8951619411

MagnetConnects
**JOB VACANCY**
Contact: +91 97008 02000/ +91 73770 61767
Address: Pramila Tower, Sishu Vihar, Patia, Behind Pantaloons, BBSR
- PROJECT MANAGER/ CO-ORDINATOR (Experience: 2 - 6 years)
- IT - LARAVEL DEVELOPER (Experience: 2 - 6 years)
- DATA ENTRY/ EXCEL (Basic Computer. Experience: 1 - 2 years)
- OFFICE BOY (Experience: 0 - 2 years)

See Career Appointment on every Wednesday & Saturday

**WANTED**
A reputed office requires
Junior Accountant, Personal Assistant, Experience Driver
Qualification: Preferable for Company Secretary, B.Tech, Diploma, C.A Course (Degree & Non Degree) for its Bhubaneswar Office.
8117889084, 9178181581

**ଖଡ଼ଗପୁର ମଣ୍ଡଳରେ ପାର୍କିଂ ଠିକା ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ସିଓଏମ୍/ଜି-୩୦/୨/ପାର୍କିଂ/ସିପିଆର୍‌ଓ/୨୬/୦୨ ତାରିଖ: ୨୨।୦୧।୨୦୨୬
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ପନ୍ତିହାଲ, ଖଡ଼ଗପୁର (ସାଉଥ୍/୨), ଗିଧ୍‌ନୀ, ମାଦପୁର, ବେନାପୁର ଓ ଅମର୍ଦା ରୋଡ୍‌ଠାରେ ଦୁଇଚକିଆ ପାର୍କିଂ ଲାଗି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି । ନିଲାମ କାଟାଲଗ୍ ନଂ.: ପାର୍କିଂ-କେଜିପି-୨୬-, ନିଲାମ ତାରିଖ: ୦୯।୦୨।୨୦୨୬ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା ଓ ସମାପ୍ତି ସମୟ: ୧୨.୨୦ ଘଟିକା, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଆଗ୍ରହୀ ପକ୍ଷ ଓ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଓ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-1097) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ — ହର୍ଷର ସହିତ ଆମେ ସେବାରତ

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜ. ନେ. ମାର୍ଗ, ଭୁବନେଶ୍ୱର - 751001
**ଟେଣ୍ଡର ବିଜ୍ଞପ୍ତି**
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏପ୍ରିଲ ୦୧, ୨୦୨୬ ରୁ ମାର୍ଚ୍ଚ ୩୧, ୨୦୨୭ (ଆହୁରି ବିସ୍ତାରଯୋଗ୍ୟ) ପର୍ଯ୍ୟନ୍ତ କାର୍ଯ୍ୟାଳୟର ବ୍ୟବହାର ପାଇଁ ଯାନ ଯୋଗାଇବା ନିମନ୍ତେ ପ୍ରତିଷ୍ଠିତ ତଥା ଅଭିଜ୍ଞ କାର ଏଜେନ୍ସି / କମ୍ପାନୀଗୁଡିକୁ ତାଲିକାଭୁକ୍ତ କରିବା ପାଇଁ ଇ- ନିବିଦା (ଦୁଇଭାଗ ବିଶିଷ୍ଟ) ଆମନ୍ତ୍ରଣ କରୁଛି | MSTC ପୋର୍ଟାଲରେ ଇ- ଟେଣ୍ଡର ଆବେଦନର ଶେଷ ତାରିଖ **ମାର୍ଚ୍ଚ ୦୯, ୨୦୨୬ (ସୋମବାର) ୧୪:୦୦ ଘଣ୍ଟା ପର୍ଯ୍ୟନ୍ତ** | ନିବିଦାର ଅଧିକ ବିବରଣୀ ପାଇଁ, ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟ (https://www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରନ୍ତୁ ଏବଂ ନିବିଦା ଅପଲୋଡ୍ କରିବା ପାଇଁ ଦୟାକରି MSTC ୱେବସାଇଟ (www.mstcecommerce.com/eprocn) କୁ ଯାଇ ପଞ୍ଜିକରଣ କରନ୍ତୁ |
ଆଞ୍ଚଳିକ ନିର୍ଦ୍ଦେଶକ
ଭୁବନେଶ୍ୱର

# ସବୁଠି ଉଡ଼ିଲା ତ୍ରିରଙ୍ଗା

**ବିଞ୍ଝାରପୁର,୨୭।୧(ରାମକୃଷ୍ଣ ଦାସ):** ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସବୁଠି ଉଡିଛି ତ୍ରିରଙ୍ଗା। ଏହିକ୍ରମରେ ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଧାୟିକା ପ୍ରମିଳା ମଲ୍ଲିକ ପତାକା ଉତ୍ତୋଳନକରିଥିଲେ। ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ ଇର୍ସାଦ, ବିଡିଓ ଆକାଶ ପଟ୍ଟନାୟକଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଞ୍ଝାରପୁର ଥାନାରେ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ପତାକା ଉତ୍ତୋଳନ କରିଥିବାବେଳେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତଥିଲେ। ସେହିପରି ମା ତାରିଣୀ ଶିଳ୍ପ ତାଲିମ କେନ୍ଦ୍ରରେ ଅଧ୍ୟକ୍ଷ ସୁଶାନ୍ତ ମିଶ୍ର, ସହକାରୀ ଆବାସ ପ୍ରଦ୍ୟୋଗ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପ୍ରତୀକ ମିଶ୍ର ପତାକା ଉତୋଳନ କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ତୃପ୍ତାଞ୍ଜଳି ରଥ, ଜଳସମ୍ପଦ ବିଭାଗରେ ସହକାରୀ ଯନ୍ତ୍ରୀ ଚୈତନ୍ୟ ଚରଣ ଜେନା, ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଧୀରେନ ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗରେ କନିଷ୍ଠ ଯନ୍ତ୍ରୀ ସୁନାରାମ ସିଂ, ଉଠା ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ସୁମନ୍ତ କୁମାର ମାଝି, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ପ୍ରାବନ୍ଧିକ ସଦାନନ୍ଦ ଦାସ ପତାକା ଉତ୍ତୋଳନ କରିଥିଲେ। ବିଞ୍ଝାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଆଶାଲତା ସାହୁ, ମାଁସଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କଳିକା ଦାସ, କଏଣା ରଘୁନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ନିଶିପ୍ରଭା ଜେନା, ଅରେଇ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ମୃତିସମିକ୍ଷା ମଲ୍ଲିକ, କପିଳା ପଞ୍ଚାୟତ କାର୍ଯ୍ୟାଳୟରେ ଦେବଦତ୍ତ ସେଠୀ ଓ କଲ୍ୟାଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୁଶ୍ରୀସଂଗିତା ନାୟକ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

**ସିଂହପୁର,(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସିଂହପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚରେ ସଦସ୍ୟ ନିତ୍ୟାନନ୍ଦ ସାମଲ ଓ ମେଘନାଥ ମହାଳିକ ପତାକା ଉତ୍ତୋଳନ କରିଥିଲେ। ସିଂହପୁର କୃଷି ସେବା ସମବାୟ ସମିତିରେ ଖବରଦାତା ଅନିରୁଦ୍ଧ ବେଉରିଆ ପତାକା ଉତ୍ତୋଳନ କରିଥିଲେ। ସିଂହପୁର ମିନିବସ ଆସୋସିଏଶନରେ ମନୋରଞ୍ଜନ ବେଉରିଆ ପତାକା ଉତ୍ତୋଳନ କରିଥିଲେ। ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ଅଧ୍ୟକ୍ଷ ବ୍ରଜକିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ। ବିଞ୍ଝାରପୁର କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ସିଂହପୁର ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟକ୍ଷା ସୁନିତା ନାୟକ ପତାକା ଉତ୍ତୋଳନ କରିଥିଲେ।



ଧର୍ମଶାଳା ମହୋତ୍ସବ ପଡ଼ିଆଠାରେ ବିଧାୟକ ହିମାଂଶୁ ଶେଖର ସାହୁ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ବାଲିଚନ୍ଦ୍ରପୁର,(ଗିରିଜା ପ୍ରସାଦ ସାହୁ):** ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଲକ୍ଷ୍ମୀଧର ପରମାଣିକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**ଚଣ୍ଡିଖୋଲ/ବଡ଼ଚଣା,(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ ପରିସରରେ ବିଧାୟକ ଅମର ନାୟକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିଡିଓ ରବୀନ୍ଦ୍ର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାଶ ନନ୍ଦଙ୍କ ସମେତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଚଣ୍ଡିଖୋଲ କୋର୍ଟ ପରିସରରେ ବରିଷ୍ଠ ଦେୱାନି ବିଚାରପତି ବିଶ୍ୱଦୀପକ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦଙ୍କ ସମେତ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପବିତ୍ର କୁମାର ମାହାଲା, ସାହସପୁର ମହାବିଦ୍ୟାଳୟରେ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି, କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ମନୋଜ ପରିଡ଼ା, ବାଲିଚନ୍ଦ୍ରପୁର ଶ୍ୟାମ ସୁନ୍ଦର ବଜାର କମିଟି ପକ୍ଷରୁ ସଭାପତି ପ୍ରଦୀପ୍ତ ପୃଷ୍ଟି ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବଡ଼ଚଣା କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁର କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ନେତା ଅଜୟ ସାମଲ ପତାକା ଉତ୍ତୋଳନ କରିବା ସହ ଦଳମତ ନିର୍ବିଶେଷରେ ସମସ୍ତ ଭାରତୀୟ ସମ୍ବିଧାନର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଚଣ୍ଡିଖୋଲ ସ୍ପୋର୍ଟସ୍ ଆଣ୍ଡ କଲ୍‌ଚରାଲ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସଭାପତି ଦେବରଞ୍ଜନ ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ଦର୍ପଣ ତହସିଲଠାରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବଡ଼ଚଣା ଥାନା ଓ ଚଣ୍ଡିଖୋଲ ଟ୍ରାଫିକ ଥାନାରେ ଭାରପ୍ରାପ୍ତ ଥାନାଧିକାରୀ ସୁରେନ୍ଦ୍ର ଜେନା, ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ସହକାରୀ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ, ଚଣ୍ଡିଖୋଲ ଫାଣ୍ଡିରେ ଥାନାଧିକାରୀ ସୁରେନ୍ଦ୍ର ଜେନା, ଚଣ୍ଡିଖୋଲ ପ୍ରେସକ୍ଲବରେ ସଭାପତି ବେଣୁଧର ପଣ୍ଡା, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘରେ ଚନ୍ଦନ ନାୟକ, ଚଣ୍ଡିଖୋଲ ବଣିକ ସଂଘରେ ସଭାପତି କ୍ଷୀରୋଦ ମାହାଲା, ପଲ୍ଲିମଙ୍ଗଳ ସେବା ସମବାୟ ସମିତିରେ ସଭାପତି ସଞ୍ଜୟ ସ୍ୱାଇଁ, ରାଜୀବ ମେମୋରିଆଲରେ ବିଜେଡି ଯୁବନେତା ରାଜନାରାୟଣ ମହାପାତ୍ର, ଆଞ୍ଚଳିକ ଯୁବ ପରିଷଦରେ ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଆଶିଷ କାର୍ଜି, ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ସଭାପତି ଆଶିଷ ରଞ୍ଜନ ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚରେ ସଭାପତି ଶେଷ ଦେବ ନାୟକ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରସନ୍ନ ମହାପାତ୍ର, ଚଣ୍ଡିଖୋଲ ହୋମ ପାଇପଠାରେ ମହମ୍ମଦ ମିନାଜ ଅଲ୍ଲୀ, ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘରେ ରାଜ୍ୟ ଶ୍ରମିକ ସଂଘର ସମ୍ପାଦକ ନୃସିଂହ ମିଶ୍ର, ସାଇ ଶ୍ରିଷ୍ଟି ଆବାସିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଆଲୋକ ନାରାୟଣ ନାୟକ, ଚଣ୍ଡିଖୋଲ ଆକସ୍ମିକ ଦୁର୍ଘଟଣା ଚିକିତ୍ସା କେନ୍ଦ୍ରରେ ଫାର୍ମାସିଷ୍ଟ ସଂଯୁକ୍ତା ଧଳ, ଚଣ୍ଡିଖୋଲ ମିଶନ ଶକ୍ତି କାର୍ଯ୍ୟାଳୟରେ ସୁଙ୍ଗୁଡା ପଞ୍ଚାୟତସ୍ତରୀୟ ସଭାନେତ୍ରୀ ଚାଚାଲିନ ସ୍ୱାଇଁ ପତକା ଉତ୍ତୋଳନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିଲେ।




ପତାକା ଉତ୍ତୋଳନ ଅବସରରେ ଯାଜପୁର ସଦର ଥାନାର ଅଧିକାରୀ ଓ କର୍ମଚାରୀ।

**ପାଣିକୋଇଲି,(ବିକାଶ ଚନ୍ଦ୍ର ମଲ୍ଲିକ):** ପାଣିକୋଇଲିର ପୁରପଲ୍ଲୀଠୁ ଆରମ୍ଭ କରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟ, ପାଣିକୋଇଲି ଥାନା, କୋରେଇ ପ୍ରେସକ୍ଲବ, ପଥରପଦା, ପାଣିକୋଇଲି, ଗୋଳେଇପୁର, କରଦା, ମୂଳାପାଳ, ଅମୃତିଆ ପଞ୍ଚାୟତ କାର୍ଯ୍ୟାଳୟ, ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି, ପାଣିକୋଇଲି ବିଦ୍ୟୁତ କାର୍ଯ୍ୟାଳୟ, ମା' ତାରିଣୀ ମହାବିଦ୍ୟାଳୟ, ପାଣିକୋଇଲି ହାଇସ୍କୁଲ, ବାଳିକା ହାଇସ୍କୁଲ, ଓଡିନ୍ଦା ୟୁଜିଏମଇ ସ୍କୁଲ, ପଥରପଦା ସ୍କୁଲ, ବିଦ୍ୟା ଆବାସିକ କଲେଜ, ନବୋଦୟ ବିଦ୍ୟାଳୟ, ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ମୂଳାପାଳ, ପାଣିକୋଇଲି, ଅମୃତିଆ ସରସ୍ୱତୀ ଶିଶୁ ମନ୍ଦିର, ବିଦ୍ୟାର୍ଥୀ ରେସିଡେନ୍‌ସିଆଲ ହାଇସ୍କୁଲ, ନେମ ଆଣ୍ଡ ଫେମ ପବ୍ଲିକ ସ୍କୁଲ, ମା' ତାରିଣୀ ଟ୍ୟାକ୍ସି ଓ ପିକଅପ ଆସୋସିଏଶନ, ଦୁର୍ଗା କମିଟି, ଆମେ ଆପଣଙ୍କ ହେଲପିଂ ଗ୍ରୁପ, ଆମେ ବିପଦରେ ସାଥି ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

**ଯାଜପୁର ସଦର,(ସମର ବିଜୟ ଶରଣ):** ଯାଜପୁର ବ୍ଲକ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଦର ଥାନାରେ ଥାନା ଅଧିକାରୀ ଚିନ୍ମୟୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଅଧ୍ୟକ୍ଷ ପଦ୍ମନ ଚରଣ ସେଠୀ, ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ଅଧ୍ୟାପକ ଗଣେଶ ଚନ୍ଦ୍ର ନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଦିଲୀପ ସାହୁ, ଜଳସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ସାହୁ, ବରୁଆଁ ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ବ୍ରଜ କିଶୋର ପାଢ଼ୀ, ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ, ମହେଶ୍ୱରପୁର ପଞ୍ଚାୟତରେ ସରପଞ୍ଚ ସୁଜିତ ରାୟ, ଜମଧର ପଞ୍ଚାୟତରେ ସରପଞ୍ଚ ବାଦଲ ଖୁଣ୍ଟିଆ, ବରୁଆଁରେ ସରପଞ୍ଚ ଅନାହାର ବାନୋ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଧର୍ମଶାଳା/କାଏମା,(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ମହୋତ୍ସବ ପଡ଼ିଆଠାରେ ବ୍ଲକ ଓ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଧର୍ମଶାଳା ବିଜେଡି କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ପତାକା ଉତ୍ତାଳନ କରିଥିଲେ। ଜାରକା ଜଳସେଚନ କାର୍ଯ୍ୟାଳୟରେ ଅଧୀକ୍ଷଣଯନ୍ତ୍ରୀ ଶିଶିର ଦାସ, ଜାରକା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ ରୋଜାଲିନ ଭୋଳ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସମୀର ରଞ୍ଜନ ଦାସ, ଧର୍ମଶାଳା ଥାନାରେ ଥାନାଅଧିକାରୀ ରମାକାନ୍ତ ନାୟକ ଏବଂ ଜେନାପୁର ଥାନାରେ ଏସ୍‌ଆଇ ରଞ୍ଜନ ବେହେରା ପତାକା ଉତୋଳନ କରିଥିଲେ। ସେହିପରି ଧର୍ମଶାଳା ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରଠାରେ ସମାଜିକ କର୍ମୀ କାହ୍ନୁଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଧର୍ମଶାଳା ପ୍ରେସ କ୍ଲବ କାର୍ଯ୍ୟାଳୟରେ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଛକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ସେହିପରି ପତଞ୍ଜଳି ଯୋଗ ସମିତିରେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ଆଶାତରୁ ନାୟକ ପତାକା ଉତ୍ତୋଳନ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା, ମହିଳା ଜୁନିୟର କଲେଜରେ ଅଧ୍ୟକ୍ଷା କବିତା ସାମଲ, ରେନେସାଂ କଲେଜରେ ସମ୍ପାଦକ ବିଭୁତି ଭୂଷଣ ରାଉତ, ରୋଟାରି କ୍ଲବ ଜାରକାରେ ସଭାପତି ସୁକାନ୍ତ ସ୍ୱାଇଁ ଓ ଇନର ହ୍ୱିଲ କ୍ଲବରେ ସଭାନେତ୍ରୀ ଲୋପାମୁଦ୍ରା ଷଣ୍ଢ, ମୁକୁନ୍ଦପାତ୍ର ଜୁନିଅର କଲେଜରେ ଅଧ୍ୟକ୍ଷ ହେମନ୍ତ ଦାସ ଓ ଡିଗ୍ରୀ କଲେଜ୍‌ରେ ଅଧ୍ୟକ୍ଷା କବିତା ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ।



## ଟାଟା ଷ୍ଟିଲ କଳିଙ୍ଗନଗର, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍

**କଳିଙ୍ଗନଗର,୨୭।୧(ଶୁଭାଶିଷ ରାଉତ):** ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଟ୍ରେନିଂ ସେଣ୍ଟରର ଡିଇଟି ପଡ଼ିଆରେ ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଟାଟା ଷ୍ଟିଲ କଳିଙ୍ଗନଗରର ଭାଇସ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, ୟୁନିୟନ ପ୍ରତିନିଧି ଏବଂ ବହୁ କର୍ମଚାରୀଙ୍କ ସମେତ ସେମାନଙ୍କ ପରିବାର ଓ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ।

ସେହିପରି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇ୍‌ଏନ୍‌ଏଲ୍) ଏବଂ ଟାଟା ଷ୍ଟିଲ ଡାଉନଷ୍ଟ୍ରିମ ପ୍ରଡକ୍ଟସ ଲିମିଟେଡ(ଟିଏସ୍‌ଡିପିଏଲ)ଠାରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏନଆଇଏନଏଲର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପଦ୍ମ ପାଳ ଏବଂ ଟିଏସ୍‌ଡିପିଏଲ କଳିଙ୍ଗନଗରର ମୁଖ୍ୟ ରାଜେଶ ଚୌଧୁରୀ ନିଜ ନିଜ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଶ୍ରୀରାମ ପ୍ରଖଣ୍ଡ ପକ୍ଷରୁ ହିନ୍ଦୁ ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ସାଧୁ, ସନ୍ଥ ଓ ଅନ୍ୟ ଅତିଥି।

**ରସୁଲପୁର,୨୭।୧(ରଞ୍ଜିତ ରାଉତ):** ଯାଜପୁର ଜିଲା ଶ୍ରୀରାମପୁରଖଣ୍ଡ ପକ୍ଷରୁ ମୁଗୁପାଳ ମଣ୍ଡଳ ଅନ୍ତର୍ଗତ କୁଆଖିଆ ବଜାର ସାନଓରାଳୀ ହରିହାଟ ପଡ଼ିଆରେ ସୋମବାର ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ପଞ୍ଚାୟତର ୨୦୦୦ରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ଅତିଥି ଭାବରେ ବାବା ସଚ୍ଚିଦାନନ୍ଦ ମହାରାଜ, ଶିକ୍ଷାବିତ ଜିତେନ୍ଦ୍ର କର, ଯୋଗେନ୍ଦ୍ର ପଣ୍ଡା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯାଜପୁର ଜିଲା କାର୍ଯ୍ୟବାହକ ଅମିୟ ସାମଲ, ସାମାଜିକ କର୍ମୀ ନୀଳଚପଳା ଦାସ, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଯୋଗଦେଇ ହିନ୍ଦୁ ଧର୍ମର ଇତିହାସ, ବର୍ତ୍ତମାନ, ଭବିଷ୍ୟତ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସଂଘର ଶହେବର୍ଷ କଣ୍ଟକିତ ଯାତ୍ରା ସମ୍ପର୍କରେ କାର୍ଯ୍ୟକର୍ତ୍ତା ଉପସ୍ଥାପନ କରିଥିଲେ। ହିନ୍ଦୁ ସମ୍ମିଳନୀର ସଂଯୋଜକ ବିଜୟ ପଣ୍ଡା ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଯଶୋବନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଗୋଟିଏ ରାତିରେ ୯ ଦୋକାନରୁ ଚୋରି, ୩ ଗିରଫ

**ଧର୍ମଶାଳା,୨୭।୧(ବଟକୃଷ୍ଣ ପରିଡା):** ଧର୍ମଶାଳା ଥାନାଠାରୁ ୫୦ମିଟର ଦୂରରେ ଥିବା ବଜାରରୁ ରବିବାର ରାତିରେ ପାଖାପାଖି ୯ରୁ ଅଧିକ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚୋରମୁହାଁ ଗ୍ରାମର ସନ୍ତୋଷ ରାଉତ(୨୫), ମନୋଜ ବେହେରା (୨୭) ଓ ଚହଟା ଗ୍ରାମର ସୁନିଲ ମହାନ୍ତି (୨୯)। ସେମାନଙ୍କୁ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଏକ ଦୋକାନରେ ୩ ଯୁବକ ପଶି ଚୋରି କରୁଥିବା ସମୟରେ ଦୋକାନୀ ଆସି ଚାବି ପକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଚୋରି କରୁଥିବା ଯୁବକଙ୍କୁ କାବୁ କରି ଥାନାକୁ ନେଇଥିଲା। ପରେ ଅନ୍ୟ ଦୁଇ ଜଣଙ୍କୁ ଆଣି ତଦନ୍ତ ଚଳାଇଥିଲା। ସେହିପରି ନିକଟରେ ଥିବା ଏକ ଗ୍ରାହକ ସେବାକେନ୍ଦ୍ରରୁ ମଧ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଧର୍ମଶାଳାଠାରେ ପୋଲିସ ଷ୍ଟେଶନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୋଷ୍ଟ ଅଫିସ, ତହସିଲ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଓ ସ୍କୁଲ ରହିଥିବା ବେଳେ ଏହାର ପାଖରେ ଛୋଟ ବଡ଼ ୩୦ରୁ ଏକାଧିକ ଦୋକାନ ରହିଛି। ସବୁଠାରୁ ବଡ଼ କଥା ଥାନାର ଅତି ନିକଟ ବଜାର ହୋଇଥିବା ସତ୍ତ୍ୱେ ଚୋର ଏହି ବଜାରକୁ ଛାଡ଼ିନାହାନ୍ତି। ଅଞ୍ଚଳରେ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ଟିକେ କିଣିବା ପାଇଁ ଯୁବକମାନେ ଚୋରି ଭଳି ରାସ୍ତାକୁ ବାଛି ନେଉଛନ୍ତି। ଥାନାରେ ମାଳମାଳ ଗାଡ଼ି ଥିବାବେଳେ ପୋଲିସର ପାଟ୍ରୋଲିଂ ଦେଖିବାକୁ ମିଳୁନି। ଫଳରେ ଅତିସହଜରେ ଚୋରି ହେଉଥିବା ଲୋକେ କହିଛନ୍ତି। ଦୋକାନୀମାନଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୮/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ରସୁଲପୁର,୨୭।୧(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରସୁଲପୁର ବ୍ଲକରେ ଅଧ୍ୟକ୍ଷ ଅରୁଣ ରାଉତ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ସତ୍ୟାନନ୍ଦ ଦାଶ, ଉପାଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସମେତ ବ୍ଲକର ଅନ୍ୟକର୍ମଚାରୀ ଉପସ୍ଥିତ ଥିଲେ। ରସୁଲପୁର ତହସିଲରେ ତହସିଲଦାର ସିର୍ଦ୍ଧାର୍ଥ କୁମାର ବେହେରା, କୁଆଖିଆ ଥାନାରେ ଥାନା ଅଧିକାରୀ ଚିନ୍ମୟୀ ସାହୁ, ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତ, ରସୁଲପୁର ପ୍ରେସ୍ ଫୋରମ୍‌ରେ ସଭାପତି ବିଶ୍ୱଜ୍ୟୋତି ପତି, ପଲ୍ଲିପ୍ରଭା ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ସୁରେନ୍ଦ୍ର ରାଉତ, ଲାୟନ୍ସ କ୍ଲବ-କୁଆଖିଆ ଶାଖାରେ ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି, ସଭାପତି ଜନ୍ମେଜୟ ସାହୁ, ଦେବବ୍ରତ ରାଉତ, ହିଙ୍ଗୁଳା ବରିଷ୍ଠ ନାଗରିକ ସଂଘରେ ସଭାପତି କୃଷ୍ଣଚନ୍ଦ୍ର ସାହୁ, ବନଦୁର୍ଗା ଗ୍ୟାସ୍ ବିତରଣ ସଂସ୍ଥାରେ ପ୍ରଧାନଶିକ୍ଷକ ବୈଦେନ୍ଦ୍ର ନାଥ ସାହୁ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତ, ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ବାସଭବନ ଆଦି ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ରେଳ ଧାରଣାରେ କଟି ଯୁବକ ମୃତ

**ଚଣ୍ଡିଖୋଲ,୨୭।୧(ପ୍ରଦୀପ୍ତ କୁମାର ପୃଷ୍ଟି):** ହରିଦାସପୁର-ପାରାଦୀପ ପୂର୍ବତଟ ରେଳପଥର ବାଲିଚନ୍ଦ୍ରପୁର ଥାନା ଅଧୀନ ପତରାଜପୁରଠାରେ ସୋମବାର ରାତିରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ଗୌରାଙ୍ଗ ଦାସଙ୍କ ପୁଅ ଜ୍ୟୋତିରଞ୍ଜନ ଦାସ ଓରଫ୍ କାଳିଆ(୩୫)। ଟ୍ରେନ ଧକ୍କାରେ ତାଙ୍କ ମୁଣ୍ଡ ଶରୀର ଅଲଗା ହୋଇଯାଇଛି। ମୁଣ୍ଡ ଉପରେ ଟ୍ରେନ ଚଢ଼ି ଯାଇଥିବା ଅନୁମାନ କରାଯାଉଛି। କାଳିଆ ରେଳଧାରଣାରେ ଚାଲିଚାଲି ଘରକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। କଟକ ରେଲ୍‌ୱେ ପୋଲିସ ମଙ୍ଗଳବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

## ଦାନଗଦି ବ୍ଲକରେ ଜନ ଅଭିଯୋଗ ଶୁଣାଣି




ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ଯାଜପୁର,୨୭।୧(ଶୁଭାଶିଷ ରାଉତ):** ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଶିବିରରେ ୪୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୯, ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨ ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଯାଜପୁର ରୋଡ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ, ତହସିଲଦାର ରଞ୍ଜିତ ମଲ୍ଲିକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ୪୩ ଅଭିଯୋଗ**

ଜଗତ୍‌ସିଂହପୁର,(ପ୍ରମୋଦ କୁମାର ନାୟକ): ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପଞ୍ଜିକୃତ ମୋଟ ୪୩ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ଟି ଓ ଗୋଷ୍ଠୀଗତ ସମସ୍ୟା ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୨ଟି ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ, ଆବାସ, ଜମିଜମା , ପୋଲିସ ସହାୟତା ସମ୍ପର୍କିତ ଅଭିଯୋଗ ପ୍ରମୁଖ ଥିଲା। ୫ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା।

# ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ସମ୍ବିଧାନର ବିଶେଷତ୍ୱ

## ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ଜଗତ୍‌ସିଂହପୁର, ୨୭।୧ (ପ୍ରମୋଦ କୁମାର ନାୟକ)

ଭାରତ ସ୍ୱାଧୀନ ହେଲା ପରେ ଆମ୍ଭେମାନେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ଭାବେ ମହାନ ଉପଲବ୍ଧି ପାଇଛେ। ସେଥିପାଇଁ ୧୯୫୦ ଜାନୁଆରୀ ୨୬ ଆମ ପାଇଁ ସ୍ମରଣୀୟ ଦିବସ। ଗଣତନ୍ତ୍ରର ଆତ୍ମା ହେଉଛି ସମ୍ବିଧାନ। ଏପରି ଏକ ଧର୍ମ ନିରପେକ୍ଷ, ସାର୍ବଭୌମ, ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ନିମନ୍ତେ ଅନେକ ମହାପୁରୁଷ ତ୍ୟାଗ ଓ ବଳିଦାନ ଦେଇଛନ୍ତି। ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମ ନିରପେକ୍ଷତା, ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ଆମ ସମ୍ବିଧାନର ବିଶେଷତ୍ୱ। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରେ ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ଜେ. ସୋନାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ସେ ଜାତୀୟ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ପି ଅଙ୍କିତ କୁମାର ବର୍ମା ତାଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ନେଇଥିଲେ। ଏହି ଅବସରରେ ରାଷ୍ଟ୍ରର ସାର୍ବଭୌମତ୍ୱ, ସଂହତି ଓ ଜାତୀୟ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସଙ୍କଳ୍ପ ନେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ସେ ସହରରେ ଅବସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମିଳିତ ପରେଡରେ ରିଜର୍ଭ ଇନ୍ସପେକ୍ଟର ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ୨୫ଟି ଦଳ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୟୁନିଫର୍ମରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଏୟାର ୱିଙ୍ଗସ, ସିନିୟର ସିଭିଲିଆନରେ ଡ୍ରିମ ଇଣ୍ଡିଆ ସ୍କୁଲ ଓ ଜୁନିଅର ସିଭିଲିଆନରେ ଖେରସସ୍ଥିତ ମା'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଥିଲେ। ଜିଲାସ୍ତରୀୟ ଓଡ଼ିଆ, ଇଂଲିଶ୍ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଜଣା ଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ବୈଷୟିକ ଶିକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ପାରାଦୀପସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରୀ ରାଜନନ୍ଦିନୀଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ସହ ସମ୍ମାନିତ କରିଥିଲେ। ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାରେ ଉଲ୍ଲେଖନୀୟ ସଫଳତା ପାଇଥିବା ଜିଲାର ୨ ଦିବ୍ୟାଙ୍ଗ କ୍ରୀଡାବିତ ଯଥା ଲୋମା ସ୍ୱାଇଁ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଏବଂ ଅନ୍ୟ ଜଣେ ଶୁଭ୍ରଜିତ ଜେନାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେମାନଙ୍କୁ ପ୍ରମାଣପତ୍ର ସହ ଅର୍ଥରାଶି ଦିଆଯାଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶିତ ପ୍ରଜ୍ଞାପନ ମେଢ଼ଗୁଡିକ ମଧ୍ୟରୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆଧାରରେ ଜଗତ୍‌ସିଂହପୁର ପୌର ପରିଷଦର ପ୍ରଜ୍ଞାପନ ମେଢ଼ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲାର ସାଧୀନତା ସଂଗ୍ରାମୀମାନଙ୍କ ପାଇଁ ସ୍ୱତନ୍ତ୍ର ଫଟୋ ଚିତ୍ର ଷ୍ଟଲ ଓ ଆତ୍ମନିର୍ଭର ସ୍ୱଦେଶୀ ଥିମ ସେଲଫି ଜୋନ ହୋଇଥିଲା। ପରେ ମୁଖ୍ୟଅତିଥି ଷ୍ଟାଡିୟମ ପରିସରରେ ଚାରା ରୋପଣ, ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଓ ଆଳିପିଙ୍ଗଳ ଜେଲର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରତ୍ୟୁଷରୁ ସହରରେ ରାମଧୂନ, ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉତ୍ସବରେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ସମ୍ବିତ କୁମାର ରାଉତ, ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀ, ଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ଜିଲା ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଠାକୁରପାଟଣାସ୍ଥିତ ରୂପଶ୍ରୀ ମଣ୍ଡପ ପରିସରରେ ଆୟୋଜିତ ଉତ୍ସବରେ ଫୋରମ ସଭାପତି ମଧୁସୂଦନ ସାହୁ ପତାକା ଉତ୍ତୋଳନ କରିଥିବାବେଳେ ମୁଖ୍ୟଅତିଥି ଭାବେ ନାଇଜର ଅବସରପ୍ରାପ୍ତ ରେଜିଷ୍ଟ୍ରାର ଅଭୟ କୁମାର ନାୟକ ଯୋଗ ଦେଇଥିଲେ। ସେହିପରି ଶ୍ରୀକୃଷ୍ଣ ଏକାଡେମୀ (ଉଚ୍ଚ ବିଦ୍ୟାଳୟ) ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ।



ଜିଲାପାଳ ଜେ. ସୋନାଲ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

# ଭାରତମାତା କି ଜୟରେ କମ୍ପିଲା ପୁରପଲ୍ଲୀ



ନାଉଗାଁରେ ଜାତୀୟ ପତାକା ଉତ୍ତୋଳନ ଅବସରରେ ଅତିଥି ଏବଂ ଛାତ୍ରୀଛାତ୍ର।

ରଘୁନାଥପୁର,୨୭।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୭ ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତ ମାତାକି ଜୟରେ ପୁରପଲ୍ଲୀ କମ୍ପି ଉଠିଥିଲା। ରଘୁନାଥପୁର ପଞ୍ଚାୟତସମିତି କାର୍ଯ୍ୟାଳୟରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ପରିଚାଳନାରେ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ଯୋଗଦେଇ ପତାକା ଉତ୍ତୋଳନ କରି ଅଞ୍ଚଳବାସୀଙ୍କୁ ସମ୍ବୋଧିତ କରିଥିଲେ। ଗ୍ରାମ୍ୟ ନ୍ୟାୟାଳୟରେ ନ୍ୟାୟପତି ସସ୍ମିତା ସେଠୀ ପତାକା ଉତ୍ତୋଳନ କରିଥିଲେ। ତହସିଲରେ ତହସିଲଦାର ରାଜଲକ୍ଷ୍ମୀ ନାୟକ,ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ା ସୁକାନ୍ତ କୁମାର ଦଳାଇ, ସବରେଷ୍ଟର ଅଫିସରେ ସବରେଜିଷ୍ଟ୍ରାର ଦିଗବିଜୟ ଦଳାଇ, ଆରଡବ୍ଲୁଏସଏସ କାର୍ଯ୍ୟାଳୟରେ ନିବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ସେଠୀଜାତୀୟ ପତାକା ଉତ୍ତୋଳନ ହୋଇଥିଲା।ରଘୁନାଥପୁର ପଞ୍ଚାୟତରେ ସରପଞ୍ଚ ସୁଚିତ୍ରା ପଣ୍ଡା, ତାରପୁରରେ ସୁଷମା ମଲ୍ଲିକ,ଚିକଣିଆରେ ବିଷ୍ଣୁ ଚରଣ ସେଠୀ, ରେଢୁଆରେ କିଶୋର ଚନ୍ଦ୍ର ବେହେରା, ତଅଁରାରେ ବଟକୃଷ୍ଣ ନାୟକ,ବରାଗଳରେ ଜୟନ୍ତୀ ଦାସ ଓ ବିଦ୍ୟାଧରପୁରରେ ସରପଞ୍ଚ ସାହେଦା ତବସୁମ ପତାକା ଉତ୍ତୋଳନ କରି ଦେଶମାତୃକାକୁ ସମ୍ମାନ ଜଣାଇଥିଲେ।

**କୁଜଙ୍ଗ, (ମନୋଜ ପ୍ରଧାନ):** କୁଜଙ୍ଗ ବିଚାର ବିଭାଗିୟ ଅଦାଲତରେ ଅତିରିକ୍ତ ଜିଲା ଦୌରାଜଜ ଦିପ୍ତୀ ପ୍ରକାଶ ବ୍ରହ୍ମା ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସ୍ୱରୁପ ନନ୍ଦନ ବେହେରା, ବ୍ଲକ ପରିସରରେ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଥାନା ପରିରସରରେ ଥାନା ଅଧିକାରୀ ବଂଶୀଧର ପ୍ରଧାନ, କୁଜଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ବନ୍ଦିତା ଦାସ, ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦୁର୍ଗା ମଣ୍ଡପଠାରେ ବରିଷ୍ଠ ଉପଦେଷ୍ଟା ଦେବୀ ପ୍ରସାଦ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ।

**ପାରାଦୀପ,(ଶରତ ରାଉତ):** ପାରାଦୀପ ରିଫାଇନାରୀ ଟାଉନଶିପ ମଧ୍ୟରେ ଥିବା ସୁବାଷ ବୋଷ ଷ୍ଟାଡିୟମରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।ରିଫାଇନାରୀ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ରିଫାଇନାରୀ ସମ୍ପର୍କରେ ସୂଚନା ଦେବା ସହ ଆଗକୁ ହେବାକୁ ଥିବା ନୂତନ ପ୍ରକଳ୍ପ ସମ୍ପର୍କରେ କହିଥିଲେ। ଆଗାମୀ ଦିନରେ ହେବାକୁ ଯାଇଥିବା ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ଜରିଆରେ ଲକ୍ଷେ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ ବୋଲି ବାସୁ କହିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ୨୦ଜଣ ଭିନ୍ନକ୍ଷମ ମାନଙ୍କ ପାଇଁ ଇ-ରିକ୍ସା ବଣ୍ଟନ କରାଯାଇଥିଲା। ପରେ ୪ ଟି ମେଡିକାଲ ୟୁନିଟ ଭ୍ୟାନ ଲୋକାର୍ପଣ କରାଯାଇଥିଲା। ସେହିପରି ପାରାଦୀପସ୍ଥିତ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ସାଧାରତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜେଏସଡବ୍ଲୁ ଗ୍ରୁପର ବରିଷ୍ଠ ଅଧିକାରୀ କିନଶୁକ ରୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ ।

**ନାଉଗାଁ, (ସୁଧା ବେହୁରା):** ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଉପାଧ୍ୟକ୍ଷ ସୁଜିତ ପୁହାଣ, ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଶରତ ପରିଡା,ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସ୍ୱପ୍ନା ମହାପାତ୍ର, ବ୍ଲକ କଂଗ୍ରେସ କାର୍ଯ୍ୟାର୍ଯ୍ୟାଳୟରେ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ବ୍ଲକ ବିଜେଡି କାର୍ଯ୍ୟାଳୟରେ ସଭାପତି ନିରଞ୍ଜନ ବେହୁରା, ଭାଜପା ମଣ୍ଡଳ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ ଆଦି ପତାକା ଉତ୍ତୋଳନ କରିଥିଲେ।

**ବାଲିକୁଦା,(ତାପସ ସ୍ୱାଇଁ) :** ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ପ୍ରକାଶ ଚନ୍ଦ୍ର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ବାଲିକୁଦା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଡା.ସାଫଲ୍ୟ ରଞ୍ଜନ ଜେନା, ସିଙ୍ଗିଟାଳିଆ ଉପ୍ରାବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସରୋଜକାନ୍ତ ସ୍ୱାଇଁ, ଦେବହତାସ୍ଥିତ ମା'ସରସ୍ୱତୀ ଶିଶୁ ମନ୍ଦିରରେ ସରପଞ୍ଚ ସୁଚିରଞ୍ଜନ ମଲ୍ଲ, ବାଲିକୁଦା ପଞ୍ଚାୟତ କାର୍ଯ୍ୟାଳୟ ଓ ହାଇସ୍କୁଲରେ ସରପଞ୍ଚ ରାଜକିଶୋର ସାହୁ, ବାହାରଣା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମାନସ ପରିଡ଼ା, ଅଳାଭର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ, ବଡ଼ଗାଁସ୍ଥିତ ପଞ୍ଚୁପଡା ଦୁଗ୍ଧ ସମବାୟ ସମିତିରେ ସମ୍ପାଦକ ସୁବାସ ରାଉତ ପତାକା ଉତ୍ତୋଳନ କରିଥିଲେ। ଶ୍ରୀକୃଷ୍ଣ ଗୁରୁକୁଳରେ ଶିକ୍ଷାବିତ୍ ଧର୍ମାନନ୍ଦ ଦାସ, ବାଲିକୁଦା କୃଷି କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା, ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡା ପତାକା ଉତ୍ତୋଳନ କରିଥିଲେ ।

# ୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ଯାନ୍ତ୍ରିକୀକରଣ ହେବ

## ପାରାଦୀପ ବନ୍ଦର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ ୨୭।୧(ଶରତ ରାଉତ)

ସ୍ଥାନୀୟ ନୁଆବଜାରସ୍ଥ ଗୋପବନ୍ଧୁ ଷ୍ଟାଡିୟମରେ ସୋମବାର ପାରାଦୀପ ବନ୍ଦର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ପାରାଦୀପ ବନ୍ଦରର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପାରାଦୀପ ଏବେ ବାର୍ଷିକ ୧୫୦ ମିଲିୟନ ମେଟ୍ରିକ ଟନ (ଏମ୍‌ଏମଟି)ପଣ୍ୟ କାରବାର କରି ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆଗକୁ ଅନେକ ଭିତ୍ତିଭୂମି ବିକାଶ କରାଯାଉଛି। ୨୦୩୦ ସୁଦ୍ଧା ପାରାଦୀପ ବାର୍ଷିକ ୩୫୦ ଏମ୍‌ଏମଟି ପଣ୍ୟ କାରବାର କରିବା ସହ ସମ୍ପୂର୍ଣ୍ଣ ଯାନ୍ତ୍ରିକୀକରଣ ହେବ ବୋଲି ହାରାନ୍ଧ କହିଥିଲେ। ପରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, କବିତା ପାଠ ଓ ସନ୍ଧ୍ୟାରେ ସମସ୍ତ ସ୍କୁଲର ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁଗୋପାଳ ଉପସ୍ଥିତ ଥିଲେ।



ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

# ଆମଦାନୀ କ୍ଷେତ୍ରରେ ଏବେ ବୈଶ୍ୱିକ ଆହ୍ୱାନ ସୃଷ୍ଟି ହୋଇଛି



ଇଫ୍‌କୋ କମ୍ପାନୀର ଏମ୍‌ଡି କେ.ଜେ. ପଟେଲ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

## ଇଫ୍‌କୋ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ ୨୭।୧(ଶରତ ରାଉତ)

ପାରାଦୀପ ଇଫ୍‌କୋ ପରିସରରେ ଥିବା ସଂସ୍କୃତି ଭବନ ପଡିଆରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଇଫ୍‌କୋ କମ୍ପାନୀର ଏମଡି (ମ୍ୟାନେଜିଂ ଡାଇରେକ୍ଟର)କେ.ଜେ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଭାରତରେ ଥିବା ୫ଟି କାରଖାନା ପାଇଁ ଭର୍ଚୁଆଲ ବକ୍ତବ୍ୟ ରଖିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଉପରେ କହିବା ପରେ ଇଫ୍‌କୋ ସାର କାରଖାନା ଉପରେ ବକ୍ତବ୍ୟ ରଖିଥିଲେ।

ଦେଶର ସମୁଦାୟ ସାର ମଧ୍ୟରୁ କେବଳ ଇଫକୋ ୨୦ ପ୍ରତିଶତ ଆବଶ୍ୟକ ପୂରଣ କରୁଛି। ସାର ଉତ୍ପାଦନ ପାଇଁ ସମସ୍ତ କଞ୍ଚାମାଲ ବିଦେଶରୁ ଆମଦାନୀ କରିବାକୁ ପଡୁଛି। ଏବେ ବିଶ୍ୱରେ ଯେଉଁଭଳି ଉତ୍ତେଜନା ରହିଛି ସେଥିରେ କଞ୍ଚାମାଲ ଆମଦାନୀ କରିବା ଆହ୍ୱାନ ସୃଷ୍ଟି କରିଛି ବୋଲି ଏମ୍‌ଡି ପଟେଲ କହିଥିଲେ।ଏହାର ବିକଳ୍ପ ପାଇଁ ଆମେ ଏବେ ନାନୋ ତରଳ ସାର ଉତ୍ପାଦନ ଆରମ୍ଭ କରିଛୁ। ଆଗକୁ ଜୈବିକ ସାର, ଆଡଭାନ୍ସ ସାର ଉତ୍ପାଦନ କରିବା ପାଇଁ ଇଫକୋ ପ୍ରୟାସ ଜାରି ରହିଛି। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର, ଅନ୍ୟ ଅଧିକାରୀ, ଶ୍ରମିକ ୟୁନିୟନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭଲିବଲ୍ ଟୁର୍ନାମେଣ୍ଟ, ତିର୍ତ୍ତୋଲ ଚାମ୍ପିୟନ



ତିର୍ତ୍ତୋଲ, ୨୭।୧ (ଗୌରାଙ୍ଗ ଚରଣ ସାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଆମ୍ବେରୀଠାରେ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତିର୍ତ୍ତୋଲ ଟିମ୍ ପ୍ରତିପକ୍ଷ ଜଗତ୍‌ସିଂହପୁର ଫ୍ରେଣ୍ଡସ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଆମ୍ବେରୀ ୱାରିଅର୍ ଭଲିବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ କ୍ରିଡ଼ାବିତ୍ ଅମୀୟ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ତିର୍ତ୍ତୋଲ ଟିମ୍‌କୁ ଟ୍ରଫି ସହ ନଗଦ ୫ ହଜାର ଓ ପରାଜିତ ଦଳକୁ ରନର୍ସଅପ୍ ଟ୍ରଫି ସହିତ ନଗଦ ୪ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅତିଥିଭାବେ ସାମାଜିକ କର୍ମୀ ଅମୀୟ ଦାସ, ବିକ୍ରମ ମହାନ୍ତି ଓ ପ୍ରଫୁଲ ଦାସ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ମାନସ ସୂତାର, ପ୍ରିତମ ଦାସ ଖେଳ ପରିଚାଳନା କରିଥିଲେ। ଆସୋସିଏଶନ ପକ୍ଷରୁ ଟିଟୁ ସାହାଣୀ, ରାଜା ସାହାଣୀ, କାଳିଆ ଦାସ, ସାଗର ଦାସ, ମୁନୁ ଦାସ, ମାନସ ଦାସ, ଆନନ୍ଦ ଦାସ, ଜିତୁ ଦାସ, ଗୋଲ ସାହୁଙ୍କ ସମେତ ଆସୋସିଏଶନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ୪ ଗୋରୁ ଜୀବନ୍ତ ଦଗ୍ଧ

ବାଲିକୁଦା, ୨୭।୧(ତାପସ ସ୍ୱାଇଁ)

ବାଲିକୁଦା ତହସିଲ ଅନ୍ତର୍ଗତ ନହରଣା ଗ୍ରାମର ଉଲ୍ଲାସ ପଣ୍ଡାଙ୍କ ଗୁହାଳରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଗାଈ, ଗୋଟିଏ ବାଛୁରି ରହିଛି। ଅନ୍ୟ ଏକ ଗାଈ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛି। ସୋମବାର ରାତିରେ ପଣ୍ଡାଙ୍କ ପରିବାର ଲୋକେ ଶୋଇଥିବାବେଳେ ଗୋରୁଙ୍କ ଚିତ୍କାର ଶୁଣିବାକୁ ମିଳିଥିଲା। ଏହାପରେ ପରିବାର ଲୋକେ ସେଠାରେ ପହଞ୍ଚିବାବେଳକୁ ଗୁହାଳଟି ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିଲା। ଏପରି କି ପାଖରେ ଥିବା ଅନ୍ୟ ଏକ ଜାଳେଣି କାଠରେ ଘରକୁ ନିଆଁ ବ୍ୟାପି ଯାଇଥିଲା। ତୁରନ୍ତ ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ ପାଣି ପକାଇ ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବାବେଳକୁ ୪ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଅନ୍ୟ ଏକ ଗାଈ ପଘା ଛିଣ୍ଡାଇ ଚାଲିଆସିଥିଲେ ମଧ୍ୟ ତା'ର ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତ ଗୋରୁଗୁଡ଼ିକୁ ଜେସିବି ଯୋଗେ ଉଠାଯାଇ ସ୍ଥାନୀୟ ଏକ ଜାଗାରେ ଗାତ ଖୋଳି ପରିବାର ପକ୍ଷରୁ ପୋତି ଦିଆଯାଇଛି। ଆରଆଇ ଦୀପ୍ତିରଞ୍ଜନ ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କ୍ଷତିକ୍ଷତିର ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# ମୃତ ତିମିର ଅସ୍ଥିକୁ ବନ୍ଦରରେ ଏକ ସଂଗ୍ରହାଳୟ କରି ରଖିବାକୁ ଦାବି

ବାଲିକୁଦା, ୨୭।୧(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ବନ୍ଦର ସାମୁଦ୍ରିକ ଥାନା ଅଧୀନ ଦେବୀ ନଦୀ ଓ ବଙ୍ଗୋପସାଗର ମୁହାଣ ନଡ଼ିଆଖିଆରୁ ଗତ ୪ ଦିନ ତଳେ ଏକ ବିଶାଳ ତିମି ମାଛର ମୃତଦେହ ଠାବ କରାଯାଇଥିଲା। ଏହାକୁ ବନ୍ଦର ବନ ବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ପାଇଁ ପଠାଯାଇଥିବା ବେଳେ ଉକ୍ତ ତିମିର ମାଂସକୁ କେମିକାଲ ଯୋଗେ ନଷ୍ଟ କରାଯାଇ ତା'ର ଅସ୍ଥିକୁ ନନ୍ଦନକାନନ କିମ୍ବା ଭିତର କନିକାରେ ସ୍ଥାନ ଦେବାକୁ ନିଷ୍ପତ୍ତି ହୋଇଥିବା ବନ୍ଦର ବନରକ୍ଷକ ପ୍ରିୟବ୍ରତ ଚୌଧୁରୀ ସୂଚନା ଦେଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ବାଲିକୁଦା ବ୍ଲକ ଉପକୂଳ ଅଞ୍ଚଳର ଜନସାଧାରଣ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ସେଠାରେ ଥିବା ମା' ବନ୍ଦରେଇ ପୀଠକୁ ସରକାର ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି। ପର୍ଯ୍ୟଟନ ଋତୁ ଓ ଅନ୍ୟ ସମୟରେ ମା'ବନ୍ଦରେଇଙ୍କ ଦର୍ଶନ ସହ ବଣ ଭୋଜିର ଆନନ୍ଦ ଓ ନୌକା ବିହାର କରିବା ସହ ସମୁଦ୍ର କୂଳକୁ ଯିବା ପାଇଁ ବହୁ ହଜାର ପର୍ଯ୍ୟଟକ ଏକତ୍ରିତ ହୋଇଥାନ୍ତି। ଏଣୁ ଉକ୍ତ ତିମି ମାଛର ଅସ୍ଥିକୁ ସରକାର ଏହି ବନ୍ଦର ଅଞ୍ଚଳରେ ଏକ ସଂଗ୍ରହାଳୟ ନିର୍ମାଣ କରି ସେଥିରେ ସ୍ଥାନ ଦେଲେ ବହୁ ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସିବେ। ଫଳରେ ଏଠାକାର ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବା ସହ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାପାଇଁ ଏକ ପ୍ରକାର ବାଧ୍ୟ ହେବେ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ଏନେଇ ଜିଲାପାଳଙ୍କ ସମେତ ବିଧାୟକ, ମନ୍ତ୍ରୀ, ଏମ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଅଞ୍ଚଳରେ ଦସ୍ତଖତ ଅଭିଯାନ ଚାଲିଥିବା ସାମାଜିକ ଗଣମାଧ୍ୟମ ଯୋଗେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସରକାର ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଧ୍ୟାନ ନ ଦେଲେ ତିମି ମାଛର ଅସ୍ଥିକୁ ଛଡ଼ାଯିବ ନାହିଁ ବୋଲି ମାଳ ମରିଚପୁର ଉନ୍ନୟନ ପରିଷଦ, ତଳମାଳ ବିକାଶ ମଞ୍ଚ, ଭଏସ୍ ଅଫ ବାଲିକୁଦା, ମା' ବନ୍ଦରେଇ ୟୁଥ ୟୁନିୟନ, କିଶାରାମ ବିଶ୍ୱାଳ ଫାଉଣ୍ଡେଶନ, ପ୍ରଗତି ପଥେ ଆମ ସଙ୍ଗଠନ, ଲୋଟସ କ୍ଲବ, ଉପକୂଳ କ୍ରିୟାନୁଷ୍ଠାନ କମିଟି ବାଲିକୁଦାର ସଦସ୍ୟମାନେ ଚେତବନୀ ଦେଇଛନ୍ତି।



ପାରାଦୀପ ରିଫାଇନାରୀ ଟାଉନଶିପ ପରିସରରେ ୨୦ହଜାର ବର୍ଗଫୁଟ ଅଞ୍ଚଳରେ ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୪୦ ପ୍ରକାର ଫୁଲ ଓ ୧୬ ପ୍ରଜାତିର ପରିବା ପ୍ରଦର୍ଶିତ ହୋଇଥିଲା। ( ଫଟୋ ଶରତ ରାଉତ)

# ଗଛ କଟାକୁ ନେଇ ଗୋଷ୍ଠୀ ସଂଘର୍ଷ: ୨ ଗିରଫ

ଏରସମା, ୨୭।୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଆମ୍ବିକି ଗ୍ରାମରେ ଗଛ କଟାକୁ ନେଇ ସୋମବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏନେଇ ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଆମ୍ବିକି ଗ୍ରାମର ସଞ୍ଜୟ କୁମାର ନାୟକ ( ୪୫), ସ୍ୱରୂପ କୁମାର ପାଲ (୪୦) ଅରୂପ କୁମାର ପାଲ ଓ ସ୍ୱରୂପ ଦୀର୍ଘ ବର୍ଷ ହେଲା ଆମ୍ବିକି ଗ୍ରାମରେ ବସବାସ କରିଆସୁଛନ୍ତି। ତେବେ ଗ୍ରାମର ଉକ୍ତ ଜାଗାକୁ ନେଇ ଆମ୍ବିକି ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ସେଠାରେ ଥିବା ୨ଟା ବେଲଜିଅମ ଓ ଗୋଟିଏ ଆକାଶିଆ ଗଛକୁ କେତେଜଣ ଗ୍ରାମବାସୀ ସୋମବାର କାଟି ଦେଇଥିଲେ। ଏନେଇ ସେମାନଙ୍କ ସହ ଦୁଇ ଭାଇ ଅରୂପ, ସ୍ୱରୂପ ଗଣ୍ଡଗୋଳ କରିଥିଲେ। ପରେ ଏହା ଭୟଙ୍କର ରୂପ ନେଇଥିଲା। ଖବରପାଇ ଏରସମା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଛାଡ଼ିଛି। ଅରୂପଙ୍କ ମା' କାଞ୍ଚନଙ୍କ ଅଭିଯୋଗ ଉପରେ ମାମଲା (ନଂ.୩୬/୨୬) ରୁଜୁ କରାଯାଇ ଓ ରଞ୍ଜନ ଭୂୟାଁଙ୍କ ଅଭିଯୋଗକୁ ଭିତ୍ତି କରି (ନଂ.୩୭/୨୬) ମାମଲା ରୁଜୁ କରାଯାଇଛି। କାଞ୍ଚନଙ୍କ ଅଭିଯୋଗକୁ ଭିତ୍ତି କରି ସଞ୍ଜୟ ଓ ରଞ୍ଜନଙ୍କ ଅଭିଯୋଗ ଅନୁସାରେ ସ୍ୱରୂପଙ୍କୁ ଗିରଫ କରାଯାଇଛି। ଏଥିସହ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ,ଏରସମା ଥାନା ଅଧିକାରୀ ପ୍ରେମଜୀତ ଦାସ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଏକ ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଛି। ଆଗାମୀ ୧୫ ଦିନ ମଧ୍ୟରେ ତହସିଲଦାରଙ୍କ ଉପସ୍ଥିତିରେ ସେହି ଜାଗା ମପାଯାଇ ନିଷ୍ପତ୍ତି ନିଆଯିବ। ସେପର୍ଯ୍ୟନ୍ତ କେହି ପାଚିରୁଣ୍ଡ କରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା ଆଇଆଇସି ପ୍ରେମଜୀତ ଦାସ କହିଛନ୍ତି।

# ଆକ୍ସନ ଟେକେନ ରିପୋର୍ଟ ନ ଥିବାରୁ ଉଦ୍‌ବେଗ

ନୟାଗଡ଼,୨୭।୧(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ପରିଷଦର ଏକାଦଶ ସାଧାରଣ ବୈଠକ ମଙ୍ଗଳବାର ସୃଜନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଚସ୍ପତି ସୁରମା ପାଢୀ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ମଧୁମିତା ରଥ ଓ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଗତ ବୈଠକର ପୂର୍ବ ବିବରଣୀ ବିନା ଆଲୋଚନାରେ ଜିଲା ପରିଷଦ ସଭ୍ୟଙ୍କ ସମେତ ଅନ୍ୟ ସଭ୍ୟମାନେ ଦୃଢ଼ୀକରଣ କରିଥିବାବେଳେ ଆକ୍ସନ ଟେକେନ ରିପୋର୍ଟ ନ ଥିବାର ଉଦ୍‌ବେଗ ପ୍ରକାଶ କରିଥିଲେ। ସଭ୍ୟଙ୍କ ଉଦ୍‌ବେଗ ଓ କ୍ଷୋଭକୁ ଅନୁଧ୍ୟାନ କରି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରି ଜିଲା ପରିଷଦ ବୈଠକ ଓ ପରିଷଦ ସଭ୍ୟଙ୍କୁ ଅଣଦେଖା କରନି ।

ଗୃହୀତ ପ୍ରସ୍ତାବ ଆଲୋଚନା ପ୍ରସଙ୍ଗ କିମ୍ବା ପଚାରା ଯାଉଥିବା ପ୍ରଶ୍ନକୁ ଗୁରୁତ୍ୱ ଦେଇ ଉତ୍ତର ଦେବା ସହ ସମାଧାନ କରାଅ । ଲୋକଙ୍କ କାମ କର, ଜିଲାକୁ ଏକ ନମ୍ବର କରାଅ । ଲୋକଙ୍କ ଅଭାବ ଅସୁବିଧାକୁ ଦୂର କରିବାକୁ ପ୍ରାଧାନ୍ୟ ଦିଅ। ମୁଁ ଯେପରି ଫୋନ ଉଠାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରୁଛି ଆପଣମାନେ ସେପରି କରନ୍ତୁ। ହେଡ କ୍ୱାଟର ନ ଛାଡି ଜିଲାରେ ରୁହନ୍ତୁ। ନିର୍ଦ୍ଧାରିତ ସମୟରେ କାମ ଯେପରି ଶେଷ ହେବ ସେନେଇ କାମ କରନ୍ତୁ । ଠିକାଦାର କଥା ମାନୁ ନାହାନ୍ତି କହିବା ଭଲ ଲାଗୁନି । କାମ ଶୀଘ୍ର ଶେଷ ପାଇଁ ଠିକାଦାରଙ୍କ ଉପରେ ଚାପ ପକାଇ କାମ କର। ନ ହେଲେ ତୁମ ବିରୋଧରେ ମୋତେ କାର୍ଯ୍ୟାନୁଷ୍ଠାନ ନେବାକୁ ପଡିବ ବୋଲି ଚେତାବନୀ ଦେଇଥିଲେ । ଜିଲାରେ ୩୫ ନର୍ସରୀରେ ପଡିଥିବା ୩ ଲକ୍ଷ ଚାରା ମାଗଣା ବଣ୍ଟନ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଗୃହରେ ବନ ବିଭାଗର କାର୍ଯ୍ୟ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କାମ୍ପା ପରି ବିଭିନ୍ନ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତଥ୍ୟ ମାଗିଲେ ମିଳୁନି। ପୁଣି ଭିଜିଲାନ୍ସ ତଦନ୍ତ ପାଇଁ ପ୍ରସ୍ତାବ ଗୃହୀତ ସତ୍ତ୍ୱେ ପଦକ୍ଷେପ ନାହିଁ। ଜିଲା ପରିଷଦର ବଣ୍ଟନ ଅର୍ଥରୁ ସିଂହ ଭାଗ ବନବିଭାଗ ନେଉଥିବା ବେଳେ ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ନୟାଗଡ଼ ଜିଲା ଆଗ ପରି ଆଉ ରଥ କାଠ ଯୋଗାଇ ପାରୁନାହିଁ ।

ଜଗନ୍ନାଥ ପ୍ରକଳ୍ପ ଓ ମହାନଦୀ ମିଶନର ସ୍ଥିତି କଣ ରହିଛି ବାଉଁଶ କଣ୍ଟିରେ ଅନିୟମିତତା ପ୍ରସଙ୍ଗ କଣ ହେଲା, କେତେ ତାଳ ଗଛ ଲାଗିଲା ପ୍ରଶ୍ନ ଉଠିଥିଲା। ସେହିଭଳି ମୋ ଖତ ପ୍ରସଙ୍ଗ କ'ଣ ହେଲା, ପ୍ରତିବର୍ଷ ଚାରା ରୋପଣ ହେଉଛି ଅଥଚ ଜଙ୍ଗଲମୟ କାହିଁକି ହେଉ ନାହିଁ ଅନୁରୂପ ପ୍ରଶ୍ନ ବୈଠକରେ ଉଠିଥିଲା । ବୈଠକରେ ଡିଏଫଓ ଅନୁପସ୍ଥିତ ଥିବାବେଳେ ଏସିଏଫ ଏହାର ଉତ୍ତର ଦେଇପାରି ନ ଥିଲେ। ବନ ବିଭାଗର ସହଯୋଗ ମିଳୁନଥିବାରୁ ୫ଜଣିଆ ଷ୍ଟାଣ୍ଡିଂ କମିଟି ଦୁର୍ନୀତି ଗୁଡିକର ଅନୁଧ୍ୟାନ ଓ ସମୀକ୍ଷା କରିପାରୁ ନାହିଁ ବୋଲି କୁହାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ହାତ ଗଣତି କେତେକ ପଞ୍ଚାୟତକୁ ଛାଡିଦେଲେ ଅନେକ ପଞ୍ଚାୟତରେ କାମ କରୁନି। ଲୋକମାନେ ସେମାନଙ୍କର ଅଳିଆକୁ ଆବର୍ଜନା ବହୁଥିବା ଗାଡିକୁ ଦେଉ ନାହାନ୍ତି। ସଫେଇ ଗାଡି କିଣା ଦୁର୍ନୀତିର ତଦନ୍ତ ହେଲା ନାହିଁ ପରି ପ୍ରସଙ୍ଗ ମଧ୍ୟ ସରଗରମ ଆଲୋଚନା ହୋଇଥିଲା। ଗଣିଆ କୁତୁରୀ ରାସ୍ତା ପୂର୍ତ୍ତ ବିଭାଗର ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ ପରେ ଏହାକୁ ଆରଡି ବିଭାଗକୁ ହସ୍ତାନ୍ତର କରାଯାଇଥିଲା ।

୨୦୧୮-୧୯ରୁ କାମ ଆରମ୍ଭ ହୋଇଥିବାବେଳେ କାମ ଶେଷ ହେଉନାହିଁ। ବରଂ ରାସ୍ତା ମରଣଯନ୍ତା ହୋଇ ପଡିଛି। ସମ୍ପୃକ୍ତ ରାସ୍ତାର କାମ ଶେଷ ହୋଇଛି ନାଁ ନାହିଁ, ଯଦି ଶେଷ ହୋଇଛି ତେବେ ମରାମତି କାହିଁକି କରାଯାଉନି। ଏନେଇ ବିଧାୟକ, ଜିଲା ପରିଷଦ ସଭ୍ୟ ଓ ଜିଲାପାଳଙ୍କ ପ୍ରଶ୍ନବାଣରେ ଆରଡିର ଅଧୀକ୍ଷଣ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଏପରିକି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହଟହଟା ହୋଇଥିବାର ଦେଖା ଯାଇଥିଲା। ତେବେ ଫେବୃଆରୀ ମଧ୍ୟରେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ କୁହାଯାଇଛି। ରାସ୍ତା ହସ୍ତାନ୍ତର ପରେ ପୂର୍ତ୍ତ ବିଭାଗ ରାସ୍ତାକୁ ଉଚ୍ଚ କରିବାକୁ ନିର୍ଦ୍ଦେଶ ରହିଛି । ଆରଡି ବିଭାଗ ଠିକ୍ ଭାବେ କାମ କରୁ ନ ଥିବାରୁ ଜିଲାପାଳ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ରାସ୍ତାରେ ଗୋବର ଲିପି ବିଲ୍ କରାଯାଉଥିବାରୁ ମନଟରିଂ ଉପରେ ପ୍ରଶ୍ନ ଉଠାଇ ଜିଲା ପରିଷଦ ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରି ଅଧିକାରୀଙ୍କୁ ତାଗଦ କରିଥିଲେ।

ମହାନଦୀରେ ବନ୍ୟା ସମୟରେ ଭାପୁର ବ୍ଲକ ମଣିପୁର ବିଚ୍ଛିନ୍ନ ହୋଇ ରହୁଥିବାରୁ ଏହାର ସମାଧାନ ପ୍ରସଙ୍ଗ ଗୃହରେ ଉଠିଥିଲା । କ୍ଷୁଦ୍ର ଜଳସେଚନ ବିଭାଗରେ କେତୋଟି ପ୍ରକଳ୍ପ ଅଛି ସହକାରୀ ଯନ୍ତ୍ରୀ ଦେଇ ନ ପାରି ଅପଦସ୍ତ ହୋଇଥିଲେ । ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବୈଠକକୁ ଆସିନଥିଲେ ମଧ୍ୟ ଅବଗତ କରାଇନଥିବାରୁ କାରଣଦର୍ଶାଅ ନୋଟିସ୍ ଜାରି ହେବବୋଲି ପ୍ରସ୍ତାବ ଗୃହୀତ ହୋଇଛି । ମେଗା ପାନୀୟ ଜଳ ଯୋଗାଣରେ ୨୦୧୯ରୁ କାମ ଆରମ୍ଭ ହୋଇଥିଲେ ହେଁ ୨୦୨୬ ରେ ମଧ୍ୟ ୭୦ କୋଟିର ପ୍ରକଳ୍ପ ଶେଷ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ସେଚାଞ୍ଚଳ, ଜଳବିଭାଜିକା ପରି ବିଭିନ୍ନ ବିଭାଗର ସମୀକ୍ଷା ହୋଇଥିଲା ।



ଜିଲାପରିଷଦ ବୈଠକରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟ ଅଧିକାରୀମାନେ ।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ନାତିଙ୍କ ଅକାଳ ବିୟୋଗ



ଖଣ୍ଡପଡା,୨୭।୧(ଅଜୟ କୁମାର ମହାରଣା) କଣ୍ଟିଲୋ ପଞ୍ଚାୟତ ଅଧୀନ ହାଟମୁଣ୍ଡାଟଣା ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୃନ୍ଦାବନ ମହାରଣାଙ୍କ ମଧ୍ୟମ ନାତି ତଥା ସମବାୟବିତ୍ ଶରତ ଚନ୍ଦ୍ର ମହାରଣାଙ୍କ ମଧ୍ୟମ ପୁତ୍ର ସୁଧାଂଶୁ ମହାରଣା (ନାଲୁ) (୪୮) ଦୀର୍ଘ ଦିନ ହେବ ଯକୃତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ହୋଇଛି। ସେ ଜଣେ ମେଳାପି ଯୁବକ ଭାବରେ ପରିଚିତ ଥିବା ବେଳେ ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମଙ୍ଗଳବାର ସକାଳେ ତାଙ୍କ ଶେଷକୃତ୍ୟ ସ୍ଥାନୀୟ ମହିମା ଆଶ୍ରମ ସମ୍ମୁଖ ମହାନଦୀ ତଟ ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଛି। ସ୍ୱର୍ଗତ ସୁଧାଂଶୁଙ୍କ ଏକମାତ୍ର ପୁତ୍ର ସମ୍ପିତ ମୁଖାଗ୍ନି ଦେଇଥିଲେ ।

### କଟ୍‌ନି ଛଟ୍‌ନିକୁ ନେଇ ଆନ୍ଦୋଳନ କରିବ ବିଜେଡି ପ୍ରତିବାଦରେ ୧୬ଦିନିଆ ବିକ୍ଷୋଭ ସହ ବିରୋଧ

ନୟାଗଡ,୨୭।୧(ଲୋକନାଥ ମିଶ୍ର): ଧାନମଣ୍ଡିରେ ଧାନର କଟ୍‌ନୀଛଟ୍‌ନୀର ପ୍ରତିବାଦ କରି ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ନୟାଗଡ଼ରେ ବିଧାୟକ ଅରୁଣ କୁମାର ସାହୁ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଧାୟକ ସାହୁ କହିଛନ୍ତି, ଚାଷୀଙ୍କୁ ଅବହେଳା କରୁଛି ଭାଜପା ସରକାର। ମଣ୍ଡିରୁ ଧାନ ଉଠାଉ ନାହାନ୍ତି । ଧାନ ଉଠାଇଲେ ୮ରୁ ୧୪ କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ବହୁ ଚାଷୀ ଧାନ ପଞ୍ଜୀକରଣ କରିବାରେ ବଞ୍ଚିତ ହୋଇଛନ୍ତି । ଧାନ ବିକୁଥିବା ଚାଷୀ ତାର ପ୍ରାପ୍ୟ ଠିକ୍‌ରେ ପାଉ ନାହାନ୍ତି । ଧାନରୁ ଫାଇଦା ପାଇଁ ସରକାର ମିଲରଙ୍କ ସହ ହାତ ମିଳାଇଛନ୍ତି । ଧାନରୁ କିପରି ମୁନାଫା ମିଳିବ ସେଥି ପାଇଁ ସରକାର ଲାଗି ପଡିଛନ୍ତି। ମଣ୍ଡିରୁ ମୁଣ୍ଡି ହେବାକୁ ଯାଉଛନ୍ତି ସରକାର। ଭାଜପା ସରକାର ଯାହା କହେ ତାର ଓଲଟା କରେ। ଏ ଅବସରରେ ଫେବୃଆରୀ ୨ରୁ ୧୭ ତାରିଖ ଯାଏ ଓଡିଶାର ବିଭିନ୍ନ ଜିଲାରେ ଭିନ୍ନ ଭିନ୍ନ ଦିବସରେ ବିଜେଡି ପକ୍ଷରୁ ବିକ୍ଷୋଭ ସହ ବିରୋଧ ଜାରି ରହିବ। ସରକାର ନ ଚେତିଲେ ଆନ୍ଦୋଳନ ବ୍ୟାପକ ହେବ। ଫେବୃଆରୀ ୨୪ରେ ରାଜଧାନୀରେ ବିଶାଳ ବିକ୍ଷୋଭ ବିରୋଧ ସମାବେଶ ହେବ ବୋଲି କହିଥିଲେ ।

### ରୋଗୀ ଖୋଲିଲେ ଅବ୍ୟବସ୍ଥାର ଗୁମର କଥା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଫଳ ବଣ୍ଟନ ବେଳେ ଅଭିଯୋଗ କଲେ

ନୟାଗଡ଼, ୨୭।୧(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ସଦର ମହକୁମା ସ୍ଥିତ ପିଟିଏସ୍ ପଡ଼ିଆଠାରେ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ରେ ପତାକା ଉତ୍ତୋଳନ କରି ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବାଣ୍ଟିଥିଲେ । ଏଭଳିସ୍ଥଳେ କେତେକ ରୋଗୀ ମେଡ଼ିକାଲରେ କିପରି ହଇରାଣ ହେଉଛନ୍ତି, ଔଷଧ ଠିକରେ ମିଳୁ ନ ଥିବା ପରି ବିଭିନ୍ନ ଅବ୍ୟବସ୍ଥାର ଗୁମର ଖୋଲି ମନ୍ତ୍ରୀ ଓ ଜିଲାପାଳ ମଧୁମିତା ରଥଙ୍କୁ ଅବଗତ କରାଇଥିଲେ । ନିକଟରେ ସିଡିଏମ୍ଓ ଏବଂ କେତେକ ଡାକ୍ତର ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ମନ୍ତ୍ରୀ ସେହିଦିନ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ ।

### ନଦୀପଠାରୁ ଅଜଗର ଉଦ୍ଧାର

ଦିଗପହଣ୍ଡି,୨୭।୧(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆମ୍ବ ଗାଁ ନିକଟ ଘୋଡ଼ାହାଡ଼ ନଦୀ ପଠାରୁ ସୋମବାର ସନ୍ଧ୍ୟାରେ ଏକ ୮ ଫୁଟ ବିଶିଷ୍ଟ ଅଜଗର ସାପ ଉଦ୍ଧାର ହୋଇଛି। ନଦୀକୁ ଶୌଚ ପାଇଁ ଯାଇଥିବା କେତେ ଜଣ ଗ୍ରାମବାସୀ ଅଜଗରକୁ ଦେଖି ଅନ୍ୟକୁ କହିବା ପରେ ସେଠାରେ ଲୋକାରଣ୍ୟ ହୋଇଥିଲା। ଏନେଇ ଗ୍ରାମବାସୀ ପାଟପୁର ବନ ବିଭାଗକୁ ଖବର ଦେଇଥିଲେ।

# କେ.ସି.କ୍ଲବ୍‌ର ଶତବାର୍ଷିକ ଉତ୍ସବ ଉଦ୍‌ଘାଟିତ

ନୟଗଡ଼,୨୭।୧(ଲୋକନାଥ ମିଶ୍ର): ନୟାଗଡ଼ ଜିଲାର ସର୍ବ ପୁରାତନ କେ.ସି.କ୍ଲବର ଶତବାର୍ଷିକ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇହୋଇଛି। ସଭ୍ୟ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ,ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟବକ୍ତା ଭାବେ କନ୍ଧମାଳର ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରି ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବର୍ଷିୟାନ ସଭ୍ୟ ପ୍ରମୋଦ ପଟ୍ଟନାୟକ ଅନୁରୂପ ଭାବେ ମଞ୍ଚାସୀନ ଥିଲେ। କ୍ଲବ ସଭାପତି ଭାଗୀରଥି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନ ସିଂ ସମ୍ପାଦକୀୟ ବୀବରଣୀ ପାଠ କରିଥିବା ବେଳେ ଉପସଭାପତି ଭବାନୀ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଚନ୍ଦନ ମହାପାତ୍ର, କୋଷାଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ର ମଞ୍ଚାସୀନ ଥିବାବେଳେ କ୍ଲବ ସ୍ମରଣିକା 'ଶ୍ରଦ୍ଧା'କୁ ମୁଖ୍ୟ ଅତିଥିଙ୍କ ସମେତ ଉପସ୍ଥିତ ସମସ୍ତ ଅତିଥି ଉନ୍ମୋଚନ କରିଥିଲେ । ସାନ୍ଧ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧମାଳର ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରି ସିଂହ, ବିଶିଷ୍ଟ ଅତିଥି ନୟାଗଡ଼ ରାଜା ସାହେବ ଗଜେନ୍ଦ୍ର ଚନ୍ଦ୍ର ସିଂ ମାନ୍ଧାତା, ରାଜ ପରିବାରର ସଦସ୍ୟ ପୂର୍ଣ୍ଣ ବିଜୟ ସିଂ, ଆରଣ୍ୟରାଜ କିଶୋର ସିଂ ପ୍ରମୁଖ୍ୟ ଯୋଗଦେଇ କେ.ସି. କ୍ଲବର ଭାଇଚାରା ପ୍ରେରଣାଦାୟୀ ସହ ଉଦାହରଣୀୟ ବୋଲି ମତବ୍ୟକ୍ତ କରିଥିଲେ। କ୍ଲବର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ନୟାଗଡ଼ ରାଜ ପରିବାରର ସମସ୍ତ ସହଯୋଗ ସର୍ବଦା ରହିବ ବୋଲି ପ୍ରକାଶ କରିଥଲେ। ବର୍ଷୀୟାନ ସଭ୍ୟ ମାନଙ୍କୁ ଏଥିରେ ସମ୍ମାନୀତ କରାଯାଇଥିଲା ।


ସ୍ମରଣିକା 'ଶ୍ରଦ୍ଧା'କୁ ମୁଖ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ମା'ପୂର୍ଣ୍ଣବାସୀ ପୀଠରେ ମାଘସପ୍ତମୀ ମେଳା

ଖଣ୍ଡପଡ଼ା,୨୭।୧(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ବ୍ଲକ୍ କୁମ୍ଭାରପଡା ପଞ୍ଚାୟତ ମା'ପୂର୍ଣ୍ଣବାସୀ ପୀଠରେ ରବିବାର ମାଘସପ୍ତମୀ ମେଳା ଅନୁଷ୍ଠିତ ହୋଇଯାଇଛି। ମା' ପୂର୍ଣ୍ଣବାସୀ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନଙ୍କ ସହଯୋଗରେ ଆୟୋଜିତ ମେଳାରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉକ୍ତ ମେଳାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଜିଲା ପରିଷଦ ପ୍ରାର୍ଥୀ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ନରେନ୍ଦ୍ର ନାଥ ଦାଶ, ଅଖିଳ କୁମାର ପଣ୍ଡା, ସୁବାସ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବଭାରତୀୟ ନୟାଗଡ଼ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

ନୟାଗଡ଼,୨୭।୧(ଲୋକନାଥ ମିଶ୍ର): ନୟାଗଡ଼ ଖେଳ ପଡିଆରେ ସିନ୍ଦୁରିଆର ୭୮୬ ୟୁଥ୍ କ୍ଲବ, ମର୍ଣ୍ଣି କ୍ଲବ, ନୟାଗଡ଼ କ୍ଲବ ଓ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଚାଲିଥିବା ସର୍ବ ଭାରତୀୟ ନୟାଗଡ଼ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳା ଫୁଟ୍‌ବଲ କ୍ଲବ କଟକ ୧-୦ ଗୋଲରେ ଭଞ୍ଜନଗରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୫୦ ହଜାର ଓ ରନରଅପ୍ ଦଳକୁ ୩୦ ହଜାର ପୁରସ୍କାର ରାଶି ମିଳିଥିଲା । ଖେଳର ପ୍ରଥମାର୍ଦ୍ଧ ଓ ୨ୟାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା । ଶେଷ ହେବାର ୧୫ ମିନିଟ୍ ପୂର୍ବରୁ କଟକ ପକ୍ଷରୁ ଗୋଟିଏ ଗୋଲ ସ୍କୋର କରାଯାଇଥିଲା। ରାଜୁ ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ ନାୟକ ଓ ସରୋଜ ବେହେରା ଲାଇନସରେ ଓ ୪ର୍ଥ ରେଫରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ସହଯୋଗ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ଟର୍ନାମେଣ୍ଟ ଭାବେ କଟକର ଦୀନବନ୍ଧୁ ଦାସଙ୍କୁ ପୁରସ୍କୃତ କରାଯାଇଛି । ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଶେଖ ୟୁସୁବ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ଚଳଚ୍ଚିତ୍ର ନିର୍ମାତା ପ୍ରଦୀପ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ୭୮୬ ୟୁଥ୍ କ୍ଲବ ସଭାପତି ଶେଖ୍ ୟୁସୁବ ଓ ସମ୍ପାଦକ ଅନୱର ଅଲ୍ଲୀ ଉପସ୍ଥିତ ଥିଲେ । ଖବରଦାତା ରାମକୃଷ୍ଣ ରଥ ଓ ନୟାଗଡ଼ କଲେଜ ଅଧ୍ୟାପକ ଆଶୁତୋଷ ଦାଶ ଧାରା ବିବରଣୀ ପ୍ରଧାନ କରିଥିଲେ ।

# ଖଣ୍ଡପଡ଼ାରେ ରକ୍ତଭଣ୍ଡାର ପ୍ରତିଷ୍ଠା ଦାବି

ଖଣ୍ଡପଡା,୨୭।୧(ଅଜୟ କୁମାର ମହାରଣା)

ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ମହତ ଲକ୍ଷ୍ୟନେଇ ୧୯୨୭ରେ ସ୍ଥାପିତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି ସମୟାନୁକ୍ରମେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ହାସଲ କରିଛି । ଦୈନିକ ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳରୁ ଏଠାକୁ ଶତାଧିକ ରୋଗୀ ଆସିଥାନ୍ତି। ବିଭିନ୍ନ ସମୟରେ ରୋଗୀଙ୍କ ନିମନ୍ତେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସେମାନଙ୍କ ସମ୍ପର୍କୀୟମାନେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଉପରେ ନିର୍ଭର କରିଥାନ୍ତି। ସମୟେ ସମୟେ ଉକ୍ତ ରକ୍ତ ଭଣ୍ଡାରରୁ ଆବଶ୍ୟକ ରକ୍ତ ମିଳି ନ ଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ରକ୍ତ ଅଭାବରୁ ହନ୍ତସନ୍ତ ହୋଇଥାନ୍ତି। ତେଣୁ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତ ଭଣ୍ଡାର ପ୍ରତିଷ୍ଠା ଲାଗି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଜିଲା ରକ୍ତ ଭଣ୍ଡାର କର୍ତ୍ତପକ୍ଷ ପ୍ରତିବର୍ଷ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିରର ଆୟୋଜନ କରି ୫ହଜାରରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରିଥାନ୍ତି। ରକ୍ତ ଭଣ୍ଡାର ପ୍ରତିଷ୍ଠା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ସଚିବ, ଖଣ୍ଡପଡା ବିଧାୟକ, ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡା,୨୭।୧(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁମିତା ରଥ, ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ,ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଉପ ଜିଲାପାଳ କର୍ଣ୍ଣଦେବ ସମାଦାର, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଅଭିଷାର ପଣ୍ଡା,ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ଶିବିରରେ ମୋଟ ୭୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିରୁ ୬୧ଟି ବ୍ୟକ୍ତିଗତ, ୩ ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ବିଭିନ୍ନ ଅଭିଯୋଗ ମଧ୍ୟରେ ୨୦ ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ ନିମନ୍ତେ ଜିଲାପାଳ ବିଡିଓ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିର ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ରୋଗୀ କଲ୍ୟାଣ ସମିତି ବୈଠକ


ବୈଠକରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ।

ଭାପୁର,୨୭।୧(ପ୍ରଭାତ ବରାଡ): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଖଣ୍ଡପଡା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ମୁଖ୍ୟତଃ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ଗୃହ ନିର୍ମାଣ, ଡାକ୍ତର, ସୁରକ୍ଷା ପ୍ରାଚୀର ନିର୍ମାଣ, ଡାକ୍ତର ଓ କର୍ମଚାରୀଙ୍କ ଉପସ୍ଥିତ ପରିସର ସ୍ୱଚ୍ଛତା, ଔଷଧ ଉପଲବ୍ଧ, ରୋଗୀଙ୍କ ସୁବିଧା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଏମ୍‌ପିଙ୍କ ଜିଲା ପ୍ରତିନିଧି ଗୟାଧର ପରିଡା,ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁ, ବଡସହରା ସରପଞ୍ଚ ବ୍ରଜକିଶୋର ଆଲୁକ, କେନ୍ଦୁପଲ୍ଲୀ ସରପଞ୍ଚ ତାରେଶ୍ୱର ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମ୍ରି କୁମାର ବେହେରା ଓ ମେଡ଼ିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଡେ ଟୁରିଜମ୍ ପାଇଁ ୧ କୋଟି ମଞ୍ଜୁର

### ଜିଲା ପରିଷଦ ବୈଠକରେ ଗୃହୀତ ହେଲା ପ୍ରସ୍ତାବ

ନୟାଗଡ,୨୭।୧(ଲୋକନାଥ ମିଶ୍ର):ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଅନେକ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ଖଣ୍ଡପଡ଼ା ବ୍ଲକ ଟସରା ପାହାଡ, ଯୋଗୀ ଯୋଗିଆଣୀ ଓ ହନୁମନ୍ତିଆକୁ ଡେ ଟୁରିଜମ୍‌ରେ ଅନ୍ତର୍ଭୁକ୍ତ କରାଯାଇ ୧କୋଟି ମଞ୍ଜୁର ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ଏଥିପାଇଁ ସର୍ଭେ ଶେଷ ହୋଇଥିବା ବେଳେ ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ଇକୋ ଟୁରିଜମ୍‌ରେ ସମସ୍ୟା ହେଉଥିବାରୁ ଡେ ଟୁରିଜମ୍‌ରେ କାର୍ଯ୍ୟ ଆରମ୍ଭ ହେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହିପରି ଭଟାରିକାଠାରୁ ହନୁମନ୍ତିଆ ପର୍ଯ୍ୟନ୍ତ ରୋପୱେ କରିବା ଓ ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପାଇଁ କ'ଣ କ'ଣ କରାଯିବ ସେ ସମ୍ପର୍କରେ ଏକ ସ୍ୱତନ୍ତ୍ର ବୈଠକକରି ଆଲୋଚନା କରିବାକୁ ଜିଲାପାଳ କହିଛନ୍ତି ।

### ଜଙ୍ଗଲିଆ ରାସ୍ତାର ରୂପ ବଦଳୁ ନ ଥିବାରୁ ଉଦ୍‌ବେଗ

ନୟାଗଡ଼ ଜିଲାରେ ଜଙ୍ଗଲ ଭିତରେ ବୁଢ଼ିଝରୀ, ବୁଢ଼ି ହାମରା, ସେପେଟାଶାଳ ପରି ୫୦ରୁ ଊର୍ଦ୍ଧ୍ୱ ଗାଁ ଥିଲେ ମଧ୍ୟ ସେଠାକୁ ଯିବାକୁ ରାସ୍ତା ନାହିଁ । ବନ ବିଭାଗ ରାସ୍ତା କରିବାକୁ କୌଣସି ବିଭାଗକୁ ସୁଯୋଗ ଦେଉନାହିଁ କିମ୍ବା ନିଜେ କରୁ ନାହିଁ । ଏପରିକି ଏମ୍‌ଜିଏନ୍‌ଆରଇଜିଏସ୍ ଓ କାମ୍ପା ଯୋଜନାରେ ମଧ୍ୟ ଏହାକୁ ସାମିଲ କରି କାମ କରୁନି ବୋଲି ଦଶପଲ୍ଲା, ଖଣ୍ଡପଡା ବିଧାୟକଙ୍କ ସମେତ ଅନେକ ଜିଲା ପରିଷଦ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ବନ ବିଭାଗ ପ୍ରତିବର୍ଷ ମୋରମ ପକାଇ ରାସ୍ତା କରୁଥିଲେ ମଧ୍ୟ ଯାନବାହନ ଯାତାୟାତ କରିପାରୁ ନାହିଁ। ଏହାକୁ ଗୁରୁତର ସହ ନେଇ ଶୂନ୍ୟ ସଂଯୋଗୀକରଣ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ବନ ବିଭାଗ ପଦକ୍ଷେପ ନେଉ ବୋଲି ମତ ପ୍ରକାଶ ପାଇଛି ।

### ରାସ୍ତାର ଭାଲିଡିଟି ନ ଥିବାରୁ ସ୍ଥାୟିତ୍ୱ ରହୁନି

ଭାଲିଡିଟି ରହୁ ଥିବାରୁ ରାସ୍ତା ଶୀଘ୍ର ନଷ୍ଟ ହେଉଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ପାରୁ ନାହିଁ । ବିଦେଶରେ ରାସ୍ତାର ଭାଲିଡିଟି ରହୁଥିବାରୁ ଗୋଟିଏ ଗୋଟିଏ ରାସ୍ତା ୧୦ରୁ ୧୫ ବର୍ଷ ଯାଉଛି । ହେଲେ ଆମ ରାସ୍ତା ଶୀଘ୍ର ନଷ୍ଟ ହୋଇଯାଉଛି । ପିସି ଆଦାୟ ଯୋଗୁ ଏଭଳି ହେଉଥିବା ଚର୍ଚ୍ଚାକୁ ମଧ୍ୟ ଆସିଥିଲା । ରାସ୍ତା ନିର୍ମାଣ ସମୟରେ ଠିକାଦାରମାନଙ୍କୁ ଭାଲିଡିଟି ଦିଆଯାଉଛି କି ନା ବିଭିନ୍ନ ଲାଇନ ଡିପାର୍ଟମେଣ୍ଟକୁ ପ୍ରଶ୍ନ କରାଯାଇଥିଲା। ଅନ୍ୟପକ୍ଷେ ଆଗରୁ ରାସ୍ତା କାମ କଇଁଛ ପିଠିଆ କରାଯାଉଥିଲା । ଏବେ କଇଁଛପିଠିଆ ରାସ୍ତା (ମଝି ରାସ୍ତା ଉଚ୍ଚ ଓ ଦୁଇ ପାଖ ଗଡାଣିଆ) କରାଯାଉ ନ ଥିବାରୁ ରାସ୍ତାର ସ୍ଥାୟିତ୍ୱ ରହୁନି ବୋଲି ଆଲୋଚନା ହୋଇଥିଲା । ପୁଣି ଅଧିକାଂଶ କ୍ଷେତ୍ରରେ ରାସ୍ତା ପାର୍ଶ୍ୱରେ ଡ୍ରେନ୍ କରାଯାଉନାହିଁ। ଗଛ ପାଣି ପଡି ରାସ୍ତା ନଷ୍ଟ ହେଉଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଲଘୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ନିୟୋଜିତ ଭାରିଯାନ ଚାଲିବା ଦ୍ୱାରା ରାସ୍ତା ଅନୁରୂପ ଭାବେ ରାସ୍ତା ନଷ୍ଟ ହେଉଛି । ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ପକ୍ଷରୁ ରାସ୍ତା ନିର୍ମାଣ ହେଉଥିଲେ ମଧ୍ୟ କାମର ମନିଟରିଂ ଠିକ୍‌ରେ କରାଯାଉ ନ ଥିବା ଅଭିଯୋଗ ଉଠିଥିଲା। ଆଲୋଚନାରେ ନୟାଗଡ଼ ବିଧାୟକ, ଜିଲା ପରିଷଦ ସଭ୍ୟ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଭାଗ ନେଇଥିଲେ ।

### କଥା କଟାକଟି ଓ ବ୍ଲକ୍ ଚେୟାରମ୍ୟାନ ଅଲୋଡ଼ା

ଜିଲା ପରିଷଦ ବୈଠକରେ ଖଣ୍ଡପଡ଼ା ବ୍ଲକ ଚେୟାରମ୍ୟାନ ଓ ଖଣ୍ଡପଡା ବିଧାୟକଙ୍କ କଥା କଟାକଟି ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ଉନ୍ନୟନ କାର୍ଯ୍ୟ, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନଙ୍କୁ ଅଣଦେଖା କରାଯାଉଥିବାର ଭାପୁର, ଖଣ୍ଡପଡ଼ା, ରଣପୁର ବ୍ଲକ୍‌ର ମହିଳା ଚେୟାରମ୍ୟାନ ଅଭିଯୋଗ କରିଥିଲେ। ଭାପୁର ବ୍ଲକ ଚେୟାରମ୍ୟାନ ଦର୍ଶାଇଥିଲେ ବ୍ଲକରେ ମିଟିଂ ଡାକିବାକୁ ମଧ୍ୟ ବିଡିଓ ସହଯୋଗ କରୁ ନାହାନ୍ତି। ରଣପୁର ଚେୟାରମ୍ୟାନ ଦର୍ଶାଇଥିଲେ ଜଣେ ଗୋଟିଏ ପଞ୍ଚାୟତରେ ୨ ଜଣ ପିଇଓ କାମ କରୁଛନ୍ତି । ତଥ୍ୟ ମାଗିଲେ ବିଡିଓ ସହଯୋଗ କରୁନାହାନ୍ତି । ଏନେଇ ଜିଲାପାଳଙ୍କୁ ବି ଲିଖିତ ଅଭିଯୋଗ କରିଥିଲେ। ଲୋକ ପ୍ରତିନିଧିମାନଙ୍କୁ ଅଣଦେଖା କରିବା ଠିକ୍ ନୁହେଁ, ଆଗକୁ ଏପରି ନ ହେବା ପାଇଁ ବିଡିଓମାନଙ୍କୁ ଜିଲାପାଳ ତାଗିଦ କରିଥିଲେ ।

## ସଂକ୍ଷେପରେ

### ରାଜନୈତିକ ଅକ୍ରୋଶରୁ ଆକ୍ରମଣ, ଯୁବକ ଆହତ

ଯାଜପୁର ସଦର,୨୭।୧(ସମର ବିଜୟ ଶରଣ): ରାଜନୈତିକ ଅକ୍ରୋଶରୁ ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର ଜଣେ ବିଜେଡି କର୍ମୀଙ୍କୁ ଭାଜପା କର୍ମୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ୨୫ ତାରିଖ ରାତିରେ ୮ଟାରେ ଜମଧର ପଞ୍ଚାୟତର ବିଜେଡି କର୍ମୀ ବିଜୟ ବେହେରା ନିଜ ଗ୍ରାମର ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ଏକ ଦୋକାନରେ ଜଳଖିଆ ଖାଉଥିଲେ। ଏହି ସମୟରେ ହଠାତ୍ ସେହି ଗ୍ରାମର ୩ ଭାଜପା କର୍ମୀ ରାଜେନ୍ଦ୍ର ସିଂହ, ଦେବେନ୍ଦ୍ର ପାତ୍ର ଓ ରୂପ ଦାସ ଜଳଖିଆ ଦୋକାନ ନିକଟରେ ପହଞ୍ଚି ବିଜୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଏହାର କାରଣ ପଚାରିବାରୁ ୩ ଅଭିଯୁକ୍ତ ତାଙ୍କୁ ଜାତିଆଣକୁ ଆକ୍ଷେପ କରିବା ସହ ଦୋକାନରୁ ଘୋଷାରି ନେଇ ରାସ୍ତା ଉପରେ ଗୋଇଠା, ବିଧା ମାରିବା ସହ ଏକ କିଳାରେ ପିଟିଥିଲେ। ପାଖ ପଡ଼ିଶା ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଡକାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ବିଜୟଙ୍କ ସ୍ତ୍ରୀ ମାନସୀ ବେହେରା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଶତାୟୁ ମହିଳାଙ୍କ ପରଲୋକ

ସିଂହପୁର,୨୭।୧ (ଅନଙ୍ଗ ଉଦୟ ବେଉରିଆ):



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ସ୍ବର୍ଗତ ବିମ୍ବାଧର ଦାସଙ୍କ ସ୍ତ୍ରୀ ସୁନ୍ଦରୀ ଦେଈ(୧୦୧)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ମହିଳାଥିଲେ। ପୁରୀ ସ୍ବର୍ଗଦ୍ବାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କପୁତ୍ର ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ମୁଖାଗ୍ନି ଦେଇଥିଲେ। ସୁନ୍ଦରୀଙ୍କ ପରଲୋକ ଖବର ପାଇ ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, କୃଷ୍ଣଚନ୍ଦ୍ର ଜେନା, ଖବରଦାତା ଅନିରୁଦ୍ଧ ବେଉରିଆ, ମଳୟ ଥାଟୋଇ, କଳାକର ପାତ୍ର, ତ୍ରିଲୋଚନ ଥାଟୋଇ, ବିପିନ ବିହାରୀ ଜେନା, ସମିତି ସଭ୍ୟା ଭାଗ୍ୟବତୀ ଧଳ, ରାମଚନ୍ଦ୍ର ମହାକୁଡ଼, ଅମର ଜେନା, ରମେଶ ଦାସ, ଅମିୟ ଥାଟୋଇ, ଅନନ୍ତ ସାହୁ ଓ ତାପସ କୁମାର ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ମଣ୍ଡି ସମସ୍ୟା ନେଇ ଚାଷୀଙ୍କ ରାସ୍ତା ଅବରୋଧ

ଯାଜପୁରଟାଉନ,୨୭।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ଚାଷୀ ଯାଜପୁର-ପାଣିକୋଇଲି ରାସ୍ତାର କିଆନାଳୀକୂଳ ଛକରେ ରାସ୍ତା ଅବରୋଧ କରିଛନ୍ତି।

ଧାନମଣ୍ଡିରେ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ୩ ବ୍ଲକ ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ଅଞ୍ଚଳର ଚାଷୀ ମଙ୍ଗଳବାର ଯାଜପୁର-ପାଣିକୋଇଲି ରାସ୍ତାର କିଆନାଳୀକୂଳ ଛକରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରି ପ୍ରତିବାଦ କରିଛନ୍ତି। ଚାଷୀଙ୍କ କହିବା ଅନୁଯାୟୀ, ସେମାନେ ମଣ୍ଡିରେ ଧାନ ବିକ୍ରିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋକନ ମିଳିବାରେ ସମସ୍ୟା ଦେଖାଦେଉଛି। ମିଲର ୭/୮ କେଜି ଧାନ କଟନୀ ଛଟନୀ କରୁଛନ୍ତି। ଜାଣିଶୁଣି ଚାଷୀଙ୍କୁ ଶୋଷଣ କରାଯାଉଛି। ତେଣୁ ଚାଷୀଙ୍କୁ ମିଳୁଥିବା ଟୋକନ ଅବଧିକୁ ୩୦ ଦିନ ବୃଦ୍ଧି କରିବା ସହ ଝୋଟ ଅଖା ପରିବର୍ତ୍ତେ ଜରି ଅଖାରେ ଧାନକୁ ମିଲର ଗ୍ରହଣ କରନ୍ତୁ। ସେହିପରି ବଜାରରେ ଆବଶ୍ୟକ ପରିମାଣ ଝୋଟ ଅଖା ମିଳୁ ନ ଥିବାରୁ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସରକାରଙ୍କ ନିୟମାନୁଯାୟୀ, ଗତ ବର୍ଷ ପରି ଚଳିତ ବର୍ଷ ୮୦୦ ଟଙ୍କା ବୋନସ ଓ ଏମ୍ଏସ୍ପି ୨୩୬୯ ଟଙ୍କାକୁ ମିଶାଇ ମୋଟ ୩୧୬୯ଶହ ଟଙ୍କା କୁଇଣ୍ଟାଲ ପିଛା ପ୍ରଦାନ କରିବାକୁ ଆନ୍ଦୋଳନକାରୀ ଚାଷୀ ଦାବି କରିଛନ୍ତି। ଜିଲା ପ୍ରଶାସନର ନିୟମକୁ ଜିଲାର ମିଲର ମାଲିକ ମାନୁନାହାନ୍ତି। ତେଣୁ ଜିଲାପାଳ ଅନ୍ୟ ଜିଲାର ମିଲରଙ୍କୁ ଧାନ କ୍ରୟ ପାଇଁ ସୁଯୋଗ ଦେବାକୁ ଚାଷୀ ଅନୁରୋଧ କରିଛନ୍ତି। ଦୀର୍ଘ ସମୟ ପ୍ରତିବାଦ ପରେ ଯୋଗାଣ ବିଭାଗର ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହ ଚାଷୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ଚାଷୀଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚାଷୀଙ୍କ ପ୍ରତିବାଦସ୍ଥଳରେ ଦିଗମ୍ବର କର, ଅକ୍ଷୟ ଦାସ, ବିଜୟ ଜେନା, ଗଙ୍ଗାଧର ନାୟକ, ରାଜକିଶୋର ସ୍ୱାଇଁ, ମାୟାଧର ସାହୁ, ପ୍ରଭାତ ପାଣିଗ୍ରାହୀ, ଚନ୍ଦ୍ର ନାରାୟଣ ସାହୁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଜଳିଗଲା ଘର

ଯାଜପୁରଟାଉନ,୨୭।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ଚାହୁଁଚାହୁଁ ଜଳିଗଲା ୩ ବଖରା। ୩ଲକ୍ଷରୁ ଅଧିକ ଟଙ୍କାର ଆସବାବପତ୍ର ସହ ନଗଦ ୫୦ ହଜାର ଟଙ୍କା ପାଉଁଶ ହୋଇଗଲା। ନିଆଁ ଲିଭାଇବାକୁ ଯାଇ ଗୁରୁତର ଆହତ ହୋଇଛନ୍ତି ଘର ମାଲିକ। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ ତରତୋଟା ଗ୍ରାମର ପଞ୍ଚାନନ ମହାପାତ୍ରଙ୍କ ଘରେ। ସୋମବାର ରାତିରେ ହଠାତ୍ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ତୁରନ୍ତ ପଦାକୁ ବାହାରି ଆସିଥିଲେ। ପଞ୍ଚାନନଙ୍କ ଘରକୁ ଲାଗି ଏକ ଗ୍ରସେରୀ ଦୋକାନ ଥିବାରୁ ତାହା ଜଳି ଯାଇଥିଲା। ଦୋକାନରେ ଥିବା ନଗଦ ୫୦ହଜାର ଟଙ୍କା ଜଳିଯାଇଥିବା ପଞ୍ଚାନନ କହିଛନ୍ତି। ପଞ୍ଚାନନ ଘରୁ କିଛି ଧାନ ଓ ଗାଈଙ୍କୁ ଉଦ୍ଧାର କରିଛନ୍ତି। ଏହି ସମୟରେ ସେ ଗୁରୁତର ହୋଇ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବିଞ୍ଝାରପୁର ଅଗ୍ନିଶମବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ପଞ୍ଚାନନଙ୍କ ୩ ବଖରା ଘର ପାଉଁଶ ହୋଇଯାଇଥିଲା। ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଅଗ୍ନିଶମ ବାହିନୀ ସୂଚନା ଦେଇଛନ୍ତି।

## ଫସଲ ନଷ୍ଟ କରୁଛି ଦନ୍ତା

କାଳିଆପାଣି,୨୭।୧(ଅସିତ ମହାନ୍ତ):

କିଛିଦିନ ହେବ ସୁକିନ୍ଦାର ପାହାଡ଼ ତଳ ଅଶୋକଝର ଅଞ୍ଚଳର ବିଭିନ୍ନ ଗାଁରେ ଦନ୍ତାହାତୀ ପଶି ଧାନ ଓ ପରିବା ଫସଲ ନଷ୍ଟ କରୁଛି। ମଙ୍ଗଳବାର ରାଁସୋଳ ପଞ୍ଚାୟତ ଓ କାଙ୍କଡ଼ପାଳ ପଞ୍ଚାୟତ ମଝିରେ ରହିଥିବା ଭାଲୁକିପାତଳା ଗାଁ ନିକଟରେ ଅପରାହ୍ନରେ ୪ଟାରେ ହାତୀକୁ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ କାକୁଡ଼ିଆ ଗାଁ ନିକଟରେ ରହିଥିବା ନାଳରେ ପାଣି ପିଇ ହାତୀ ପୁଣି ଜଙ୍ଗଲକୁ ଚାଲିଯାଇଥିଲା। ହାତୀ କାକୁଡ଼ିଆର ବୁଢ଼ୁ ବୁଢ଼ୁକିଆ ଜଙ୍ଗଲରେ ରହି ମଝିରେ ମଝିରେ ଗର୍ଜନ କରୁଥିବାରୁ ସ୍ଥାନୀୟ ଗ୍ରାମବାସୀ ତାଟି କବାଟ ବନ୍ଦ କରି ଘରେ ରହୁଛନ୍ତି। ରାଁସୋଳ ଫରେଷ୍ଟର ରାମ ତିରିଆଙ୍କ ନେତୃତ୍ୱରେ ଏକ ଟିମ କାକୁଡ଼ିଆ ଜଙ୍ଗଲ ନିକଟରେ ଜଗି ରହିଛନ୍ତି। ହାତୀଆସି ଅଞ୍ଚଳରେ ରହିଥିବାରୁ ବିଦ୍ୟୁତ୍ କାଟ କରାଯାଇଛି। ଫଳରେ ଖଣି ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ଗାଁ ଅନ୍ଧାର ରହିଛି।

# ୨୯ରୁ ବ୍ୟାସସରୋବର ମହୋତ୍ସବ

## ୧୧ ଦିନ ବ୍ୟାପୀ ହେବ ଲୋକକଳା, ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଯାଜପୁରରୋଡ୍,୨୭।୧ (ପବିତ୍ର ରଞ୍ଜନ ମହାନ୍ତି):



ଖବରଦାତା ସମ୍ମିଳନୀରେ ବ୍ୟାସନଗର ପୌରାଧ୍ୟକ୍ଷ ସୂଚନା ଦେଉଛନ୍ତି।

ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମେଳା ଆସନ୍ତା ୨୯ ତାରିଖ ଗୁରୁବାରଠାରୁ ଆରମ୍ଭହେବ। ଏହା ଫେବୃଆରୀ ୮ ତାରିଖ ୧୧ ଦିନ ଧରି ଚାଲିବ। ମେଳାର ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଲୋକକଳା, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସହରର ଭାଇଚାରା ଦୃଢ଼ୀଭୂତ କରିବା ପାଇଁ ୨୯ ତାରିଖ ସକାଳ ୮ଟାରେ ବ୍ୟାସମାରାଥନ ଅନୁଷ୍ଠିତ ହେବ। ଏହି ମାରାଥନ ବ୍ୟାସନଗର ରାଜୀବଗାନ୍ଧୀ ଷ୍ଟାଡିୟମଠାରୁ ଆରମ୍ଭ ହୋଇ ସହରର ବିଭିନ୍ନ ଅଞ୍ଚଳ ଦେଇ ବ୍ୟାସ ସରୋବର ମହୋତ୍ସବ ସ୍ଥଳରେ ପହଞ୍ଚିବ। ଟାଟା ଷ୍ଟିଲ ସହାୟତାରେ ହେବାକୁ ଥିବା ଏହି ମାରାଥନକୁ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯସ ପ୍ରତାପ ଶ୍ରୀମଲ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ସନ୍ଧ୍ୟାରେ ବ୍ୟାସସରୋବର ମହୋତ୍ସବକୁ ଯାଜପୁର ଜିଲାପାଳ ଅମ୍ବର କୁମାର କର ଉଦ୍‌ଘାଟନ କରିବେ। ବ୍ୟାସନଗର ପୌର ସମ୍ମିଳନୀ କକ୍ଷରେ ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି।

ଅଧ୍ୟକ୍ଷ ବଳ କହିଛନ୍ତି, ପ୍ରତ୍ୟେକ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ସଭାରେ ସରକାରୀ ଓ ବିରୋଧୀ ଦଳର ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବ୍ୟକ୍ତା ଭାବେ ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମ୍ମାନିତ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ପ୍ରମୁଖ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଚଳିତ ବର୍ଷ ମେଳାକୁ ଆକର୍ଷଣୀୟ କରିବା ପାଇଁ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମେଳାରେ ପଲିଶ୍ରୀ, ହସ୍ତଶିଳ୍ପ ମେଳା ସହ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱରର ଓଡ଼ିଶୀ ଇଭେଣ୍ଟକୁ ମହୋତ୍ସବର ଷ୍ଟେଜ ଓ ଓଲିଉଡ୍ କଳାକାରଙ୍କ କାର୍ଯ୍ୟକ୍ରମ ଦାୟିତ୍ୱ ପ୍ରଦାନ କରାଯାଇଥିବା ପୌରାଧ୍ୟକ୍ଷ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, କାଉନସିଲର ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।


No.B-1010

GOVERNMENT OF ODISHA
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone / Fax : (0680) 2233683, e-mail : eernb1_bam@yahoo.com
"e" Procurement Notice
Bid Identification No. SE R&B Divn. No.I Bam. 55/2025-26
Lr. No. 598 Dated : 19.01.2026

| | |
|---|---|
| Name of work | : Building works |
| No. of works | : 2 (Two) Nos |
| Estimated cost | : Approximately Rs.57.57 lakh to Rs.81.56 lakh |
| Period of completion | : Four calendar months |
| Date and time of availability of bid document in the portal | : From 10.00 hours of 28.01.2026 to 16.00 hours of 04.02.2026 |
| Last date / time for receipt of bids in the portal | : Upto 16.00 hours of 04.02.2026 |
| Name and address of the Officer inviting Bid Name of work | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in
Sd./- Superintending Engineer
Ganjam (R&B) Division No.I, Berhampur
OIPR-

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-2090 Government of Odisha e-Procurement Notice
Bid Identification No. Online Tender/28/SERWD-II/2025-26
Memo No.441/RWD-IIGB, Date : 16.01.2026

| | | |
|---|---|---|
| 1 | Name of the Work | : Building Works |
| 2 | Estimated Cost | : Rs.82.34 lakhs |
| 3 | Period of Completion | : 6 (Six) Months as per Annexure |
| 4 | Date & Time of availability of Bid documents in the Portal | : 28.01.2026 at 10.00 A.M. to 04.02.2026 up to 5.00 P.M. |
| 5 | Last Date/Time for receipt of Bids in the Portal | : 04.02.2026 up to 5.00 P.M. |
| 6 | Name and address of the Officer Inviting Bid | : Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app
Sd./- Executive Engineer
R.W. Division-II, Ganjam
Berhampur
OIPR-

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**
E_Mail ID : serw_balasore@yahoo.in, Ph. No. - 06782/260318, Balia, Balasore
No.25001/4/2526
"e"-Procurement Notice for Road Work
Identification No. - Online Tender - Road N.C.B. No. 59 for 2025-26
Letter No. 366 Date : 22.01.2026
1. Name of the work : **(MMSY-Improvement to existing RD road)**, 2. Total No. of work : **1 No. of work**, 3. Estimated Cost : As per annexure, 4. Eligible Class of Contractor : As per annexure, 5. Period of Completion : As per Annexure, 6. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. - 59 of 2025-26 | 29.01.2026 at 11.00 A.M. | 12.02.2026 up to 5.00 P.M. | 11.02.2026 up to 5.00 P.M. | 13.02.2026 at 11.00 A.M. | Will be intimated later |

• Further details can be seen from the website : www.tendersodisha.gov.in
OIPR-25001/25105/1/25-26/0004 Sd./- Chief Construction Engineer, R.W. Circle, Balasore

GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
No.13001/5/2526 Invitation For Bids (IFB)

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & adderss of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | External power supply, interal wiring with power backup arrangement in connection with the work - "Improvement of water supply to Ganjam NAC under AMRUT 2.0 (Swap-II)" Reach-IV | Identification No 70/03/SPH(C)/2025-26 dt.21.01.2026 | 68.48 | 3 (Three) Calendar Months | 11.00 Hrs of 31.01.2026 | 17.30 Hrs of 16.02.2026 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.17.02.2026 at 11.00 A.M.**
Further details can be seen from the e-procurement portal https://www.tenderorissa.gov.in
Sd./- Additional Chief Engineer (PH)
P.H. Division, Bhanjanagar at Chatrapur
OIPR-13001/13013/1/25-26/0005

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
No. : 326/WE, Dt. : 20.01.2026
No.O-2114
e-procurement Notice
1. Name of the work : **"Building Works"**, 2. Estimated Cost : As per annexure, 3. Time for completion : As per Annexure, 4. No. of Work : As per Annexure, 5. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | | 5 | 6 |
| Chief Construction Engineer, Rural Works Circle, Balasore | N.C.B. No. - 58 of 2025-26 | Dt.31.01.2026 at 11.00 A.M. | Dt.12.02.2026 up to 5.00 P.M. | Dt.11.02.2026 up to 1.00 P.M. | Dt.13.02.2026 at 11.00 A.M. | Will be intimated later |

• Further details can be seen from the website : www.tendersodisha.gov.in
Any other changes/Corrigendums may be seen only in website www.tendersodisha.gov.in
Sd./- Er. Durjyodhan Behera
Chief Construction Engineer, Rural Works Circle, Balasore
OIPR-

**OFFICE OF THE GENERAL MANAGER WATCO PROJECT DIVISION**
Email : gmprojectsbp@gmail.com, Tel. No. : 0663-2411911
No.C-2133 e-Procurement Notice
Bid Identification No.9 Project/WATCO/SBP/2025-26 Dated 17.01.2026

1. **Name of the Work** : Civil Sewerage Work
2. **Estimated Cost** : Varies approximately from Rs.12.44 Lakhs, Rs.37.15 Lakhs & Rs.27.37 Lakhs
3. **Period of Completion** : Referred to DTCN
4. **No. of Works** : 3 (Three)
5. **Tender Paper Cost** : Referred to DTCN
6. **Class of Contractor** : "B", "C" and "D" Class
7. **Date & Time of availability of bid document in the Portal** : 11.00 Hrs. of 28.01.2026 to 17.00 Hrs. of 06.02.2026
8. **Date of opening of Bid** : 12.30 Hrs. on dtd.07.02.2026
9. **Name and address of the O.I.T** : General Manager, WATCO Project Division, Sambalpur, At-40 MLD STP Campus, Bhatra, Dhanupali, Sambalpur - 768005

Further details can be seen from the e-Procurement portal "https://www.tendersorissa.gov.in"
Sd./- GENERAL MANAGER,
WATCO PROJECT DIVISION,
SAMBALPUR
OIPR-

**GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA**
No.25001/5/2526 E-mail : eerw_kuchinda@yahoo.com
Identification No. Online Tender / 16 / RWD, Kuchinda / 2025-26
Letter No. Date.

| | | |
|---|---|---|
| 1 | The Superintending Engineer, Rural Works Division, Kuchinda behalf of the Governor of Odisha invites percentage rate bids to be received in ONLINE MODE only for Road Work | |
| 2 | No. of Work | : 01 No. |
| 3 | Nature of Work | : Road Repair |
| 4 | Class of Contractor | : "B" |
| 5 | Approx. Value of Work | : 89.72 Lakh |
| 6 | Tender Cost | : 10000 |
| 7 | Availability of Bid Documents in the Website | : 30.01.2026 at 11.00 A.M. to 05.02.2026 at 5.00 P.M. |
| 8 | Last date & time for seeking Clarification | : 04.02.2026 at 5.00 A.M. |
| 9 | Date of Opening of Technical Bid | : 06.02.2026 at 11.00 A.M. |
| 10 | Financial Bid | : To be intimated later |
| 11 | Other details can be Seen in the Bidding documents from the website : https://tendersodisha.gov.in | |

Sd./- Superintending Engineer
Rural Works Division, Kuchinda
OIPR-25001/25151/1/25-26/0005

AXIS BANK

**ଗୁରୁତ୍ୱପୂର୍ଣ୍ଣ ଘୋଷଣା**

**ଆମେ ଆମର ଠିକଣା ପରିବର୍ତ୍ତନ କରୁଛୁ**
ଆକ୍ସିସ୍ ବ୍ୟାଙ୍କର ଓରକଳ ଶାଖା
୩୦ ମାର୍ଚ୍ଚ ୨୦୨୬ ରୁ
ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହେବ

**ବର୍ତ୍ତମାନ ଠିକଣା:**
ଆକ୍ସିସ୍ ବ୍ୟାଙ୍କ ଲିମିଟେଡ, ଓରକଳ ଶାଖା,
ପ୍ରଥମ ମହଲା, ପ୍ଲଟ୍ ନମ୍ବର ୧୩୦, ଗ୍ରାମ - ଓରକଳ, ଜିଲ୍ଲା - ଖୁରଦା,
ଏୟାରଫିଲ୍ଡ କପିଲା ପ୍ରସାଦ, ଓଡ଼ିଶା - ୭୫୧୦୦୨

**ନୂତନ ଠିକଣା:**
ଆକ୍ସିସ୍ ବ୍ୟାଙ୍କ ଲିମିଟେଡ, ଓରକଳ ଶାଖା,
ପ୍ଲଟ୍ ନମ୍ବର ୨୦, ବିଷ୍ଣୁତ୍ରା ବିହାର, ପୋ - ଖୁଆ, ବୋଟାଣ୍ଡା,
ଓଡ଼ିଶା - ୭୫୧୦୦୨

**ଆମେ ଆପଣଙ୍କୁ ସ୍ୱାଗତ ଜଣାଉଛୁ।**

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ୍ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାମାକ୍ଷାନଗର ଶାଖା, ଢେଙ୍କାନାଳ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| କାମାକ୍ଷାନଗର ଶାଖା, ଢେଙ୍କାନାଳ/ ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ପବିତ୍ର କୁମାର ବିଶ୍ୱାଳ, ୨) ଶ୍ରୀମତୀ ଚିତ୍ରକଳା ବିଶ୍ୱାଳ, ସ୍ୱାମୀ: ଶ୍ରୀ ପବିତ୍ର କୁମାର ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ମାଳପୁରା, ପୋ: ମାଳପୁରା, ଥାନା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୮ | ଟ.୨,୯୨,୧୩୬.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୭.୧୦.୨୦୨୫ / ୨୨.୦୧.୨୦୨୬ | ଶ୍ରୀ ପବିତ୍ର କୁମାର ବିଶ୍ୱାଳଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୦୮/୧, ପ୍ଲଟ୍ ନଂ.: ୮୨୯/୨୭୫୧, ପରିମିତ କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସା: ମାଳପୁରା, ଥାନା: କାମାକ୍ଷାନଗର, ତହସିଲ: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହାକିମ ଖାନ୍, ପୂର୍ବ: ସୟଦ କୁମାର ଅଲ୍ଲୀ, ପଶ୍ଚିମ: ମହମ୍ମଦ ବାସିବ ହୁସେନ |

ସ୍ଥାନ: କଟକ, ତାରିଖ: ୨୭.୦୧.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସ୍ତ୍ରୀଙ୍କୁ କଟୁରିରେ ଆକ୍ରମଣକରି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

## ପାରିବାରିକ କଳହର କରୁଣ ପରିଣତି

ପଟ୍ଟାମୁଣ୍ଡାଇ, ୨୭।୧ (କୃଷ୍ଣଚନ୍ଦ୍ର ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ମାଳିପୁର ଗାଁରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ସ୍ୱାମୀଙ୍କ କଟୁରି ଆଘାତରେ ସ୍ତ୍ରୀ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଖବର ସାମ୍ନାକୁ ଆସିଥିବା ବେଳେ ମଙ୍ଗଳବାର ସକାଳୁ ସ୍ୱାମୀ ଆତ୍ମହତ୍ୟା ଉଦ୍ୟମ କରି ପୋଖରୀ ଆଡିରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଉଭୟ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ମାତ୍ର ଏ ନେଇ ଗ୍ରାମାଞ୍ଚଳ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଶ୍ରୀକାନ୍ତ ବାରିକ କହିଛନ୍ତି। ମାଳିପୁର ଗ୍ରାମର ପ୍ରତାପ ମଲ୍ଲିକ (୫୫) ଓ ସ୍ତ୍ରୀ ଭାରତୀ(୪୭)ଙ୍କ ମଧ୍ୟରେ କୌଣସି କାରଣକୁ ନେଇ ସୋମବାର ବିଳମ୍ବିତ ରାତିରେ ବଚସା ହୋଇଥିଲା। ଶେଷରେ ପ୍ରତାପ ଉତ୍ତ୍ୟକ୍ତ ହୋଇ ଧରିଥିବା କଟୁରିରେ ଭାରତୀଙ୍କୁ ଆଘାତ ଦେଇଥିଲେ। ଏଥିରେ ଭାରତୀ ଗୁରୁତର ହୋଇ ଚିତ୍କାର କରିଥିଲେ। ଭାରତୀଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ତାଙ୍କୁ ଉଦ୍ଧାରକରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ହେଲେ ସ୍ୱାମୀ ପ୍ରତାପ ସ୍ତ୍ରୀଙ୍କୁ ଆକ୍ରମଣକରି ରାତିରୁ କୁଆଡ଼େ ପଳାଇଥିଲେ। ମଙ୍ଗଳବାର ସକାଳୁ ଗ୍ରାମବାସୀ ଏକ ପୋଖରୀ ନିକଟରୁ ଚେତାଶୂନ୍ୟ ଅବସ୍ଥାରେ ପ୍ରତାପକୁ ଦେଖିବାକୁ ପାଇଥିବା ବେଳେ ତାଙ୍କ ପାଖରେ ଏକ ବିଷ ବୋତଲ ଓ କଟୁରି ପଡ଼ିଥିବା ଦେଖିଥିଲେ। ସେମାନେ ପ୍ରତାପଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମଧ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଚିକିତ୍ସାଧୀନ ଥିବା ପ୍ରତାପ ଗୁରୁତର ଥିବା ଆଇଆଇସି ବାରିକ କହିଛନ୍ତି। ସେମାନଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି।

# ଶହୀଦ ସଚ୍ଚିଦାନନ୍ଦ ପ୍ରିମିୟର ଲିଗ୍: ଭୁବନେଶ୍ୱର ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ରାଜକନିକା, ୨୭।୧ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ କଣ୍ଡିଆ ଫାଣ୍ଡି ପଡ଼ିଆରେ ସାହି ହଷ୍ଟେଲ ପ୍ରାୟୋଜିତ ୮ତମ ଶହୀଦ ସଚ୍ଚିଦାନନ୍ଦ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମାଣ୍ଡୋ-୧୧ ଭୁବନେଶ୍ୱର, ସୁହାନି-୧୧ ପଶ୍ଚିମବଙ୍ଗକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ କମାଣ୍ଡୋ-୧୧ ଭୁବନେଶ୍ୱର ବ୍ୟାଟିଂ କରି ୫ ଓଭରରେ ୫ ଉଇକେଟ ହରାଇ ୫୦ରନ କରିଥିବାବେଳେ ସୁହାନି-୧୧ ପଶ୍ଚିମବଙ୍ଗ ୫ ଓଭରରେ ୩ ଉଇକେଟ ହରାଇ ୩୧ ରନ କରି ପରାଜୟ ବରଣ କରିଥିଲା। ଖରସ୍ରୋତା ପତ୍ରିକାର ମୁଖ୍ୟ ସମ୍ପାଦକ ଲୋକନାଥ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡିର ପୂର୍ବତନ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତାପ କେଶରୀ ଦେବ, ବିଧାୟକ ଧ୍ରୁବ ଚରଣ ସାହୁ, ରାଜକନିକା ବ୍ଲକ ବିଜେଡି ଯୁବ ସଙ୍ଗଠକ ପବିତ୍ର ରାଉତ, ଅବସରପ୍ରାପ୍ତ ସୈନିକ ଅକ୍ଷୟ ନାଥ, ସରପଞ୍ଚ ଧୀରେନ ଜେନା, ଚଳଚ୍ଚିତ୍ର ଓ ସିନେ ତାରକା ଅନୁରାଧା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୧ଲକ୍ଷ ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହାଛଡା ଚାମ୍ପିୟନ ଦଳର ପରେଶ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ରମେଶ ମିଲକାଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅୟସକାନ୍ତ ସାମଲ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ସୌମ୍ୟ ପ୍ରକାଶ ବଳ ଧନ୍ୟବାଦ ଦେଇଥିଲେ। ସଞ୍ଜୟ କର ଓ ବିକନ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦୀପକକୁମାର ଦାସ, ହିମାଂଶୁଶେଖର ବିଶ୍ୱାଳ, ସୌଭାଗ୍ୟ ଦାସ, ଦୁଷ୍ମନ୍ତ ମଲିକ ପ୍ରମୁଖ ସହଯୋଗ କରିଥିଲେ।

# ମାର୍ଶାଘାଇରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାର୍ଶାଘାଇ, ୨୭।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ସଭା ଗୃହରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟର ଓ ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୨୮ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୫ ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ପଞ୍ଜୀକୃତ ଅଭିଯୋଗଗୁଡିକରେ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲାପାଳ ଆୟର, ଏସ୍‌ପି କାଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ସରୋଜ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ତହସିଲଦାର ଶ୍ରୀକାନ୍ତ ପରିଜା, ବିଡିଓ ପଞ୍ଚାନନ ମଲ୍ଲିକ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ।

# ଆଦର୍ଶ ଜନସେବକ ଥିଲେ କୁଳମଣି


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

ଡେରାବିଶ, ୨୭।୧ (ବେବର୍ତ୍ତା ଅଜୟ ଦାସ)

ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଦ୍ୱାଦଶାହରେ ସୋମବାର କୁରୁଜଗା ପଞ୍ଚାୟତ ଶଙ୍କରପୁରଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ହଳଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ଦେବାଶିଷ ନାୟକ ଓ ଅମର ପ୍ରସାଦ ଶତପଥୀ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟସାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୁଳମଣିଙ୍କ ନୀତି ଆଦର୍ଶ ଓ ତ୍ୟାଗ, କର୍ତ୍ତବ୍ୟ ପରାୟଣର ପ୍ରତୀକ ଥାଇ ଜଣେ ଜନସେବକ ଭାବେ ଡେରାବିଶ ମାଟିକୁ ଗୌରାବାନିତ୍ୱ କରିଥିଲେ। କୁଳବାବୁ ବରୀ-ଡେରାବିଶର ବିଧାୟକ ଭାବେ ନିର୍ବାଚିତ ହୋଇ ଜନପ୍ରିୟ ହେବା ସହ ନିଜର ନିରଳସ ଜୀବନଯାପନ ତାଙ୍କୁ ସାଧାରଣ ଲୋକଙ୍କ ନିକଟତର କରିଥିଲା ବୋଲି ଅତିଥିମାନେ କହିଥିଲେ। ସଭାରେ କେନ୍ଦ୍ରାପଡ଼ା ଜିଲାର ସମବାୟବିତ ପ୍ରମୋଦ ସାହୁ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ଅଂଶମାନ ମହାନ୍ତି, ଡ. ସିପ୍ରା ମଲ୍ଲିକ, ସୁନନ୍ଦା ଦାଶ, ବରିଷ୍ଠ ବିଜେଡି ନେତା ରବି ସାମଲ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସିଦ୍ଧାନ୍ତ ସ୍ୱରୂପ ଦାସ, ଭାଜପା ନେତା ଉମା ଶଙ୍କର ପଟ୍ଟନାୟକ ଓ ତେଜେସ୍ୱର ପରିଡା ଯୋଗଦେଇଥିଲେ। ସେହିପରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, କେନ୍ଦ୍ରାପଡ଼ା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ମହାନ୍ତି, ଭାଜପା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ଜିଲା ବିଜେଡି ସଭାପତି ଶିବ ପ୍ରଶାଦ ଭଳ, ଜିଲା କଂଗ୍ରେସ ସଭାପତି ଡ. ଦେବସ୍ମିତା ଶର୍ମା, ଜିଲା ପରିଷଦ ସଭାପତି ଲଳିତା ଦାସ, ପୂର୍ବତନ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ସମେତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ହିନ୍ଦୁ ସମାଜର ଏକତା, ସାଂସ୍କୃତିକ ସୁରକ୍ଷାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୨୭।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଲାଟ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଚନ୍ଦନପୁର ଓ କେଶପୁର ହିନ୍ଦୁସମାଜ ଆନୁକୂଲ୍ୟରେ ଆୟୋଜିତ ହିନ୍ଦୁ ସମ୍ମିଳନୀ ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ସଭାରେ ବହୁ ଭକ୍ତ ଓ ସାଧାରଣଲୋକଙ୍କ ସମାଗମରେ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସଂଯୋଜକ ଜଗବନ୍ଧୁ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ହିନ୍ଦୁ ସମାଜର ଏକତା, ସାଂସ୍କୃତିକ ସୁରକ୍ଷା, ପରମ୍ପରାର ମୂଲ୍ୟ ବୁଝିବା ଓ ଯୁବପିଢ଼ିଙ୍କୁ ଠିକ୍ ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା।

# ଖବରଦାତାଙ୍କ ଭ୍ରାତୃ ବିୟୋଗ

ଆଳି, ୨୭।୧ (ବନମାଳୀ ସେନାପତି)

ଆଳି ଅଞ୍ଚଳର ଖବରଦାତା ତଥା ସାହିତ୍ୟିକ ବନମାଳୀ ସେନାପତିଙ୍କ ଭାଇ ତ୍ରିଲୋଚନ ସେନାପତିଙ୍କର


ତ୍ରିଲୋଚନ ସେନାପତି

(୭୭)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। କିଛିବର୍ଷ ହେବ ସେ ଶଯ୍ୟାଶାୟୀ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତ୍ରିଲୋଚନଙ୍କ ଶେଷ ଦର୍ଶନ ପାଇଁ ବହୁ ଲୋକ ତାଙ୍କ ଗୋପସ୍ଥିତ ବାସଭବନରେ ପହଞ୍ଚି ଥିଲେ। କଂଗ୍ରେସ ଜିଲା ସଭାପତି ଡା. ଦେବସ୍ମିତା ଶର୍ମା, ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଯୁବ ସଙ୍ଗଠକ ମାନଗୋବିନ୍ଦ ଦାସ, ଦର୍ପ ନାରାୟଣ ସାହୁ, ସେକ ସୋପାନ, ପୂର୍ବତନ ସରପଞ୍ଚ ପ୍ରତାପ କୁମାର ସାହୁ, ଆଳି ବ୍ଲକ ଯାଦବ ମହାସଭାର ସଭାପତି ଶେଖର ଚନ୍ଦ୍ର ବାରିକ, ସମ୍ପାଦକ ଧରଣୀଧର ବେହେରା, ଉପସଭାପତି ମଧୁସୂଦନ ଦାସ ପ୍ରମୁଖ ଆସି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଥିଲେ। ସୋମବାର ପୂର୍ବାହ୍ନରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମାପନ ହୋଇଥିଲା। ପୁତ୍ର ପଦ୍ମଲୋଚନ ସେନାପତି ମୁଖାଗ୍ନି ଦେଇଥିଲେ।

# ବିପ୍ଳବୀ କବି ଆନନ୍ଦ ଚନ୍ଦ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳିତ

କେନ୍ଦ୍ରାପଡ଼ା, ୨୭।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ହାଇସ୍କୁଲ ସମ୍ମୁଖ ଖଡିଅଙ୍ଗଠାରେ କନିକା ପ୍ରଜା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ୮୧ତମ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମ ପରିଚାଳିକା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଜିଲା ପରିଷଦ ସଭାପତି ଲଳିତା ଦାସ, ଜିଲାପାଳ ରଘୁରାମ ଆର. ଆୟାର, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲାପାଳ ବିଷ୍ଣୁଦେବ ଜେନା, ଜଜ୍ ତ୍ରୀବିକ୍ରମ କେଶରୀ ଚିନ୍ନରା, ଓଡିଏମ୍‌ଓ ମନୋଜ କୁମାର ରାଉତ, ଉପଜିଲାପାଳ ଅରୁଣ କୁମାର ନାୟକ, ପୌରାଧ୍ୟକ୍ଷା ସରିତା ସାହୁ, ସାହିତ୍ୟିକ ଡ. ବାସୁଦେବ ଦାସ ପ୍ରମୁଖଙ୍କ ସହ ପ୍ରଶାସନିକ ଅଧିକାରୀ, ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଅତିଥିମାନେ ଜେନାଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ମୃତି କମିଟି ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଉପଦେଷ୍ଟା କରୁଣାକର ଦାସ, ଆଇନଜୀବୀ ହାଡିବନ୍ଧୁ ସିଂହ, ସେକ୍ ଅସଲାମ, ନିରଞ୍ଜନ ମେକାପ ପ୍ରମୁଖ ଯୋଗଦେଇଥିଲେ।

No.B-1010

GOVERNMENT OF ODISHA
OFFICE OF THE SUPERINTENDING ENGINEER,
GANJAM [R&B] DIVISION NO. I, BERHAMPUR
Phone / Fax : (0680) 2233683, e-mail : eernb1_bam@yahoo.com
"e" Procurement Notice
Bid Identification No. SE R&B Divn. No.I Bam. 55/2025-26
Lr. No. 598 Dated : 19.01.2026

| | | |
|---|---|---|
| Name of work | : | Building works |
| No. of works | : | 2 (Two) Nos |
| Estimated cost | : | Approximately Rs.57.57 lakh to Rs.81.56 lakh |
| Period of completion | : | Four calendar months |
| Date and time of availability of bid document in the portal | : | From 10.00 hours of 28.01.2026 to 16.00 hours of 04.02.2026 |
| Last date / time for receipt of bids in the portal | : | Upto 16.00 hours of 04.02.2026 |
| Name and address of the Officer inviting Bid Name of work | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in
Sd./- Superintending Engineer
Ganjam (R&B) Division No.I, Berhampur
OIPR-

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
Phone : 0680-2404096, E-Mail : eerwgmt@yahoo.co.in
No.O-2090 Government of Odisha e-Procurement Notice
Bid Identification No. Online Tender/28/SERWD-II/2025-26
Memo No.441/RWD-IIGB, Date : 16.01.2026

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.82.34 lakhs |
| 3 | Period of Completion | : | 6 (Six) Months as per Annexure |
| 4 | Date & Time of availability of Bid documents in the Portal | : | 28.01.2026 at 10.00 A.M. to 04.02.2026 up to 5.00 P.M. |
| 5 | Last Date/Time for receipt of Bids in the Portal | : | 04.02.2026 up to 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app
Sd./- Executive Engineer
R.W. Division-II, Ganjam
Berhampur
OIPR-

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
E_Mail ID : serw_balasore@yahoo.in, Ph. No. - 06782/260318, Balia, Balasore
"e"-Procurement Notice for Road Work
No.25001/4/2526
Identification No. - Online Tender - Road N.C.B. No. 59 for 2025-26
Letter No. 366 Date : 22.01.2026
1. Name of the work : (MMSY-Improvement to existing RD road), 2. Total No. of work : 1 No. of work, 3. Estimated Cost : As per annexure, 4. Eligible Class of Contractor : As per annexure, 5. Period of Completion : As per Annexure, 6. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. - 59 of 2025-26 | 29.01.2026 at 11.00 A.M. | 12.02.2026 up to 5.00 P.M. | 11.02.2026 up to 5.00 P.M. | 13.02.2026 at 11.00 A.M. | Will be intimated later |

• Further details can be seen from the website : www.tendersodisha.gov.in
OIPR-25001/25105/1/25-26/0004
Sd./- Chief Construction Engineer, R.W. Circle, Balasore

OFFICE OF THE GENERAL MANAGER
WATCO PROJECT DIVISION
Email : gmprojectsbp@gmail.com, Tel. No. : 0663-2411911
No.C-2133
e-Procurement Notice
Bid Identification No.9 Project/WATCO/SBP/2025-26 Dated 17.01.2026

1. Name of the Work : Civil Sewerage Work
2. Estimated Cost : Varies approximately from Rs.12.44 Lakhs, Rs.37.15 Lakhs & Rs.27.37 Lakhs
3. Period of Completion : Referred to DTCN
4. No. of Works : 3 (Three)
5. Tender Paper Cost : Referred to DTCN
6. Class of Contractor : "B", "C" and "D" Class
7. Date & Time of availability of bid document in the Portal : 11.00 Hrs. of 28.01.2026 to 17.00 Hrs. of 06.02.2026
8. Date of opening of Bid : 12.30 Hrs. on dtd.07.02.2026
9. Name and address of the O.I.T : General Manager, WATCO Project Division, Sambalpur, At-40 MLD STP Campus, Bhatra, Dhanupali, Sambalpur - 768005

Further details can be seen from the e-Procurement portal "https://www.tendersorissa.gov.in"
Sd./- GENERAL MANAGER,
WATCO PROJECT DIVISION,
SAMBALPUR
OIPR-

GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
No.13001/5/2526
Invitation For Bids (IFB)

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & adderss of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | External power supply, interal wiring with power backup arrangement in connection with the work - "Improvement of water supply to Ganjam NAC under AMRUT 2.0 (Swap-II)" Reach-IV | Identification No 70/03/SPH(C)/ 2025-26 dt.21.01.2026 | 68.48 | 3 (Three) Calendar Months | 11.00 Hrs of 31.01.2026 | 17.30 Hrs of 16.02.2026 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on dt.17.02.2026 at 11.00 A.M.
Further details can be seen from the e-procurement portal https://www.tenderorissa.gov.in
OIPR-13001/13013/1/25-26/0005
Sd./- Additional Chief Engineer (PH)
P.H. Division, Bhanjanagar at Chatrapur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KUCHINDA
No.25001/5/2526 E-mail : eerw_kuchinda@yahoo.com
Identification No. Online Tender / 16 / RWD, Kuchinda / 2025-26
Letter No. Date.

| | | | |
|---|---|---|---|
| 1 | The Superintending Engineer, Rural Works Division, Kuchinda behalf of the Governor of Odisha invites percentage rate bids to be received in ONLINE MODE only for Road Work | | |
| 2 | No. of Work | : | 01 No. |
| 3 | Nature of Work | : | Road Repair |
| 4 | Class of Contractor | : | "B" |
| 5 | Approx. Value of Work | : | 89.72 Lakh |
| 6 | Tender Cost | : | 10000 |
| 7 | Availability of Bid Documents in the Website | : | 30.01.2026 at 11.00 A.M. to 05.02.2026 at 5.00 P.M. |
| 8 | Last date & time for seeking Clarification | : | 04.02.2026 at 5.00 A.M. |
| 9 | Date of Opening of Technical Bid | : | 06.02.2026 at 11.00 A.M. |
| 10 | Financial Bid | : | To be intimated later |
| 11 | Other details can be Seen in the Bidding documents from the website : https://tendersodisha.gov.in | | |

OIPR-25001/25151/1/25-26/0005
Sd./- Superintending Engineer
Rural Works Division, Kuchinda

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
No.O-2114
No. : 326/WE, Dt. : 20.01.2026
e-procurement Notice
1. Name of the work : "Building Works", 2. Estimated Cost : As per annexure, 3. Time for completion : As per Annexure, 4. No. of Work : As per Annexure, 5. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | | 5 | 6 |
| Chief Construction Engineer, Rural Works Circle, Balasore | N.C.B. No. - 58 of 2025-26 | Dt.31.01.2026 at 11.00 A.M. | Dt.12.02.2026 up to 5.00 P.M. | Dt.11.02.2026 up to 1.00 P.M. | Dt.13.02.2026 at 11.00 A.M. | Will be intimated later |

• Further details can be seen from the website : www.tendersodisha.gov.in
Any other changes/Corrigendums may be seen only in website www.tendersodisha.gov.in
OIPR-
Sd./- Er. Durjyodhan Behera
Chief Construction Engineer, Rural Works Circle, Balasore

AXIS BANK

ଗୁରୁତ୍ୱପୂର୍ଣ୍ଣ ଘୋଷଣା

ଆମେ ଆମର ଠିକଣା ପରିବର୍ତ୍ତନ କରୁଛୁ
ଆକ୍ସିସ୍ ବ୍ୟାଙ୍କର ଓରକଳ ଶାଖା
୩୦ ମାର୍ଚ୍ଚ ୨୦୨୬ ରୁ
ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହେବ

ବର୍ତ୍ତମାନ ଠିକଣା:
ଆକ୍ସିସ୍ ବ୍ୟାଙ୍କ ଲିମିଟେଡ୍, ଓରକଳ ଶାଖା,
ପ୍ରଥମ ମହଲା, ପ୍ଲଟ୍ ନମ୍ବର ୧୩୦, ଗ୍ରାମ - ଓରକଳ, ଜିଲ୍ଲା - ଖୁରଦା,
ଏୟାରଫିଲ୍ଡ କପିଲା ପ୍ରସାଦ, ଓଡ଼ିଶା - ୭୫୧୦୦୨

ନୂତନ ଠିକଣା:
ଆକ୍ସିସ୍ ବ୍ୟାଙ୍କ ଲିମିଟେଡ୍, ଓରକଳ ଶାଖା,
ପ୍ଲଟ୍ ନମ୍ବର ୨୦, ବିଷ୍ଣୁପ୍ରିୟା ବିହାର, ପୋ - ଖୁଆ, ବୋଟାଣ୍ଡା,
ଓଡ଼ିଶା - ୭୫୧୦୦୨

ଆମେ ଆପଣଙ୍କୁ ସ୍ୱାଗତ ଜଣାଉଛୁ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ୍ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାମାକ୍ଷାନଗର ଶାଖା, ଢେଙ୍କାନାଳ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| କାମାକ୍ଷାନଗର ଶାଖା, ଢେଙ୍କାନାଳ/ ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ପବିତ୍ର କୁମାର ବିଶ୍ୱାଳ, ୨) ଶ୍ରୀମତୀ ଚିତ୍ରକଳା ବିଶ୍ୱାଳ, ସ୍ୱାମୀ: ଶ୍ରୀ ପବିତ୍ର କୁମାର ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ମାଳପୁରା, ପୋ: ମାଳପୁରା, ଥାନା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୮ | ଟ.୨,୯୨,୧୩୬.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୭.୧୦.୨୦୨୫ / ୨୨.୦୧.୨୦୨୬ | ଶ୍ରୀ ପବିତ୍ର କୁମାର ବିଶ୍ୱାଳଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୦୮/୧, ପ୍ଲଟ୍ ନଂ.: ୮୨୯/୨୭୫୧, ପରିମିତ କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସା: ମାଳପୁରା, ଥାନା: କାମାକ୍ଷାନଗର, ତହସିଲ: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହାକିମ ଖାନ୍, ପୂର୍ବ: ସୟଦ କୁମାର ଅଲ୍ଲୀ, ପଶ୍ଚିମ: ମହମ୍ମଦ ବାସିବ ହୁସେନ |

ସ୍ଥାନ: କଟକ, ତାରିଖ: ୨୭.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମିଳିତ ପରେଡ୍‌ରେ ବିଡିଓଙ୍କ ଅଭିବାଦନ ଗ୍ରହଣ

ଓଡ଼ଗାଁ,୨୭।୧(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ମିନି ଷ୍ଟାଡିୟମରେ ପାଳିତ ହୋଇଯାଇଛି। ବିଡିଓ ପ୍ରୀତିବାଳା ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନକରିବା ସହ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ,ଏନ୍‌ଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଆଇଆଇସି ସତ୍ୟନାରାୟଣ ବାରିକ,ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିବା ଦଳଗତ ନୃତ୍ୟ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ସେହିପରି ଓଡ଼ଗାଁ ବ୍ଲକ୍‌ରେ ବିଡିଓ,ତହସିଲରେତହସିଲଦାର,ଏନ୍‌ଏସିରେ ନିର୍ବାହୀ ଅଧିକାରୀ,ଥାନାରେ ଆଇଆଇସି ଏବଂ ବନାଞ୍ଚଳ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ,କଲେଜରେ ରାଜକିଶୋର ସାହୁ,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା.ନିଲାଞ୍ଜନ ଦାସ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜ କିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଗାୟତ୍ରୀ ବିଦ୍ୟାମନ୍ଦିରରେ ଅଧକ୍ଷ ବୀରେନ୍ଦ୍ର ସାହୁ,କୁରାଳ ରାଧାକୃଷ୍ଣ ଥିଏଟର ଦ୍ୱାରା ଆୟୋଜିତ ମିଳିତ ପରେଡ୍‌ରେ ସରପଞ୍ଚ ବିଜନ ପାଇକରାୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ରଙ୍ଗଣୀପାଟଣା ବଡ଼ ସାହିରେ ବୀରେନ୍ଦ୍ର ସାହୁ ପତାକା ଉତ୍ତୋଳନ କରିଥିଲେ।



ମିଳିତ ପରେଡ୍‌ରେ ବିଡିଓ ଅଭିବାଦନ ଗ୍ରହଣ କରୁଛନ୍ତି ।

# ଜନପ୍ରତିନିଧିଙ୍କୁ ନିମନ୍ତ୍ରଣ କଲେନି ବ୍ଲକ ପ୍ରଶାସନ

ଭାପୁର, ୨୭।୧ (ପ୍ରଭାତ ବରାଡ)

**ସାଧାରଣତନ୍ତ୍ର ଦିବସ**

ଭାପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭାପୁର କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟାଳୟରେ ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ବିଶ୍ୱନାଥ ସାହୁ ପତାକା ଉତ୍ତୋଳନ କରିଥିଲେ। ଫତେଗଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାପୁର ପଞ୍ଚାୟତ ସମିତି ଅଧକ୍ଷା ସାବିତ୍ରୀ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ କୌଣସି ଜନପ୍ରତିନିଧି ଉପସ୍ଥିତ ନ ଥିଲେ। ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ବ୍ଲକ ପ୍ରଶାସନ ଜନପ୍ରତିନିଧିଙ୍କୁ ନିମନ୍ତ୍ରଣ କରି ନ ଥିଲେ। ଏନେଇ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଥିଲେ।

ସେହିପରି ଭାପୁର ଶିଶୁ ମନ୍ଦିର ପରିସରରେ ପ୍ରଧାନ ଗୁରୁଜୀ କାମରାଜ ବରାଡଙ୍କ ତତ୍ତ୍ୱାବଧାନରେ ପତାକା ଉତ୍ତୋଳନ କରାଯିବା ସହ କୁନିକୁନି ପିଲାମାନେ ଜାତୀୟ ପତାକା ଧରି ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀନ ଓ ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ଭାପୁର ବଜାର ପରିକ୍ରମା କରିଥିଲେ। ସେହିପରି ବିଜେଡି ପାର୍ଯ୍ୟାଳୟରେ ବ୍ଲକ ବିଜେଡ଼ି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ ପତାକା ଉତ୍ତୋଳନ କରିଥିଲେ।

# ଦେଶାତ୍ମବୋଧକ ନୃତ୍ୟକଲେ ଛାତ୍ରୀଛାତ୍ର

ରଣପୁର,୨୭।୧ (ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସକାଳୁ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ପରେଡ୍‌ରେ ସହର ପରିକ୍ରମା କରି ପଞ୍ଚୁଦୋଳ ପଡ଼ିଆରେ ପହଞ୍ଚିଥିଲେ। ତହସିଲଦାର ଆର୍ଯ୍ୟ କୁମାର ସାବର୍ଦ୍ଦମନ ଜାତୀୟ ପତାକା ଉତ୍ତୋଳନକରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ଶିକ୍ଷକ ଡ଼.ପ୍ରଶାନ୍ତ ମିଶ୍ର ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ରଙ୍ଗୀନ ମହାନ୍ତିଙ୍କ ସହିତ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ବିସି ହାଇସ୍କୁଲର ପୂର୍ବତନ ଶିକ୍ଷକ ହରିହର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କୋର୍ଟରେ ବରିଷ୍ଠ ଦେଓାନୀ ବିଚାରପତି ତଥା ସହକାରୀ ଦୌରାଜଜ ପତାକା ଉତ୍ତୋଳନ କରିଥିଲେ ।



ରଣପୁରରେ ଛାତ୍ରୀଛାତ୍ରଙ୍କ ସହ ଅତିଥି ।

# ଗଣତନ୍ତ୍ର ଦିବସ ପାଳିତ

ଶରଣକୁଳ,୨୭।୧(ଦୀପକ କର)

ଶରଣକୁଳ ନିକଟ ବଡ଼ପୁଟରେ ଥିବା ବୌଦ୍ଧିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଟା ଟା ନେହେରୁ ଶିଶୁରାଇଜ' ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଭାପତି କରୁଣାକାନ୍ତ ସାମଲ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କ୍ଲବ୍‌ର ସମ୍ପାଦକ ସୁଜିତ କୁମାର ପ୍ରଧାନ ଓ ଉପସଭାପତି ବିକାଶ ଜ୍ୟୋତି ଦୋରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବାଶିଷ ସାମଲ ଓ କମଳାକାନ୍ତ ପ୍ରଧାନ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ପିଲାମାନେ ସାଧାରଣତନ୍ତ୍ର ଦିବସ ପାଳନ କରୁଛନ୍ତି ।

# ମା' ଅସୁରକୁମାରୀ ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ପୂର୍ଣ୍ଣାହୁତି

ରଣପୁର, ୨୭।୧(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ ବଜ୍ରକୋଟସ୍ଥିତ ପ୍ରସିଦ୍ଧ ମା' ଅସୁରକୁମାରୀ ଦେବୀଙ୍କ ପବିତ୍ର ପୀଠରେ ଚାଲିଥିବା ପାଞ୍ଚଦିନ ବ୍ୟାପୀ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ପ୍ରାଚୀନ ସଂସ୍କୃତିର ପୁନରୁଦ୍ଧାର ଓ ସତ୍ୟଧର୍ମନୀତିର ପ୍ରଚାର ଉଦ୍ଦେଶ୍ୟରେ ଆୟୋଜିତ ଏହି ମହାଯଜ୍ଞରେ ଶତାଧିକ ଭକ୍ତ ସାମିଲ ହୋଇଥିଲେ। ମାଘ ଶୁକ୍ଳପକ୍ଷ ପଞ୍ଚମୀଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞରେ ଅଙ୍କୁରରୋପଣ, ଦେବଦେବୀ ବରଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଅଖଣ୍ଡ ଯଜ୍ଞ, ସଂକୀର୍ତ୍ତନ, ପ୍ରସାଦ ସେବନ ଓ ବିଭିନ୍ନ ଧାର୍ମିକସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଦିନ ଯଜ୍ଞାଗ୍ନିରେ ଆହୁତି ଦେଇ ଭକ୍ତମାନେ ବିଶ୍ୱଶାନ୍ତି, ସମୃଦ୍ଧି ଓ ସୁଖସମୃଦ୍ଧ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ମହାଯଜ୍ଞ ଅବସରରେ ପ୍ରତ୍ୟେକ ଦିନ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମା' ଅସୁରକୁମାରୀ ଚାରିଟେବଲ ଟ୍ରଷ୍ଟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

# ଧର୍ମପରାୟଣାଙ୍କ ପରଲୋକ

ଖଣ୍ଡପଡ଼ା,୨୭।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ପଞ୍ଚାୟତ ଅଧୀନ ପାଣ୍ଡୁସାହୁପାଟଣା ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ସାହୁଙ୍କ ସ୍ତ୍ରୀ ହୀରା ସାହୁ(୮୪)ଙ୍କର ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଧର୍ମପରାୟଣ, ମେଳପୀ, ମିଷ୍ଟଭାଷୀ, ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


No.B-1010

GOVERNMENT OF ODISHA
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone / Fax : (0680) 2233683, e-mail : eernb1_bam@yahoo.com
**"e" Procurement Notice**
**Bid Identification No. SE R&B Divn. No.I Bam. 55/2025-26**
Lr. No. 598 — Dated : 19.01.2026

Name of work : Building works
No. of works : 2 (Two) Nos
Estimated cost : Approximately Rs.57.57 lakh to Rs.81.56 lakh
Period of completion : Four calendar months
Date and time of availability of bid document in the portal : From 10.00 hours of 28.01.2026 to 16.00 hours of 04.02.2026
Last date / time for receipt of bids in the portal : Upto 16.00 hours of 04.02.2026
Name and address of the Officer inviting Bid Name of work : Superintending Engineer, Ganjam (R&B) Division No.I, Berhampur

Further details can be seen from the e-Procurement portal https://tendersodisha.gov.in
OIPR-
Sd./- Superintending Engineer
Ganjam (R&B) Division No.I, Berhampur



**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-2090 Government of Odisha e-Procurement Notice
**Bid Identification No. Online Tender/28/SERWD-II/2025-26**
**Memo No.441/RWD-IIGB, Date : 16.01.2026**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.82.34 lakhs |
| 3 | Period of Completion | : | 6 (Six) Months as per Annexure |
| 4 | Date & Time of availability of Bid documents in the Portal | : | 28.01.2026 at 10.00 A.M. to 04.02.2026 up to 5.00 P.M. |
| 5 | Last Date/Time for receipt of Bids in the Portal | : | 04.02.2026 up to 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app
Sd./- Executive Engineer
R.W. Division-II, Ganjam
Berhampur
OIPR-



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**
E_Mail ID : serw_balasore@yahoo.in, Ph. No. - 06782/260318, Balia, Balasore
**"e"-Procurement Notice for Road Work**
No.25001/4/2526
**Identification No. - Online Tender - Road N.C.B. No. 59 for 2025-26**
**Letter No. 366** — **Date : 22.01.2026**

1. Name of the work : **(MMSY-Improvement to existing RD road)**, 2. Total No. of work : **1 No. of work**, 3. Estimated Cost : As per annexure, 4. Eligible Class of Contractor : As per annexure, 5. Period of Completion : As per Annexure, 6. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Balasore** | **NCB No. - 59 of 2025-26** | 29.01.2026 at 11.00 A.M. | 12.02.2026 up to 5.00 P.M. | 11.02.2026 up to 5.00 P.M. | 13.02.2026 at 11.00 A.M. | **Will be intimated later** |

• **Further details can be seen from the website : www.tendersodisha.gov.in**
**OIPR-25001/25105/1/25-26/0004** — **Sd./- Chief Construction Engineer, R.W. Circle, Balasore**



**OFFICE OF THE GENERAL MANAGER WATCO PROJECT DIVISION**
Email : gmprojectsbp@gmail.com, Tel. No. : 0663-2411911
No.C-2133
**e-Procurement Notice**
**Bid Identification No.9 Project/WATCO/SBP/2025-26 Dated 17.01.2026**

1. **Name of the Work** : Civil Sewerage Work
2. **Estimated Cost** : Varies approximately from Rs.12.44 Lakhs, Rs.37.15 Lakhs & Rs.27.37 Lakhs
3. **Period of Completion** : Referred to DTCN
4. **No. of Works** : 3 (Three)
5. **Tender Paper Cost** : Referred to DTCN
6. **Class of Contractor** : "B", "C" and "D" Class
7. **Date & Time of availability of bid document in the Portal** : 11.00 Hrs. of 28.01.2026 to 17.00 Hrs. of 06.02.2026
8. **Date of opening of Bid** : 12.30 Hrs. on dtd.07.02.2026
9. **Name and address of the O.I.T** : General Manager, WATCO Project Division, Sambalpur, At-40 MLD STP Campus, Bhatra, Dhanupali, Sambalpur - 768005

Further details can be seen from the e-Procurement portal "https://www.tendersorissa.gov.in"
**Sd./- GENERAL MANAGER, WATCO PROJECT DIVISION, SAMBALPUR**
OIPR-



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR**
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
No.13001/5/2526
Invitation For Bids (IFB)

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & adderss of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | External power supply, interal wiring with power backup arrangement in connection with the work - "Improvement of water supply to Ganjam NAC under AMRUT 2.0 (Swap-II)" Reach-IV | Identification No 70/03/SPH(C)/ 2025-26 dt.21.01.2026 | 68.48 | 3 (Three) Calendar Months | 11.00 Hrs of 31.01.2026 | 17.30 Hrs of 16.02.2026 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.17.02.2026 at 11.00 A.M.**
Further details can be seen from the e-procurement portal https://www.tenderorissa.gov.in
**Sd./- Additional Chief Engineer (PH)**
**P.H. Division, Bhanjanagar at Chatrapur**
**OIPR-13001/13013/1/25-26/0005**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA**
No.25001/5/2526 **E-mail : eerw_kuchinda@yahoo.com**
**Identification No. Online Tender / 16 / RWD, Kuchinda / 2025-26**
Letter No. Date.

| | | | |
|---|---|---|---|
| 1 | The Superintending Engineer, Rural Works Division, Kuchinda behalf of the Governor of Odisha invites percentage rate bids to be received in ONLINE MODE only for Road Work | | |
| 2 | No. of Work | : | 01 No. |
| 3 | Nature of Work | : | Road Repair |
| 4 | Class of Contractor | : | "B" |
| 5 | Approx. Value of Work | : | 89.72 Lakh |
| 6 | Tender Cost | : | 10000 |
| 7 | Availability of Bid Documents in the Website | : | 30.01.2026 at 11.00 A.M. to 05.02.2026 at 5.00 P.M. |
| 8 | Last date & time for seeking Clarification | : | 04.02.2026 at 5.00 A.M. |
| 9 | Date of Opening of Technical Bid | : | 06.02.2026 at 11.00 A.M. |
| 10 | Financial Bid | : | To be intimated later |
| 11 | Other details can be Seen in the Bidding documents from the website : https://tendersodisha.gov.in | | |

**OIPR-25001/25151/1/25-26/0005**
**Sd./- Superintending Engineer**
**Rural Works Division, Kuchinda**



No.O-2114
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**
**No. : 326/WE, Dt. : 20.01.2026**
**e-procurement Notice**

1. Name of the work : **"Building Works"**, 2. Estimated Cost : As per annexure, 3. Time for completion : As per Annexure, 4. No. of Work : As per Annexure, 5. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | | 5 | 6 |
| **Chief Construction Engineer, Rural Works Circle, Balasore** | **N.C.B. No. - 58 of 2025-26** | **Dt.31.01.2026 at 11.00 A.M.** | **Dt.12.02.2026 up to 5.00 P.M.** | **Dt.11.02.2026 up to 1.00 P.M.** | **Dt.13.02.2026 at 11.00 A.M.** | **Will be intimated later** |

• Further details can be seen from the website : www.tendersodisha.gov.in
Any other changes/Corrigendums may be seen only in website www.tendersodisha.gov.in
**Sd./- Er. Durjyodhan Behera**
**Chief Construction Engineer, Rural Works Circle, Balasore**
OIPR-



AXIS BANK

**ଗୁରୁତ୍ୱପୂର୍ଣ୍ଣ ଘୋଷଣା**

**ଆମେ ଆମର ଠିକଣା ପରିବର୍ତ୍ତନ କରୁଛୁ**
ଆକ୍ସିସ୍ ବ୍ୟାଙ୍କର ଓରକଳ ଶାଖା
୩୦ ମାର୍ଚ୍ଚ ୨୦୨୬ ରୁ
ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହେବ

**ବର୍ତ୍ତମାନ ଠିକଣା:**
ଆକ୍ସିସ୍ ବ୍ୟାଙ୍କ ଲିମିଟେଡ୍, ଓରକଳ ଶାଖା,
ପ୍ରଥମ ମହଲା, ପ୍ଲଟ୍ ନମ୍ବର ୧୩୦, ଗ୍ରାମ - ଓରକଳ, ଜିଲ୍ଲା - ଖୁରଦା,
ଏୟାରଫିଲ୍ଡ କପିଲା ପ୍ରସାଦ, ଓଡ଼ିଶା - ୭୫୧୦୦୨

**ନୂତନ ଠିକଣା:**
ଆକ୍ସିସ୍ ବ୍ୟାଙ୍କ ଲିମିଟେଡ୍, ଓରକଳ ଶାଖା,
ପ୍ଲଟ୍ ନମ୍ବର ୨୦, ବିଷ୍ଣୁପ୍ରିୟା ବିହାର, ପୋ - ଖୁଆ, ବୋଟାଣ୍ଡା,
ଓଡ଼ିଶା - ୭୫୧୦୦୨

**ଆମେ ଆପଣଙ୍କୁ ସ୍ୱାଗତ ଜଣାଉଛୁ।**



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ୍ଧ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାମାକ୍ଷାନଗର ଶାଖା, ଢେଙ୍କାନାଳ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| କାମାକ୍ଷାନଗର ଶାଖା, ଢେଙ୍କାନାଳ/ ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ପବିତ୍ର କୁମାର ବିଶ୍ୱାଳ, ୨) ଶ୍ରୀମତୀ ଚିତ୍ରକଳା ବିଶ୍ୱାଳ, ସ୍ୱାମୀ: ଶ୍ରୀ ପବିତ୍ର କୁମାର ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ମାଳପୁରା, ପୋ: ମାଳପୁରା, ଥାନା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୮ | ଟ.୨,୯୨,୧୩୬.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୭.୧୦.୨୦୨୫ / ୨୨.୦୧.୨୦୨୬ | ଶ୍ରୀ ପବିତ୍ର କୁମାର ବିଶ୍ୱାଳଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୦୮/୧, ପ୍ଲଟ୍ ନଂ.: ୮୨୯/୨୭୫୧, ପରିମିତ କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସା: ମାଳପୁରା, ଥାନା: କାମାକ୍ଷାନଗର, ତହସିଲ: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହାକିମ ଖାନ୍, ପୂର୍ବ: ସୟଦ କୁମାର ଅଲ୍ଲୀ, ପଶ୍ଚିମ: ମହମ୍ମଦ ବାସିବ ହୁସେନ |

ସ୍ଥାନ: କଟକ, ତାରିଖ: ୨୭.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସମ୍ବିଧାନ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି

## ଜିଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ





ସାଧାରଣତନ୍ତ୍ର ଦିବସରେ ଜିଲାପାଳ ଅମ୍ବର କୁମାର କର ଉଦ୍‌ବୋଧନ ଦେଉଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

**ଯାଜପୁର,୨୭।୧(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଯାଜପୁର କୁସୁମା ସମ୍ମୁଖ ପଡ଼ିଆରେ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ, ହଜାରହଜାର ସଂଗ୍ରାମୀଙ୍କ ସଂଘର୍ଷ, କାରାବରଣ ଏବଂ ବଳିଦାନ ପରେ ୧୯୪୭ରେ ଭାରତ ବ୍ରିଟିଶ କବଳରୁ ସ୍ୱାଧୀନତା ପାଇଥିଲା। ଏହାପରେ ସମ୍ବିଧାନ ପ୍ରଣୟନ ସଭାର ୨ ବର୍ଷ ୧୧ ମାସ ୧୮ ଦିନର ବିତର୍କ ଓ ପରିଶ୍ରମ ପରେ ୧୯୫୦ ଜାନୁଆରୀ ୨୬ରେ ବାବା ସାହେବ ଆମ୍ବେଡକରଙ୍କ ଦ୍ୱାରା ଆମ ଦେଶର ଲିଖିତ ସମ୍ବିଧାନ ଓ ଶାସନ ଚଲାଇବା ପାଇଁ ଖସଡ଼ା କାର୍ଯ୍ୟକାରୀ ହୋଇଥିଲା। ଏହି ସମ୍ବିଧାନ ଦ୍ୱାରା ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେଲା। ସମ୍ବିଧାନ ଆମ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିବା ସହ ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିଛି। ଭାରତ ବର୍ଷର ଗୌରବମୟ ଗଣତାନ୍ତ୍ରିକ ଯାତ୍ରାରେ ଯାଜପୁର ମାଟିର ଅନେକ ବୀର ସାଧୀନତା ସଂଗ୍ରାମୀ ଏବଂ ଜନନାୟକଙ୍କ ମଧ୍ୟ ବଳିଷ୍ଠ ଅବଦାନ ରହିଛି। ଜନସାଧାରଣଙ୍କ ସୁବିଧା ପାଇଁ ତଥା ଜିଲାର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ଏବଂ ଜିଲା ପ୍ରଶାସନ ବିଗତ ଦିନରେ ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ଏହାପରେ ମୁଖ୍ୟଅତିଥି ଉଦ୍ୟାନ କୃଷିରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସୁମନ ପ୍ରଧାନଙ୍କୁ ପ୍ରାଣକୃଷ୍ଣ କର ସ୍ମାରକୀ ଟ୍ରଫି ସହ ୧୦୦୦ ଟଙ୍କାର ପ୍ରୋତ୍ସାହନ ରାଶି, ଶ୍ରେଷ୍ଠ ପ୍ରଶାସନିକ ଅଧିକାରୀଭାବେ ସହକାରୀ ଜିଲାପାଳ ସ୍ମରଣିକା ଦାଶ ଏବଂ ଉପଆରକ୍ଷୀ ଅଧୀକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କୁ ପ୍ରିୟମ୍ବଦା ଦେବୀ ସ୍ମାରକୀ ଟ୍ରଫି, ଉତ୍ତରୀୟ ଓ ମାନପତ୍ର ସହ ଏକ ଫଳ ଚାରା ପ୍ରଦାନ କରିଥିଲେ। ସମ୍ମିଳିତ ପରେଡରେ ସଶସ୍ତ୍ର ବାହିନୀ, ପୋଲିସ ବ୍ୟାଣ୍ଡ ପାର୍ଟି, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ, ଏନ୍‌ସିସି ସ୍କାଉଟ୍ସ ଗାଇଡ୍ସ, ସିଭିଲିଆନ ଦଳଙ୍କୁ ନେଇ ମୋଟ ୫୨ ଦଳ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଆରକ୍ଷୀ ନିରୀକ୍ଷକ ଦିନେଶ କୁମାର ସାହୁ ଓ ମନୋଜ କୁମାର ସାହୁ ପରେଡ ପରିଚାଳନା କରିଥିଲେ। ପରେଡରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳଗୁଡ଼ିକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ପରେଡ ଇନ କମାଣ୍ଡ ରିଜର୍ଭ ଇନ୍ସପେକ୍ଟର ଅଫ ପୋଲିସ ଦିନେଶ କୁମାର ସାହୁ ଏବଂ ସେକେଣ୍ଡ ଇନ କମାଣ୍ଡ ମନୋଜ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଏହି ଅବସରରେ ବାଳାଶ୍ରମ, କୁଷ୍ଠାଶ୍ରମ ଓ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ, ବସ୍ତ୍ର ଇତ୍ୟାଦି ବଣ୍ଟନ କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଜିଲାପାଳ ଫଳ ବଣ୍ଟନ କରିଥିଲେ। ପୂର୍ବରୁ ମୁଖ୍ୟ ଅତିଥି କିଆନାଳୀସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତ୍ୟୁଷ ୪ଟା୩୦ରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପ୍ରଭାତ ଫେରି କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଓ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ।

# ଜିଲା ଲେଖିକା ସଂସଦର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଲେଖିକା ସଂସଦର ସଦସ୍ୟାମାନେ ।

**ଯାଜପୁରରୋଡ୍,୨୭।୧ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲା ଲେଖିକା ସଂସଦର ବାର୍ଷିକ ଉତ୍ସବ ବ୍ୟାସନଗର ସ୍ଥିତ ହୋଟେଲ ରୟାଲକଳିଙ୍ଗଠାରେ ପାଳିତ ହୋଇଯାଇଛି। ସଂସଦର ସଭାପତି ହିରଣ୍ମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକଭାବେ ଜାତୀୟ ମାନବାଧିକାର ଆୟୋଗର କୋର କମିଟି ସଦସ୍ୟ ମନୋଜ ଜେନା, ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କମିଶନର ସଦସ୍ୟା କଳ୍ପନା ମଲ୍ଲିକ, ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ ଯୋଗଦେଇ 'ସାହିତ୍ୟ ସର୍ଜନା ଓ ନାରୀ' ଉପରେ ଆଲୋକପାତ କରିଥିଲେ। ସବିତା ମିଶ୍ର ବେଦପାଠ କରିଥିଲେ। ସଦସ୍ୟା ବିନୋଦିନୀ ଦାଶ ସ୍ୱାଗତ ଭାଷଣ ଦେବାସହ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ଗାୟତ୍ରୀ ନାୟକ ଓ ମଧୁସ୍ମିତା ନାୟକ ଅତିଥିଙ୍କୁ ବ୍ୟାଚ୍ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ। ପ୍ରୋମୋଦିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ପୂର୍ବରାଗ', ଅଞ୍ଜଳି ଜେନାଙ୍କ ଶିଶୁ ପତ୍ରିକା 'ବରଷାରାଣୀ ଆ' ଏବଂ ପ୍ରତିମା ଶତପଥୀଙ୍କ ଉପନ୍ୟାସ 'ପୁନର୍ମିଳନ'କୁ ଅତିଥି ଉନ୍ମୋଚନ କରିଥିଲେ। ପୂର୍ବରାଗ ପତ୍ରିକାର ସମ୍ପାଦିକା ସରୋଜିନୀ ପତି ସମ୍ପାଦକୀୟ ପାଠ କରିଥିଲେ। ସଂସଦର ସଦସ୍ୟା ଅମ୍ରିତା ସିଂହ, ନିରୁପମା ସ୍ୱାଇଁ ଓ ଅଶାନ୍ତି ସାମଲଙ୍କୁ ସଂସଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ସନ୍ଧ୍ୟାରାଣୀ ଘଡ଼େଇ, ନୀଳିମା ମହାନ୍ତି, ପ୍ରମିଳା ପତି, ହେମଲତା ଜେନା, ରାଜଶ୍ରୀ ପରିଡ଼ା, ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ମିରିନା ମହାନ୍ତି, ମଞ୍ଜୁଲତା ନାୟକ, ପ୍ରତିଭା ପାତ୍ର, ମଦନ ମୋହନ ବେହେରା, ପ୍ରଭାତ ମଲ୍ଲିକ, ଜିତେନ୍ଦ୍ର ବେହେରା, ନନ୍ଦ ମହାନ୍ତି, ମଳୟ ମଲ୍ଲିକ, ମହେଶ୍ୱର ନାୟକ, ନିର୍ମଳ ରାଉତ ଓ ଯୋଗେନ୍ଦ୍ର ନାଥ ବେହେରାଙ୍କ ସହ ସହରର ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ। କୁନି କଳାକାର ଆୟେଶା ମହାନ୍ତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସଂସଦର ସଦସ୍ୟା ଜୟନ୍ତୀ ଜେନା ଧନ୍ୟବାଦ ଦେଇଥିଲେ।

# ବିଶାଳ ହିନ୍ଦୁ ସମ୍ମିଳନୀ

**ବ୍ରହ୍ମବରଦା,୨୭।୧ (ଯଯାତି କେଶରୀ ବେହେରା):**

ଯାଜପୁର ବ୍ଲକ୍ ଝାଲପଡ଼ା ପଞ୍ଚାୟତ ଅନ୍ତର୍ଗତ କାକୁଡ଼ିକୁଦ ନୀଳକଣ୍ଠପୁରସ୍ଥିତ ସତ୍ୟସାଇ ଖେଳପଡ଼ିଆରେ ବିଶ୍ୱ ହିନ୍ଦୁ ଏରବାଙ୍କ ମଣ୍ଡଳ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଆର୍‌ଏସ୍‌ଏସ୍ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସନ୍ଥ ଶ୍ୟାମସୁନ୍ଦର ମହାରାଜ, ବାବାଜୀ ସୀତାକାନ୍ତ ଦାସ, ବିଶ୍ୱହିନ୍ଦୁ ପରିଷଦ କୋଲକାତା ଜୋନର ସଂଯୋଜିକା ଝରଣା ଜେନା, ଉତ୍କଳ ପ୍ରଦେଶ ସାଙ୍ଗଠନିକ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ, ବିଶ୍ୱହିନ୍ଦୁ ପରିଷଦର ସଭ୍ୟ ଦିନେଶ ଚନ୍ଦ୍ର ଦାସ ଓ ଜିଲା ପ୍ରଚାରକ ମନୋଜ ସାହୁ ଯୋଗଦେଇ ସନାତନ ଧର୍ମର ମୌଳିକ ତତ୍ତ୍ୱ ଏବଂ ଧର୍ମର ସାରମର୍ମ ଉପସ୍ଥାପନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ପ୍ରଫୁଲ୍ଲ ଗିରି, ଅନିଲ ରାଉତ ଓ ଚନ୍ଦ୍ରକାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ମଞ୍ଚପରିଚାଳନା କରିଥିଲେ। ସମ୍ମିଳନୀରେ ସାମାଜିକ କର୍ମୀ ହରିହର ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ପତିତପାବନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଥିଲା। ପ୍ରଫୁଲ୍ଲ ସାହୁ, ମଣିନାଥ ସାହୁ, ବଳରାମ ସାହୁ, ବସନ୍ତ ରାଉତ, ପ୍ରିୟନାଥ ରାଉତ, ମନୋଜ ରାୟ, ରଞ୍ଜିତ ନାୟକ ଓ ରାଜେଶ ଜେନା ପ୍ରମୁଖ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ସଭାପତି ରମେଶ ଚନ୍ଦ୍ର ଜେନା ଏବଂ ଅନ୍ୟ ଅତିଥି ।

# ପ୍ରମିଳାଙ୍କୁ ନାଗରିକ ସମ୍ବର୍ଦ୍ଧନା



ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

**ବିଞ୍ଝାରପୁର,୨୭।୧(ରାମକୃଷ୍ଣ ଦାସ):**

୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଞ୍ଝାରପୁର ବ୍ଲକ ମାଁସଡ଼ା ପଞ୍ଚାୟତ ପକ୍ଷରୁ ସାମାଜିକ କର୍ମୀ ରଞ୍ଜନ ଯେନା ଓ ସରପଞ୍ଚ କଳିକା ଦାସଙ୍କ ଆବାହକତ୍ୱରେ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ଦିଲୀପ ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଶିକ୍ଷାବିତ ପ୍ରସନ୍ନ ବାରିକ, ଶରତ ସାହୁ, ବରିଷ୍ଠ ନାଗରିକ ଗଙ୍ଗାଧର ମିଶ୍ର, ଅକ୍ଷୟ ମହାନ୍ତି, କମଳାକାନ୍ତ ଶତପଥୀ, ମୁଖ୍ୟବକ୍ତା ଭାବରେ ପୂର୍ବତନ ଜିଲା ପରିଷଦ ସଭାପତି ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସାଧାରଣତନ୍ତ୍ର ଦିବସର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବିଧାନର ସୁରକ୍ଷା ପ୍ରତ୍ୟେକ ଭାରତୀୟଙ୍କ ଉତ୍ତରଦାୟିତ୍ୱ ବୋଲି ବିଧାୟିକା ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ମାଁସଡ଼ା ପଞ୍ଚାୟତକୁ ଗୌରବାନ୍ୱିତ କରିଥିବା ପ୍ରମିଳାଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦଧିବାମନପୁର ଗ୍ରାମର ସାମାଜିକ କର୍ମୀ ମିଳନ ସାହୁ, ଅଭିଜିତ ସାହୁଙ୍କ ସମେତ ବିଞ୍ଝାରପୁର ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଁସଡ଼ା, ଗୌଡ଼ସାହି, ଦଧିବାମନପୁର, ଅଲାରପୁର ଗ୍ରାମବାସୀ ଉପସ୍ଥିତ ଥିଲେ। ଶିକ୍ଷାବିତ ରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସଚ୍ଚିଦାନନ୍ଦ ସାହାଣୀ ଧନ୍ୟବାଦ ଦେଇଥିଲେ।

# ପଞ୍ଜୀକରଣ ପାଇଁ ଅର୍ଥ ଆଦାୟ

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

■ ଫେରିଗଲେ ବହୁ ଦିବ୍ୟାଙ୍ଗ

**ବିଞ୍ଝାରପୁର,୨୭।୧(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁରସ୍ଥିତ ବରୁଣେଇ ଉଚ୍ଚ ବିଦ୍ୟାଳୟରେ ବିଞ୍ଝାରପୁର ବ୍ଲକ୍ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ଓ ଯାଜପୁର ସମଗ୍ର ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଧାୟିକା ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା, ଜିଲା ପରିଷଦ ସଭ୍ୟା ସୁନିତା ନାୟକ, ଅହଲ୍ୟା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ମାଧବୀଲତା ସାହୁ, ଭାରପ୍ରାପ୍ତ ବିଡିଓ ଆକାଶ ପଟ୍ଟନାୟକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କ୍ଷୀତିଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଭେଷଜ, କର୍ଣ୍ଣ ନାସା ଗଳା, ଦନ୍ତ, ଅସ୍ଥିଶଲ୍ୟ, ମନୋବିଜ୍ଞାନ ୫ ବିଭାଗ ଦିବ୍ୟାଙ୍ଗଙ୍କ ପରୀକ୍ଷା କରାଯାଇଥିଲା। ଶିବିରରେ ମୋଟ ୨୭୨ ଦିବ୍ୟାଙ୍ଗ ପଞ୍ଜୀକୃତ ହୋଇଥିଲେ। ମାତ୍ର ପଞ୍ଜୀକୃତ ପାଇଁ ଅର୍ଥ ଆଦାୟକୁ ନେଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ବହୁ ଦିବ୍ୟାଙ୍ଗ ପଞ୍ଜୀକୃତ କରି ନ ପାରି ଫେରିଯାଉ ଥିବା ଦେଖାଯାଇଥିଲା। ଶିବିରକୁ ଆସୁଥିବା ଅଣପଞ୍ଜୀକୃତ ଦିବ୍ୟାଙ୍ଗଙ୍କୁ ପଞ୍ଜୀକୃତ କରାଇଦେବା ନାଁରେ ୨୦୦ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ଏହି ଅର୍ଥ ଆଦାୟକୁ ନେଇ ଦିବ୍ୟାଙ୍ଗ ଓ ସେମାନଙ୍କ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ବିଧାୟିକା ମଲ୍ଲିକ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚି ଶିବିରରେ ଖୋଲିଥିବା ଜନସେବା କେନ୍ଦ୍ର ଉପରେ ବର୍ଷିଥିଲେ। ଶିବିରେ ପଞ୍ଜୀକୃତ ପାଇଁ ୨୦୦ ଟଙ୍କା ନେଉଥିବା ବିଧାୟିକାଙ୍କ ନିକଟରେ ସମ୍ପୃକ୍ତ ଜନସେବା କେନ୍ଦ୍ରର ପରିଚାଳକ ସ୍ୱୀକାର କରିଥିଲେ। ଉକ୍ତ ଘଟଣାକୁ ନେଇ ବିଧାୟିକା ଭାରପ୍ରାପ୍ତ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜନସେବା କେନ୍ଦ୍ରକୁ ସରକାରୀ କାର୍ଯ୍ୟକ୍ରମରେ ବସିବାକୁ କିଏ ଅନୁମତି ଦେଲେ ବିଡିଓଙ୍କୁ ପଚାରିଥିଲେ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭାରପ୍ରାପ୍ତ ବିଡିଓ ସଫେଇ ଦେଇଥିଲେ।



ଶିବିରରେ ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ କରୁଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବାବୁ



@ ବିଜୟ



@ ଗୀତା



@ ସୁବ୍ରତ



@ ଚନ୍ଦନ



@ ଶିବ୍ରମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଧାଦାମୋଦର ଜୀଉ ପୀଠରେ ସଂକୀର୍ତ୍ତନ ସମାରୋହ

**ବିଞ୍ଝାରପୁର,୨୭।୧(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ଝୁଲିଆସାହିସ୍ଥିତ ରାଧାଦାମୋଦର ଜୀଉ ପୀଠରେ ରବିବାର ପ୍ରାତଃରୁ ସଙ୍କୀର୍ତ୍ତନ ସମାରୋହ ଆରମ୍ଭ ହୋଇ ସୋମବାର ପ୍ରାତଃରେ ଉଦ୍‌ଯାପିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ଜୟପ୍ରକାଶ ରାଉତଙ୍କ ସଙ୍କଳ୍ପରେ ପଣ୍ଡିତ ଦେନାରାୟଣ ମିଶ୍ରଙ୍କ ଦ୍ୱାରା ମଙ୍ଗଳାଧିବାସ କରାଯାଇଥିଲା। ସମାରୋହରେ କଲ୍ୟାଣପୁର, ସମଲପୁର, ବିଞ୍ଝାରପୁର, ବାଙ୍କିପାଳ ଓ ବରୁଣେଶ୍ୱର ଅଞ୍ଚଳର ସଙ୍କୀର୍ତ୍ତନମଣ୍ଡଳୀ ଯୋଗଦେଇ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସି ପ୍ରଭୁଙ୍କ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମର ମୁରବୀ ଅବନୀ ରଞ୍ଜନ ଦାସ, କାଳୀପ୍ରସନ୍ନ ଦାସ, ଦିଲୀପ ଦାସ, ଶିବନାରାୟଣ ଦାସ, ରଞ୍ଜନ ଦାସ, ଅଶୋକ ଦାସ, ଦୁର୍ଗାଚରଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ସମସ୍ତ ଯୁବକ ସହଯୋଗ କରିଥିଲେ।

# ଗ୍ରୀଷ୍ମ ନ ହେଉଣୁ ପିଇବା ପାଣି ସମସ୍ୟା

ଆଳି,୨୭।୧(ବନମାଳୀ ସେନାପତି)




ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ପଡ଼ିଛି। ପାଣି ପାଇଁ ନଳକୂପ ପାଖରେ ମହିଳାଙ୍କ ଗହଳି।

ଘରେ ଘରେ ବସୁଧା ଯୋଜନାରେ ପାଣି ଯୋଗାଇ ଦେବା ନିମନ୍ତେ ବସିଛି ପାଣି ଟ୍ୟାପ। କିନ୍ତୁ ଏହି ଯୋଜନାରେ ପାଣି ଘରେ ପହଞ୍ଚୁ ପାରୁ ନ ଥିବାରୁ କେଉଁଠି ପାଣି ଟ୍ୟାପ ଭୁଶୁଡ଼ି ପଡ଼ିଛି ତ ଆଉ କେଉଁଠାରେ ଶୁଖିଲା ପଡ଼ିଛି। ପାଇପରେ ପାଣି ଆସୁ ନ ଥିବାରୁ ଲୋକମାନେ ଗାଁରେ ଥିବା ନଳକୂଅ ପାଖରେ ଗରାବାଲଟି ଧରି ଭିଡ଼ ଜମାଉଛନ୍ତି। ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଏଭଳି ଜଳ ସଙ୍କଟ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଗୁଗ୍ଗା ପଞ୍ଚାୟତର ଏଣ୍ଡୋଳ ଗ୍ରାମରେ ଦେଖିବାକୁ ମିଳିଛି। ଏଣ୍ଡୋଳ ମୁଖ୍ୟ ରାସ୍ତା କଡ଼ରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଏହି ପରିବାର ନିକଟରେ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ବସୁଧା ଯୋଜନାରେ ପ୍ରାୟ ୨ ବର୍ଷ ପୂର୍ବେ ଘରେ ଘରେ ପାଇପ ସଂଯୋଗ ହୋଇଥିଲା। କିଛିମାସ ପାଣି ଆସିଥିଲା। ମାତ୍ର ପ୍ରାୟ ମାସେ ହେବ ପାଇପ ଯୋଗେ ପାଣି ଆସୁନାହିଁ। ଫଳରେ ଲୋକମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂଅ ଉପରେ ନିର୍ଭର କରୁଛନ୍ତି। ନଳକୂଅରୁ ପାଣି ସଂଗ୍ରହ ନିମନ୍ତେ ମହିଳାମାନେ ଗରା ବାଲଟି ଧରି ଲମ୍ବ ଲାଇନ ଦେବାକୁ ପଡୁଛି। ଏ ନେଇ ମହିଳାମାନେ ଅଭିଯୋଗ କରିଛନ୍ତି, ପାଇପ ପାଣି ସଂଯୋଗ ହେବା ପରେ ସବୁଦିନ ଠିକ୍ ସମୟରେ ପାଣି ମିଳୁ ନ ଥିଲା। ଯାହାର ମଟର ଅଛି ସେମାନେ ଲଗାଇ ପାଣି ଉଠାଇ ନେଉଛନ୍ତି। ଅନେକ ଲୋକ ନିଜ ବାଡ଼ିରେ କରିଥିବା ପନିପରିବା କ୍ଷେତକୁ ପାଇପ ଲଗାଇ ପାଣି ନେଉଛି। ଫଳରେ ଏହି ସ୍ଥାନରେ ବସବାସ କରୁଥିବା ଲୋକମାନଙ୍କ ନିକଟରେ ପାଣି ପହଞ୍ଚୁ ପାରୁନାହିଁ। ମହିଳାମାନେ ରୋଷେଇ ଠୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ନିମନ୍ତେ ନଳକୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ସରକାରଙ୍କ ପକ୍ଷରୁ ଘରେ ଘରେ ଯେଉଁ ପାଣି ପାଇପ ବିଛାଯାଇ ଟ୍ୟାପ ଲଗାଯାଇଛି ତାହା କେଉଁ ଉଦ୍ଦେଶ୍ୟରେ ଏବେ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସେମାନେ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ନେଇ ଗ୍ରାମର ସନ୍ୟାସୀ ସାମଲ, ପ୍ରିୟଲତା ପୁହାଣ, ସାବିତ୍ରୀ ସାମଲ, ସୁବାସିନୀ ସାମଲ, ମୀନାରାଣୀ ରାଉତ, ଆଖ ବେହେରା, ଅନିତା ଖଣ୍ଡୁଆଳ ପ୍ରମୁଖଙ୍କ ସମେତ ମହିଳାମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରେ ପାଣି ସମସ୍ୟା ସମ୍ପର୍କରେ ସେ ଅବଗତ ଅଛନ୍ତି। ଜଳଯୋଗାଣ ବିଭାଗକୁ ଏ ଦିଗରେ ପଦକ୍ଷେପ ନେଇ ତୁରନ୍ତ ପାଣି ସମସ୍ୟା ସମାଧାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ତୁରନ୍ତ ପାଣି ସମସ୍ୟା ଦୂର ନ ହେଲେ ବ୍ଲକ କାର୍ଯ୍ୟାଳୟ ଘେରିବେ ବୋଲି ଲୋକମାନେ ଚେତାବନୀ ଦେଇଛନ୍ତି।

## ରାଷ୍ଟ୍ର ମନସ୍କରେ ସୁସ୍ଥ ଗଣତନ୍ତ୍ର ତିଷ୍ଠିପାରିବ



ଜିଲାସ୍ତରୀୟ ଜନରାଜ୍ୟ ଦିବସରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

କେନ୍ଦ୍ରାପଡ଼ା, ୨୭।୧ (ଜଗନ୍ନାଥ ଧଳ)

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ଜିଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ସୁସ୍ଥ ଗଣତନ୍ତ୍ର ପାଇଁ ରାଷ୍ଟ୍ର ମନସ୍କ ହେବା ଆବଶ୍ୟକ ବୋଲି କହିଛନ୍ତି। ଏଥିସହ ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରଣୟନ ହୋଇଥିବା ସମ୍ବିଧାନ ଯୋଗୁ ତୃଣମୂଳସ୍ତରରେ ନ୍ୟାୟ ପହଞ୍ଚିପାରିଛି ବୋଲି ମତ ରଖିଛନ୍ତି। ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ କେନ୍ଦ୍ରାପଡ଼ା ଜିଲାର ସଂଗ୍ରାମୀଙ୍କ ଅବଦାନ ଅତୁଳନୀୟ। କେନ୍ଦ୍ରାପଡ଼ାବାସୀଙ୍କ ଲହୁଲୁହରେ ତିଆରି ଅଖଣ୍ଡ ଭାରତର ସଂକଳ୍ପ ଏବେ ଫଳବତୀ ହୋଇଛି। ସୁସ୍ଥ ଗଣତନ୍ତ୍ରରେ ପ୍ରତ୍ୟେକ ଲୋକଙ୍କ ଭାଗୀଦାରି ଅଛି। ରାଷ୍ଟ୍ର ପ୍ରତି ଦାୟିତ୍ୱ ତୁଲାଇଲେ ଗଣତାନ୍ତ୍ରିକ ଅନୁଷ୍ଠାନ ପରିପୂର୍ଣ୍ଣ ହେବ। ଏହି ଜିଲାର ପ୍ରାକୃତିକ ସମ୍ବଳ ତଥା ଆଧ୍ୟାତ୍ମିକ ଓ ପରିବେଶ ସମ୍ବଳକୁ ସେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ। ଏହି ସାଧାରଣତନ୍ତ୍ର ପରେଡରେ ଜିଲାର ୨୬ଟି ଦଳ ଭାଗ ନେଇଥିଲା। ଜିଲାପାଳ ରଘୁରାମ ଆର୍. ଆୟାର, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକ, ଏଡିଏମ୍ ନବକ୍ରିଷ୍ଣ ଜେନା, ଏଏସ୍‌ପି ସୁଧାକର ସାହୁ, ଉପଜିଲାପାଳ ଅରୁଣ କୁମାର ନାୟକଙ୍କ ସମେତ ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ସେହିପରି ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ ଆଦିରେ ଏହି ଦିବସ ପାଳନ ହୋଇଯାଇଛି।

## ଅଗ୍ନିକାଣ୍ଡରେ ଗୃହକର୍ତ୍ତା ଗୁରୁତର

କେନ୍ଦ୍ରାପଡା, ୨୭।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ବୀରସ୍ୱତୀ ଗ୍ରାମର ସୋମବାର ରାତିରେ ହୋଇଥିବା ଅଗ୍ନିକାଣ୍ଡରେ ଧର୍ମେନ୍ଦ୍ର ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ବର୍ନ ୟୁନିଟ୍‌ରେ ଚିକିତ୍ସା କରାଯାଉଛି। ତେବେ ତାଙ୍କ ଘର ଓ ଗୁହାଳ ସମ୍ପୂର୍ଣ୍ଣ ପୋଡିଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଏ ନେଇ ପୂର୍ବାହ୍ନରେ ତଦନ୍ତ କରାଯାଇଛି। ଧର୍ମେନ୍ଦ୍ର ଶୋଇଥିବା ଘରେ ବିଳମ୍ବିତ ରାତିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଏହି ନିଆଁରୁ ମୁକୁଳିବାକୁ ଚେଷ୍ଟାକରିଥିଲେ ମଧ୍ୟ ଶରୀରର ବିଭିନ୍ନସ୍ଥାନରେ ଏହାର ପ୍ରଭାବ ପଡିଛି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଘର ଓ ଗୁହାଳ ପୋଡିଯାଇଥିଲା। ଧର୍ମେନ୍ଦ୍ରଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଚିକିତ୍ସା ଓ ଘର ନିର୍ମାଣ ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୧୦ମ ଶ୍ରେଣୀ ଛାତ୍ର ମୃତ

କୁଜଙ୍ଗ, ୨୭।୧(ମନୋଜ ପ୍ରଧାନ)



ଓମ୍‌ପ୍ରକାଶ ଦ୍ୱିବେଦୀ

### ଜାତୀୟ ପତାକା ଅବତରଣବେଳେ ଅଘଟଣ

ଗଣତନ୍ତ୍ର ଦିବସ ପାଳନ ଅବସରରେ ସୋମବାର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକରେ ଏକ ଅଘଟଣ ଘଟିଛି। ଘରୋଇ କୋଚିଂ ସେଣ୍ଟରରେ ଉତ୍ତୋଳନ ହୋଇଥିବା ଜାତୀୟ ପତାକା ଅବତରଣ ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ତେରଗାଁର ପ୍ରଶାନ୍ତ ଦ୍ୱିବେଦୀଙ୍କ ପୁଅ ଓମ୍‌ପ୍ରକାଶ(୧୪)। ସେ କୁଜଙ୍ଗ ଥାନା ଅନ୍ତର୍ଗତ ସମାଗୋଳ ଗ୍ରାମସ୍ଥିତ ମାମୁ ଘରେ ରହୁଥିଲେ। କୁଜଙ୍ଗ ବିବି ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ଏହି ଗ୍ରାମର ଅଶ୍ୱିନୀ ନନ୍ଦ ନାମକ ଯୁବକ କୁଜଙ୍ଗ ବଜାର ନିକଟସ୍ଥ ସାଗର ରୋଡସ୍ଥିତ ଜଣେ ଆଇନଜୀବୀଙ୍କ ଘରର ଉପର ମହଲାକୁ ଭଡ଼ାରେ ନେଇ ଏକ କୋଚିଂ ସେଣ୍ଟର ଖୋଲିଥିଲେ। ଓମ୍‌ପ୍ରକାଶ ସେଠାରେ ପଢୁଥିଲେ। କୋଚିଂ ସେଣ୍ଟରରେ ପତାକା ଉତ୍ତୋଳନ ନିମନ୍ତେ ଏକ ଲୁହା ପାଇପ୍ ବ୍ୟବହାର କରାଯାଇଥିଲା। ଜାତୀୟ ପତାକା ଉତ୍ତୋଳନ ହୋଇଥିବା ସ୍ଥାନଠାରୁ ମାତ୍ର ୩/୪ ଫୁଟ ଦୂରତାରେ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ଅପରାହ୍ନରେ ଓମ୍‌ପ୍ରକାଶ ଜାତୀୟ ପତାକା ଅବତରଣ କରିବା ସମୟରେ ଲୁହା ପାଇପ୍‌ଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ଓମ୍‌ପ୍ରକାଶ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କୁଜଙ୍ଗ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ କୋଚିଂ ସେଣ୍ଟର ମାଲିକଙ୍କୁ ଥାନାରେ ଅଟକ ରଖିଥିଲା। ହେଲେ ବିଳମ୍ବିତ ରାତିରେ ମୃତ ଛାତ୍ରଙ୍କ ଜେଜେ ରାଜକିଶୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ନାତିକୁ କେହି ପତାକା ଅବତରଣ କରିବାକୁ ପଠାଇ ନ ଥିଲେ କି ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୬) ରୁଜୁ କରିବା ସହ ଅଟକ କୋଚିଂ ସେଣ୍ଟର ମାଲିକଙ୍କୁ ଛାଡ଼ିଦେଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ ଓମପ୍ରକାଶଙ୍କ ମାମୁଘର ପରିବାର କୋଚିଂ ସେଣ୍ଟର ମାଲିକଙ୍କ ନିକଟ ସମ୍ପର୍କୀୟ ହୋଇଥିବାରୁ ଅଭିଯୋଗରେ କାହାକୁ ଦାୟୀ କରାଯାଇ ନ ଥିବା ଚର୍ଚ୍ଚା ହେଉଛି।

## ଗହୀରମଥାରୁ ଟ୍ରଲର ଜବତ: ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୭।୧
(ଭାସ୍କର ରାଉତରାୟ)




ଟ୍ରଲର ସହ ଗିରଫ ହୋଇଥିବା ମତ୍ସ୍ୟଜୀବୀ।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ୍ ଦୟାମୟୀ ମନସା ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀମାନେ ଟ୍ରଲରଟିକୁ ଜବତ କରିଥିଲେ। ସେଥିରୁ ୧ ଜିପିଏସ, ୧ ଭିଏଚ୍ଏଫ୍, ୧୪ ଟ୍ରଲିଂ ନେଟ୍ ଓ ୯ କୁଇଣ୍ଟାଲ ୭୫ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଲମ୍ବୋଦର ସାହୁ, ଶ୍ରୀଧର ମଳିକ, ହରେକୃଷ୍ଣ ମଳିକ, ଦିଗାମ୍ବର ମଳିକ, ପ୍ରଦୀପ ମଳିକ, ଦିଲ୍ଲୀପ କୁମାର ଭୂୟାଁ, ନିତାଇ ସାହୁ, କାଳୁ ସିଂ ଓ ବଳରାମ ସେଠୀ ପ୍ରମୁଖ ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ମିଳିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାବୁ



@ ବିଜୟ



@ ଗୀତା



@ ସୁବ୍ରତ



@ ଚନ୍ଦନ



@ ଶିବ୍ରମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜନରାଜ୍ୟ ଦିବସରେ ସବୁଠି ଉଡ଼ିଲା ତ୍ରିରଙ୍ଗା

ପଟ୍ଟାମୁଣ୍ଡାଇ,୨୭।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପରେଡ୍ ପଡ଼ିଆଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ଦିଲୀପ ନାଏକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରମୋଦ ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ଆଦି ସ୍ଥାନରେ ପତାକା ଉତ୍ତୋଳନ କରାଯାଇଛି।

**ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗରଜଙ୍ଗା ଉଚ୍ଚ ବିଦ୍ୟାଳୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି, ଗରଜଙ୍ଗା ପଞ୍ଚାୟତ ସରପଞ୍ଚ କାଦମ୍ବିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗର ବ୍ଲକ୍‌ରେ ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରତ୍ୟୁଷରୁ ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମଧୂନ ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲା। ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡିଓ ତିଲୋତ୍ତମା ପୃଷ୍ଟି, ତହସିଲଦାର ଯିଶୁକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ତହସିଲରେ ତହସିଲଦାର ଯିଶୁକୃଷ୍ଣ ଦାସ, ଥାନାରେ ଆଇଆଇସି ନରେଶ କୁମାର ସାହୁ, ତାଳଚୁଆ ମେରାଇନ ଥାନାରେ ଆଇଆଇସି ସନ୍ଧ୍ୟାରାଣୀ ଜେନା ପତାକା ଉତ୍ତୋଳନ କରିଥିଲେ। ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ, ଭାଜପା କାର୍ଯ୍ୟାଳୟରେ ଲଳିତ ବେହେରା ପତାକା ଉତ୍ତୋଳନ କରିଥିଲେ।

**ରାଜକନିକା, (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ) :** ରାଜକନିକା ବ୍ଲକ୍‌ରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ସ୍କୁଲ, କଲେଜରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜକନିକା ବ୍ଲକ କାର୍ଯ୍ୟାଳୟରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ଓ ବିଡିଓ କୈଳାସ ଚନ୍ଦ୍ର ମହାଳିକ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। କନିକା ତହସିଲରେ ତହସିଲଦାର ଭାନୁମତି ମାଝୀ, ରାଜକନିକା ଥାନାରେ ଆଇଆଇସି ସଞ୍ଜୟ କୁମାର ମଲ୍ଲିକ, ରାଜକନିକା ଆଥ୍‌ଲେଟିକ ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକଙ୍କ ଉପସ୍ଥିତିରେ ବିଡିଓ ମାହାଳିକ ପତାକା ଉତ୍ତୋଳନ କରିଥିଲେ। ସେହିପରି ଓଳାଭର ଯୁବକ ସଂଘ, ଆଠପାଟଣା ବୀଣାପାଣି ସାଂସ୍କୃତିକ ପରିଷଦ, ଭାଜପା କାର୍ଯ୍ୟାଳୟ, ବିଜେଡି କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟ, ସତ୍ୟନାରାୟଣ ବଣିଜ ସଂଘରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ପାଟକୁରା, (ରବୀନ୍ଦ୍ର ନାଥ ବାରିକ):** ଗରଦପୁର ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ପ୍ରତିଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପରକଣା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଗରଦପୁର ପଞ୍ଚାୟତ ସମିତି ପରିସରରେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପାଟକୁରା ଥାନାରେ ଭାରପ୍ରାପ୍ତ ଅଧିକାରୀ ମହମଦ ଜାମସେଦ, କୁଦାନଗରୀ ଥାନାରେ ଭାରପ୍ରାପ୍ତ ଅଧିକାରୀ ଜଗନାଥ ପାଣିଗ୍ରାହୀ, ଗରଦପୁର ତହସିଲରେ ତହସିଲଦାର ତୃପ୍ତି ଦାଶ, ଗରଦପୁର ଭାଜପା କାର୍ଯ୍ୟାଳୟରେ ଭାଜପା ନେତା ପ୍ରସନ୍ନ ପଣ୍ଡା, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ନିରଞ୍ଜନ କର ଜାତୀୟ ପତାକା ଉତ୍ତୋଳନ କରଥିଲେ।



ବିଧାୟକ ଧ୍ରୁବ ସାହୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।



ଗରଦପୁରଠାରେ ବିଧାୟକ ଅରବିନ୍ଦ ମହାପାତ୍ର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ରାମନଗରଠାରେ ବିଶାଳ ହିନ୍ଦୁ ସମ୍ମିଳନୀ

ମହାକାଳପଡ଼ା, ୨୭।୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ହାଇସ୍କୁଲ ପଡ଼ିଆଠାରେ ମଙ୍ଗଳବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୋପୂଜନ, କନ୍ୟା ପୂଜନ, ସଂକୀର୍ତ୍ତନ, ପ୍ରବଚନ, ଆଧ୍ୟାତ୍ମିକ, ସନାତନୀ ଧର୍ମ ଓ ସଙ୍ଗଠିତ ସୁନିଶ୍ଚିତ ହିନ୍ଦୁ ସମର୍ଥ ଭାରତ ପ୍ରଚାର ପ୍ରସାର ଉପରେ ଯୋଗଦେଇଥିବା ବିଶିଷ୍ଟ ସାଧୁ ସନ୍ଥ ପ୍ରମୁଖ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବୃନ୍ଦାବନରୁ ଆସିଥିବା ସ୍ୱାମୀ ଗୁପାନନ୍ଦଜୀ ମହାରାଜ, ସଂଯୋଜକ ବାବାଜୀ ଅନାଦି ଦାସ, କଟକ ଭାଗ ସଞ୍ଚାଳନ ଗୌତମ ଚନ୍ଦ୍ର ମହାରଣା, କେନ୍ଦ୍ରାପଡ଼ା ଜିଲା ସଂଘ ଚାଳକ ସଞ୍ଜୟ କୁମାର ପତ୍ରୀ , କଟକ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, ସୁଲେଖ ଚନ୍ଦ୍ର ପ୍ରଧାନ, ଚନ୍ଦ୍ରକାନ୍ତ ହାଲ୍‌ଦାର, ତ୍ରିନାଥ ରାୟ ପ୍ରମୁଖ ଯୋଗଦେଇ ହିନ୍ଦୁ ସମ୍ମିଳନୀ ଉପରେ ଆଲୋକପାତ କରିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବାସୁଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ୫ଟି ପଞ୍ଚାୟତର ବଡିଘର, ଖରୀନାଶି, ରାମନଗର, ପେଟଛେଲା ଓ ବରକନ୍ଧା ସମେତ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟାରେ ହିନ୍ଦୁପ୍ରେମୀ ଯୋଗଦେଇଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।



ରାମନଗରଠାରେ ବିଶାଳ ହିନ୍ଦୁ ସମ୍ମିଳନୀ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଠେଙ୍ଗା ଆଗରେ ପିସ୍ତଲ କାମ କଲାନି

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

### ବ୍ରିଟିଶ ପାର୍ଲାମେଣ୍ଟକୁ ଯାଇଥିଲା ୫୦୦ ଠେଙ୍ଗା

ନୟାଗଡ଼,୨୭।୧(ଲୋକନାଥ ମିଶ୍ର)



ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି , ଉଚ୍ଚ ଶିକ୍ଷା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲାସ୍ତରୀୟ ଉତ୍ସବରେ ପତାକା ଉତ୍ତୋଳନ କରୁଛନ୍ତି ।

ନୟାଗଡ଼ ଜିଲା ସଦର ମହକୁମା ସ୍ଥିତ ପିଟିଏସ୍ ପଡ଼ିଆଠାରେ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ୫୦ ପାରେଡ୍ ଟିମ୍ ଭାଗ ନେଇଥିଲେ। ଏଥିରେ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତୋଳନ କରିବା ସହିତ ପାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ କଳା ଓ ସଂସ୍କୃତିର ମାଟି ନୟାଗଡ଼ର ଅବଦାନ ଅବିସ୍ମରଣୀୟ। ଏଠାର ସ୍ୱାଧୀନତା ସଂଗ୍ରାମୀଙ୍କ ଆତ୍ମ ବଳିଦାନ ସାହସିକତା, ବୀରତ୍ୱ ଓ ଅପୂର୍ବ ତ୍ୟାଗର ଜ୍ୱଳନ୍ତ ନିଦର୍ଶନ। ଗଣତନ୍ତ୍ର ମୂଲ୍ୟବୋଧର ଅନେକ ସ୍ମୃତିକୁ ସାଇତି ରଖି ସଂଗ୍ରାମୀମାନଙ୍କୁ ସମ୍ମାନିତ କରିଛି। ଉତ୍ତର ପିଢ଼ିକୁ ଜାତୀୟତାର ମନ୍ତ୍ରରେ ବାନ୍ଧି ରଖିଛି। ଭାରତର ସ୍ୱାଧୀନତାକୁ ନୟାଗଡ଼ର ଦାନ କେବଳ ଭାରତ ପାଇଁ ନୁହେଁ, ବିଶ୍ୱକୁ ମଧ ଆଶ୍ଚର୍ଯ୍ୟାନ୍ୱିତ କରିଛି। ପ୍ରଜାମଣ୍ଡଳ ଆନ୍ଦୋଳନରେ ବେଜେଲେଗେଟକୁ ଯେଉଁଭଳି ଭାବେ ନିହତ କରାଗଲା ସେ ସମ୍ପର୍କରେ ବ୍ରିଟିଶ ପାର୍ଲିଆମେଣ୍ଟରେ ମଧ ପ୍ରସଙ୍ଗ ଉଠିଥିଲା। ସେଠାରେ ପ୍ରଶ୍ନ ଉଠିଥିଲା ପିସ୍ତଲର ଗୁଳି ଠାରୁ ଠେଙ୍ଗା ପ୍ରହାର ଶକ୍ତିଶାଳି କି। ଏଣୁ ପାର୍ଲିଆମେଣ୍ଟକୁ ୫୦୦ ଠେଙ୍ଗା ପ୍ରଦର୍ଶନ ପାଇଁ ଯାଇଥିଲା। ବ୍ରିଟିଶଶାସନକୁ ଠେଙ୍ଗା ଦେଖାଇ ରଣପୁର ଓ ନୟାଗଡ଼ ଅଞ୍ଚଳ ସ୍ୱାଧୀନତା ଆଣିବାରେ ସହଯୋଗ କରିଥିଲେ। ଏଭଳିସ୍ଥଳେ ସମ୍ବିଧାନ କେବଳ ଓକିଲମାନଙ୍କର ଦସ୍ତାବିଜ ନୁହେଁ, ଏହା ଏକ ସାଧାରଣ ସାର୍ଥକ ଜୀବନର ପ୍ରଭାହ ଅଟେ।ସେହିଭଳି କହିଥିଲେ ସଂସ୍କୃତର ବିଭିଧତା ନୟାଗଡକୁ ସ୍ୱତନ୍ତ୍ରତା ପ୍ରଦାନ କରିଛି। ପାଲା, ଦାସକାଠିଆ, ସୂତା କଣ୍ଢେଇ ନାଚ ଠାରୁ ଆରମ୍ଭ କରି ବାଉଁଶରାଣୀ, ଦଣ୍ଡନାଚ, ପାଇକ ନାଚ ପରି ନାଚ ଅନୁରୁପ ଭାବେ ସ୍ୱତନ୍ତ୍ରତା ଲାଭ କରିଛି। ବିଭିନ୍ନ ମନ୍ଦିର, ଦେବାଦେବୀ, ପର୍ଯ୍ୟଟନ ପୀଠ, ମହାପୁରୁଷ, ସାହିତ୍ୟିକଙ୍କୁ ମଧ ନିଜ ଭାଷଣରେ ଦର୍ଶାଇ ପ୍ରସିଦ୍ଧି ଉପରେ ବଢଖାଣିଥିଲେ।

ପୁଣି କଣ୍ଢେଇ ମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ମିଳିଥିବା ବେଳେ ଛେନାପୋଡ ଜିଆଇ ଟ୍ୟାଗ୍ ପାଇବା ଦାବିରେ ଅଛି। ଦଶପଲ୍ଲାର ଲଙ୍କାପୋଡି ଯାତ୍ରା, ବାଇଶପଲ୍ଲୀ ଅଭାୟରଣ୍ୟ ପରି ଅନେକ କଥା ଆମକୁ ଗୌରବର କଥାକୁ ମନେ ପକାଉଛି। ପଠାଣି ସାମନ୍ତ, ଦାଶିଆ ଅଜା, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ମଧ ମନେ ପକାଇଥିଲେ। ନୂତନ ସରକାର ଆସିବା ପରେ ଅଭିଯୋଗ ଶୁଣାଣି ଆରମ୍ଭ ଠାରୁ ଜିଲା, ବ୍ଲକ ତୃଣମୂଳ ସମସ୍ୟାର ସମଧାନ କରାଯାଉଛି। ଜିଲାରେ ୪ ଲକ୍ଷ ୨୧ ହଜାର ୯୮୪ ଜଣଙ୍କୁ ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ବୟବନ୍ଦନା ଯୋଜନାରେ ୧୭ ହଜାର ୩୦୪ ଜଣଙ୍କୁ ସ୍ୱାସ୍ଥ୍ୟ କାର୍ଡ, ସୁଭଦ୍ରା ଯୋଜନାରେ ୨ ଲକ୍ଷ ୨୩ ହଜାର ୭୫୭ ଜଣ ମହିଳା ସହାୟତା ପାଇଛନ୍ତି। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୨୫ ବର୍ଷ ପାଇଁ ୩୧୭୫ ଜଣଙ୍କୁ ନୂଆ ରାସନ କାର୍ଡ ପ୍ରଦାନ କରାଯାଇଛି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଜିଲାର ୬ଟି ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରାଯାଇଥିବା ବେଳେ ୨୧ଟି ପିଏମଶ୍ରୀ ବିଦ୍ୟାଳୟ ସ୍ଥାପନ କରାଯାଇଛି। ଜିଲା ଶିକ୍ଷା ଓ ପ୍ରତିଷ୍ଠାନ ରାଜସୁନାଖଳାକୁ ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବେ କେନ୍ଦ୍ର ସରକାର ଘୋଷଣା କରି ୧୦ କୋଟି ୬୦ ଲକ୍ଷ ଅନୁଦାନ ଦେଇଛନ୍ତି। ପୁଣି ୧୫୧୩ଟି ନଳକୂପ ମଧ୍ୟରୁ ୧୨୫୦ ଖନନ କରାଯାଇଛି। ମନ୍ତ୍ରୀଙ୍କ ନିକଟରେ ଜିଲାପାଳ ମଧୁମିତା ରଥ ଓ ଏସପି ଏସ୍. ସୁଶ୍ରୀ ଉପସ୍ଥିତ ଥିଲେ। ୬ଟି ପ୍ରଜ୍ଞାପନ ମେଢ଼ ସାଧାରଣ ତନ୍ତ୍ର ଦିବସରେ ସାମିଲ ହୋଇଥିଲେ।

# ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାବୁ


@ ବିଜୟ


@ ଗୀତା


@ ସୁବ୍ରତ


@ ଚନ୍ଦନ


@ ଶିବ୍ରାମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଲ୍ୟବିବାହ ନିରୋଧ ସଚେତନତା ସାଇକେଲ ଶୋଭାଯାତ୍ରା


ସାଇକେଲ ଶୋଭାଯାତ୍ରାରେ ବାହାରିଥିବା ଶିକ୍ଷାର୍ଥୀ ।

ଓଡ଼ଗାଁ,୨୭।୧(ଆଦର୍ଶ କୁମାର ପଟ୍ଟନାୟକ)

ବାଲ୍ୟବିବାହମୁକ୍ତ ଭାରତ ଗଠନ ପାଇଁ ନୟାଗଡ଼ ଜିଲା ଓଡ଼ଗାଁ ଅଦାଲତ ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳନ ପରେ ବାଲ୍ୟବିବାହ ନିରୋଧ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ ସେବା କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ସଂଘମିତ୍ରା ଶର୍ମାଙ୍କ ନେତୃତ୍ୱରେ ପିମିଟି କଲେଜର ଶିକ୍ଷାର୍ଥୀମାନେ ପୋଷ୍ଟର ଧରି ସ୍ଲୋଗାନ ଦେଇ ସାଇକେଲ ଶୋଭାଯାତ୍ରାରେ ବାହାରିଥିବା ବେଳେ ତାଙ୍କ ସହିତ ଦେୱାନୀ ବରିଷ୍ଠ ବିଭାଗ ବିଚାରପତି ଜନ୍ମେଜୟ ଦାସ,ଦେୱାନୀ କନିଷ୍ଠ ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ,ଗ୍ରାମ ନ୍ୟାୟାଳୟ ନ୍ୟାୟାଧିକାରୀ ସୌମ୍ୟାଶ୍ରୀ ମହାପାତ୍ର ପ୍ରମୁଖଙ୍କ ସହ ବାର୍ ଆସୋସିଏଶନ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ,ସରକାରୀ ଓକିଲ ଏବଂ କୋର୍ଟ କର୍ମଚାରୀମାନେ ଶୋଭାଯାତ୍ରାରେ ସାମିଲ ହୋଇ ବାଲ୍ୟବିବାହ ହେଉଛି ଏକ ସାମାଜିକ କଳଙ୍କ, ଏହାକୁ ପରିତ୍ୟାଗକରି ବାଲ୍ୟବିବାହମୁକ୍ତ ଭାରତ ଗଠନ ନିମନ୍ତେ ଆହ୍ୱାନ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଗଙ୍ଗାଧର ମେଧାବୃତ୍ତି ସମ୍ମାନ ପ୍ରଦାନ

ଖଣ୍ଡପଡ଼ା,୨୭।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ଛାତ୍ରୀ ଭାଗ୍ୟଶ୍ରୀ ଅପରାଜିତା ବେହେରା ଏନ୍‌ଆର୍ ଟିଏସ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ପରିପ୍ରେକ୍ଷୀରେ ସମ୍ପୃକ୍ତ ଛାତ୍ରୀଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗଙ୍ଗାଧର ଷଡ଼ଙ୍ଗୀ ମେଧାବୃତ୍ତି ସମ୍ମାନରେ ସମ୍ମାନିତ କରିଥିବା ଜଣାଯାଇଛି।

# ପଠାଣି ସାମନ୍ତ ଓ ଯଦୁମଣିଙ୍କ ପ୍ରତିମୂର୍ତ୍ତି ହେବ

ନୟାଗଡ଼, ୨୭।୧
(ଲୋକନାଥ ମିଶ୍ର)

ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଯୋଗ ଦେଇ ନୟାଗଡ଼ର ସାଂସ୍କୃତିକ ବିଭିଧତାକୁ ସମ୍ମାନ ଜଣାଇଥିଲେ। ଏପରିକି ଗଣମାଧ୍ୟମର ପ୍ରଶ୍ନର ଉତ୍ତର ରଖିବାବେଳେ କଳାକାର ନୟାଗଡ଼ର ବରପୁତ୍ର ପଠାଣି ସାମନ୍ତ ଓ ଉତ୍କଳ ଘଣ୍ଟ ଯଦୁମଣିଙ୍କର ପ୍ରତିମୂର୍ତ୍ତି ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନିତ ହେବାକୁ ଯାଉଛି ବୋଲି କହିଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଆସିଲେନି କର୍ମଚାରୀ

ନୂଆଗାଁ ,୨୭।୧ (ଧନେଶ୍ୱର ସାହୁ)

### କାରଣ ଦର୍ଶାଅ ନୋଟିସ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

ନୂଆଗାଁ ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ପାଇଁ ଅନେକ କର୍ମଚାରୀ ଆସି ନ ଥିବାରୁ ବିଡିଓ କ୍ଷୋଭ ପ୍ରକାଶ କରିବା ସହ ଅନୁପସ୍ଥିତ ଥିବା କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ନୂଆଗାଁ ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସକାଳ ୫ ସମୟରେ ରାମଧୂନ ଗାନକରି ଗାଡ଼ି ଗ୍ରାମ ପରିକ୍ରମା କରିଥିଲା। ହାଇସ୍କୁଲଠାରୁ ଛାତ୍ରୀଛାତ୍ରମାନେ ପ୍ରଭାତ ଫେରିରେ ବାହାରି ବ୍ଲକ ପରିସରରେ ପହଞ୍ଚି ଥିଲେ। ବ୍ଲକରେ ବିଡିଓ ଅମୃତ କୁମାର ରାଉଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସରକାରୀ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜାତୀୟ ପର୍ବ ସାଧାରଣତନ୍ତ୍ର ଦିବସ ପାଳନ କରିବା ନିୟମ ରହିଥିବା ବେଳେ ଅଳ୍ପ କେତେଜଣ କର୍ମଚାରୀ ଉପସ୍ଥିତ ଥିଲେ। ଅନେକ କର୍ମଚାରୀ ଅନୁପସ୍ଥିତ ଥିବା ଦେଖି ବିଡିଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନୁପସ୍ଥିତ ଥିବା କର୍ମଚାରୀମାନେ କାହିଁକି ଆସି ନ ଥିଲେ ସେଥିପାଇଁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ବିଡିଓ ରାଉଳ ମୁଖ୍ୟ କିରାଣିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଲେଜ ଓ ସ୍କୁଲ ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖ ହାଇସ୍କୁଲ ପଡିଆରେ ମିଳିତ ହୋଇ ପରେଡ୍ କରିଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆଗାଁ ପ୍ରେସ୍ କ୍ଲବ ପକ୍ଷରୁ ବିଡିଓ ରାଉଳ ଓ କ୍ରୀଡ଼ା ଅଧ୍ୟାପକ ପ୍ରଦୀପ ଖଣ୍ଟୁଆଙ୍କୁ ସମ୍ମାନିତ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ତେଜିଲା

ନୟାଗଡ଼, ୨୭।୧
(ଲୋକନାଥ ମିଶ୍ର)

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲା କଂଗ୍ରେସ

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟକୁ ସରକାରୀ ଭାବେ ଘୋଷଣା କରିବାକୁ କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାରେ ଯୁକ୍ତ ୨ସ୍କୁଲ, ଯୁକ୍ତ ୩ ମହାବିଦ୍ୟାଳୟ ୫୦ରୁ ଊର୍ଦ୍ଧ୍ୱ ରହିଛି। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଗଲେ ଜିଲାର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କୁହାଯାଇଛି। ସେହିଭଳି ନାରୀ ଶିକ୍ଷାର ପ୍ରସାର ପାଇଁ ସ୍ୱାଧୀନତା ସେନାନୀମାନେ ପ୍ରଜାମଣ୍ଡଳ ଆନ୍ଦୋଳନ ସ୍ମାରକୀ ଭବନକୁ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ କରାଯାଇଛି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ସାନ୍ତ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲା ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ହୋଇଥିଲେ । ଅନ୍ୟପକ୍ଷେ ରାଜ୍ୟ ସରକାର ପ୍ରତି ଜିଲାରେ ବିଶ୍ୱବିଦ୍ୟାଳୟ କରିବାକୁ ନିଷ୍ପତି ନେଇଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି।

# ଆଖଣ୍ଡଳମଣିଙ୍କ ୪୦ତମ ବାର୍ଷିକୋତ୍ସବ

ଭାପୁର,୨୭।୧(ପ୍ରଭାତ ବରାଡ)

### ସାମାଜିକ ନାଟକ 'ଅସତୀ ତୁଳସୀ ସତୀ ଚଉରା' ମଞ୍ଚସ୍ଥ

ଫତେଗଡ ଥାନା ଅଧୀନ ବାହାଡ଼ା ଗ୍ରାମରେ ଆଖଣ୍ଡଳମଣିଙ୍କ ୪୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ ନାଟକ 'ଅସତୀ ତୁଳସୀ ସତୀ ଚଉରା' ମଞ୍ଚସ୍ଥ ହୋଇଯାଇଛି। ସୋମବାର ଭୋରରେ ମହିଳା ଓ ପୁରୁଷ ଠାକୁରଙ୍କ ପୀଠରେ କୁମ୍ଭ କଳସୀ ସ୍ଥାପନ କରିଥିଲେ। ବିଶ୍ୱ କଲ୍ୟାଣ ନିମନ୍ତେ ହୋମଯଜ୍ଞ ହେବା ସହ ନାମ ସଂକୀର୍ତ୍ତନ ମଧ ଅନୁଷ୍ଠିତ ହୋଇଥିଲା। ଗ୍ରାମ ଓ ବାହାରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ମାନସିକ ବ୍ରତ ରଖିଥିବା ମହିଳା ଓ ପୁରୁଷ ଏକାଠି ହୋଇ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପକ୍ଷରେ ରାତିରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୀତା ସ୍ୱାଇଁ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ପଟ୍ଟନାୟକ, ବନମାଳୀପୁର ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ତ୍ରିନାଥ ବେହେରା ପ୍ରମୁଖ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ବାବା ଆଖଣ୍ଡଳମଣିଙ୍କ ୪୦ ତମ ବାର୍ଷିକୋତ୍ସବ ଉପଲକ୍ଷେ ବାହାଡା ଗ୍ରାମ ଖେଳପଡ଼ିଆରେ ଆଖଣ୍ଡଳମଣି ଯୁବନାଟ୍ୟ କଳାକାରଙ୍କୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା । ନାଟ୍ୟକାର ଅରୁଣ ବାରିକଙ୍କ ଦ୍ୱାରା ଲିଖିତ ନାଟକ ଓ ରମେଶ ନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନାର ସାମାଜିକ ନାଟକ 'ଅସତୀ ତୁଳସୀ ସତୀ ଚଉରା' ମଞ୍ଚସ୍ଥ ହୋଇଥିଲା।

# ପୋଲିସ ଉପସ୍ଥିତିରେ କୋତରଙ୍ଗ ପଞ୍ଚିରି-ମାନପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ

ଶରଣକୁଳ,୨୭।୧(ଦୀପକ କର)

ଗୋଡ଼ିପଲ୍ଲି ପଞ୍ଚାୟତ କୋତରଙ୍ଗଠାରୁ ପଞ୍ଚିରି-ମାନପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ପୋଲିସ ଉପସ୍ଥିତିରେ ନିର୍ମାଣ ହୋଇଛି। ରାସ୍ତାରୁ ପିଚୁ ଉଠିଯିବା ପରେ କୋତରଙ୍ଗ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋତରଙ୍ଗଠାରୁ ପଞ୍ଚିରି ମାନପୁରକୁ ନୂତନ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା ହେବାର ୧୫ ଦିନ ବିତିନଥିବା ବେଳେ ପିଚୁ ଗୋଡି ଉଠିଯାଇ ଥିଲା। ଏହାକୁ ନେଇ ଗ୍ରାମବାସୀ ତୀବ୍ର ବିରୋଧ କରିବା ସହିତ ତଦନ୍ତ ଦାବି କରିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳ ପରିଦର୍ଶନ କରି ପିଚୁ ଉଠିଥିବା ସ୍ଥାନକୁ ପୁନର୍ବାର ନିର୍ମାଣ କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମଙ୍ଗଳବାର କାମ ଆରମ୍ଭ ସମୟରେ ଗ୍ରାମବାସୀ ପହଞ୍ଚି ପ୍ରଥମରୁ ନୂତନ ଭାବେ କାମ କରିବାକୁ କହିଥିଲେ। ଏହାକୁ ନେଇ ଯନ୍ତ୍ରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଉଭୟ ଉଭୟଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଯନ୍ତ୍ରୀ ପୋଲିସ ସହାୟତା ଲୋଡ଼ିବାରୁ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାକାମ ଆରମ୍ଭ ହୋଇଥିଲା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଘଟଣାରେ କାମ ଚାଲିଥିବା ସମୟରେ ଲୋକମାନେ ବିରୋଧ କରିବାରୁ ପୋଲିସ ଉପସ୍ଥିତିରେ କାମ କରାଯାଇଥିବା ଯନ୍ତ୍ରୀ ସୁଜାତା ଶତପଥୀ କହିଛନ୍ତି।



ରାସ୍ତାକାମ କରାଯାଉଛି।

# ୨ ସପ୍ତାହରେ ସତ୍ୟପାଠ ଦେବେ ରାଜ୍ୟ ସରକାର

## ହାଇକୋର୍ଟରେ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

କଟକ,୨୭ା୧(କାର୍ତ୍ତିକ ସାହୁ)



ହାଇକୋର୍ଟରେ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ କେବେ କାର୍ଯ୍ୟକ୍ଷମ ହେବ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏନେଇ ସତ୍ୟପାଠ ଦାଖଲ ରଖିବା ନିମନ୍ତେ ସମୟ ଦେବାକୁ ନିବେଦନ କରିଥିଲେ। ଖଣ୍ଡପୀଠ ଏହାକୁ ଗ୍ରହଣ କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଉତ୍ତର ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦର୍ଶାଯାଇଥିଲା ଯେ, ରାଜ୍ୟ ସରକାର ୨୦୨୫ ଡିସେମ୍ବର ୫ରେ ଏକ କମିଶନ ଗଠନ କରିଛନ୍ତି, ଯାହାର ନାମ ଓଡ଼ିଶା ୟୁନିଫର୍ମ ସର୍ଭିସେସ ଷ୍ଟାଫ ସିଲେକ୍ସନ କମିଶନ ୨୦୨୫। ଏଥିରେ ଜଣେ ଚେୟାରମ୍ୟାନ ରହିବେ, ଆଉ ଦୁଇ ସଦସ୍ୟ ରହିବେ। ଏହି କମିଶନ ସବ ଇନ୍ସପେକ୍ଟର ଓ କନଷ୍ଟେବଲମାନଙ୍କୁ ନିଯୁକ୍ତି କରିବେ। ବିଶେଷକରି ଗ୍ରୁପ ବି' ଓ ଗ୍ରୁପ ସି' ପଦବୀ ନିଯୁକ୍ତି ପାଇଁ ଏହି କମିଶନ ଗଠନ ହୋଇଛି। ସରକାରୀ ଶିକ୍ଷାନୁଷ୍ଠାନରେ ଏହାର ପରୀକ୍ଷା କରାଯିବ। ଏଦ୍ୱାରା ପରୀକ୍ଷାରେ କୌଣସି ଜାଲିଆତି ହୋଇପାରିବନି ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅଗବତ କରିଥିଲେ। ତେବେ ଏହି କମିଶନ ଗଠନ ହେବାର ମାସେରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟଙ୍କ ଦୃଷ୍ଟିକୁ ଆଣିଥିଲେ।

# ହାର୍ଡକୋର୍ ମାଓବାଦୀ ଆଜାଦଙ୍କୁ ପାରଳାଖେମୁଣ୍ଡି ଆଣିଲା ପୋଲିସ

- ମାମଲାଗୁଡ଼ିକର ଶୀଘ୍ର ଶୁଣାଣି ପାଇଁ ୨୦୨୪ରେ ହୋଇଥିଲେ ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ
- ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ପାରଳାଖେମୁଣ୍ଡିରେ ହୋଇଛି ସ୍ୱତନ୍ତ୍ର କୋର୍ଟ
- ୨୦୧୧ରେ ଗିରଫ ପରଠାରୁ ଥିଲେ ଝାରପଡା ଜେଲରେ

ମୋହନା,୨୭ା୧(ମନ୍ମଥ ମିଶ୍ର)



ଆଜାଦଙ୍କୁ ମୋହନା କୋର୍ଟରେ ହାଜର ପରେ ପାରଳାଖେମୁଣ୍ଡି ନେବାକୁ ଭ୍ୟାନକୁ ଆଣୁଛି ପୋଲିସ ।

ହାର୍ଡକୋର୍ ମାଓବାଦୀ ଆଜାଦ ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ ପରେ ତାଙ୍କୁ ରିମାଣ୍ଡରେ ଆଣି କୋର୍ଟରେ ହାଜର କରିଛି ମୋହନା ପୋଲିସ। ମାଓବାଦୀ ସବ୍ୟସାଚୀ ପଣ୍ଡାଙ୍କ ଡାହାଣ ହାତ କୁହାଯାଉଥିବା ଦୁନା କେଶବ ରାଓ ଓରଫ ଆଜାଦ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ମାଓବାଦୀ ହିଂସା ଘଟାଇଥିଲେ। ତାଙ୍କ ନାମରେ ୨୦୦୮-୨୦୦୯ ଓ ୨୦୧୧ରେ ମୋଟ ୧୭ଟି ମାମଲା ରହିଛି। ୨୦୧୧ରେ ତାଙ୍କୁ ନୟାଗଡ଼ ଜିଲାର ପୋଲିସ ଷ୍ଟେସନରେ ନିଆଁ ଲଗାଇବା ସହ ଅସ୍ତ୍ରଶସ୍ତ୍ର ଲୁଟ୍ ଘଟଣାରେ ଗିରଫ କରାଯାଇଥିଲା। ଗିରଫ ପରଠାରୁ ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲରେ ରଖାଯାଇଥିଲା। ଦୀର୍ଘ ୧୪ ବର୍ଷ ପରେ ୨୦୨୪ରେ ଆଜାଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିକୋର୍ଟଙ୍କ ନିର୍ଦ୍ଦେଶରେ ଏହି ସମସ୍ତ ମାମଲାର ଶୀଘ୍ର ଶୁଣାଣି ପାଇଁ ଚଳିତ ମାସ ୨ ତାରିଖରେ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର କୋର୍ଟ ଖୋଲାଯାଇଛି। ଝାରପଡ଼ା ଜେଲରେ ରହୁଥିବା ଆଜାଦଙ୍କୁ ମଙ୍ଗଳବାର ସେଠାରୁ ପାରଳାଖେମୁଣ୍ଡି ଆଣି କଡ଼ା ସୁରକ୍ଷା ବଳୟରେ ମୋହନା କୋର୍ଟରେ ହାଜର କରାଯାଇଥିଲା। ଏଠାରୁ ଆବଶ୍ୟକୀୟ ନଥିପତ୍ର ନେବାପରେ ତାଙ୍କୁ ପାରଳାଖେମୁଣ୍ଡି ନିଆଯାଇଛି। ତାଙ୍କ ନାମରେ ଅଡ଼ବା ଥାନା ଅନ୍ତର୍ଗତ ପାଣିଗଣ୍ଡା ବିଟ୍ ହାଉସ ଉଡେଇବା ଘଟଣା, ମାନ୍ଦ୍ରାବାଜୁ ପୋଲିସ ସହିତ ଗୁଳି ବିନିମୟ, ଠିକାଦାର କ୍ୟାମ୍ପ ଉପରେ ଆକ୍ରମଣ ସହ ସରକାରୀ ବସ୍ ପୋଡ଼ି ମାମଲା ଥାନାରେ ରହିଛି। ଏଥିପାଇଁ ଆଜାଦଙ୍କୁ ମୋହନା କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ବିରୋଧରେ ରୁଜୁ ସମସ୍ତ ମାମଲା ସଙ୍ଗୀନ ଥିବାରୁ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ଭାବେ ଶୁଣାଣି କରାଯିବାକୁ ଆଜାଦଙ୍କ ଓକିଲ ସନ୍ତୋଷ ପାଢ଼ୀ ସୂଚନା ଦେଇଛନ୍ତି।

# ଗାଡ଼ିରେ ନାଲିବତି ଲଗାଇ ଲୁଟୁଥିଲେ



ଗିରଫ ୪ ଅଭିଯୁକ୍ତ।



ଜବତ ସ୍କର୍ପିଓ।

ଭବାନୀପାଟଣା/ କେସିଙ୍ଗା,୨୭ା୧
(ଉତ୍ତମ କୁମାର ଦାଶ/ ତୁମେଶ୍ୱର ସାହୁ)

## ୪ ଅଭିଯୁକ୍ତ ଗିରଫ

କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅଞ୍ଚଳର ୪ଜଣ ଯୁବକ ସ୍କର୍ପିଓ ଗାଡ଼ିରେ ନାଲିବତି ଲଗାଇ ନିଜକୁ ପୋଲିସ କହି ଲୋକଙ୍କୁ ଲୁଟୁଥିବାବେଳେ କେସିଙ୍ଗା ପୋଲିସ ହାତରେ ଧରାପଡିଛନ୍ତି। ସେମାନେ ହେଲେ ଏମ୍. ରାମପୁର ଥାନା ଅଇଁଲାପାଳିର ଆଶିଷ ମାଝୀ (୨୪), ଝାଲିଆଗୋଭାର ନରେଶ ହରିଜନ (୨୫) ଓ ଗୋପାଳ ହରିଜନ(୨୪) ଏବଂ କୁର୍ଣ୍ଣଲାର ଅଜିତ ସାହୁ (୨୬)। ସେମାନଙ୍କଠାରୁ ପୋଲିସ ନାଲିବତି ଲାଗିଥିବା ସ୍କର୍ପିଓ, ଲୁହା ରଡ଼, ମାରଣାସ୍ତ୍ର ଆଦି ଜବତ କରିଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କେସିଙ୍ଗା ପୋଲିସ କୋର୍ଟ ଚାଲାଣ କରିଛି।

କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ଉପରୋକ୍ତ ଅଭିଯୁକ୍ତମାନେ ଏହି କାମ ଚଳାଇଥିଲେ। ରାତିରେ ପୋଲିସ କହି ଲୋକଙ୍କୁ ଯାଞ୍ଚ କରିବା ବାହାନାରେ ବିଭିନ୍ନ ସାମଗ୍ରୀ ଲୁଟୁଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ସୋମବାର ରାତିରେ ପଲମ ଛକରେ କେସିଙ୍ଗା ପୋଲିସ ପିଛାକରି ସେମାନଙ୍କୁ ଧରିଥିଲା। ସେମାନଙ୍କ ସହ ଆହୁରି କେତେଜଣ ଯୁବକ ସଂଶ୍ଳିଷ୍ଟ ଥିବା ପୋଲିସ ଅନୁମାନ କରି ତଦନ୍ତ କରୁଛି। ଅଭିଯୁକ୍ତମାନେ ଏମ୍ ରାମପୁର ଥାନା ଓ କେସିଙ୍ଗା ଥାନା ଅଞ୍ଚଳରେ ଏଭଳି ଅପରାଧ କରୁଥିଲେ। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୨୧/୨୬) ରୁଜୁ ହୋଇଛି।

# ବୋମାମାଡ଼ରେ ଘର କାନ୍ଥ ଭାଙ୍ଗିଲା

ଛତ୍ରପୁର,୨୭ା୧(ଦିଲିପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ଗ୍ରାମର ଜି. କାମରାଜୁ ରେଡ୍ଡୀ ଓ ତାଙ୍କ ପରିବାର ଲୋକେ ଘରେ ଶୋଇଥିବା ବେଳେ କେହିଦୁର୍ବୃତ୍ତ ଏଭଳିକାଣ୍ଡ ଘଟାଇଛନ୍ତି। ବୋମାମାଡ଼ରେ ଘରର ପଛପଟ କାନ୍ଥ ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ଘରେ ଥିବା ୩ ଜଣ ବର୍ତ୍ତିଯାଇଥିଲେ ମଧ୍ୟ ବହୁ ସାମଗ୍ରୀ ନଷ୍ଟ ହୋଇଛି। ଛତ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ମଙ୍ଗଳବାର ସକାଳେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼େଇ, ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଏବଂ ଅନ୍ୟ ଅଧିକାରୀମାନେ ଆସି ଅନୁଧ୍ୟାନ କରିଛନ୍ତି। ତେବେ କିଏ ଏବଂ କାହିଁକି ବୋମାମାଡ଼ କଲେ ତାହାର କାରଣ ସ୍ପଷ୍ଟ ହୋଇପାରିନାହିଁ। ସାଇଣ୍ଟିଫିକ୍ ଟିମ, ବୋମା ନିଷ୍କ୍ରିୟକାରୀ ଟିମ୍, ରାଜ୍ୟ ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହିତ ଯାଞ୍ଚ କରିଛନ୍ତି।

# ଜଙ୍ଗଲରେ ଶିଶୁକନ୍ୟାଙ୍କୁ ବଳାତ୍କାର: ଯୁବକ ଗିରଫ

ଦେବଗଡ଼,୨୭ା୧
(ଶଶାଙ୍କ ଶେଖର ଝାଙ୍କର)



ଉଦିତ୍ ପାତ୍ର

ଦେବଗଡ଼ ଥାନା ଅଞ୍ଚଳର ଏକ ଜଙ୍ଗଲରେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ବାଲିରୋଇ ଗ୍ରାମର ଉଦିତ୍ ପାତ୍ର। ସୂଚନା ଅନୁଯାୟୀ, ପରିବାର ଲୋକଙ୍କ ସହିତ ଶିଶୁକନ୍ୟା ନିକଟସ୍ଥ ଏକ ଗ୍ରାମକୁ ନାମଯଜ୍ଞ ଦେଖିବାକୁ ରବିବାର ଯାଇଥିଲେ। ସନ୍ଧ୍ୟା ହୋଇଯିବାରୁ ଗ୍ରାମକୁ ବାଇକରେ ଆସୁଥିବା ଚିହ୍ନା ଯୁବକ ଉଦିତ୍‌ଙ୍କ ସହିତ ଶିଶୁକନ୍ୟାଙ୍କୁ ପରିବାର ଲୋକେ ପଠାଇ ଦେଇଥିଲେ। କିନ୍ତୁ ସେ ଘରେ ଛାଡ଼ିବା ବଦଳରେ ଶିଶୁକନ୍ୟାଙ୍କୁ ଗ୍ରାମ ନିକଟ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା କାନ୍ଦି କାନ୍ଦି ଘରକୁ ଯାଇ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଘଟଣା ସାମ୍ନାକୁ ଆସିବାରୁ ଉଦିତ୍‌ଙ୍କୁ ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିବା ସହିତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛି। ସେଠାରେ ପୋଲିସ ହେପାଜତରେ ତାଙ୍କ ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ। ଅପରପକ୍ଷରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି। ଶିଶୁକନ୍ୟାଙ୍କ ବାପା ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୯/୨୬) ରୁଜୁ କରିଛି। ଏଥିସହ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## Business

# ବଜାରରେ ରେନୋର ନୂଆ ଆଇକନିକ୍ ଡଷ୍ଟର

ଭୁବନେଶ୍ୱର, ୨୭ା୧
(ଅନୁରାଧା ମହାରଣା)




ରେନୋ ଡଷ୍ଟର ଏକ ସମ୍ପୂର୍ଣ୍ଣ ଆଧୁନିକ ଓ ଷ୍ଟାଇଲିଶ୍ ନୂଆ ଜେନେରେଶନ ସହ ବଜାରରେ ଉପଲବ୍ଧ ହୋଇଛି। ଏହି ଏସୟୁଭିରେ ୨ଟି ଟର୍ବୋ ପେଟ୍ରୋଲ ଇଞ୍ଜିନ ଟର୍ବୋ ଟିସିଇ ୧୬୦ ଓ ଟର୍ବୋ ଟିସିଇ ୧୦୦ ଉପଲବ୍ଧ। ଏହାସହ ପ୍ରଥମଥର ପାଇଁ ଭାରତରେ ୧.୮ ଲିଟର ଇଞ୍ଜିନ ଏବଂ ୧.୪ କିଲୋୱାଟ-ଘଣ୍ଟା ବ୍ୟାଟେରୀ ସହ ଶକ୍ତିଶାଳୀ ହାଇବ୍ରିଡ୍ ଇ-ଟେକ୍ ୧୬୦ ମଧ୍ୟ ଲଞ୍ଚ କରାଯାଇଛି। ପ୍ରଥମଥର ପାଇଁ ଭାରତରେ ରେନୋଲ୍ଟ ଗୁଗଲ୍ ନିଜସ୍ୱ ସିଷ୍ଟମ ଓପେନ-ଆର ଲିଙ୍କ୍ ସହ ମଲ୍ଟିମିଡିଆ ସିଷ୍ଟମ ପ୍ରଦାନ କରୁଛି। ଭାରତୀୟ ଗ୍ରାହକଙ୍କ ଧ୍ୟାନରେ ରଖି ତିଆରି ହୋଇଥିବା ନୂଆ ରେନୋ ଡଷ୍ଟରର ପ୍ରାୟ ୯୦% ଉପାଦାନ ଭାରତ ପାଇଁ ବିଶେଷ ଭାବେ ଡିଜାଇନ୍ କରାଯାଇଛି। ଏହା ରେନୋଲ୍ଟ ଗ୍ରୁପ୍ ମଡ୍ୟୁଲାର ପ୍ଲାଟଫର୍ମ (ଆର୍‌ଜିଏମ୍‌ପି) ଉପରେ ଆଧାରିତ ଏବଂ ଶ୍ରେଷ୍ଠ କନେକ୍ଟିଭିଟି ସହ ୫-ଷ୍ଟାର ସୁରକ୍ଷା ମାନଦଣ୍ଡ ପାଇଁ ଇଞ୍ଜିନିୟର କରାଯାଇଛି। ରେନୋଲ୍ଟ ଗ୍ରୁପର ସମ୍ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ ରେନୋଲ୍ଟ ଇଣ୍ଡିଆ ଆଜି ନୂଆ ରେନୋ ଡଷ୍ଟରର ଉନ୍ମୋଚନ କରିଛି। ନୂଆ ରେନୋ ଡଷ୍ଟରର ଉନ୍ମୋଚନ ଏକ ଇଣ୍ଟ୍ରି-ଫାଷ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥିଲା, ଯେଉଁଠାରେ ୧୫,୦୦୦ରୁ ଅଧିକ ଲୋକ ଏବଂ 'ବ୍ୟାଙ୍ଗ ଅଫ୍ ଡଷ୍ଟର' କମ୍ୟୁନିଟିର ସଦସ୍ୟମାନେ ଚେନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ରେନୋଲ୍ଟ ଗ୍ରୁପର ଚିଫ୍ ଗ୍ରୋଥ୍ ଅଫିସର ଏବଂ ରେନୋଲ୍ଟ ବ୍ରାଣ୍ଡର ସିଇଓ ଫାବ୍ରିସ୍ କାମ୍ବୋଲିଭ୍ କହିଛନ୍ତି, ରେନୋଲ୍ଟ ଇଣ୍ଟରନ୍ୟାଶନାଲ ଗେମ୍ ପ୍ଲାନ୍ ୨୦୨୭ ଅଧୀନରେ ଭାରତ ଆମ ପାଇଁ ଏକ ରଣନୈତିକ ବଜାର। ଚେନାଇରେ ଥିବା ଶକ୍ତିଶାଳୀ ଡିଜାଇନ, ଇଞ୍ଜିନିୟରିଂ ଏବଂ ମାନୁଫାକ୍ଚରିଂ ଇକୋସିଷ୍ଟମ୍ ଆମକୁ ଭାରତୀୟ ଗ୍ରାହକଙ୍କ ଆଶାକୁ ଭଲଭାବେ ବୁଝି ସେମାନଙ୍କ ପାଇଁ ଉପଯୁକ୍ତ ପ୍ରଡକ୍ଟ ଆଣିବାର ସାମର୍ଥ୍ୟ ଦେଉଛି।

# ୩ ଟ୍ରେନ୍‌ର ସମୟସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୨୭ା୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନ ଭଦ୍ରକ ଷ୍ଟେସନରେ ୩ଟି ଟ୍ରେନ୍‌ର ସମୟସୂଚୀରେ ସଂଶୋଧନ କରିଛି। ୧୮୧୧୮ ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ସମୟ ପରିବର୍ତ୍ତନ ହୋଇଥିବାବେଳେ ୧୨୨୫୩ ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ-ଭାଗଲପୁର ସାପ୍ତାହିକ ଏକ୍ସପ୍ରେସ୍‌କୁ ଭଦ୍ରକ ଷ୍ଟେସନରେ ଏକ ନୂତନ ଷ୍ଟପେଜ ପ୍ରଦାନ କରାଯାଇଛି। ୨୨୮୫୬ ତିରୁପତି-ସାନ୍ତ୍ରାଗାଛି ସାପ୍ତାହିକ ଏକ୍ସପ୍ରେସ୍ ଭଦ୍ରକ ଷ୍ଟେସନରେ ସମୟ ପରିବର୍ତ୍ତନ କରାଯାଇଛି। ଏହି ଟ୍ରେନଗୁଡ଼ିକର ଅନ୍ୟ ସମସ୍ତ ଷ୍ଟେସନରେ ଚଳାଚଳ ସମୟ ଅପରିବର୍ତ୍ତିତ ରହିବ। ଯାତ୍ରୀମାନଙ୍କୁ ସଂଶୋଧିତ ସମୟ ଉପରେ ଧ୍ୟାନଦେବାକୁ ପରାମର୍ଶ ଦିଆଯାଉଛି।

# ବିଜିୟୁରେ ହେବ ୪ର୍ଥ ବ୍ୟାଙ୍କର୍ସ କନ୍‌କ୍ଲେଭ

ଭୁବନେଶ୍ୱର, ୨୭ା୧
(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ ଜାନୁଆରୀ ୩୦ରେ ୪ର୍ଥ ବ୍ୟାଙ୍କର୍ସ କନ୍‌କ୍ଲେଭ ଅନୁଷ୍ଠିତ ହେବ। 'ଆଧୁନିକ ବ୍ୟାଙ୍କିଙ୍ଗରେ ଫିନ୍‌ଟେକ୍ ଆଧାରିତ ସ୍ଥିରତା: ରିସ୍କ ଓ ଦାୟିତ୍ୱର ସନ୍ତୁଳନ' ଏହି କନ୍‌କ୍ଲେଭର ବିଷୟବସ୍ତୁ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଫିନ୍‌କ୍ଲେପର ଚିଫ୍ ପ୍ରଡକ୍ଟ ଏବଂ ଟେକ୍ନୋଲୋଜି ଅଫିସର ଅରୁଣ ବିଜୟ କୁମାର, ଡ୍ରିମ୍ ମନିର ଉପାଧ୍ୟକ୍ଷ (ପ୍ରଡକ୍ଟ ଏବଂ ରେଗୁଲେଟ୍ରି) ନୈତିକ ଶାହ, ଆଇଡିଏଫ୍‌ସିର ପୂର୍ବତନ ଚିଫ୍ ରିସ୍କ ଅଫିସର ଏବଂ ଆଇଆଇସିଆଇ ବ୍ୟାଙ୍କର ପୂର୍ବତନ ବରିଷ୍ଠ ନେତା ପରାଗ ଶାହ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓଡ଼ିଶାର ଉପାଧ୍ୟକ୍ଷ ଅନନ୍ତ ପଟ୍ଟନାୟକ ଉପସ୍ଥିତ ରହିବେ। ଏହି ଅବସରରେ ବିଜିୟୁର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଛନ୍ତି, ଏହି କନ୍‌କ୍ଲେଭ ଶିଳ୍ପ ଏବଂ ଶିକ୍ଷାଜଗତ ମଧ୍ୟରେ ଯୋଗାଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ଦାସ କହିଛନ୍ତି, ଫିନ୍‌ଟେକ୍ ବ୍ୟାଙ୍କିଙ୍ଗକୁ ତାହାର ମୂଳ ଭିତ୍ତିରୁ ପୁନର୍ନିର୍ମାଣ ଏବଂ ଅଧିକ ସମାବେଶୀ, ଦକ୍ଷ ଏବଂ ସୁରକ୍ଷିତ କରିଛି।

# ହାଇଟେକ୍‌ରେ ଗଣତନ୍ତ୍ର ଦିବସ ପାଳିତ



ଭୁବନେଶ୍ୱର, ୨୭ା୧
(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ଏଥିରେ ହାଇଟେକ୍ ଗ୍ରୁପର ସମସ୍ତ ଶିକ୍ଷାନୁଷ୍ଠାନ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫିଜିଓଥେରାପି କଲେଜ, ଫାର୍ମାସୀ କଲେଜ, ନର୍ସିଂ ସ୍କୁଲ ଓ କଲେଜ, ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ହାଇଟେକ୍ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ରୋଗୀ ପାଖରେ ପଇସା ଅଛି କି ନାହିଁ ନ ଦେଖି ରୋଗୀର ରୋଗକୁ ଦେଖିବାକୁ ସମସ୍ତ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଅତିଥି ଭାବେ ଆମେରିକାର ପ୍ରସିଦ୍ଧ ସ୍ନାୟୁରୋଗ ବିଶେଷଜ୍ଞ ଡ. ପଞ୍ଚାନନ ଶତପଥୀ, ହାଇଟେକ୍ ଗ୍ରୁପର ପୂର୍ବତନ ଡିନ୍ ଓ ନିର୍ଦ୍ଦେଶକ ଡ. ଏସ୍.କେ. ବସୁ, ହାଇଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ମଧୁସ୍ମିତା ତ୍ରିପାଠୀ, ବିଶ୍ୱଜିତ୍ ପାଣିଗ୍ରାହୀଙ୍କ ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ଗଣତନ୍ତ୍ର ଦିବସରେ ସ୍ୱଦେଶୀ ବିକଶିତ ଭାରତ ପାଇଁ ସଂକଳ୍ପ



ହରିଦ୍ୱାର, ୨୭ା୧

ପତଞ୍ଜଳି ଯୋଗପୀଠରେ ଦେଶର ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଯୋଗଗୁରୁ ରାମଦେବ ଏବଂ ଆଚାର୍ଯ୍ୟ ବାଲକୃଷ୍ଣ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବାବା ରାମଦେବ ସ୍ୱଦେଶୀ ଶିକ୍ଷା, ଚିକିତ୍ସା, ଅର୍ଥବ୍ୟବସ୍ଥା, ସନାତନ ଜୀବନପଦ୍ଧତି ଏବଂ ସ୍ୱାବଲମ୍ବୀ ବିକଶିତ ଭାରତ ପାଇଁ ସଂକଳ୍ପ ଆହ୍ୱାନ ଦେଇଥିଲେ। ସେ କହିଛନ୍ତି, ଭାରତକୁ ବିଶ୍ୱର ସବୁଠାରୁ ବଡ଼ ଅର୍ଥନୈତିକ, ସୈନ୍ୟ ଓ ଆଧ୍ୟାତ୍ମିକ ଶକ୍ତି କରିବା ଦରକାର। ସାଧୁସନ୍ଥ ଓ ଶଙ୍କରାଚାର୍ଯ୍ୟମାନଙ୍କ ମଧ୍ୟରେ କୌଣସି ବିବାଦ ନ ହେବା ଉଚିତ। ଜାତି, ବର୍ଣ୍ଣ, ସମ୍ପ୍ରଦାୟ, ପ୍ରାନ୍ତ ବା ଭାଷା ନାମରେ ଉଦ୍ଭବ ନ ହେବା ଉଚିତ। ଗୋମାତା ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଦୈନିକ ଅତି କମ୍‌ରେ ୧୦ ଟଙ୍କାର ଗୋ-ଆଧାରିତ ଉତ୍ପାଦ ବ୍ୟବହାର କରିବା ଉଚିତ। ବିଶ୍ୱବ୍ୟାପୀ ଟାରିଫ ଯୁଦ୍ଧ ମଧ୍ୟରେ ସ୍ୱଦେଶୀ ଅଭିଯାନ ଚଳାଇ ଟଙ୍କାକୁ ମଜବୁତ କରିବା ଦରକାର ବୋଲି ସେ କହିଛନ୍ତି। ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ବୀର ଶହୀଦମାନଙ୍କୁ ସ୍ମରଣକରି ବଡ଼ ଲକ୍ଷ୍ୟ ପାଇଁ ସଂକଳ୍ପ ନେଇ ଭାରତକୁ ବିଶ୍ୱଗୁରୁ କରିବା ଜରୁରୀ।

# ଗଡ଼ା ମଜୁରିରେ ଜୟଆଲୁକ୍କାସ୍‌ର ୪୦% ରିହାତି ଘୋଷଣା

ଭୁବନେଶ୍ୱର, ୨୭ା୧

ବିଶ୍ୱସ୍ତରୀୟ ଜୁଏଲେରି ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ବର୍ଷର ସବୁଠାରୁ ବଡ଼ ସେଲ୍ ଅଭିଯାନ ଦେଶବ୍ୟାପୀ ଆରମ୍ଭ କରିଛି। ଏହି ଅଭିଯାନ ଫେବୃଆରୀ ୨୨ ପର୍ଯ୍ୟନ୍ତ ଚାଲିବ। ୧୨ଟି ଦେଶରେ ୧୯୦ଟି ଷ୍ଟୋରରେ ଉଚ୍ଚକୃଷ୍ଟ ମାନ ଓ ଡିଜାଇନର ଗହଣା ଉପଲବ୍ଧକରିଥିବା ଏହି ବ୍ରାଣ୍ଡ ଗଡ଼ା ମଜୁରି ଉପରେ ଫ୍ଲାଟ୍ ୪୦% ରିହାତି ଘୋଷଣା କରିଛି। ଭାରତୀୟ ପାରମ୍ପରିକ ଓ ଆଧୁନିକ ଶୈଳୀରେ ନିର୍ମିତ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅଭିଯାନର ଶୁଭାରମ୍ଭ ଅବସରରେ ଜୟଆଲୁକ୍କାସ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ଜୟ ଆଲୁକ୍କାସ୍ କହିଛନ୍ତି, ବର୍ଷର ସବୁଠାରୁ ବଡ଼ ଅଳଙ୍କାର ଉତ୍ସବ ମାଧ୍ୟମରେ ଆମେ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ସର୍ବୋତ୍ତମ ଓ ବିସ୍ତୃତ ଅଳଙ୍କାରର କିଣିବାର ସୁଯୋଗ ପ୍ରଦାନ କରୁଛୁ। ଗହଣା ଉପରେ ଲାଇଫ୍‌ଲଙ୍ଗ ରକ୍ଷଣାବେକ୍ଷଣ ଘୋଷଣା କରାଯାଇଛି।

Joyalukkas
World's favourite jeweller

# ୨୪ଜଣଙ୍କୁ 'ଡାଲମିଆ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨୭ା୧
(ଅନୁରାଧା ମହାରଣା)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌ର ସିଏସ୍‌ଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ତାହାର କପିଳାସ ସିମେଣ୍ଟ ୱାର୍କସ (କେସିଡବ୍ଲ୍ୟୁ) ଜରିଆରେ ସୋମବାର ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ୨୪ ଜଣଙ୍କୁ 'ଡାଲମିଆ ପ୍ରତିଭା ସମ୍ମାନ ୨୦୨୬' ପ୍ରଦାନ କରିଛି। ଏହି ଉତ୍ସବରେ ୧୦ମ ଓ ୧୨ଶ ଶ୍ରେଣୀର ୧୮ ଜଣ ଛାତ୍ରଛାତ୍ରୀ ଏବଂ ୬ଜଣ ସାମାଜିକ କର୍ମୀଙ୍କୁ ସେମାନଙ୍କର ଶିକ୍ଷାଗତ ଓ ସମାଜସେବାରେ ଉତ୍କର୍ଷ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଓ ଯାଜପୁର ଜିଲ୍ଲାର ପଡ଼ୋଶୀ ପଞ୍ଚାୟତ ଅନ୍ତର୍ଗତ ୧୭ଟି ସ୍କୁଲରୁ ମନୋନୀତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ୧୮ଜଣଙ୍କୁ ପ୍ରତ୍ୟେକ ୨୫୦୦ ଟଙ୍କାର ଅର୍ଥ ପୁରସ୍କାର ଏବଂ ୬ଜଣ ଉଲ୍ଲେଖନୀୟ ସାମାଜିକ କର୍ମୀଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। କେସିଡବ୍ଲ୍ୟୁ କଟକ ୟୁନିଟ୍ ହେଡ୍ ଦେବୀପ୍ରସାଦ ଦାସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ।



# ବିଏସ୍‌ଏନ୍‌ଏଲ୍‌ର ନୂଆ ମାଇଲଖୁଣ୍ଟ ହାସଲ

ଭୁବନେଶ୍ୱର, ୨୭ା୧
(ଅନୁରାଧା ମହାରଣା)

ସାଧାରଣତନ୍ତ୍ର ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ବିଏସଏନଏଲ ଓ ଫୋରଜି ଡାଟା ସେଣ୍ଟର ଠାରେ ସ୍ୱଦେଶୀ ଭାବରେ ବିକଶିତ ଆଇପି ମଲ୍ଟିମିଡିଆ ସବସିଷ୍ଟମ (ଆଇଏମଏସ) ଉଦଘାଟନ କରାଯାଇଛି। ବିଏସଏନଏଲ ଓ ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହାକୁ ଉଦଘାଟନ କରିଛନ୍ତି। ଏହି ବ୍ୟବସ୍ଥା ବିଏସଏନଏଲ ଗ୍ରାହକମାନଙ୍କୁ ଏଲଟିଇ (ଫୋରଜି) ମାଧ୍ୟମରେ ଏଚଡି-ଗୁଣବତ୍ତା ଭଏସ କଲ ପ୍ରଦାନ କରିବ, ଯାହା ସମ୍ପୂର୍ଣ୍ଣ ସ୍ୱଚ୍ଛ ଯୋଗାଯୋଗ ସୁନିଶ୍ଚିତ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାବାଲେଙ୍କା, ଜେଭ୍‌ରେଭ୍, ଅଲ୍‌କାରାଜ ସେମିରେ

**ମେଲବୋର୍ନ, ୨୭।୧ (ଏପି)**

ଟପ୍ ସିଡ୍ ଆରିନା ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ୧୮ ବର୍ଷୀୟା ଇଭା ଜୋଭିଚ୍‌ଙ୍କୁ ୬-୩, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ଏଲିନା ସ୍ୱିତୋଲିନା ୬-୧, ୬-୨ ସେଟ୍‌ରେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା କୋକୋ ଗଫ୍‌ଙ୍କୁ ପରାଜିତ କରିଛନ୍ତି। ସର୍ଭିସ ବେଳେ ତୃତୀୟ ସିଡ୍ ଗଫ୍‌ଙ୍କୁ ବାରମ୍ବାର ସଂଘର୍ଷ କରିବାକୁ ପଡ଼ିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ତାଙ୍କ ର୍‍ୟାକେଟକୁ କଙ୍କ୍ରିଟ ଚଟାଣରେ ପିଟି ଭାଙ୍ଗି ଦେଇଥିଲେ। ମ୍ୟାଚଟି ୫୯ ମିନିଟ ଧରି ଚାଲିଥିଲା। ପ୍ରବଳ ଗରମ ଯୋଗୁ ମଙ୍ଗଳବାର ଟୁର୍ନାମେଣ୍ଟର ୧୦ମ ଦିବସ ମ୍ୟାଚଗୁଡ଼ିକ କଭର ତଳେ ଖେଳାଯାଇଥିଲା। ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ରଡ୍ ଲାଭର ଆରେନାର ଏକ ଛାତ ତଳେ ଖେଳିବାର ସୁଯୋଗ ମିଳିଥିଲା। ୨୦ ବର୍ଷୀୟ ଲର୍ନର ଟିନ୍‌ଙ୍କ ବିପକ୍ଷ ମ୍ୟାଚ ସେ ୬-୩, ୬-୭(୫), ୬-୧, ୭-୬(୩)ରେ ବିଜୟ ଲାଭ କରି ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆନ ଓପନ ରନରଅପ୍ ତଥା ବିଶ୍ୱର ନମ୍ବର-୩ ର୍‍ୟାଙ୍କିଙ୍ଗ ଜେଭରେଭ ତାଙ୍କର ୧୦ମ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ସାବାଲେଙ୍କା ମଧ୍ୟ ଗତବର୍ଷ ମେଲବୋର୍ନରେ ରନରଅପ୍ ହୋଇଥିଲେ। ଚାରି ବର୍ଷରେ ସେ ତୃତୀୟ ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ଆଲେକ୍‌ଜାଣ୍ଡର ଜେଭରେଭ।

ସେ ୨୦୨୩ ଓ ୨୦୨୪ରେ ପଛକୁ ପଛ ଟାଇଟଲ ଜିତିଥିଲେ। ବର୍ଷକ ତଳେ ସେ ମାଡିସନ କିଜ୍‌ଙ୍କଠାରୁ ଫାଇନାଲରେ ପରାଜିତ ହୋଇଥିଲେ। ମେଲବୋର୍ନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ (୧୧୩ ଫାରେନହିଟ୍) ରହିବ ବୋଲି ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ଦଶମ ଦିବସରେ ଖେଳାଯାଇଥିବା ୪ଟି ସେମିଫାଇନାଲ ମଧ୍ୟରୁ ପ୍ରଥମଟି ଆଉଟ୍‌ଡୋରରେ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସରେ କାର୍ଲୋସ ଅଲ୍‌କାରାଜ ମଧ୍ୟ ସେମିଫଇନାଲରେ ପ୍ରବେଶ କରିଛନ୍ତି। ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିବା ଲକ୍ଷ୍ୟରେ ଥିବା ଏହି ୨୨ବର୍ଷୀୟ ଖେଳାଳି ମଙ୍ଗଳବାର ୭-୫, ୬-୨, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉରଙ୍କୁ ହରାଇ ଦେଇଛନ୍ତି। ଅଲ୍‌କାରାଜ ଏପର୍ଯ୍ୟନ୍ତ ୬ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିସାରିଛନ୍ତି। ଏଠାରେ ସେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ଭୁବନେଶ୍ୱର ଦଳକୁ ୧ ସ୍ୱର୍ଣ୍ଣ ସହ ୬ ପଦକ


କର୍ମକର୍ତ୍ତାଙ୍କ ଗହଣରେ ଭୁବନେଶ୍ୱର ଦଳର ପଦକ ବିଜେତା ଜିମ୍ନାଷ୍ଟ।

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ପୁରୀ ଜଗନ୍ନାଥ ଷ୍ଟାଡିୟମରେ ଗତ ୨୪ ଓ ୨୫ରେ ଅନୁଷ୍ଠିତ ୪୪ତମ ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍‌ରେ ଭୁବନେଶ୍ୱର ଦଳକୁ ୧ ସ୍ୱର୍ଣ୍ଣ ସହ ମୋଟ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସାମିଲ।

**ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍**

ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର ୨୩ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୧୦ ବର୍ଷରୁ କମ ବାଳିକା ବର୍ଗରେ ଦିବ୍ୟାଞ୍ଜଳୀ ମହନ୍ତ ଫ୍ଲୋର ଏକ୍ସରସାଇଜରେ ସ୍ୱର୍ଣ୍ଣ ଓ ବାଲାନ୍ସିଂ ବିମ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସିନିୟର ମହିଳା ବିଭାଗରେ ଜେଏମ୍ ରିତିକା ଦାସ ଭଲ୍ଟିଂ ଟେବଲରେ ବ୍ରୋଞ୍ଜ, ଜୁନିୟର ମହିଳାରେ ସରନ୍ୟା ମିଶ୍ର ଫ୍ଲୋର ଏକ୍ସରସାଇଜ ଓ ବାଲାନ୍ସିଂ ବିମରେ ୨ଟି ବ୍ରୋଞ୍ଜ ଏବଂ ୧୦ ବର୍ଷରୁ କମ ବାଳକ ବର୍ଗରେ ଭାସ୍କର ଭବିକ ବେଉରା ଭଲ୍ଟିଂ ଟେବଲରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସଂପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ରାଧାନାଥ ମହାପାତ୍ର ଓ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଯଶୋବନ୍ତ ଦାସ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବ୍ରାଡ୍‌ମ୍ୟାନ୍‌ଙ୍କ ଟୋପିର ମୂଲ୍ୟ ୪୬୦ ହଜାର ଡଲାର

**ଗୋଲ୍ଡ କୋଷ୍ଟ, ୨୭।୧ (ପି.ଟି)**

ଅଷ୍ଟ୍ରେଲିଆ ବ୍ୟାଟିଂ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନଙ୍କ ଏକ ବ୍ୟାଗି ଗ୍ରୀନ୍ ଟୋପି ସୋମବାର ନିଲାମ କରାଯାଇଛି। ଏହା ୪୬୦,୦୦୦ ଆମେରିକୀୟ ଡଲାର ମୂଲ୍ୟରେ ବିକ୍ରି ହୋଇଛି। ବ୍ରାଡ୍‌ମ୍ୟାନ ଏହି ଟୋପିଟିକୁ ସେ ୧୯୪୭-୪୮ରେ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ବ୍ୟବହାର କରିଥିଲେ। ସେତେବେଳେ ସେ ବିପକ୍ଷ ଦଳର ଶ୍ରୀରଙ୍ଗା ବାସୁଦେବ ସୋହାନିଙ୍କୁ ଉପହାର ଆକାରରେ ଦେଇଥିଲେ। ସୋହାନିଙ୍କ ପରିବାର ଏହି ଟୋପିଟିକୁ ଗତ ୭୫ବର୍ଷ ଧରି ସାଇତି ରଖିଥିଲେ। ଏହାକୁ ସେ କେବେ ସାଧାରଣରେ ପ୍ରଦର୍ଶନ କରି ନ ଥିଲେ। ସୋମବାର ଏହା ଲୟଡ୍ସ ଅକ୍ସନ୍ସ ସଂସ୍ଥା ଦ୍ୱାରା ନିଲାମ



ହୋଇଛି। ଏହି ବ୍ୟାଗି ଗ୍ରିନ୍ ଟୋପି ଉପରି ଭାଗରେ ଅଷ୍ଟ୍ରେଲିଆ କ୍ରିକେଟର ଏକ ଲୋଗୋ ସ୍ଥାନ ପାଇଥିଲା। ନିମ୍ନ ଭାଗରେ '୧୯୪୭-୪୮' ଏମ୍ବ୍ରୋଡରି କରାଯାଇଛି। ବ୍ରାଡମ୍ୟାନ ୧୯୪୮ରେ ଅବସର ନେବା ପୂର୍ବରୁ ୧୯୪୭-୪୮ ଭାରତ ବିପକ୍ଷରେ ତାଙ୍କର ଏହା ଥିଲା ଅନ୍ତିମ ଘରୋଇ ଟେଷ୍ଟ ମ୍ୟାଚ। ସେତେବେଳେ ତାଙ୍କ ବ୍ୟାଟିଂ ଆଭରେଜ ୯୯.୯୪ ରହିଥିଲା। ଏଥିପାଇଁ ସେ କ୍ରିକେଟର ଜଣେ ମହାନ୍ ବ୍ୟାଟର ଭାବେ ପରିଚିତ। ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଅଷ୍ଟ୍ରେଲିଆକୁ ଭାରତର ଏହା ଥିଲା ପ୍ରଥମ ଟେଷ୍ଟ ଟୁର୍। ସେତେବେଳେ ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ ଲାଲା ଅମରନାଥ।

# ଆଜି ଚତୁର୍ଥ ଟି୨୦

**ବିଶାଖାପାଟଣା, ୨୭।୧ (ପି.ଟି.)**

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଭାରତୀୟ ଦଳ ମଧ୍ୟରେ ବୁଧବାର ସ୍ଥାନୀୟ ଏସିଏ-ଭିସିଡିଏ ଷ୍ଟାଡିୟମରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଖେଳାଯିବ। ସିରିଜ୍‌କୁ ଆଗୁଆ ୩-୦ରେ ଜିତି ସାରିଥିବା ଘରୋଇ ଦଳ ପାଇଁ ଏପର୍ଯ୍ୟନ୍ତ ପ୍ରାୟତଃ ଖେଳାଳି ଜବରଦସ୍ତ ପ୍ରଦର୍ଶନ କରିଥିବାବେଳେ ସଞ୍ଜୁ ସାମସନ, କୁଲଦୀପ ଯାଦବଙ୍କ ଭଳି କିଛି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଟି୨୦ ବିଶ୍ୱକପ୍‌କୁ ଆଉ ମାତ୍ର ୧୦ ଦିନରୁ କମ୍ ସମୟ ଥିବାରୁ ଭାରତୀୟ ଦଳର ମ୍ୟାନେଜମେଣ୍ଟ ଏହି ମ୍ୟାଚ୍‌ରେ ଦଳୀୟ କମ୍ବିନେଶନରେ କିଛି ପରୀକ୍ଷାନିରୀକ୍ଷା କରିପାରେ। ଅଭିଷେକ ଶର୍ମା, ଅଧିନାୟକ ସୂର୍ଯ୍ୟକୁମାର ଓ ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ ଚଳିତ ସିରିଜ୍‌ରେ ଭାରତର ଟି୨୦ ବ୍ୟାଟିଂ ଶୈଳୀକୁ ପରିପ୍ରକାଶ କରିଛି। ଅଭିଷେକ ୩୦୦ ଓ ସୂର୍ଯ୍ୟକୁମାର ଓ କିଶନ ୨୩୦ ଷ୍ଟ୍ରାଇକ୍‌ରେଟରେ ଖେଳୁଛନ୍ତି। ଯଦି ଏଠାକାର ପିଚ୍ ଓ କାକର ସୁହାଏ, ତେବେ ଏଠାରେ ମଧ୍ୟ ଏକ ହାଇସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିବ। ବ୍ୟାଟିଂ ଲାଇନର ଏକମାତ୍ର ଚିନ୍ତା ହେଉଛି ସାମସନଙ୍କ ଫର୍ମ। ନିଜ ପସନ୍ଦୀୟ ଓପନିଂ ସ୍ଲଟରେ ଖେଳିବାକୁ ସୁଯୋଗ ପାଇଥିବା ସାମସନ ଏପର୍ଯ୍ୟନ୍ତ ୩ ମ୍ୟାଚ୍‌ରେ ୧୬ ରନ କରିଛନ୍ତି। କିନ୍ତୁ ତିଳକ ବର୍ମା ଦଳକୁ ଫେରି ନ ଥିବାରୁ ତାଙ୍କୁ ଆଉ ଏକ ସୁଯୋଗ ମିଳିପାରେ।


# Classified Everyday
**0674-2580101, 9692975378**


**MATRIMONIAL**

**GROOM WANTED**

45 ବର୍ଷ Govt. Hospitalରେ Head ନର୍ସ ଭାବେ କାର୍ଯ୍ୟରତ ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 8455853154. D-3196


**REAL ESTATE SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିତୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199




All types of physiotherapy and massage contact 9556924059 / 7656969134. D-3166

**LOST**

ମୁଁ ସଞ୍ଜିତ ଜେନା, ପିତା: ତ୍ରିଲୋଚନ ଜେନା, ସା: କପାଳେଶ୍ୱର, ପୋ./ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ରେଜିଷ୍ଟ୍ରିଭୁକ୍ତ ବିକ୍ରୟ କବଲା ନଂ.- ୧୩୧୮/୨୦୦୭, ତା।୨୫।୦୭।୨୦୦୭ରିଖ ଯାହାକି ରେଣୁବାଳା ବଳଙ୍କ ନାମରେ ନାମିତ ଥିଲା। ତାହା ମୋର କପାଳେଶ୍ୱର ଅଫିସରେ ତା।୦୮।୧୨।୨୦୨୫ରେ ହଜିଯାଇଛି। ଆବଶ୍ୟକସ୍ଥଳେ ଏହି କବଲାର ଅବିକଳ ନକଲ ବ୍ୟବହାର କରାଗଲେ କାହାର ଆପତ୍ତି ରହିବ ନାହିଁ। ଧ-୩୨୧୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**



By virtue of an affidavit before Executive Magistrate, Pottangi, I, Sri ENKITI BEBARTTA, S/o. Late BEBARTTA TAMAYA has changed my surname from Khora to BEBARTTA. Hence, I will be known as Sri ENKITI BEBARTTA for all purposes. D-3217



By virtue of an affidavit before Executive Magistrate, Pottangi, I, Smt. Jipali Jani, W/o. Late Jani Apana has changed my name from Jani Dipali to Jipali Jani. Hence, I will be known as Smt. Jipali Jani for all purposes. D-3216

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Saintala, dtd.- 30.10.2025, I, Shiba Meher, S/o.- Dingar Meher, R/o. Village- Phatamunda, P.O.- Tikrapada, P.S.- Saintala, Dist.- Balangir, Odisha, PIN- 767026 declare that now I have changed my name from Sivaram Dewangan to Shiba Meher. Henceforth, I shall be known as Shiba Meher for all purposes.
Shiba Meher
D-3211

By virtue of an affidavit sworn before the Notary Public, Saintala, dtd.- 30.10.2025, I, Prabhabati Meher, W/o.- Shiba Meher, R/o. Village- Phatamunda, P.O.- Tikrapada, P.S.- Saintala, Dist.- Balangir, Odisha, PIN- 767026 declare that now I have changed my name from Prabhawati Dewangan to Prabhabati Meher. Henceforth, I shall be known as Prabhabati Meher for all purposes.
Prabhabati Meher
D-3210

I, Raja Kumar Thakur, F/o- Anand Thakur, resident of Madan Mohan Pada, Town- Bhawanipatna, P.S.- Bhawanipatna, Dist.- Kalahandi, PIN- 766001, Odisha declare by this affidavit No. 15AA 181285 dtd.- 21.01.2026 that now onwards I shall be known as RAJKUMAR THAKUR for all future purposes. D-3209

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Talcher, dtd.- 20.01.2026, I, Basanta Naik, S/o.- Nidhi Naik of Vill./P.O.- Nalam, P.S.- Kaniha, SD- Talcher, Dist.- Angul, Odisha, PIN- 759117 do hereby declare that my son have changed his name from SUBHANKAR NAIK to ABHISEK NAIK. Henceforth, my son shall be known as ABHISEK NAIK for all purpose.
Basanta Naik
D-3213

By virtue of an affidavit (No. 397, dtd. 07.01.2026) sworn before the Executive Magistrate, Kukudakhandi, Ganjam, I, Parabastu Raghabandra Swamy, S/o.- P. Ramanujia Swamy, resident At/ P.O.- Ankushpur, P.S.- Berhampur Sadar, Dist.- Ganjam- 761100, Odisha declare that, I have changed my name from Raghabendra Swami to Parabastu Raghabandra Swamy. Henceforth, I shall be known as Parabastu Raghabandra Swamy (New name) for all purposes. D-76891

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବୈଦେହୀ ମଲ୍ଲିକ**
କୋପଣ୍ଡ, ଯାଜପୁର ରୋଡ
ଆବିର୍ଭାବ : ୨୪।୧୨।୧୯୩୯
ତିରୋଧାନ : ୧୮।୦୧।୨୦୨୬
ଆପଣ ଆମକୁ ଛାଡ଼ି ଚାଲି ଯିବାର ୧୧ଦିନ ବିତିଗଲାଣି । ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆକଟ ସବୁବେଳେ ମନେ ପଡୁଛି। ଯେଉଁଠି ଥିଲେ ବି ଆପଣଙ୍କ ଆଶୀର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଦିଅର ବାବାଜୀ, ପୁଅ ରବୀନ୍ଦ୍ର, ନବକିଶୋର ଓ ଅଜିତ, ପୁତୁରା ସୁଜିତ, ନିରଞ୍ଜନ, ରଞ୍ଜିତ ଓ ଦିଲ୍ଲୀପ
ଧ-୩୨୧୪



**ମାୟା ପାଣିଗ୍ରାହୀ**
ଅଧ୍ୟକ୍ଷା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍ ଏବଂ ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୂଦନ ପାଣିଗ୍ରାହୀଙ୍କ ଧର୍ମପତ୍ନୀ
ଆବିର୍ଭାବ : ୨୭-୦୫-୧୯୩୦ (ଜ୍ୟୈଷ୍ଠ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୦୭-୦୨-୨୦୨୫ (ମାଘ ଶୁକ୍ଳ ଦଶମୀ)
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ସଂପର୍କ
ହୃଷୀକେଶ ପାଣିଗ୍ରାହୀ
ଅଶୋକ ନଗର, ୮ମ ଲାଇନ୍, ବ୍ରହ୍ମପୁର
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୩୨୦୮

**ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚନ୍ଦ୍ର ଶେଖର ହୋତା (ବାବୁ)**
(ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ, ସତ୍ୟବାଦୀ)
ଗୋପାଳପୁର, ପାଟଣା, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ- ୨୦।୧୦।୧୯୪୮
ତିରୋଧାନ- ୨୦।୦୧।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସାହସ ଓ କର୍ତ୍ତବ୍ୟ ପରାୟଣତା ସର୍ବଦା ଅବିସ୍ମରଣୀୟ। ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାକ୍ଷୀଗୋପାଳଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ହତଭାଗ୍ୟ ପୁତ୍ର- ସିଦ୍ଧାର୍ଥ ହୋତା, କନ୍ୟା- ଅର୍ଚ୍ଚନା ହୋତା, ଲିପିକା ହୋତା, ନାତିନାତୁଣୀ, ହୋତା ପରିବାର ଓ ବନ୍ଧୁବର୍ଗ।
ଧ-୩୨୧୨

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଗହମରେ କାଳିଗୁଣ୍ଡି ପୋକ ଦମନ



ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

# ଡାଲିଜାତୀୟ ଫସଲ



ଡାଲିଜାତୀୟ ଫସଲ ଚାଷ କରୁଥିଲେ ଏକ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% x ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

# ପନିପରିବା ଚାଷ



ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ।

# ଗୋବରର ମାହାତ୍ମ୍ୟ



ପ୍ର. ସୁବୋଧ କୁମାର ସାହୁ

"କୃଷି କ୍ଷେତ୍ରରେ ଗୋବରର ଅବଦାନ ଅତୁଳନୀୟ । ଆମ ରାଜ୍ୟରେ(୨୦୨୫ ଗଣନା ଅନୁସାରେ) ୯ ଲକ୍ଷ ୯୦ ହଜାର ଗୋରୁ ଅଛନ୍ତି । ପ୍ରତ୍ୟେକ ଗୋରୁ ଦିନକୁ ପ୍ରାୟ ୧୦ କିଲୋ ଗୋବର ତ୍ୟାଗ କରନ୍ତି । ଏହା ଦ୍ୱାରା ଆମେ ଦିନକୁ ପ୍ରାୟ ୯୯ ଲକ୍ଷ ଟନ୍ ତଟକା ଗୋବର ପାଇଥାଉ । ଗୋବରରେ ଶତକଡ଼ା ୭୫ ଭାଗ ଜଳୀୟ ଅଂଶକୁ ବାଦ୍ ଦେଲେ, ଆମେ ଦିନକୁ ୨.୪୭ ଲକ୍ଷ ଟନ୍ ଶୁଖିଲା ଖତ ପାଇବା । ଶୁଖିଲା ଗୋବରରେ ଶତକଡ଼ା ୦.୫ ଭାଗ ନାଇଟ୍ରୋଜେନ ବା ଯବକ୍ଷାରଯାନ, ୦.୨୦ ଭାଗ ଫସ୍‌ଫରସ୍ ଏବଂ ୦.୨ ଭାଗ ପଟାସ ଥାଏ ।"

ଗୋଜାତୀୟ ପ୍ରାଣୀଙ୍କଠାରୁ ନିର୍ଗତ ମଳ ହେଉଛି ଗୋବର । ହିନ୍ଦୁମାନଙ୍କ ପାଇଁ ଗୋବର ଅତି ପବିତ୍ର । ହିନ୍ଦୁନାରୀ ପ୍ରତିଦିନ ପ୍ରତ୍ୟୁଷରେ ସଜ ଗୋବରର ପାଣିରେ ଘରର ଅଗଣା ଏବଂ ଦାଣ୍ଡ ଶୁଦ୍ଧ କରେ । ଗୋବରରେ ଅନେକ ଜୀବାଣୁନାଶକ ଗୁଣ ଅଛି । ସେଥିପାଇଁ ପ୍ରତି ପର୍ବପର୍ବାଣିରେ ହିନ୍ଦୁ ନାରୀ ମାଟି ଘରର କାନ୍ଥ, ପିଣ୍ଡା ଏବଂ ବାରଣ୍ଡାକୁ ମାଟି ମିଶ୍ରିତ ଗୋବର ମଣ୍ଡରେ ଲିପେ । ଖାଦ୍ୟ ଖାଇସାରିବା ପରେ ମଛିକୁ ଦୂରେଇ ରଖିବା ପାଇଁ ମାଟି ଚଟାଣକୁ ଗୋବରରେ ଲିପାଯାଏ । ଶବ ଉଠିଲା ପରେ ଘରେ, ବାହାରେ ଏବଂ ଶବ ଯିବା ରାସ୍ତାରେ ଗୋବର ପାଣି ପକାଯିବାର ପ୍ରଥା ଅଛି । ପ୍ରବାଦ ଅଛି ବିଧର୍ମୀ ବ୍ୟକ୍ତି ଗୋବର ପାଣି ପିଇଲେ ନିଜ ଧର୍ମକୁ ଫେରିଆସେ। ଦକ୍ଷିଣ ଭାରତର କେତେକ ରାଜ୍ୟରେ ଗୋବରରେ ପ୍ରସ୍ତୁତ ଶୁଖିଲା ଘସିରେ ଶବ ସତ୍କାର କଲେ ସ୍ୱର୍ଗରେ ଆତ୍ମାକୁ ଶାନ୍ତି ମିଳେ ବୋଲି ପ୍ରବାଦ ଅଛି । ବିଭିନ୍ନ ପୂଜା କାର୍ଯ୍ୟରେ ଗୋବର ବ୍ୟବହାର କରାଯାଏ। ହୋମ ଯଜ୍ଞ ଆଦିରେ ଘୃତ ଏବଂ କ୍ଷୀର ସହ ଗୋବର ଅର୍ପଣ କରାଯାଏ । ଗୋବର ସହ ଅଳ୍ପ ମାଟି ମିଶାଇ ଦୀପ ଏବଂ ଝୁଣାଦାନି ପ୍ରସ୍ତୁତ କରାଯାଏ। ଉକ୍ତ ଧୂପଦାନି ଦହନୀୟ। ଏଥିରୁ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ପୂତମୟ ହୁଏ।

କେତେକ ରାଜ୍ୟରେ ମାଟି ସହ ଗୋବର ମିଶାଇ ଇଟା ପ୍ରସ୍ତୁତି କରାଯାଏ । ଏହି ଇଟାରେ ନିର୍ମାଣ ଘର ଗ୍ରୀଷ୍ମ ଋତୁରେ ଥଣ୍ଡା ରହେ । ଅବଶ୍ୟ ଏପ୍ରକାର ଘର ଖୁବ୍ କ୍ୱଚିତ୍ ଦେଖାଯାଉଛି । ଗାଁମାନଙ୍କରେ ଗୋବରରେ ଛୋଟ ଛୋଟ ଗୁଳି କରି ଖରାରେ ଶୁଖାଇ ରୋଷେଇ ପାଇଁ ଜାଳେଣି ରୂପେ ବ୍ୟବହାର କରାଯାଏ । ଗୋରୁମାନଙ୍କୁ ରାତିରେ ମଶାମାନଙ୍କଠାରୁ ଦୂରେଇ ରଖିବା ପାଇଁ ଗୁହାଳରେ ଶୁଖିଲା ଗୋବର ଗୁଳିରେ ଧୂଆଁ ଦିଆଯାଏ । ଏହି ଧୂଆଁ ଗୋରୁମାନଙ୍କ ପାଇଁ ସେତେ ପ୍ରଦୂଷିତ ନୁହେଁ । ଗୋବର ଜଳା ପରେ ଏହାର ଅବଶେଷକୁ ପାଉଁଶ କୁହାଯାଏ। ଉକ୍ତ ପାଉଁଶ ବାସନ ଆଦି ସଫାରେ ବ୍ୟବହାର କରାଯାଏ । କେତେକ ବ୍ୟକ୍ତି ଉକ୍ତ ପାଉଁଶକୁ ଦାନ୍ତ ସଫାରେ ବ୍ୟବହାର କରନ୍ତି । ଗୋବର ପାଉଁଶରେ ପ୍ରାୟ ୦.୨୦ ରୁ ୦.୨୫ ଶତକଡା କ୍ୟାଲସିୟମ ଥାଏ, ଯାହାକୁ ଅମ୍ଳ ମାଟି ଶୋଧନ ପାଇଁ ଚାଷୀ ବ୍ୟବହାର କରନ୍ତି। କୃଷି କ୍ଷେତ୍ରରେ ଗୋବରର ଅବଦାନ ଅତୁଳନୀୟ । ଆମ ରାଜ୍ୟରେ (୨୦୨୫ ଗଣନା



ଅନୁସାରେ) ୯ ଲକ୍ଷ ୯୦ ହଜାର ଗୋରୁ ଅଛନ୍ତି। ପ୍ରତ୍ୟେକ ଗୋରୁ ଦିନକୁ ପ୍ରାୟ ୧୦ କିଲୋ ଗୋବର ତ୍ୟାଗ କରନ୍ତି । ଏହା ଦ୍ୱାରା ଆମେ ଦିନକୁ ପ୍ରାୟ ୯୯ ଲକ୍ଷ ଟନ୍ ତଟକା ଗୋବର ପାଇଥାଉ। ଗୋବରରେ ଶତକଡା ୭୫ ଭାଗ ଜଳୀୟ ଅଂଶକୁ ବାଦ୍ ଦେଲେ, ଆମେ ଦିନକୁ ୨.୪୭ ଲକ୍ଷ ଟନ୍ ଶୁଖିଲା ଖତ ପାଇବା । ଶୁଖିଲା ଗୋବରରେ ଶତକଡା ୦.୫ ଭାଗ ନାଇଟ୍ରୋଜେନ ବା ଯବକ୍ଷାରଯାନ, ୦.୨୦ ଭାଗ ଫସଫରସ୍ ଏବଂ ୦.୨ ଭାଗ ପଟାସ ଥାଏ । ଉକ୍ତ ହିସାବ ଅନୁସାରେ ଆମ ରାଜ୍ୟର ଚାଷୀ ବର୍ଷକୁ ନାଇଟ୍ରୋଜେନ ଏବଂ ପଟାସ ପ୍ରତ୍ୟେକରୁ ୧୨୩.୭ ଲକ୍ଷ ଟନ୍ ଏବଂ ଫସ୍‌ଫରସ୍ ୪୯.୫ ଲକ୍ଷ ଟନ୍ ଜୈବିକ ପୋଷକ ଉପାଦାନ ଫସଲ ପାଇଁ ପାଇପାରିବେ । ଜୈବିକ ଗୋବର ଖତ ପ୍ରଦୂଷଣବିହୀନ। ଉକ୍ତ ଖତ ମାଟିର ଭୌତିକ ଧର୍ମ ଯଥା ବୟନ, ସଂରଚନା, ଜଳ ଏବଂ ଧାରଣ ଶକ୍ତି ବଢ଼ାଇ ଥାଏ । ଏହାଛଡା ଗୋବର ଖତ ମାଟିରେ ଥିବା କୋଟି କୋଟି ଉପକାରୀ ବୀଜାଣୁଙ୍କର ବଂଶ ବୃଦ୍ଧି ଘଟାଇ ମାଟିକୁ ଉର୍ବର କରେ। ଖତରେ ନାଇଟ୍ରୋଜେନ, ଫସ୍‌ଫରସ୍ ଏବଂ ପଟାସ ମୁଖ୍ୟ ପୋଷକ ଉପାଦାନ ବ୍ୟତୀତ ୩ ଗୋଟି ଗୌଣ ଉପାଦାନ ଯଥା କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ସଲ୍‌ଫର ସହ ୮ ଗୋଟି ଅଣୁ ପୋଷକ ଉପାଦାନ ନିର୍ଦ୍ଦିଷ୍ଟ ଅନୁପାତରେ ଥାଏ। ତେଣୁ ଗୋବର ଖତ ଚାଷୀମାନଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ। ପ୍ରତ୍ୟେକ ଫସଲ ପାଇଁ ହେକ୍ଟର ପ୍ରତି ଅତି କମ୍‌ରେ ୫ ଟନ୍ ଶୁଖିଲା ଗୋବର ଖତ ଆବଶ୍ୟକ ହୋଇଥାଏ। ରାଜ୍ୟରେ ସମୁଦାୟ ପ୍ରାୟ ୬୫ ଲକ୍ଷ ହେକ୍ଟର ଚାଷ ଜମି ପାଇଁ ୩୨୫ ଟନ୍ ଶୁଖିଲା ଗୋବର ଖତ ଆବଶ୍ୟକ। ଏତେ ପରିମାଣର ଗୋବର ଖତ ପାଇବା ଚାଷୀ ପକ୍ଷେ ଅସମ୍ଭବ। ଏହାବ୍ୟତୀତ ଗୋବରକୁ ଅନ୍ୟ ବହୁବିଧ ବ୍ୟବହାରରେ ମଧ୍ୟ ଲଗାଯାଏ । ତେଣୁ ଚାଷୀ ଫସଲ ପାଇଁ ରାସାୟନିକ ସାର ଉପରେ ନିର୍ଭର କରନ୍ତି । ଗୋବର ଜିଆମାନଙ୍କର ଏକ ଉତ୍କୃଷ୍ଟ ଖାଦ୍ୟ । ଗୋବରରୁ ଜିଆ ଖତ ପ୍ରସ୍ତୁତ କରାଯାଏ । ଉକ୍ତ ଖତରେ ଶତକଡା ହିସାବରେ ନାଇଟ୍ରୋଜେନ ୧.୪ ରୁ ୧.୬, ଫସ୍‌ଫେଟ୍ ୦.୩ ରୁ ୦.୫ ଏବଂ ପଟାସ ୧.୫ ରୁ ୧.୮ ଥାଏ। ପନିପରିବା ଏବଂ ଫୁଲ ଚାଷ ପାଇଁ ଜିଆ ଖତ ଉତ୍କୃଷ୍ଟ। ଧାନ ଫସଲରେ ଜୀବାଣୁଜନିତ ପତ୍ରଶୁଖା ରୋଗ ପାଇଁ ସଜ ଗୋବର ଏକ ଅମୋଘ ଜୈବିକ ଔଷଧ । ଗୋବରକୁ ପାଣି କରି ଧାନ ଫସଲରେ ପକାଇଲେ ପତ୍ରଶୁଖା ରୋଗ ଦୂର ହୋଇଥାଏ।

ଜୈବିକ ପ୍ରଣାଳୀରେ ଗୋବରରୁ ଦହନୀୟ ମିଥେନ ବାଷ୍ପ ଏବଂ ବିଦ୍ୟୁତ୍ ଉତ୍ପାଦନ କରାଯାଏ। ଗୋବର ଗ୍ୟାସରେ ଥିବା ଶତକଡା ୫୦ରୁ ୭୦ ଭାଗ ମିଥେନବାଷ୍ପ ରୋଷେଇ କାର୍ଯ୍ୟରେ ବ୍ୟବହାର କରାଯିବା ସହ ଏଥିରୁ ଉତ୍ପନ୍ନ ବିଦ୍ୟୁତ୍‌ରେ ୬ ୱାଟ୍‌ର ଏକ ବିଦ୍ୟୁତ୍ ବଲ୍‌ବ ଜଳିପାରିବ। ଗୋବର ଗ୍ୟାସ ନିର୍ଗତ ତରଳ ଗୋବର ଶୁଖିଗଲେ ଏହା ଏକ ଉତ୍କୃଷ୍ଟ ଜୈବିକ ଖତରେ ପରିଣତ ହୁଏ । ଉକ୍ତ ଖତରେ ନାଇଟ୍ରୋଜେନ, ଫସ୍‌ଫେଟ୍ ଏବଂ ପଟାସ ଯଥାକ୍ରମେ ଶତକଡା ୧.୦ରୁ ୧.୨, ଫସ୍‌ଫେଟ୍ ୦.୨ ରୁ ୦.୩ ଏବଂ ପଟାସ ୦.୯୦ ରୁ ୧.୧ ଥାଏ । ଉକ୍ତ ଖତ ପନିପରିବା ଫସଲ ପାଇଁ ଉପଯୋଗୀ ମାନବ ସମାଜ ପାଇଁ ଗୋବର ଭୂମିକା ଅବର୍ଣ୍ଣନୀୟ। ଏଣୁ ଗୋବର ଆମର ଏକ ଅମୂଲ୍ୟ ସମ୍ପଦ। ଏଥିପାଇଁ ଆମେ ଗୋବରଦାତା, ଗୋରୁଙ୍କୁ ସମ୍ମାନର ସହ ପୂଜା କରିବା ଉଚିତ୍ ।

-ଶୈଳଶ୍ରୀ ବିହାର,ଭୁବନେଶ୍ୱର
ମୋ: ୯୫୫୬୬୭୬୦୮୫

## ପ୍ରାଣୀଙ୍କ ଯତ୍ନ



ଗୋରୁଙ୍କର ସାହାଣ, ବଳଦଚିଆ ଓ ଫାଟୁଆ ରୋଗ ପାଇଁ ଏଫ.ଏମ୍.ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଲି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ଆଖୁରେ ସାର ପ୍ରୟୋଗ



ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ମୂଳ ଦେଇ ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମଦ୍ରା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମଦ୍ରା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହିତ ନିମ୍ବ ପିଡିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କିଗ୍ରା ୟୁରିଆ ସହିତ ୨୦କି.ଗ୍ରା. ନିମ୍ବ ପିଡିଆ ମିଶାଇବାକୁ ପଡିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହିତ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

## ରାଶି ଚାଷ କରୁଥିଲେ...

ଜାନୁଆରୀ ଶେଷରୁ ଫେବୃଆରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପାଟିଲରେ ବିଭିନ୍ନ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ଢଳିମରା ବା ମୂଳପଚା ରୋଗର ଦମନ ପାଇଁ ବିହନ ବୁଣିବାର ବୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥୁରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।





## ଖରିଫ ଧାନ ସାଇତି ରଖିବା ପୂର୍ବରୁ...

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫା କରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଆ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲ ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଡିଲେ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନକୁଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଗୋଡ଼ାଇ ଦିଅନ୍ତୁ। ଗାଳି ପିଟିବା ପରେ ବିହନକୁ କାଦୁଅ ତଳି ପରିରେ ବୁଣନ୍ତୁ । ବିହନ କିସମ : ସହଳ - ଖଣ୍ଡଗିରି, ପାରିଜାତ, ବିଜୟ ଓ ସତ୍ୟଭାମା ଧାନ । ମଧ୍ୟମ-ଲଲାଟ, ମନ୍ଦାକିନୀ, ମହାନଦୀ, ଜ୍ୟୋତିର୍ମୟୀ, ଶୋଭାଙ୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। ଜିଆରିରେ ପାଣିଜାଲିକା ପାଇଁ ନାଳିକାରେଥ। ଏହାଦ୍ୱାରା ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

# ଶୀତଦିନେ ଦୁଗ୍ଧ ଉତ୍ପାଦନ ହ୍ରାସର କାରଣ ଓ ନିରାକରଣ

(ଶେଷ ଭାଗ)

**ଥଣ୍ଡାରୁ ଗାଈ ଓ ମଇଁଷିମାନଙ୍କ ସୁରକ୍ଷା**

ଜୋର ଥଣ୍ଡା ପବନ ଦୁଧିଆଳି ଗାଈ ଓ ମଇଁଷିମାନଙ୍କ ଶରୀରରେ ସିଧାସଳଖ ବାଜିଲେ, ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନରେ ପଡିଥାଏ। ତେଣୁ ସେମାନଙ୍କୁ ଥଣ୍ଡା ବାଉରୁ ରକ୍ଷା କରିବା ପାଇଁ ଗୁହାଳ ଚାରିପଟେ ପଲିଥିନ୍ କିମ୍ବା ଅଖା ଦ୍ୱାରା ଆବୃତ କରାଯିବା ଉଚିତ । ଏବଦ୍ୟତୀତ ସେମାନେ ଶୋଉଥିବା ଚଟାଣରେ ଶୁଖିଲା କୁଟା କିମ୍ବା ଘାସ ପକାଇବା ଉଚିତ। ଏହାଦ୍ୱାରା ସେମାନେ ଥଣ୍ଡା ଅନୁଭବ କରନ୍ତି ନାହିଁ। ସେମାନଙ୍କର ଶକ୍ତି ସଞ୍ଚୟ ହୋଇ ରହେ ଏବଂ ଦୁଗ୍ଧ ଉତ୍ପାଦନ ବଢିଥାଏ।

**ସକାଳର କଅଁଳ ସୂର୍ଯ୍ୟକିରଣ**

ଶୀତଦିନେ ସକାଳର କଅଁଳିଆ ସୂର୍ଯ୍ୟକିରଣ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ପ୍ରତିଦିନ ୧୫-୨୦ ମିନିଟ ସକାଳ ସୂର୍ଯ୍ୟକିରଣରେ ବାନ୍ଧନ୍ତୁ। ଏହାଦ୍ୱାରା ସେମାନେ ନିଜକୁ ଗରମ ଅନୁଭବ କରିବେ ଏବଂ



କମ୍ ଚାପଗ୍ରସ୍ତ ହେବେ। ଏହାଦ୍ୱାରା ସେମାନେ ଭିଟାମିନ-ଡି ପାଇଥାନ୍ତି।

**ଚାପମୁକ୍ତ ପରିବେଶ ଯୋଗାଇବା**

ଶୀତଦିନେ ଅତ୍ୟଧିକ ଥଣ୍ଡା ଯୋଗୁ ଦୁଧିଆଳୀ ଗାଈ ଓ ମଇଁଷିମାନେ ଚାପଗ୍ରସ୍ତ ହୋଇଥାନ୍ତି। ତେଣୁ ସେମାନଙ୍କୁ ତଥା ସେମାନଙ୍କ ଗୁହାଳକୁ ଶାନ୍ତ,ସଫା,ଗରମ ସହ ସୁବ୍ୟବସ୍ଥିତ କରି ଶୀତଦିନେ ରଖିବା ଉଚିତ।

**ଖାଦ୍ୟ ହଜମ ପାଇଁ ଟନିକ :** ପାଚନ ପ୍ରକ୍ରିୟା ଠିକ୍ ଥିଲେ ଦୁଗ୍ଧ ଉତ୍ପାଦନ ଠିକ୍ ରହିଥାଏ। ଶୀତଦିନେ ପାଚନ ପ୍ରକ୍ରିୟାକୁ ଠିକ୍ ରଖିବା ପାଇଁ ଏକ ଚାମଚ ହଳଦୀ, ଏକ ଚାମଚ ଜୁଆଣି ଓ ଦୁଇ ଚାମଚ ଗୁଡକୁ ଉଷୁମ ପାଣିରେ ମିଶାଇ ଏକ ଟନିକ ଭାବରେ ସପ୍ତାହକୁ ଥରେ ଖାଇବାକୁ ଦେଲେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ। ଏହାଫଳରେ ଦୁଗ୍ଧ ଉତ୍ପାଦନ ବଢିଥାଏ।

**ମିନେରାଲ ଓ ଭିଟାମିନ୍‌ର ଉପଯୋଗ**

ଶୀତଦିନେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ତଥା ଉତ୍ପାଦନର ମାତ୍ରା ଠିକ୍ ରଖିବା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ଏକ ଭଲ ବ୍ରାଣ୍ଡର ଭିଟାମିନ ଟନିକ ଓ ମିନେରାଲ ପାଉଡର ଦେବା ଉଚିତ।

**ବାଛୁରୀ ପରିଚାଳନା :** ବାଛୁରୀକୁ ଠିକ୍ ସମୟରେ ତା ମା' କ୍ଷୀର ନ ପିଆଇଲେ ଦୁଗ୍ଧ ଉତ୍ପାଦନ କମିଥାଏ। ତେଣୁ ବାଛୁରୀକୁ ନିୟମିତ ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ତା' ମା' ଠାରୁ କ୍ଷୀର ପିଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ଠିକ୍ ରହିଥାଏ। ତେଣୁ ଶୀତଦିନେ ଏହିସବୁ ବିଗ ପ୍ରତି ଧ୍ୟାନ ଦେଲେ ଗାଈ ଓ ମଇଁଷି ରଖିଲେ ଦୁଗ୍ଧ ଉତ୍ପାଦନ ବ୍ୟାହତ ଘଟି ନ ଥାଏ।

-ଡା. ନିରାକାର ଜେନା
ମୋ : ୯୪୩୮୯୦୦୦୨୫



କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌-୨୦୨୬ରେ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ। (ଫଟୋ: ବିକାଶ ନାୟକ)

# ହକି ଇଣ୍ଡିଆ ଲିଗ୍‌: କଳିଙ୍ଗ ଲାନ୍ସର୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍‌ (ଏଚ୍‌ଆଇଏଲ୍‌)ର ୭ମ ସଂସ୍କରଣ ସୋମବାର ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଏହା ହେଉଛି ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍‌ ଲାନ୍ସର୍ସର ଦ୍ୱିତୀୟ ଟାଇଟଲ। ଏହା ପୂର୍ବରୁ ଦଳ ୨୦୧୭ରେ ଚାମ୍ପିୟନ ହୋଇଥିଲା। ଏଥର ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ ଘରୋଇ ଦଳକୁ ଫାଇଦାରେ ରଖିଥିଲା। ମ୍ୟାଚ୍‌ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରନରଅପ୍‌ ରାଞ୍ଚି ରୟାଲ୍ସ ଦଳର ଅଧିନାୟକ ଟମ୍‌ ବୁନ୍‌ଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ହକି ଇଣ୍ଡିଆ ସଭାପତି ଦିଲିପ ତିର୍କୀ, ସମ୍ପାଦକ ଭୋଲାନାଥ ସିଂ ଏବଂ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ ଉତ୍ସବରେ ସାମିଲ ଥିଲେ। ଏଥରର ହକି ଇଣ୍ଡିଆ ଲିଗ୍‌ର ପ୍ରଥମଭାଗ ଚେନ୍ନାଇରେ, ଦ୍ୱିତୀୟ ଭାଗ ରାଞ୍ଚିରେ ଏବଂ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା।

ପୂରା ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଲାନ୍ସର୍ସ ଫାଇନାଲରେ ମଧ୍ୟ ଆରମ୍ଭରୁ ଆଧିପତ୍ୟ ଜାହିର କରିବାକୁ ଉଦ୍ୟମ କରିଥିଲା। ମ୍ୟାଚର ୪ର୍ଥ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଲାନ୍ସର୍ସକୁ ଅଗ୍ରଣୀ କରିଥିଲେ। ମାତ୍ର ୯ମ ମିନିଟରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ରାଞ୍ଚି ଦଳର ଅରାଇଜିତ ସିଂ ହୁଣ୍ଡାଲ ଗୋଲଟି ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଭରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍‌ ୨୫ତମ ମିନିଟରେ ଦିଲପ୍ରୀତ ସିଂ ଏବଂ ୨୭ତମ ମିନିଟରେ ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଲାନ୍ସର୍ସର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ରାଞ୍ଚି କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଲାନ୍ସର୍ସ ଡିଫେଣ୍ଡରମାନେ ଗୋଲ ହେବାକୁ ଦେଇ ନ ଥିଲେ। ସେହିପରି ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଥିଲା। ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ଯଦିଓ ଟମ୍‌ ବୁନ୍‌ ଗୋଟିଏ ଗୋଲ ପରିଶୋଧ କରିଥିଲେ ତେବେ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ରେଫରିଙ୍କ ଶେଷ ହୁଇସିଲ ବାଜିବା କ୍ଷଣି ଲାନ୍ସର୍ସ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା।

ମ୍ୟାଚ୍‌ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିଥିଲେ। ଲାନ୍ସର୍ସ ଓ ରୟାଲ୍ସ ଖେଳାଳିମାନେ ୭ଟି ଲେଖାଏ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ଏଥିରୁ ଲାନ୍ସର୍ସ ୩ଟିକୁ ଗୋଲରେ ପରିଣତ କରିଥିବାବେଳେ ରୟାଲ୍ସ ମାତ୍ର ଗୋଟିଏ ଗୋଲ ଦେବାରୁ ପଛରେ ପଡ଼ି ଯାଇଥିଲା। ନଚେତ ଉଭୟ ଦଳ ଟାର୍ଗେଟରେ ୪ଟି ଲେଖାଏ ଶୁଟ୍‌ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳର ଅଧିନାୟକ ଆର୍ଥର ଭାନ୍‌ ଡୋରେନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ

"କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍‌ (ଏଚ୍‌ଆଇଏଲ୍‌)ର ଭବ୍ୟ ସମାପନ ଉତ୍ସବରେ ଯୋଗଦେଲି। ଫାଇନାଲରେ ରାଞ୍ଚି ରୟାଲ୍ସକୁ ୩-୨ ଗୋଲରେ ପରାସ୍ତ କରି କଳିଙ୍ଗ ଲାନ୍ସର୍ସ ଚାମ୍ପିଅନ୍‌ ଆଖ୍ୟା ଅର୍ଜନ କରିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଗର୍ବର ବିଷୟ। ଆଜି ଓଡ଼ିଶା କେବଳ ହକିର ଆୟୋଜକ ନୁହେଁ ବରଂ ବିଶ୍ୱ ହକିର ପ୍ରାଣକେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ପଡ଼ିଆରେ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଏବଂ ଗ୍ୟାଲେରିରେ ଦର୍ଶକଙ୍କ ଅକୁଣ୍ଠ ଉତ୍ସାହ ଆମର ସୁଦୃଢ଼ କ୍ରୀଡ଼ା ପରମ୍ପରାର ପ୍ରତିଫଳନ'' ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ପ୍ରକାଶ କରିଛନ୍ତି।

# ଅମନଦୀପ ଲାକ୍ରା ଶ୍ରେଷ୍ଠ ଖେଳାଳି

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ସୋମବାର ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ହାଇଦ୍ରାବାଦ ତୋଫାନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଅମନଦୀପ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୮ ଫ୍ରାଞ୍ଚାଇଜ୍‌ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଦେଶ ଓ ବିଦେଶର ଅନେକ ତାରକା ଖେଳାଳି ଖେଳିଥିଲେ ହେଁ ଅମନଦୀପ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚମାନର ଟ୍ରେନିଂ ବ୍ୟବସ୍ଥା ଦ୍ୱାରା ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେଉଥିବା ମଧ୍ୟ ଏଥିରୁ ପ୍ରମାଣିତ ହୋଇଛି। ପ୍ରତିଯୋଗିତାରେ ଅମନଦୀପ ମୋଟ ୯ଟି ଗୋଲ ଦେଇ ଟପ୍‌ ସ୍କୋରରଙ୍କ ତାଲିକାରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ରାଞ୍ଚି ରୟାଲ୍ସର ଟମ୍‌ ବୁନ୍‌ ମୋଟ ୧୯ଟି ଗୋଲ ଦେଇ ଟପ୍‌ ସ୍କୋରର ବିବେଚିତ ହୋଇଛନ୍ତି। ତାମିଲନାଡୁ ଡ୍ରାଗନ୍ସର ପ୍ରିନ୍ସଦୀପ ସିଂ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ଏଚ୍‌ଆଇଏଲ୍‌ ଜିସିର ପ୍ରିୟବ୍ରତ ତାଲେମ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ଶୃଙ୍ଖଳିତ ଦଳଭାବେ ଏଚ୍‌ଆଇଏଲ୍‌ ଜିସିକୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଛି।



ଅତିଥିଙ୍କଠାରୁ ପ୍ଲେୟର ଅଫ୍‌ ଦି ଟୁର୍ନାମେଣ୍ଟ ପୁରସ୍କାର ଗ୍ରହଣ କରୁଛନ୍ତି ଅମନଦୀପ ଲାକ୍ରା।

## ପୁରସ୍କାର

- **ଚାମ୍ପିୟନ:** ବେଦାନ୍ତ କଳିଙ୍ଗ ଲାନ୍ସର୍ସ- ୩ କୋଟି ଟଙ୍କା
- **ରନରଅପ୍‌:** ରାଞ୍ଚି ରୟାଲ୍ସ: ୨ କୋଟି
- **ତୃତୀୟ ସ୍ଥାନ:** ହାଇଦ୍ରାବାଦ ତୋଫାନ୍ସ: ୧ କୋଟି
- **ପ୍ଲେୟର ଅଫ୍‌ ଦି ଟୁର୍ନାମେଣ୍ଟ:** ଅମନଦୀପ ଲାକ୍ରା-୨୦ ଲକ୍ଷ
- **ଟପ୍‌ ସ୍କୋରର:** ଟମ୍‌ ବୁନ୍‌-୧୦ ଲକ୍ଷ
- **ଶ୍ରେଷ୍ଠ ଗୋଲକିପର:** ପ୍ରିନ୍ସ ଦୀପ ସିଂ -୧୦ ଲକ୍ଷ
- **ଶ୍ରେଷ୍ଠ ଉଦୀୟମାନ ଖେଳାଳି:** ପ୍ରିୟବ୍ରତ ତାଲେମ- ୧୦ ଲକ୍ଷ
- **ଫେୟାର ପ୍ଲେ:** ଏଚ୍‌ଆଇଏଲ୍‌ ଜିସି-ଟ୍ରଫି

## ପରିସଂଖ୍ୟାନ

**ମୋଟ ଦଳ:** ୮, **ମୋଟ ମ୍ୟାଚ:** ୩୩
**ଗୋଲ ସ୍କୋର:** ୧୬୬ (ଫିଲ୍ଡ ଗୋଲ-୭୫, ପେନାଲ୍ଟି କର୍ନର ଗୋଲ-୮୩, ପେନାଲ୍ଟି ଷ୍ଟ୍ରୋକ୍‌ ଗୋଲ-୮)
**ଗ୍ରୀନ୍‌ କାର୍ଡ:** ୫୨
**ୟେଲୋ କାର୍ଡ:** ୬
**ରେଡ୍‌ କାର୍ଡ:** ୦


ରନରଅପ୍‌ ପୁରସ୍କାର ସହ ଟମ୍‌ ବୁନ୍‌।


ଫାଇନାଲ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ବର୍ଦ୍ଧିତ କରୁଛନ୍ତି।

# ହାଇଦ୍ରାବାଦ ତୋଫାନ୍ସକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍‌-୨୦୨୬ରେ କଳିଙ୍ଗ ଲାନ୍ସର୍ସ ସ୍ୱର୍ଣ୍ଣ ଓ ରାଞ୍ଚି ରୟାଲ୍ସ ରୌପ୍ୟ ପଦକ ଜିତିଥିବାବେଳେ ବ୍ରୋଞ୍ଜ ପଦକ ହାସଲ କରିଛି ହାଇଦ୍ରାବାଦ ତୋଫାନ୍ସ। ସୋମବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୩-୪ସ୍ଥାନ ଲାଗି ମ୍ୟାଚରେ ହାଇଦ୍ରାବାଦ ଦଳ ୪-୩ ଗୋଲରେ ଏଚ୍‌ଆଇଏଲ୍‌ ଜିସି (ଗଭର୍ଣ୍ଣିଂ କାଉନ୍ସିଲ)ଦଳକୁ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚରେ ହାଇଦ୍ରାବାଦ ପକ୍ଷରୁ ଓଡ଼ିଶା ଖେଳାଳି ଅମନଦୀପ ଲାକ୍ରା ୩୦ ଓ ୫୩ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ନୀଳକାନ୍ତ ଶର୍ମା ୨୪ ଓ ଜ୍ୟାକବ ଆଣ୍ଡରସନ ୩୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏଚ୍‌ଆଇଏଲ୍‌ ଜିସି ପକ୍ଷରୁ ସାମ୍‌ ୱାର୍ଡ ୧୪ ଓ ୫୨ତମ ମିନିଟରେ ୨ଟି ଏବଂ କେନ୍‌ ରସେଲ ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏଥିସହ ସିଜନରେ ଏଚ୍‌ଆଇଏଲ୍‌ ଜିସି ବିପକ୍ଷରେ ବିଜୟ ରେକର୍ଡ ଅବ୍ୟାହତ ରଖିଥିଲା ହାଇଦ୍ରାବାଦ ତୋଫାନ୍ସ।

# ସୁପର-୬'ରେ ଭାରତ


ଶତକ ହାସଲ ପରେ ଭାରତର ବିହାନ ମାଲହୋତ୍ରା

**ବୁଲାୱାୟୋ,୨୭।୧**

ଚଳିତ ୧୯ ବର୍ଷରୁ କମ୍‌ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳ ବିଜୟ ଧାରା ଜାରି ରଖି ସୁପର-୬' ପର୍ଯ୍ୟାୟରେ ପ୍ରବେଶ କରିଛି। ବିହାନ ମାଲହୋତ୍ରାଙ୍କ ଅପରାଜିତ ଶତକ ବଳରେ ବୁଧବାର ଜିମ୍ବାୱେ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌କୁ ଭାରତୀୟ ଦଳ ୨୦୪ ରନର ବୃହତ୍‌ ବ୍ୟବଧାନରେ ଜିତି ନେଇଛି। ଏହା ଭାରତୀୟ ଦଳର କ୍ରମାଗତ ଚତୁର୍ଥ ବିଜୟ। ଭାରତୀୟ ଦଳ ୧ ତାରିଖରେ ତା'ର ଅନ୍ତିମ ଲିଗ୍‌ ମ୍ୟାଚ୍‌ରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୩୫୨ ରନ କରିଥିଲା। ଦଳ ପାଇଁ ବିହାନ ଅପରାଜିତ ୧୦୯ (୭ ଚୌକା) ରନର ପାଳି ଖେଳିଥିବା ବେଳେ ଅଭିଜ୍ଞାନ କୁଣ୍ଡୁ ୬୧ (୬ ଚୌକା ଓ ୧ ଛକା) ଓ ବୈଭବ ସୂର୍ଯ୍ୟବଂଶୀ ୫୨ (୩ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଜିମ୍ବାୱେ ପକ୍ଷରୁ ତାତେନ୍ଦା ଚିମୁଗୋରୋ ୩ ଉଇକେଟ ନେଇଥିଲେ। ଜବାବରେ ଜିମ୍ବାୱେ ୩୭.୪ ଓଭରରେ ୧୪୮ ରନରେ ଅଲଆଉଟ୍‌ ହୋଇଯାଇଥିଲା। ଲିରୟ ଚିୱାଉଲା ୬୨ (୭ ଚୌକା ଓ ୧ ଛକା) ଓ କିଆନ ବ୍ଲିଗନଟ ୩୭ (୪ ଚୌକା) ରନ କରିଥିଲେ। ବିଜୟୀ ଦଳ ପାଇଁ ଅଧିନାୟକ ଆୟୁଷ ମାହତ୍ରେ ଓ ଉଧମ ମୋହନ ୩ ଲେଖାଏ ଉଇକେଟ ହାତେଇଥିଲେ।

## ୧୯ ବର୍ଷରୁ କମ୍‌ ବିଶ୍ୱକପ୍‌

# 'ସ୍ପେଶାଲ ଅଲିମ୍ପିକ୍ସ ଭାରତ'ର ଚୟନ ଶିବିର

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ୍‌ରେ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍‌ଓବି)ର ରାଜ୍ୟସ୍ତରୀୟ ଆଥଲେଟିକ୍ସ ଓ ହକି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ପାଖାପାଖି ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଇଭେଣ୍ଟ ଅବସରରେ ୫୦, ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଏବଂ ୧୦୦x୪ମିଟର ରିଲେ ରେସ୍‌ ସହିତ, ଲଙ୍ଗ ଜମ୍ପ, ଶଟପୁଟ, ମିନ ଜାଭେଲିନ୍‌ ଥ୍ରୋ ଆଦି ଖେଳ ଏବଂ ହକିର ଦକ୍ଷତା ନିରୁପଣ କରାଯାଇ ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରା ଯାଇଥିଲା। ହୁଇଲ ଚେୟାର ଫେନସିଂର ପ୍ରତିଷ୍ଠିତ ତାରକା ରାଖାଲ କୁମାର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି କ୍ରୀଡ଼ାବିତ୍‌ ମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଶିବିରରୁ ଏକ ୧୨ ଜଣିଆ ପୁରୁଷ ଓ ୧୩ ଜଣିଆ ମହିଳା ଆଥଲେଟ୍‌ ଦଳ ଆସନ୍ତା ଫେବୃଆରୀ ୨ରୁ ୬ ପର୍ଯ୍ୟନ୍ତ ହରିୟଣାର ହିସାରରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ହରିୟଣାର ଫରିଦାବାଦରେ ଫେବୃୟାରୀ ୨୨ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ୬ ଜଣିଆ ମହିଳା ଓ ପୁରୁଷ ଦଳ ମନୋନୀତ ହୋଇଛି। ଏହି ଶିବିରକୁ ଏସ୍‌ଓବି ଓଡ଼ିଶାର କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ମାନସିକ ବିଶେଷଜ୍ଞ ମନତୋଷ ବେହେରା, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର,କେଟି ଗ୍ଲୋବାଲ ସ୍କୁଲ୍‌ର ଅଂଶୁମାନ ବଳ ଓ ଜ୍ୟୋତି ଶଙ୍କର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ହକି ଶିବିରକୁ ପରିଚାଳନା କରିବାରେ ସରକାରୀ ଶାରୀରିକ ଶିକ୍ଷା କଲେଜ ତମାଣ୍ଡୋର ଏକ ୫ ଜଣିଆ ମହିଳା ଓ ପୁରୁଷ ଦଳ ସହାୟତା ପ୍ରଦାନ କରିଥିଲେ। ସ୍ପେଶାଲ୍‌ ଅଲମ୍ପିକ୍ସ ଭାରତ ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ସରକାରଙ୍କର କ୍ରୀଡ଼ା ବିଭାଗ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆ ଯାଇଥିଲା।


ଚୟନ ଶିବିରର କୃତୀ ଆଥଲେଟ୍‌ମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଜାତୀୟ କ୍ରୀଡ଼ା ଶାସନ ଆଇନକୁ ସ୍ୱାଗତ

**ଭୁବନେଶ୍ୱର, ୨୭।୧ (ବିଜୟ ରଣା)**

ଜାତୀୟ କ୍ରୀଡ଼ା ଶାସନ ଆଇନ ୨୦୨୫କୁ ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ୍‌ ପଲ୍ଙ୍କ ସମେତ ସମସ୍ତ ସଦସ୍ୟ ସ୍ୱାଗତ କରିଛନ୍ତି। ଭାରତ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ସେମାନେ କହିଛନ୍ତି। ଏହି ନୂଆ ଆଇନ ପାର୍ଲାମେଣ୍ଟର ଉଭୟ ଗୃହରେ ଅନୁମୋଦନ ଲାଭ କରିଛି। ଅନ୍ତର୍ଜାତୀୟ ଖେଳାଳିମାନଙ୍କ ବହୁ ଦିନର ଦାବି ପୂରଣ ହୋଇଛି। ଏହାଦ୍ୱାରା ସେମାନେ ସିଧାସଳଖ ଭାବେ କ୍ରୀଡ଼ା ଶାସନ ପରିଷଦର ଅଂଶବିଶେଷ ହୋଇପାରିବେ। ଏହି ନୂଆ ଆଇନ ବଳରେ ଆସୋସିଏଶନର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ହେଉଛନ୍ତି ପ୍ରମୁଖ ପଦାଧିକାରୀ। ଜଣେ ଅନ୍ତର୍ଜାତୀୟ ଖେଳାଳି ସିଧାସଳଖ ପ୍ରମୁଖ ପଦାଧିକାରୀ ଓ କାର୍ଯ୍ୟନିର୍ବାହୀ କମିଟି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏହି ଆଇନ ଅନୁସାରେ କାର୍ଯ୍ୟନିର୍ବାହୀ କମିଟି ସର୍ବାଧିକ ସଦସ୍ୟ ସଂଖ୍ୟା ୧୫ ହେବ। ତନ୍ମଧ୍ୟରେ ୪ଜଣ ମହିଳା ରହିବେ। କ୍ରୀଡ଼ା ଶାସନରେ ମହିଳା ସଶକ୍ତୀକରଣକୁ ଧ୍ୟାନରେ ରଖାଯାଇ ଏହା କରାଯାଇଛି। କାର୍ଯ୍ୟନିର୍ବାହୀ କମିଟିରେ ଦୁଇ ଅନ୍ତର୍ଜାତୀୟ ଖେଳାଳି (ଜଣେ ପୁରୁଷ ଓ ଜଣେ ମହିଳା) ଏବଂ ଆଥଲେଟିକ୍ସ କମିଟି (ଜଣେ ପୁରୁଷ ଓ ଜଣେ ମହିଳା)ରୁ ଦୁଇଜଣ ସଦସ୍ୟ ରହିବେ। ଏହା ମଧ୍ୟ ସୂଚିତ କରାଯାଇପାରେ ଜଣେ କ୍ରମାଗତ ୩ଥର ପୂର୍ଣ୍ଣକାଳୀନ ପଦବୀରେ ରହିପାରିବେ। ପ୍ରତିଦ୍ୱନ୍ଦ୍ୱିତା ପାଇଁ ବୟସ ସୀମା ୭୦ ବର୍ଷ ରଖାଯାଇଛି। ଏହାପରେ ଜାତୀୟ ଓ ରାଜ୍ୟ କ୍ରୀଡ଼ା ସଂସ୍ଥାରେ ପୁନଃନିର୍ବାଚିତ ହେବା ପାଇଁ ୧ ପୂର୍ଣ୍ଣକାଳୀନ ପଦବୀର ଏକ କୁଲିଂ ଅବଧି ଆବଶ୍ୟକ। ଆଗାମୀ ଦିନରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମସ୍ତ ରାଜ୍ୟ କ୍ରୀଡ଼ା ସଂଗଠନଗୁଡ଼ିକ ସହିତ ପରାମର୍ଶ କରି ଜାତୀୟ କ୍ରୀଡ଼ା ଶାସନ ଆଇନକୁ କାର୍ଯ୍ୟକାରୀ କରିବ।

# ଭାରତର ପୂର୍ବତନ କ୍ରିକେଟର ଗିରଫ

**ଭଦୋଦରା,୨୭।୧**

ଭାରତର ପୂର୍ବତନ କ୍ରିକେଟର ଜାକବ ମାର୍ଟିନ ମଦ୍ୟ ପାନ କରି ଗାଡ଼ି ଚଳାଇ ଗିରଫ ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ନିଜର ବିଳାସପୂର୍ଣ୍ଣ ଏସ୍‌ୟୁଭି ଗାଡ଼ି ଚଳାଉଥିବା ବେଳେ ସେ ପାର୍କିଂରେ ଥିବା ୩ କାରକୁ ଧକ୍କା ଦେଇଥିଲା। ଦୁର୍ଘଟଣାର କିଛି ଘଣ୍ଟା ପରେ ୫୩ ବର୍ଷୀୟ ମାର୍ଟିନଙ୍କୁ ଗିରଫ କରାଯାଇଛି। ଏହି ଘଟଣା ସମ୍ପର୍କରେ ଆକୋଟା ପୋଲିସ ପକ୍ଷରୁ କୁହାଯାଇଛି, ମାର୍ଟିନ ମଙ୍ଗଳବାର ରାତି ପ୍ରାୟ ଅଢ଼େଇଟାରେ ଆକୋଟା ଅଞ୍ଚଳରେ ପୁନିତ ନଗର ସୋସାଇଟି ନିକଟରେ ଗାଡ଼ି ଚଳାଉଥିବା ବେଳେ ମଦ୍ୟପାନ ଯୋଗୁ ସେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ